# ସଂଚାର
THE SANCHAR
Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17
Vol. 34 | ISSUE 143 ଭାଗ ୩୪ | ସଂଖ୍ୟା ୧୪୩
Thursday 13 August 2026 | Page 8 Rs. 5.00
ଭୁବନେଶ୍ୱର ଗୁରୁବାର, ୧୩ ଅଗଷ୍ଟ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




କଙ୍ଗନାଙ୍କ ବିରୋଧରେ ମାମଲା

ପୃଷ୍ଠା ୫

## ବନ୍ୟା ପୀଡ଼ିତଙ୍କ ପାଇଁ ୧୩୬ କୋଟିର ସହାୟତା

- ବନ୍ୟାରେ ଭାଙ୍ଗିଛି ୫୦୪୪ ଘର
- ପୂର୍ବରୁ ୧୧୦ କୋଟିର ସହାୟତା ମିଳିଥିଲା



ଭୁବନେଶ୍ୱର, ୧୨।୮ (ସଂଚାର ବ୍ୟୁରୋ): ନିକଟରେ ରାଜ୍ୟର ପ୍ରମୁଖ ନଦୀଗୁଡ଼ିକରେ ଜଳ ସ୍ତର ବଢ଼ିବା ଫଳରେ ୧୫ରୁ ଊର୍ଦ୍ଧ୍ୱ ଜିଲ୍ଲା ପ୍ରଭାବିତ ହୋଇଥିଲେ। ବିଶେଷକରି ଯାଜପୁର, ଭଦ୍ରକ, ବାଲେଶ୍ୱର ଓ କେନ୍ଦୁଝରରେ ଅଧିକ କ୍ଷୟକ୍ଷତି ହୋଇଥିଲା। ଏଥିସକାଶେ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ୧୧୦ କୋଟି ଟଙ୍କାର ସହାୟତା ଘୋଷଣା କରିଥିଲେ। ଆଜି ପୁନର୍ବାର ରାଜ୍ୟ ସରକାର ବନ୍ୟା ପୀଡ଼ିତଙ୍କ ସକାଶେ ୧୩୬ କୋଟି ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି। ଏଥିସହ ଗତ ବନ୍ୟାରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ହୋଇଥିବା କ୍ଷୟକ୍ଷତି ମଧ୍ୟରେ ୫୦୪୪ଟି ଘର କ୍ଷତିଗ୍ରସ୍ତ ହୋଇଥିଲା ବୋଲି ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ଶ୍ରୀ ପୂଜାରୀ କହିଛନ୍ତି ଯେ, ପ୍ରଥମ ପର୍ଯ୍ୟାୟରେ ମିଳିଥିବା ସହାୟତାରୁ ବାଲେଶ୍ୱରକୁ ୨୨ କୋଟି, ଯାଜପୁର ଓ ଭଦ୍ରକକୁ ୨୦ କୋଟି ଲେଖାଏଁ ଟଙ୍କା ମିଳିଥିବା ବେଳେ ସୁନ୍ଦରଗଡ଼, ରାୟଗଡ଼ା ଓ ମାଲକାନଗିରିରୁ ଅଳ୍ପ କିଛି ସହାୟତା ମିଳିଥିଲା। ପରବର୍ତ୍ତୀ ସମୟରେ ୨୬ କୋଟି ଟଙ୍କା ମଧ୍ୟ ମଞ୍ଜୁର କରାଯାଇଥିଲା, ଯେଉଁଥିରୁ ଭଦ୍ରକ, ଯାଜପୁର, କେଉଁଝର ଓ ବାଲେଶ୍ୱର ୫ କୋଟି ଟଙ୍କା ଲେଖାଏଁ ଅତିରିକ୍ତ ସହାୟତା ଯୋଗାଇ ଦିଆଯାଇଥିଲା। ସେହିପରି ବନ୍ୟା ପ୍ରଭାବିତ ଅଞ୍ଚଳରେ ୯୦.୫ କ୍ୱିଣ୍ଟାଲ୍ ଚାଉଳ, ୨୬୯୨ କ୍ୱିଣ୍ଟାଲ୍ ଚୁଡ଼ା, ୩୫୬.୩ କ୍ୱିଣ୍ଟାଲ୍ ଗୁଡ଼, ପୃଷ୍ଠା-୬

### ଚାଷୀଙ୍କୁ ରାଜ୍ୟ କ୍ୟାବିନେଟ୍‌ର ଅଭୟବାଣୀ

# ଧାନ ସଂଗ୍ରହ ସହ ଆଗ୍ରିଷ୍ଟାକ୍‌ର ସମ୍ପର୍କ ନାହିଁ

- ମେଗା ସେମିକଣ୍ଡକ୍ଟର ଶିଳ୍ପକୁ ସ୍ୱତନ୍ତ୍ର ପ୍ୟାକେଜ୍
- ଆଉ ୫ ବର୍ଷ କାର୍ଯ୍ୟକାରୀ ହେବ 'ଯଶୋଦା' ଓ 'ଆଶୀର୍ବାଦ'
- ସମ୍ପ୍ରସାରିତ ହେଲା ପାର୍ବତୀ ଗିରି ଉଠା ଜଳସେଚନ ପ୍ରକଳ୍ପ
- ପେପରଲେସ ହେବ ସରକାରୀ ଅଫିସ, ଓସ୍ୱାସ୍ ୩.୦କୁ ମଞ୍ଜୁରୀ
- ପୁରୁଣା ଜଳବିଦ୍ୟୁତ୍ ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ଗ୍ରୀଡକୋ ନୋଡାଲ ସଂସ୍ଥା
- ଓଡ଼ିଶା ପମ୍ପ୍‌ଡ ଷ୍ଟୋରେଜ ନୀତିକୁ କ୍ୟାବିନେଟ୍ ଅନୁମୋଦନ

ଭୁବନେଶ୍ୱର, ୧୨।୮ (ସଂଚାର ବ୍ୟୁରୋ): ଆଗ୍ରିଷ୍ଟାକ୍‌ରେ ଚାଷୀମାନେ ପଞ୍ଜିକରଣ ନେଇ ଉପୁଜୁଥିବା ସମସ୍ୟାକୁ ନେଇ ଆଜି ରାଜ୍ୟ କ୍ୟାବିନେଟରେ ବିସ୍ତୃତ ଭାବେ ଆଲୋଚନା ହୋଇଛି। ଏଥିସହ ସରକାର ଚାଷୀଙ୍କୁ ଧାନ ସଂଗ୍ରହ ନେଇ ଅଭୟବାଣୀ ଦେଇଛନ୍ତି। ପୂର୍ବ ବର୍ଷ ଭଳି ପି-ପାସ୍ ବ୍ୟବସ୍ଥାରେ ଧାନ କିଣା ପାଇଁ ଏହି ପଞ୍ଜିକରଣ ଚାଲିଛି। ଆଗ୍ରିଷ୍ଟାକ୍ ପଞ୍ଜିକରଣ ସହ ଧାନ କିଣା ପାଇଁ ହେଉଥିବା ପି-ପାସ୍‌ର କୌଣସି ସମ୍ପର୍କ ନାହିଁ। ଏଥିଲାଗି ଧାନକିଣାକୁ ନେଇ ଚାଷୀମାନେ ବ୍ୟସ୍ତ ହେବାର ଆବଶ୍ୟକତା ନାହିଁ। ଆଗ୍ରିଷ୍ଟାକରେ ଚାଷୀର ସ୍ଥିତି ସମ୍ପର୍କରେ ସୂଚନା ରହୁଛି। ଉପରୋକ୍ତ ନିଷ୍ପତ୍ତି ସମେତ ଆଜି ରାଜ୍ୟ କ୍ୟାବିନେଟ୍ ୬ ବିଭାଗର ୧୦ଟି ପ୍ରସ୍ତାବକୁ ଅନୁମୋଦନ ଦେଇଛି।



ଅନ୍ୟ ଏକ ପ୍ରସ୍ତାବ ଅନୁଯାୟୀ, ଓଡ଼ିଶାରେ ସେମିକଣ୍ଡକ୍ଟର ଶିଳ୍ପର ବିକାଶକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ 'ଓଡ଼ିଶା ସେମିକଣ୍ଡକ୍ଟର ମାନୁଫାକ୍ଚରିଂ ଆଣ୍ଡ ଫ୍ୟାବଲେସ୍ ପଲିସି'ର ତୃତୀୟ ସଂଶୋଧନକୁ ମୋହର ମାରିଛି କ୍ୟାବିନେଟ୍। ନୂଆ ବ୍ୟବସ୍ଥାରେ ସେମିକଣ୍ଡକ୍ଟର ଉପକରଣ, ସେମିକଣ୍ଡକ୍ଟର-ଗ୍ରେଡ୍ କେମିକାଲ୍, ସ୍ପେସିଆଲିଟି ଗ୍ୟାସ୍, ଆଡଭାନ୍ସଡ୍ ମ୍ୟାଟେରିଆଲ୍ ଓ ସପ୍ଲାଇ ଚେନ୍‌ର ବିଭିନ୍ନ ଅଂଶକୁ ପ୍ରୋତ୍ସାହନ ମିଳିବ। ଭାରତ ସେମିକଣ୍ଡକ୍ଟର ମିଶନ ଅନୁମୋଦିତ ପ୍ରକଳ୍ପଗୁଡ଼ିକ ପାଇଁ ରାଜ୍ୟ ସରକାର ଯୋଗ୍ୟ ପୁଞ୍ଜି ଖର୍ଚ୍ଚର ୨୫ ପ୍ରତିଶତ ଅତିରିକ୍ତ ଆର୍ଥିକ ସହାୟତା ଦେବେ। ଏହା ସହ ମେଗା ପ୍ରକଳ୍ପ ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ ପ୍ୟାକେଜର ବ୍ୟବସ୍ଥା ରହିଛି। ସରକାରଙ୍କ ଏହି ପଦକ୍ଷେପ ସେମିକଣ୍ଡକ୍ଟର ଶିଳ୍ପ ସହ ଆନୁଷଙ୍ଗିକ କ୍ଷେତ୍ରରେ ନିଯୁକ୍ତି, ଦକ୍ଷତା ବିକାଶ ଓ ଏମଏସଏମଇ ବିକାଶକୁ ବୃଦ୍ଧି କରିବା ନେଇ ଆଶା କରାଯାଉଛି।

ଅସହାୟ ଶିଶୁମାନଙ୍କ ପାଇଁ ରାଜ୍ୟସ୍ତରୀୟ ଯୋଜନା 'ଯଶୋଦା' ଓ ଉପ-ଯୋଜନା 'ଆଶୀର୍ବାଦ'କୁ ଆଗାମୀ ୫ ବର୍ଷ ପାଇଁ ଜାରି ରଖିବାକୁ ନିଷ୍ପତ୍ତି ନେଇଛି କ୍ୟାବିନେଟ୍। ଏଥିପାଇଁ ୨୯୬.୯୯ କୋଟିର ବ୍ୟୟବରାଦ କରାଯାଇଛି। ଅସହାୟ ଶିଶୁମାନଙ୍କ ସୁଦୃଢ଼ ଆର୍ଥିକ, ଶିକ୍ଷାଗତ ଓ ସାମାଜିକ ସୁରକ୍ଷା ପ୍ରଦାନ ପାଇଁ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି। ସେହିପରି ମାଳତୀ ଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନାକୁ ମଧ୍ୟ ଆଉ ୫ ବର୍ଷ ପର୍ଯ୍ୟନ୍ତ ଜାରି ରଖିବା ସମ୍ପର୍କିତ ପ୍ରସ୍ତାବ ଉପରେ କ୍ୟାବିନେଟ୍ ମୋହର ବାଜିଛି। ଏଥିପାଇଁ ୫୮୬ କୋଟି ୫୦ ଲକ୍ଷ ୭୫୪୮୦ ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ଏହାଦ୍ୱାରା ଓଡ଼ିଶାରେ ପ୍ରତିବର୍ଷ ପ୍ରାୟ ୧୪.୬୭ ଲକ୍ଷ ପ୍ରାକ୍ ବିଦ୍ୟାଳୟ ପିଲା ଉପକୃତ ହେବେ।

ରାଜ୍ୟରେ କୃଷକଙ୍କୁ ସୁନିଶ୍ଚିତ ଜଳସେଚନ ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିବା ପାର୍ବତୀ ଗିରି ଉଠା ଜଳସେଚନ ପ୍ରକଳ୍ପ ଅଧୀନରେ ଏଯାବତ୍ ୨୩ଟି ଜିଲ୍ଲାର ୨.୬୬ ଲକ୍ଷ ହେକ୍ଟର ଚାଷଜମିରେ ଜଳ ପହଞ୍ଚିପାରିଛି। କାର୍ଯ୍ୟକ୍ରମର ଉପାଦେୟତା ତଥା ପୃଷ୍ଠା-୬

## ୧୧ ପୋଷ୍ଟ-ଡିପ୍ଲୋମା ଡିଏନବି ସିଟ୍‌କୁ ଅନୁମୋଦନ

- ପ୍ରଥମ ଥର ପାଇଁ ଓଡ଼ିଶାରେ ହେବ କାଉନସେଲିଂ
- ଏଣିକି ପିଏଚସିରେ ସେବା ଯୋଗାଇବେ ସ୍ପେଶାଲିଷ୍ଟ ଡାକ୍ତର



ଭୁବନେଶ୍ୱର, ୧୨।୮ (ସଂଚାର ବ୍ୟୁରୋ): ଓଡ଼ିଶାର ୩ଟି ସରକାରୀ ମେଡିକାଲ କଲେଜରେ ୧୧ଟି ପୋଷ୍ଟ-ଡିପ୍ଲୋମା ଡିଏନବି ସିଟ୍‌କୁ ଅନୁମୋଦନ ମିଳିଛି। ନୂଆଦିଲ୍ଲୀସ୍ଥିତ ନ୍ୟାସନାଲ ବୋର୍ଡ ଅଫ ଏକ୍ଜାମିନେସନ ଇନ ମେଡିକାଲ ସାଇନ୍ସ (ଏନ୍‌ବିଇଏମଏସ) ପକ୍ଷରୁ ରାଜ୍ୟର ୩ଟି ସରକାରୀ ମେଡିକାଲ କଲେଜରେ ୫ଟି ବ୍ରଡ ସ୍ପେଶାଲିଟିରେ ମୋଟ ୧୧ଟି ପୋଷ୍ଟ-ଡିପ୍ଲୋମା ଡିଏନବି ସିଟ୍‌କୁ ମାନ୍ୟତା ପ୍ରଦାନ କରାଯାଇଛି। ଏହି ମାନ୍ୟତାପ୍ରାପ୍ତ ସିଟ୍‌ଗୁଡ଼ିକ ଶିଶୁ ଚିକିତ୍ସା, ପ୍ରସୂତି ଓ ସ୍ତ୍ରୀରୋଗ, ଚକ୍ଷୁ ରୋଗ, ଟିବି ଓ ଛାତି ରୋଗ ଏବଂ ନିଶ୍ଚେତନ ବିଜ୍ଞାନ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଅନୁମୋଦନ ମିଳିଛି। ପୁରୀସ୍ଥିତ ଶ୍ରୀ ଜଗନ୍ନାଥ ମେଡିକାଲ କଲେଜ ଓ ହସ୍ପିଟାଲ, ବଲାଙ୍ଗୀରସ୍ଥିତ ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ, କୋରାପୁଟସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଏହି ସିଟକୁ ମାନ୍ୟତା ପ୍ରଦାନ କରାଯାଇଛି। ମୋଟ ୧୧ଟି ସିଟ୍ ମଧ୍ୟରୁ ୫ଟି ସିଟ୍ ଓଡ଼ିଶାର ଚାକିରିରେ ଥିବା ଡାକ୍ତରଙ୍କ ପାଇଁ ସଂରକ୍ଷିତ ରହିବ ଓ ୬ଟି ସିଟ୍ ସର୍ବଭାରତୀୟ କୋଟା ଅଧୀନରେ ଉପଲବ୍ଧ ହେବ। ଏହି ନୂତନ ପୋଷ୍ଟ-ଡିପ୍ଲୋମା ଡିଏନବି ପ୍ରଶିକ୍ଷଣ ସୁଯୋଗ ରାଜ୍ୟରେ ବିଶେଷଜ୍ଞ ଡାକ୍ତରଙ୍କ ସଂଖ୍ୟା ବୃଦ୍ଧି କରିବ। ଏହା ଫଳରେ ରାଜ୍ୟବାସୀଙ୍କୁ ଉନ୍ନତ ମାନର ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଅଧିକ ସହଜରେ ଉପଲବ୍ଧ କରାଯାଇପାରିବ। ଏହି ପଦକ୍ଷେପ ମାଧ୍ୟମରେ ରାଜ୍ୟର ଡାକ୍ତରମାନଙ୍କୁ ନିଜ ସରକାରୀ ସେବା ଜାରି ରଖିବା ସହ ଉଚ୍ଚତର ପୋଷ୍ଟ-ଗ୍ରାଜୁଏଟ୍ ପ୍ରଶିକ୍ଷଣ ଓ ବିଶେଷଜ୍ଞତା ହାସଲ କରିବାର ଅଧିକ ସୁଯୋଗ ମିଳିବ। ଏହା ଓଡ଼ିଶାର ଚିକିତ୍ସା ଶିକ୍ଷାର ବିକାଶ ଯାତ୍ରାରେ ଏକ ନୂତନ ମାଇଲଖୁଣ୍ଟ ସାବ୍ୟସ୍ତ ହେବ।

ଏହି ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କୃତଜ୍ଞତା ଜଣାଇବାକୁ ଯାଇ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱ ଯୋଗୁଁ ଏହା ସମ୍ଭବ ହୋଇଛି। ରାଜ୍ୟରେ ଚିକିତ୍ସା ଶିକ୍ଷାର ବିସ୍ତାର, ଡାକ୍ତରମାନଙ୍କ ପୃଷ୍ଠା-୬

## ମଝି ଆକାଶରେ ବିଗିଡ଼ିଲା ଇଞ୍ଜିନ୍ ବର୍ତ୍ତିଗଲେ ୨୨୪ ଯାତ୍ରୀ




ଚେନ୍ନାଇ, ୧୨।୮: ମଙ୍ଗଳବାର ବିଳମ୍ବିତ ରାତିରେ ୨୨୪ ଜଣ ଯାତ୍ରୀଙ୍କୁ ଧରି କୋଲକାତାରୁ ତାମିଲନାଡୁ ଉଡ଼ାଣ ଭରିଥିବା ଏକ ଇଣ୍ଡିଗୋ ବିମାନରେ ଯାନ୍ତ୍ରିକ ତ୍ରୁଟି ଦେଖାଯିବା ଘଟଣାକୁ ନେଇ ଚେନ୍ନାଇ ବିମାନବନ୍ଦରରେ ସମ୍ପୂର୍ଣ୍ଣ ଜରୁରୀକାଳୀନ ପରିସ୍ଥିତି ଜାରି କରାଯାଇଛି। ଚେନ୍ନାଇ ବିମାନ ଘାଟିରେ ଅବତରଣ କରିବାକୁ ଯାଉଥିବା ସମୟରେ ମଝି ଆକାଶରେ ବିମାନର ବାମ ଇଞ୍ଜିନ୍ କାମ କରି ନଥିଲା। ଇଣ୍ଡିଗୋ ଫ୍ଲାଇଟ୍ ୬-ଇ-୭୨୩ ବିମାନଟି ଠିକ୍ ଅବତରଣ କରିବାକୁ ପ୍ରସ୍ତୁତ ହେଉଥିବା ପାଇଲଟ୍ ଏଭଳି ଅଘଟଣ ବିଷୟରେ ସୂଚନା ପାଇଥିଲେ। ଏହାପରେ ରାତି ପ୍ରାୟ ୧୧ଟା୨୯ ସମୟରେ ଚେନ୍ନାଇ ବିମାନଘାଟିରେ ଜରୁରୀ ପରିସ୍ଥିତି ଜାରି କରାଯାଇଥିବା ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆର ଅଧିକାରୀମାନେ ସୂଚନା ଦେଇଛନ୍ତି। ବିମାନଟି ୧୧ଟା ୩୦ରେ ଚେନ୍ନାଇରେ ପୃଷ୍ଠା-୬

## ଅଦିନିଆ ରଥଯାତ୍ରା ରୋକିବାକୁ ମୁଖ୍ୟ ପ୍ରଶାସକଙ୍କ ଚିଠି

### ଆୟୋଜନରୁ ବିରତ ରହିବାକୁ ଜିଲ୍ଲାପାଳଙ୍କୁ ନିବେଦନ



ପୁରୀ, ୧୨।୮ (ସଂଚାର ବ୍ୟୁରୋ): ଦେଶ ଓ ବିଦେଶରେ ବିଭିନ୍ନ ସମୟରେ ଇସ୍କନ୍ ପକ୍ଷରୁ ଅଦିନିଆ ରଥଯାତ୍ରା ଅନୁଷ୍ଠିତ ହୋଇଆସୁଥିବା ବେଳେ ଏହାକୁ ରୋକିବା ସକାଶେ ଶ୍ରୀମନ୍ଦିର ପ୍ରଶାସନ ଓ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ ଏନେଇ ଆପତ୍ତି ଦର୍ଶାଇ ଆସିଛନ୍ତି। ଏବେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଆଉ ଏକ ଅଦିନିଆ ରଥଯାତ୍ରା ରୋକିବା ସକାଶେ ଚିଠି ଲେଖିଛନ୍ତି। ଆସନ୍ତା ୧୬ ତାରିଖରେ ଜୟପୁରଠାରେ ରଥଯାତ୍ରା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। କିନ୍ତୁ ଅଦିନରେ ରଥଯାତ୍ରା ଆୟୋଜନ ଶ୍ରୀମନ୍ଦିର ପରମ୍ପରାର ପରିପନ୍ଥୀ ହୋଇଥିବାରୁ ଏହାକୁ ବନ୍ଦ କରିବା ସକାଶେ ଡ. ପାଢ଼ୀ ଜୟପୁର ଜିଲ୍ଲାପାଳଙ୍କୁ ଚିଠି ମାଧ୍ୟମରେ ନିବେଦନ କରିଛନ୍ତି। ସ୍ଥାନୀୟ ପ୍ରଶାସନ ଉକ୍ତ ଦିନ ରଥଯାତ୍ରା ପାଳନ ନ କରିବା ଦିଗରେ ପଦକ୍ଷେପ ନେବାକୁ ସେ କହିଛନ୍ତି। ମହାପ୍ରଭୁ ଜଗନ୍ନାଥ ଓ ତାଙ୍କ ରଥଯାତ୍ରାର ମାହାତ୍ମ୍ୟ ସମ୍ପର୍କରେ ଡ. ପାଢ଼ୀ ଉଲ୍ଲେଖ କରିବା ସହ ଅଦିନରେ ରଥଯାତ୍ରା ଆୟୋଜନ କୋଟି କୋଟି ଓଡ଼ିଆଙ୍କ ଧର୍ମୀୟ ଭାବନାକୁ ପ୍ରତିହତ କରିବ ବୋଲି କହିଛନ୍ତି। ପୁରୀ ରଥଯାତ୍ରାରେ ମହାପ୍ରଭୁଙ୍କର ଅନେକ ନୀତିକାନ୍ତି ଅନୁଷ୍ଠିତ ହେଉଥିବାରୁ ଏହାର ମର୍ଯ୍ୟାଦା ସ୍ୱତନ୍ତ୍ର। ତେଣୁ ଅଦିନରେ ରଥଯାତ୍ରା ଆୟୋଜନ କୌଣସି ଦୃଷ୍ଟିକୋଣରୁ ଉଚିତ ନୁହେଁ ବୋଲି ମୁଖ୍ୟ ପ୍ରଶାସନ ଉଲ୍ଲେଖ କରିଛନ୍ତି।

## କିଏ ହେବେ ରାଜ୍ୟର ପରବର୍ତ୍ତୀ ଡିଜିପି ?

- ୟୁପିଏସସି ବୈଠକ ପୂର୍ବରୁ ସୁପ୍ରିମକୋର୍ଟରେ ଶୁଣାଣି



ନୂଆଦିଲ୍ଲୀ, ୧୨।୮: କିଏ ହେବେ ରାଜ୍ୟର ପରବର୍ତ୍ତୀ ପୁଲିସ୍ ମହାନିର୍ଦ୍ଦେଶକ? ଏବେ ଏହି ପ୍ରସଙ୍ଗ ଯେତିକି ରୋଚକ ହେଉଛି, ସେତିକି ବିବାଦୀୟ ମଧ୍ୟ ହୋଇଛି। ଓଡ଼ିଶା ଡିଜିପି ଚୟନ ନେଇ ମାମଲା ଏବେ କାଠଗଡ଼ାରେ ପହଞ୍ଚିଛି। ସୁପ୍ରିମକୋର୍ଟରେ ଦାୟର ହୋଇଛି ଏକ ଜନସ୍ୱାର୍ଥ ମାମଲା।

ଆସନ୍ତାକାଲି ୟୁପିଏସସି ବୈଠକ ପୂର୍ବରୁ ସୁପ୍ରିମକୋର୍ଟରେ ହେବ ଡିଜିପି ମାମଲାର ଶୁଣାଣି। ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ୩ଜଣିଆ ଖଣ୍ଡପୀଠ ଆସନ୍ତାକାଲି ଓଡ଼ିଶା ପୁଲିସ ଡିଜି ଚୟନ ମାମଲାର ଶୁଣାଣି କରିବେ। ଅପରାହ୍ନରେ ଡିଜିପି ଚୟନ ନେଇ ୟୁପିଏସସି ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ବୈଠକ ଥିବା ବେଳେ ତା' ପୂର୍ବରୁ ଆସିପାରେ ସୁପ୍ରିମକୋର୍ଟଙ୍କ ରାୟ। ୟୁପିଏସସି ବୈଠକରେ ଯୋଗଦେବେ ମୁଖ୍ୟ ଶାସନ ସଚିବ ଏବଂ ପୁଲିସ ଡିଜି। ପୁଲିସ ଡିଜି ଚୟନ ପ୍ରକ୍ରିୟାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଓଡ଼ିଶା ସରକାର ପାଳନ କରୁ ନ ଥିବାର ଅଭିଯୋଗ ଆଣିବା ସହ ଜଣେ ଏଡିଜି ପାହ୍ୟାର ଅଫିସରଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ଦେଇ ୟୁପିଏସସିଙ୍କ ପାଖକୁ ପଠାଇବା ଉପରେ ସୁପ୍ରିମକୋର୍ଟରେ ହୋଇଥିଲା ଜନସ୍ୱାର୍ଥ ମାମଲା। ସୁପ୍ରିମକୋର୍ଟ ମଧ୍ୟ ଏହି ମାମଲାକୁ ମଙ୍ଗଳବାର ଦିନ ଗ୍ରହଣ କରି ବୁଧବାର ଶୁଣାଣି ପାଇଁ ଦିନଧାର୍ଯ୍ୟ କରିଥିଲେ। ମାତ୍ର ଆଜି ଏହାର ଶୁଣାଣି ହୋଇପାରିନାହିଁ। ୟୁପିଏସସି ପକ୍ଷରୁ ୩ଜଣିଆ ପ୍ରସ୍ତାବିତ ଡିଜିପି ତାଲିକା ରାଜ୍ୟ ସରକାରଙ୍କ ନିକଟକୁ ପଠାଯିବ। ସେହି ତିନିଜଣିଆ ତାଲିକା ଭିତରୁ ଜଣଙ୍କୁ ନୂଆ ପୁଲିସ ଡିଜି ଭାବେ ନିଯୁକ୍ତି ଦେବେ ରାଜ୍ୟ ସରକାର। ପୃଷ୍ଠା-୬

### ଦୁର୍ନୀତି ବିରୋଧରେ ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ କାର୍ଯ୍ୟାନୁଷ୍ଠାନ

## ପୂର୍ବତନ ମେଡିକାଲ ଅଫିସର୍ ବହିଷ୍କୃତ



ଭୁବନେଶ୍ୱର, ୧୨।୮ (ସଂଚାର ବ୍ୟୁରୋ): ଦୁର୍ନୀତି ବିରୁଦ୍ଧରେ କଡ଼ା ଆଭିମୁଖ୍ୟ ଜାରି ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁନ୍ଦରଗଡ ଜିଲ୍ଲା ଗୁରୁଣ୍ଡିଆ ସିଏଚ୍‌ସିର ପୂର୍ବତନ ମେଡିକାଲ ଅଫିସର ଡାକ୍ତର ପତିତପାବନ ବାରିକଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି। ଡାକ୍ତର ବାରିକ ବର୍ତ୍ତମାନ ଗଜପତି ଜିଲ୍ଲା ଗୁରାଣ୍ଡି ସିଏଚ୍‌ସିରେ କାର୍ଯ୍ୟରତ ଅଛନ୍ତି। ସୂଚନାଯୋଗ୍ୟ ଯେ, ଡାକ୍ତର ବାରିକ ସୁନ୍ଦରଗଡ଼ ଜିଲ୍ଲା ଗୁରୁଣ୍ଡିଆରେ କାର୍ଯ୍ୟରତ ଥିବା ସମୟରେ ଦୁର୍ନୀତି ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଏଥିପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମ୍ପୃକ୍ତ ଡାକ୍ତର ବାରିକଙ୍କୁ ସରକାରୀ ସେବାରୁ ବହିଷ୍କୃତ କରିଛନ୍ତି। ଦୁର୍ନୀତି ବିରୁଦ୍ଧରେ ଶୂନ୍ୟସହନଶୀଳତା ନୀତି ଅବଲମ୍ବନ ପାଇଁ ମୁଖ୍ୟମନ୍ତ୍ରୀ ପ୍ରଶାସନର ସବୁ ସ୍ତରରେ ନିର୍ଦ୍ଦେଶ ଦେଇଛନ୍ତି।

## ମୁମ୍ବାଇରେ ଭୂସ୍ଖଳନ
## ଗୋଟିଏ ପରିବାରର ୪ ସମେତ ୭ ମୃତ

### ମେୟରଙ୍କ ଆର୍ଥିକ ସହାୟତା ଘୋଷଣା

ମୁମ୍ବାଇ, ୧୨।୮: ବୁଧବାର ମୁମ୍ବାଇର ପୂର୍ବ ଉପନଗର ଅନ୍ତର୍ଗତ କୁର୍ଲା ଅଞ୍ଚଳରେ ଭୂସ୍ଖଳନ ଘଟି ୭ ଜଣଙ୍କର ମୃତ୍ୟୁ ଘଟିଛି। ଏହି ଘଟଣାରେ ପାଞ୍ଚଜଣ ଆହତ ହୋଇଛନ୍ତି। ବ୍ୟବଚ୍ଛେଦ ସରିବା ପରେ ସାତ ଜଣଙ୍କ ମୃତଦେହକୁ ରାଜାୱାଡ଼ି ହସ୍ପିଟାଲରୁ ବାହାରକୁ ନିଆଯାଇଥିବା ପୋଷ୍ଟମର୍ଟମ ରେକର୍ଡ ରଖୁଥିବା ଜଣେ ପୁଲିସ୍ କ୍ଲର୍କ ଜଣାଇଛନ୍ତି। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଭୂସ୍ଖଳନ ସ୍ଥଳରେ ଉଦ୍ଧାର ଓ ଥଇଥାନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ରାଷ୍ଟ୍ରୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ (ଏନ୍‌ଡିଆରଏଫ୍) ଓ ୫୦ ଜଣ ବୃହନମୁମ୍ବାଇ ମୁନିସିପାଲ କର୍ପୋରେସନ୍ (ବିଏମ୍‌ସି) କର୍ମଚାରୀଙ୍କୁ ମୂତୟନ କରାଯାଇଛି। ବିଏମସି ଏହାକୁ ଦ୍ୱିତୀୟ ପର୍ଯ୍ୟାୟ (ଲେବଲ-ଟୁ) ଘଟଣା ଭାବରେ ରିପୋର୍ଟ କରିଛି।



ବିଏମସି ପକ୍ଷରୁ କୁହାଯାଇଛି ଯେ ଭୋର ପ୍ରାୟ ୩ଟା ୪୮ ମିନିଟ୍ ସମୟରେ ପଶ୍ଚିମ କୁର୍ଲାର ରାଠୋଡ ମେଡିକାଲ ନିକଟରେ ଥିବା ଚିରାଗନଗର ଗୌସିୟା ଚାୱ୍ଲ ଅଞ୍ଚଳରେ ଏହି ଭୂସ୍ଖଳନ ଘଟିଛି। ବିଏମସି ମେୟର ରୀତୁ ତାୱଡେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ଭୂସ୍ଖଳନରେ ମୃତ ବ୍ୟକ୍ତିମାନଙ୍କୁ ମହମ୍ମଦ ଆସିଫ୍ ମହମ୍ମଦ ଆଲିମ୍ (୨୮), ମାର୍ଜିନା ଆରିଫ୍ ଶେଖ୍ (୨୭), ମନତ ଆରିଫ୍ ଶେଖ (୪), ଆୱନ ଆରିଫ୍ ଶେଖ (୨), ସାହିଲ ହୁସେନ୍ ଅବଦୁଲ କାଦର (୧୯), ମହମ୍ମଦ ସମିର ଆନସାରି (୧୪) ଓ ଭିକେଶ୍ ରମେଶ ଯାଦବ (୨୯) ବୋଲି ଚିହ୍ନଟ କରାଯାଇଛି।

ସ୍ଥାନୀୟ ଲୋକଙ୍କ ସୂତ୍ରକୁ ଉଦ୍ଧାର କରି ବିଏମ୍‌ସିର ଜଣେ ଅଧିକାରୀ କହିଛନ୍ତି ଯେ, ସକାଳ ହେବାକୁ ଆଉ କିଛି ସମୟ ଥିବାବେଳେ ହଠାତ୍ ଭୂସ୍ଖଳନ ଘଟିଥିଲା। ୬ରୁ ୮ ଜଣ ଲୋକ ଭଗ୍ନାବଶେଷ ତଳେ ପୋତି ହୋଇପଡ଼ିଥିଲେ। ମୁମ୍ବାଇ ମେୟର ରୀତୁ ତାୱଡେ ମୃତକଙ୍କ ପରିବାରକୁ ୪ ଲକ୍ଷଟଙ୍କା ଓ ଆହତଙ୍କ ଚିକିତ୍ସା ଲାଗି ପ୍ରତ୍ୟେକଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ପୃଷ୍ଠା-୬

## ଓଲଟିଲା ସ୍ପିଡ୍‌ବୋଟ୍, ୧୫ ମୃତ

ହରାରେ, ୧୨।୮: ପରିବହନ କ୍ଷମତାଠାରୁ ଅଧିକ ଯାତ୍ରୀଙ୍କୁ ଧରି ଯାତ୍ରା କରୁଥିବା ଗୋଟିଏ ସ୍ପିଡ୍‌ବୋଟ୍ ମଙ୍ଗଳବାର ଜିମ୍ବାୱେର 'ଲେକ୍ କାରିୱା'ରେ ଓଲଟି ପଡ଼ିବା ଫଳରେ ୧୫ ଜଣଙ୍କର ବୁଡ଼ିଯାଇ ମୃତ୍ୟୁ ଘଟିଛି ଓ ୨୭ ଜଣ ନିଖୋଜ୍ ଅଛନ୍ତି। ପାଣିରୁ ୭୭ ଜଣଙ୍କୁ ଉଦ୍ଧାର କରି ହ୍ରଦ ମଧ୍ୟସ୍ଥ ଏକ ଛୋଟ ଦ୍ୱୀପରେ ରଖାଯାଇଛି ଓ ଛୋଟ ଛୋଟ ଡଙ୍ଗା ସାହାଯ୍ୟରେ ସେମାନଙ୍କୁ ସ୍ଥଳ ଭାଗକୁ ଅଣାଯାଉଛି। ଜିମ୍ବାୱେର ସରକାରୀ ଖବର ପ୍ରସାରଣ ସଂସ୍ଥା ଜେଡବିସି ଦୁର୍ଘଟଣାସ୍ଥଳର ଭିଡ଼ିଓ ପ୍ରସାରଣ କରିଛି। ଏକାଧିକ ସ୍ପିଡବୋଟ୍ ଗୋଟିଏ ଓଲଟି ପଡ଼ିଥିବା ଡଙ୍ଗା ଆଡ଼କୁ ଯାଉଛନ୍ତି ଓ ସେମାନଙ୍କ ଉପରେ ଗୋଟିଏ ହେଲିକପ୍ଟର ଉଡ଼ି ବୁଲୁଥିବା ଭିଡ଼ିଓରେ ଦେଖାଯାଉଛି। ଜିମ୍ବାୱେ ଓ ପଡ଼ୋଶୀ ଜାମ୍ବିଆର ସୀମାରେ ଥିବା ଏହି ବିଶାଳ ତଥା ଗଭୀର କାରିୱା ହ୍ରଦରେ ଗୋଟିଏ ଅଣ୍ଡରୱାଟର ଟିମ୍‌କୁ ତଲାସୀ ଓ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି। ଜିମ୍ବାୱେ ନାଗରିକ ସୁରକ୍ଷା ୟୁନିଟ୍ ଟିକେଟ୍ ବିକ୍ରି ସୂତ୍ରକୁ ଉଦ୍ଧାର କରି କହିଛି ଯେ, ସ୍ପିଡ୍‌ବୋଟ୍‌ରେ ୧୧୪ ଜଣ ପ୍ରାପ୍ତବୟସ୍କ ଯାତ୍ରୀ ଯାତ୍ରା କରୁଥିଲେ। ସେମାନଙ୍କୁ ଛାଡ଼ି ୫ ଜଣ କ୍ରୁ ସଦସ୍ୟ ମଧ୍ୟ ଥିଲେ। ତେବେ କେତେଜଣ ଛୋଟପିଲା ଓ ଶିଶୁ ଥିଲେ ତାହା ଜଣା ପଡ଼ିନାହିଁ। ସ୍ପିଡବୋଟରେ ୯୦ ଜଣ ଯାତ୍ରୀ ଯାତ୍ରା କରିବାର କ୍ଷମତା ରହିଥିଲା। ଦୁର୍ଘଟଣାକୁ ସରକାରୀ ଭାବେ ବିପର୍ଯ୍ୟୟ ବୋଲି ଘୋଷଣା କରାଯାଇଛି।

## ପୂର୍ବତନ ସିଜେଆଇ ରୁଷ୍ ଆର୍ବିଟ୍ରେଟର୍

ନୂଆଦିଲ୍ଲୀ, ୧୨।୮: ରୁଷ୍ ଓ ୟୁକ୍ରେନ୍ ମାଲିକାନାରେ ଥିବା ଓଷ୍ଟାଡବ୍ୟାଙ୍କ ମଧ୍ୟରେ ଏକ ଉଚ୍ଚସ୍ତରୀୟ ନିବେଶ ଚୁକ୍ତିନାମାକୁ ନେଇ ରହିଥିବା ବିବାଦର ସମାଧାନ କରିବା ପାଇଁ ରୁଷ୍ ପକ୍ଷରୁ ଭାରତର ପୂର୍ବତନ ମୁଖ୍ୟ ବିଚାରପତି (ସିଜେଆଇ) ଡି.ୱାଇ.ଚନ୍ଦ୍ରଚୂଡ଼ଙ୍କୁ ମଧ୍ୟସ୍ଥି (ଆର୍ବିଟ୍ରେଟର) ଭାବରେ ନିଯୁକ୍ତି ଦିଆଯାଇଛି। ସିଜେଆଇ ଭାବରେ ଅବସର ନେବାର ଦୁଇବର୍ଷ ପରେ ଚନ୍ଦ୍ରଚୂଡ଼ଙ୍କୁ ଏଭଳି ଏକ ଦାୟିତ୍ୱ ପ୍ରଦାନ କରାଯାଇଛି। ରୁଷ୍‌ର ବ୍ୟାପକ ସାମରିକ କାର୍ଯ୍ୟାନୁଷ୍ଠାନ ଯୋଗୁ ଓଷ୍ଟାଡବ୍ୟାଙ୍କ ମୁଖ୍ୟତଃ ୟୁକ୍ରେନ୍‌ର ଚାରିଗୋଟି ପ୍ରମୁଖ ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣର ସମ୍ପତ୍ତି ହରାଇବ ସହିତ ବ୍ୟାଙ୍କ ସମ୍ପର୍କୀତ କାର୍ଯ୍ୟରେ ମଧ୍ୟ କ୍ଷତି ସହିଛି। ଏହି କାରଣରୁ ବ୍ୟାଙ୍କ ଲକ୍ଷଲକ୍ଷ ଡଲାର କ୍ଷତି କରିଛି। ଏହି ବିବାଦର ସମାଧାନ ଲାଗି ଏକ ତିନିଜଣିଆ ଟ୍ରିବ୍ୟୁନାଲ ଗଠିତ ହୋଇଥିବା ବେଳେ ଚନ୍ଦ୍ରଚୂଡ଼ଙ୍କୁ ରୁଷ୍ ପକ୍ଷରୁ ନିଯୁକ୍ତି ଦିଆଯାଇଛି।



### କାନ ଡେରିଥା

ସାମ୍ବାଦିକ ଏଠି ସାତପର ହେଲେ
ସୁବିଧା ତ କିଛି ନାହିଁ
ସ୍ୱାସ୍ଥ୍ୟ ଯୋଜନା ବି ସାତପର
ହେଲା
ଭଲ ଜମା ଦିଶୁନାହିଁ
ପ୍ରଚାର କରିବା କାହିଁ...
ସରକାରଙ୍କର ଅବହେଳା ପାଇଁ
ଆମେ ସାମ୍ବାଦିକ ଦାୟୀ ।

■ ଦେବାଶିଷ

# ଯୋଗାଣ ଅଧିକାରୀଙ୍କ ମଦୁଆ ନାଚ ପାଇଁ ପ୍ରଶାସନ ବଦନାମ

### ସରକାରୀ ଦପ୍ତରରେ ଚାଲିଥିଲା ମଦ ଆସର

### ବେପାରୀଙ୍କ ସହ ନାଚୁଥିଲେ ଯୋଗାଣ ବାବୁ

ଭୁବନେଶ୍ୱର, ୧୨।୮ (ସଂଚାର ବ୍ୟୁରୋ): ଖୋର୍ଦ୍ଧା ଜିଲ୍ଲା ଯୋଗାଣ ଅଧିକାରୀଙ୍କର ମଦପିଆ ନାଚ ପାଇଁ ଏବେ ରାଜ୍ୟ ପ୍ରଶାସନ ବଦନାମ। ସରକାର ନିଶାମୁକ୍ତ ଭାରତ ଅଭିଯାନ ପାଇଁ ରାଜ୍ୟବ୍ୟାପୀ କାର୍ଯ୍ୟକ୍ରମ ଚଳାଇଥିବା ବେଳେ ଯୋଗାଣ ବିଭାଗ ବାବୁଙ୍କର ନିଶାଯୁକ୍ତ ଆସର ଏବେ ଭାଇରାଲ ହେବାରେ ଲାଗିଛି।

ସୋସିଆଲ ମିଡିଆରେ ଘୂରି ବୁଲୁଥିବା ଭିଡିଓରେ ଖୋର୍ଦ୍ଧା ଜିଲ୍ଲା ଯୋଗାଣ ଅଧିକାରୀ ନିଜର କିଛି ସହକର୍ମୀ ଓ ବ୍ୟବସାୟୀଙ୍କ ସହ ସରକାରୀ ଦପ୍ତର ପରିସରରେ ମଦର ଆସର ଜମାଇଛନ୍ତି। ସେଠାରେ ମଦ ବୋତଲ ଓ ଗ୍ଲାସ ସହ ଚାଖଣା ବି ରହିଛି। ହାଲକା ମ୍ୟୁଜିକ ବି ବାଜୁଛି। ବାବୁ ହାତରେ ମଦ ଭର୍ତ୍ତି ଗ୍ଲାସ ଧରି ବିଭିନ୍ନ ଅଙ୍ଗଭଙ୍ଗୀରେ ନାଚୁଛନ୍ତି। ତାଙ୍କ ସହ କିଛି ସହକର୍ମୀ ଓ ବ୍ୟବସାୟୀ ବି ପାଦରେ ପାଦ ମିଶାଇ ନାଚୁଛନ୍ତି। ଏହି ଭିଡିଓଟି ଏବେ ସୋସିଆଲ ମିଡିଆରେ ଘୂରି ବୁଲିବା ସହ ବିଭାଗୀୟ ଅଧିକାରୀଙ୍କ ନିକଟରେ ଆସି ପହଞ୍ଚିବା ପରେ ଏହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି।

ସରକାରୀ କର୍ମଚାରୀଙ୍କ ପାଇଁ ଥିବା ଚାକିରି ସର୍ତ୍ତାବଳୀରେ ନିଶା ସେବନ କରିବା ସମ୍ପୂର୍ଣ୍ଣ ନିଷେଧ। ଯଦି କୌଣସି କର୍ମଚାରୀ ନିଶା ସେବନ କରି ଧରାପଡ଼ିବେ, ତେବେ ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ନିୟମ ସଂକ୍ରାନ୍ତରେ ସମସ୍ତ କର୍ମଚାରୀ ବେଶ୍ ଭଲ ଭାବେ ଅବଗତ। ତେବେ ଯୋଗାଣ ଅଧିକାରୀଙ୍କ ଭଳି ଜଣେ ବରିଷ୍ଠ ସରକାରୀ ଅଫିସର କିଭଳି ନିଜ ଦପ୍ତର ପରିସରରେ ବ୍ୟବସାୟୀଙ୍କ ସହ ମଦ୍ୟପାନ କରି ନାଚିଲେ, ତାହାକୁ ନେଇ ଏବେ ଖୋର୍ଦ୍ଧାଠାରୁ ରାଜ୍ୟ ସଚିବାଳୟ ପର୍ଯ୍ୟନ୍ତ ସବୁଆଡ଼େ ଆଲୋଚନା ହେଉଛି।



ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏବେ ନିଶାମୁକ୍ତ ଭାରତ ଅଭିଯାନକୁ ଜୋରଦାର କରିଛନ୍ତି। ରାଜ୍ୟଠାରୁ ପଞ୍ଚାୟତ ସ୍ତର ପର୍ଯ୍ୟନ୍ତ ସବୁଆଡ଼େ ନିଶା ବିରୋଧରେ ସଚେତନତା କାର୍ଯ୍ୟକ୍ରମ ଚାଲୁଛି। ସରକାରୀ ସ୍ତରରେ କାର୍ଯ୍ୟକ୍ରମମାନ ଆୟୋଜିତ ହେଉଥିବା ବେଳେ ଖୋଦ ସରକାରୀ ବାବୁ ସର୍ବସାଧାରଣରେ ହାତରେ ମଦ ଗ୍ଲାସ ଧରି ନିଶାସକ୍ତ ହୋଇ ନାଚିବାକୁ ନେଇ ହଟଚମଟ ସୃଷ୍ଟି ହୋଇଛି। ଉଲ୍ଲେଖନୀୟ ଯେ ଅତୀତରେ ବହୁ ସ୍ଥାନରେ ନିଶାସକ୍ତ ଅବସ୍ଥାରେ ବିଦ୍ୟାଳୟକୁ ଆସୁଥିବା ଶିକ୍ଷକଙ୍କଠାରୁ ଆରମ୍ଭ କରି ଅନ୍ୟ କର୍ମଚାରୀଙ୍କ ବିରୁଦ୍ଧରେ ସରକାର କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏଭଳି ସ୍ଥିତିରେ ଏବେ ଯୋଗାଣ ଅଧିକାରୀଙ୍କ ମଦ୍ୟପାନ ପାଇଁ ସରକାରୀ ସ୍ତରରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, ତାହା ଉପରେ ଯୋଗାଣ ବିଭାଗ ସମେତ ବହୁ ସରକାରୀ କର୍ମଚାରୀ ନଜର ରଖିଛନ୍ତି।

# କେନ୍ଦ୍ରାପଡ଼ା-ଗୋଲରାହାଟ ରାସ୍ତା କାମ ନିମ୍ନମାନର ଅଭିଯୋଗ

### ରାସ୍ତା ଫାଟି ଆଁ କଲାଣି
### ସ୍ଥାୟିତ୍ୱ ନେଇ ବଢୁଛି ସନ୍ଦେହ

ଡେରାବିଶ,୧୨।୮(ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ୍ ଗୁଆଲସିଂ ପଞ୍ଚାୟତ ଅନ୍ତର୍ଗତ କେନ୍ଦ୍ରାପଡ଼ା କଲେଜ ଛକଠାରୁ ଗୋଲରାହାଟ ପଞ୍ଚାୟତ ପର୍ଯ୍ୟନ୍ତ ଯାଇଥିବା ରାସ୍ତାଟି ମାତ୍ର କେଇମାସ ତଳେ ନିର୍ମାଣ ହୋଇଥିଲା । ତେବେ ରାସ୍ତାକାମ ନିମ୍ନମାନର ହୋଇଥିବାରୁ ରାସ୍ତା ଫାଟି ଆଁ କରିଛି! ଫଳରେ ରାସ୍ତାରକାମକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହୋଇଛି ।

କେନ୍ଦ୍ରାପଡ଼ା-ଗୋଲରାହାଟ ରାସ୍ତାଟି ବ୍ଲକ୍ ଅଞ୍ଚଳର ଏକ ମୁଖ୍ୟ ରାସ୍ତା ହୋଇଥିବାବେଳେ ଏହା ଚଣ୍ଡିଖୋଲ ପାରାଦୀପ ଜାତୀୟ ରାଜପଥ ଓ କଟକ ଚାନ୍ଦବାଲି ରାଜ୍ୟ ରାଜପଥକୁ ସଂଯୋଗ କରିଛି। ଓଡ଼ିଶା ସରକାରଙ୍କ ନିର୍ମାଣ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟ କରାଯାଇ ଏହାର ପ୍ରଶସ୍ତିକରଣ ଓ ପିଚୁ କାର୍ଯ୍ୟ କରାଯାଇଥିଲା । ଏପରିକି ରାସ୍ତା ପ୍ରଶସ୍ତିକରଣ ସମୟରେ ଆବଶ୍ୟକ ସ୍ଥଳେ ରାସ୍ତା କଡ଼ରେ କଂକ୍ରିଟ୍ ୱାଲ ମଧ୍ୟ ନିର୍ମାଣ କରାଯାଇଥିଲା। ହେଲେ ମାତ୍ର ଅଳ୍ପ କେଇଦିନ ତଳେ ନିର୍ମାଣ କରାଯାଇଥିବା ଏହି ରାସ୍ତା ଏବେ ଫାଟି ଆଁ କଲାଣି। ଅବସ୍ଥା ଏପରି ହୋଇଛି ଯଦି କୌଣସି ଭାରୀଯାନ ଏହି ରାସ୍ତାରେ ଯାଏ ତେବେ ଏହି ରାସ୍ତା ଦବି ଗାଡ଼ି ଓଲଟି ପଡ଼ିବା ସମ୍ଭାବନା ଦେଖାଦେଉଛି।

ଏହା ଅଁଳାବାଙ୍କ ଛକଠାରୁ ଗୁଆଲସିଂ ଅନ୍ତର୍ଗତ ରେଲୱେ ଓଭରବ୍ରିଜ୍ ପର୍ଯ୍ୟନ୍ତ ଦେଖିବାକୁ ମିଳିଛି।



ଏହି ସ୍ଥାନରେ ରାସ୍ତା କଡ଼ରେ କଂକ୍ରିଟ ଢଳାଇ ଦିଆଯାଇଥିଲେ ମଧ୍ୟ ସାମାନ୍ୟ ବର୍ଷା ରେ ଏହି ରାସ୍ତା ପାଟି ଧସିଗଲାଣି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଠିକାଦାର ଜଣକ ରାସ୍ତା ପ୍ରଶସ୍ତୀକରଣ ସମୟରେ ମାଟି ପକାଇଥିଲେ ମଧ୍ୟ ଏହାକୁ ସଠିକ୍ ଭାବେ ଭ୍ରାଇବେଟିଂ ନକରି ତା' ଉପରେ ପିଚୁ କରିଦେଇ ତରବରିଆ ଭାବେ କାମ ସାରିଦେଇଛନ୍ତି। ଯାହା ପାଇଁ ରାସ୍ତାର ଏପରି ଅବସ୍ଥା ହୋଇଛି।

ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଅଜୟ ଦାସଙ୍କୁ ପଚାରିବାରୁ ସେ କହିଲେ, ନିର୍ମାଣ ଅବଧି ସରି ନଥିବାରୁ ଠିକାଦାର ଏହି ରାସ୍ତାକୁ ପୁନଃ ମରାମତି କରିବେ। ତେଣୁ ତୁରନ୍ତ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତାକୁ ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସମସ୍ୟା ସମାଧାନ କରୁନି ଟାଟା ପାୱାର

### ଅଭିଯୋଗ ସତ୍ତ୍ୱେ ପଦକ୍ଷେପ ଶୂନ



ମହାକାଳପଡ଼ା,୧୨।୮(ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ ଦେଉଳପଡ଼ା ପଞ୍ଚାୟତ ଅନ୍ତର୍ଗତ ଦେଉଳପଡ଼ା (ମେରଦା) ଗ୍ରାମର ବୀରକିଶୋର ଦାସ ବିଦ୍ୟୁତ ବିଭାଗର ଅବହେଳା ନେଇ ଅଭିଯୋଗ କରିଛନ୍ତି। ତାଙ୍କର ବିଦ୍ୟୁତ ଉପଭୋକ୍ତା ନମ୍ବର ହେଉଛି ୦୮୦୦୨୪୫୧୨୨୦୬ । ତାଙ୍କ ଘରେ ଲଗାଯାଇଥିବା ସ୍ମାର୍ଟ ମିଟର ଫେବୃଆରୀ ମାସରୁ ଅକାମି ହୋଇଥିବା ବେଳେ ଅଭିଯୋଗ ସତ୍ତ୍ୱେ ଏପର୍ଯ୍ୟନ୍ତ ଏହାର ସମାଧାନ ହୋଇନାହିଁ।

ମିଟର ଅଚଳ ଥିବାରୁ ତାଙ୍କୁ ମିନିମମ୍ ଚାର୍ଜ ଆକାରରେ ଅଧିକ ବିଦ୍ୟୁତ ବିଲ୍ ଦେବାକୁ ପଡୁଥିବା ସେ କହିଛନ୍ତି। ଏନେଇ ସେ ବିଭାଗୀୟ ଟୋଲ୍ ଫ୍ରି ନମ୍ବରରେ ଅଭିଯୋଗ କରିବା ସହ ୧୦ ଏପ୍ରିଲ ୨୦୨୬ରେ କେୟାରବ୍ୟାଙ୍କ ଓ ମାର୍ଶାଘାଇ ବିଦ୍ୟୁତ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ପ୍ରାୟ ୪ ମାସ ବିତିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନଥିବାରୁ ଉପଭୋକ୍ତା ଅସନ୍ତୋଷ ପ୍ରକାଶ କରିଛନ୍ତି।

### ତପନଙ୍କ ମୃତ୍ୟୁରେ ଅସହାୟ ପରିବାର

## ସହାୟତାର ହାତ ବଢ଼ାଇଲା ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ



କେନ୍ଦ୍ରାପଡ଼ା,୧୨।୮(ସଂଚାର ବ୍ୟୁରୋ): ତପନ ବାରିକଙ୍କ ଅକାଳ ମୃତ୍ୟୁ ପରେ ଦୁଃଖରେ ଭାଙ୍ଗିପଡ଼ିଛି ପରିବାର। ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ପଟିଲୋ ପଞ୍ଚାୟତ ଅନ୍ତର୍ଗତ ନନ୍ଦନ ଗ୍ରାମର ତପନ ବୃତ୍ତିରେ ଜଣେ ଡ୍ରାଇଭର ଥିଲେ। କିଡ୍‌ନିଜନିତ ରୋଗରେ ପୀଡ଼ିତ ହୋଇ ତାଙ୍କ ମୃତ୍ୟୁ ଘଟିଛି। ତପନଙ୍କ ପରିବାରରେ ପତ୍ନୀ ସଂଗୀତା, ଯାଆଁଳା ଝିଅଙ୍କ ସମେତ ଆଉ ଜଣେ ସାନ ଝିଅ ଅଛନ୍ତି। ଏହାସହ ମାନସିକ ଭାବେ ଅସୁସ୍ଥ ବୃଦ୍ଧ ବାପା ନାରାୟଣ ବାରିକଙ୍କ ଦାୟିତ୍ୱ ମଧ୍ୟ ପରିବାର ଉପରେ ରହିଛି। ତପନଙ୍କ ମୃତ୍ୟୁ ପରେ ପରିବାରର ଭବିଷ୍ୟତକୁ ନେଇ ଚିନ୍ତା ବଢ଼ିଛି। ଘଟଣା ସମ୍ପର୍କରେ ସଂଚାର ରେ ଖବର ପ୍ରସାରିତ ହେବା ପରେ କେନ୍ଦ୍ରାପଡ଼ା ଜିଲ୍ଲାର ସାମାଜିକ ଅନୁଷ୍ଠାନ ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପରିବାରକୁ ସହାୟତାର ହାତ ବଢ଼ାଯାଇଛି। ଟ୍ରଷ୍ଟର କର୍ମକର୍ତ୍ତାମାନେ ନନ୍ଦନ ଗ୍ରାମରେ ପହଞ୍ଚି ତପନଙ୍କ ପତ୍ନୀ ସଂଗୀତାଙ୍କ ସହ ଆଲୋଚନା କରି ପିଲାଙ୍କ ପାଠପଢ଼ା, ପରିବାରର ଭବିଷ୍ୟତ ଏବଂ ବୃଦ୍ଧ ବାପାମାଆଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ସଂଗୀତାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସ୍ୱରୋଜଗାରରେ ସାମିଲ କରିବା ନେଇ ମଧ୍ୟ ଆଲୋଚନା ହୋଇଛି। ଟ୍ରଷ୍ଟ ପକ୍ଷରୁ ପରିବାରକୁ ଦୁଇ ମାସର ରାସନ ସାମଗ୍ରୀ ସହ ପିଲାଙ୍କ ପାଇଁ ଖାଦ୍ୟପେୟର ବ୍ୟବସ୍ଥା କରାଯାଇଛି। ଏହି ସମୟରେ ନନ୍ଦନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଟ୍ରଷ୍ଟ ସଭାପତି ଦମନ ମହାନ୍ତି, ପରାମର୍ଶଦାତା ନିମାଇଁ ଚରଣ କର, ମୁଖପାତ୍ର ପ୍ରମୋଦ ନାୟକ, ଅନୁଗୁଳ ପ୍ରତିନିଧି ପ୍ରଶାନ୍ତ କୁମାର ଦାଶ, ସୁରେନ୍ଦ୍ରନାଥ ଶତପଥୀ, ଚିତ୍ତରଞ୍ଜନ ବସନ୍ତରା, ବଳରାମ ଦାସଙ୍କ ସମେତ ସମୀର ଓଡ଼ିଶା ଚ୍ୟାନେଲର ମୁଖ୍ୟ ଉପସ୍ଥିତ ଥିଲେ।

## ମହିଳା ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ



ଡେରାବିଶ,୧୨।୮(ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଚାନ୍ଦୋଳ ସ୍ଥିତ ହୃଦୟାନନ୍ଦ ନାଏକ ସ୍ମାରକୀ ମହାବିଦ୍ୟାଳୟରେ ଶକ୍ତିଶ୍ରୀ ଯୋଜନା ଅଧୀନରେ ଦୀର୍ଘ ୬ ଦିନ ଧରି ଚାଲିଆସିଥିବା ବାଳିକା ଆତ୍ମରକ୍ଷା ତାଲିମ ଶିବିର ଆଜି ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଅକ୍ଷୟ କୁମାର ବଳ ସଭାପତିତ୍ୱ କରିଥିବା ବେଳେ ଅତିଥିଭାବରେ ପ୍ରାଧ୍ୟାପକ ବିନୟ କୁମାର ଷଡ଼ଙ୍ଗୀ, ଅଧ୍ୟାପିକା ଝରାଶ୍ରୀ ପରିଜା, ମିନାକ୍ଷୀ ପ୍ରଧାନ, ସୁକନ୍ୟା ମହାନ୍ତି ଯୋଗଦେଇ ଏହି କାର୍ଯ୍ୟକ୍ରମର ଉପାଦେୟତା ଓ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ ଏବଂ ଚଳିତ ଶିବିରରେ ପ୍ରଶିକ୍ଷଣ ମାଧ୍ୟମରେ ଛାତ୍ରୀମାନେ ଶିଖିଥିବା ଆତ୍ମରକ୍ଷା କୌଶଳକୁ ଘରେ ଅଭ୍ୟାସ କରିବା ଓ ଆବଶ୍ୟକ ସ୍ଥଳେ ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଥିଲେ।

### ମାଳ ମାଳ ଦୁର୍ନୀତି ଅଭିଯୋଗରେ ପାଟକୁରାରୁ ବଦଳି

## କିଏ ଏହି କରିତକର୍ମା ଏସଡିଓ ମୁଣ୍ଡା ବାବୁ ?

କେନ୍ଦ୍ରାପଡ଼ା,୧୨।୮(ସଂଚାର ବ୍ୟୁରୋ): ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ବଦଳି ସହ ତୁରନ୍ତ ସମସ୍ତ ଦାୟିତ୍ୱ ହସ୍ତାନ୍ତର କରିବାକୁ ଚିଠିରେ ରହିଛି ନିର୍ଦ୍ଦେଶ। ସୂଚନା ମୁତାବକ ପାଟକୁରା ଜଳସମ୍ପଦ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରାଣନାଥ ମୁଣ୍ଡାଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଚିଠି ନଂ ୧୮୯୮୦,ତା୨୪ ଜୁନ୍ ୨୦୨୬ ରେ ଜଳସମ୍ପଦ ବିଭାଗରୁ ରାଜନଗର ଡ୍ରେନେଜ ସବଡିଭିଜନକୁ ବଦଳି ହୋଇଥିଲେ। କିନ୍ତୁ ଆଜିକୁ ୪୫ଦିନ ବିତିଯାଇଥିଲେ ମଧ୍ୟ ଏସଡିଓ ଶ୍ରୀ ମୁଣ୍ଡା ନାଁ ନୂତନ ଯାଗାରେ ଯୋଗାଦାନ କରୁଛନ୍ତି ନାଁ ତାଙ୍କ ପୂର୍ବ ଯାଗାକୁ ଆସିଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ ଧୀରେନ୍ଦ୍ର କୁମାର ଜେଠୀଙ୍କୁ ଦାୟିତ୍ୱହସ୍ତାନ୍ତର କରୁଛନ୍ତି? ଯାହା ସାଧାରଣରେ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

କେନ୍ଦ୍ରାପଡ଼ା ଜିଲ୍ଲା ଜଳସମ୍ପଦ ବିଭାଗରେ ଦୀର୍ଘ ୨୦ ବର୍ଷ ଧରି ରହିଥିବା ବେଳେ ହଠାତ୍ ରାଜ୍ୟ ସରକାର କରିଥିବା ବଦଳି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୂର୍ବରୁ ମହାକାଳପଡ଼ା ତଟବନ୍ଧ ବିଭାଗ ସହ ପାଟକୁରା ଜଳସମ୍ପଦ ଭଳି ଦୁଇ ଦୁଇଟି ସବଡିଭିଜନ ଦାୟିତ୍ୱରେ ଦୀର୍ଘ ବର୍ଷ ଧରି ରହିଥିଲେ ଯନ୍ତ୍ରୀ ପ୍ରାଣନାଥ ମୁଣ୍ଡା। କିଛି ଦିନ ପୂର୍ବେ ତାଙ୍କ ନାଁରେ ବିଭିନ୍ନ ଅଭିଯୋଗ ଆସିବା ପରେ ମୁଖ୍ୟଯନ୍ତ୍ରୀ ମହାକାଳପଡ଼ା ତଟବନ୍ଧ ସବଡିଭିଜନରୁ ଅତିରିକ୍ତ ଦାୟିତ୍ୱ ତୁଲାଉଥିବା ଏସଡିଓ ମୁଣ୍ଡା ବାବୁଙ୍କୁ ବଦଳି କରିବା ସହ ସମସ୍ତ ଦାୟିତ୍ୱ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ ମୁଖ୍ୟଯନ୍ତ୍ରୀ। ତାଙ୍କ ଯାଗାରେ ସହକାରୀ ନିର୍ବାହୀ ଯନ୍ତ୍ରୀ ସଞ୍ଜୟ ଶତପଥୀଙ୍କୁ ମହାକାଳପଡ଼ାରେ ନୂତନ ଦାୟିତ୍ୱ ମିଳିଛି।

ଅନ୍ୟପକ୍ଷରେ ଏସଡିଓ ମୁଣ୍ଡା ବାବୁଙ୍କୁ ତାଙ୍କର ମୂଳ ପୋଷ୍ଟ ପାଟକୁରା ଜଳସମ୍ପଦ ସବଡିଭିଜନରେ ଏସଡିଓ ଭାବେ ରହିବେ ବୋଲି ଚିଠିରେ ଉଲ୍ଲେଖ କରାଯାଇଥିଲା। ପାଟକୁରା ସବଡିଭିଜନରେ ଚାଲିଥିବା ବିଭିନ୍ନ ପଥର ସ୍ପର କାମରେ ରହୁନାହିଁ ତାଳମେଳ। ସ୍ପର ନାଁରେ ଚାଲିଛି କୋଟି କୋଟି ଟଙ୍କାର ହରିଲୁଟ୍। କିନ୍ତୁ ଆଜି ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ଜିଲ୍ଲାରେ ଗୋଟିଏ ଗୋଟିଏ ଯାଗାରେ ଦୀର୍ଘ ବର୍ଷ ଧରି ରହିଥିବା ବେଳେ ବଦଳି ନାଁରେ ଚାଲିଥିବା ପ୍ରହସନକୁ ପଦାରେ ପକାଇଛି।

## ଚୋରା ମଦ ଜବତ, ୮ ଗିରଫ



କେନ୍ଦ୍ରାପଡ଼ା,୧୨।୮(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ମାର୍ଶାଘାଇ, ଜମ୍ବୁ ସାମୁଦ୍ରିକ, କେନ୍ଦ୍ରାପଡ଼ା ସଦର ଏବଂ କେନ୍ଦ୍ରାପଡ଼ା ଟାଉନ୍ ଥାନା ଅଳର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା । ଏହି ଚଢ଼ାଉ ସମୟରେ ବେଣିକନ୍ଦା ଗ୍ରାମର ନାଡୁଗୋପାଳ ମଣ୍ଡଳ(୫୨) ଙ୍କ ନିକଟରୁ ୨୦ ଲିଟର ଚୋରା ବିଦେଶୀ ମଦ, ଜମ୍ବୁ ଗ୍ରାମର ଅନାଥ କୁମାର ବାସୁ(୫୦)ଙ୍କ ନିକଟରୁ ୨୯ ଲିଟର ଚୋରା ଦେଶୀ ରନ୍ଧା ମଦ, ଭରିଗଡ଼ ଗ୍ରାମର କୈଳାଶ ମଳିକ(୪୮) ଙ୍କ ନିକଟରୁ ୩୨ ଲିଟର ଚୋରା ବିଦେଶୀ ମଦ, ଅଚ୍ୟୁତପୁର ଗ୍ରାମର ଶଶଧର ମଳିକ(୬୧)ଙ୍କ ଠାରୁ ୧୬ ଲିଟର ଚୋରା ଦେଶୀ ମଦ, ଦାସଭାଗରିଆ ଗ୍ରାମର ଅମୂଲ୍ୟ ମାହାଳ(୫୧)ଙ୍କ ନିକଟରୁ ୨୫ ଲିଟର ଚୋରା ବିଦେଶୀ ମଦ, ବଡ଼ହାଟ ଗ୍ରାମର ମନୋଜ କୁମାର ମଳିକ(୩୫)ଙ୍କ ନିକଟରୁ ୧୯ ଲିଟର ଚୋରା ଦେଶୀ ମଦ ଏବଂ ହରେକୃଷ୍ଣ ବେହେରା(୩୬)ଙ୍କ ନିକଟରୁ ୧୦ ଲିଟର ଚୋରା ଦେଶୀ ରନ୍ଧା ମଦ ଜବତ କରାଯାଇଛି। ସେହିପରି ପାଟଳିପଙ୍କ ଗ୍ରାମର ଅମର ସାମଲ(୩୦)ଙ୍କ ନିକଟରୁ ୨୯ ଲିଟର ଚୋରା ବିଦେଶୀ ମଦ ଜବତ କରାଯାଇଛି । ସମୁଦାୟ ୧୮୦ ଲିଟର ଦେଶୀ, ଦେଶୀ ରନ୍ଧା ଓ ବିଦେଶୀ ଚୋରା ମଦ ଜବତ କରାଯାଇଥିବାବେଳେ ୮ ଜଣ ଚୋରା ମଦବେପାରୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।

### ଅନୁପମାଙ୍କ ହେଲା ଆଧାର ପଞ୍ଜିକରଣ

## ମିଳିଲା ହ୍ୱିଲ୍ ଚେୟାର ଓ ଭତ୍ତା

ମହାକାଳପଡ଼ା,୧୨।୮(ସଂଚାର ବ୍ୟୁରୋ): ଦୀର୍ଘଦିନର ଅସୁବିଧା ପରେ ଶେଷରେ ମହାକାଳପଡ଼ା ବ୍ଲକ ତେରଗାଁ ପଞ୍ଚାୟତ ଅନ୍ତର୍ଗତ ଓସ୍ତର ଗ୍ରାମର ଚନ୍ଦ୍ରମଣି ଦାସଙ୍କ ୩୫ ବର୍ଷୀୟ ଶତ ପ୍ରତିଶତ ଦିବ୍ୟାଙ୍ଗ ଝିଅ ଅନୁପମା ଦାସଙ୍କ ଆଧାର ପଞ୍ଜିକରଣ ହୋଇଛି। ଏଥିସହ ତାଙ୍କୁ ଏକ ହ୍ୱିଲ୍‌ଚେୟାର ଓ ତିନି ମାସର ଭତ୍ତା ଟଙ୍କା ପ୍ରଦାନ କରାଯାଇଛି।



ଅନୁପମାଙ୍କ ଆଧାର କାର୍ଡ ହୋଇନଥିବାରୁ ୟୁଡିଆଇଡି ପ୍ରମାଣପତ୍ର ହୋଇପାରୁନଥିଲା। ରାସନ କାର୍ଡରେ ନାମ ଥିଲେ ମଧ୍ୟ ସେ ଚାଉଳ ପାଇବାରୁ ବଞ୍ଚିତ ହେଉଥିଲେ। ଏପରିକି ତାଙ୍କ ଭତ୍ତା ମଧ୍ୟ ବନ୍ଦ ହୋଇଯାଇଥିଲା। ଏହି ସମସ୍ୟାକୁ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ସଦସ୍ୟମାନେ ଲୋକଲୋଚନକୁ ଆଣିବା ପରେ ଦୈନିକ ଖବରକାଗଜ 'ସଂଚାର'ରେ ୩ ସେପ୍ଟେମ୍ବର ୨୦୨୫ରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତତ୍ପରତା ପ୍ରକାଶ କରି ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲା। ପରେ ଅନୁପମାଙ୍କ ନୂତନ ରାସନ କାର୍ଡ କରାଯାଇଥିଲା। ହେଲେ ଆଧାର ପଞ୍ଜିକରଣ ହୋଇନଥିବାରୁ ସମସ୍ୟା ରହିଥିଲା।

ମଙ୍ଗଳବାର ତେରଗାଁ ପଞ୍ଚାୟତରେ ତ୍ରିରଙ୍ଗା ଯାତ୍ରାରେ ସାମିଲ ହୋଇଥିବା ମହାକାଳପଡ଼ା ବିଧାୟକ ଅନୁପମାଙ୍କ ଗୁହାରି ଶୁଣିଥିଲେ। ପ୍ରଶାସନିକ ଅଧିକାରୀଙ୍କ ସହ କଥା ହୋଇ ତାଙ୍କ ସମସ୍ୟାର ଶୀଘ୍ର ସମାଧାନ ପାଇଁ ପଦକ୍ଷେପ ନେବାକୁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ।

ବିଧାୟକଙ୍କ ନିର୍ଦ୍ଦେଶକ୍ରମେ ଆଜି ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ ରଞ୍ଜନ ପରିଡ଼ାଙ୍କ ନେତୃତ୍ୱରେ ଏକ ଟିମ୍ ଅନୁପମାଙ୍କ ବାସଭବନରେ ପହଞ୍ଚି ତାଙ୍କର ଆଧାର ପଞ୍ଜିକରଣ କରାଇଥିଲେ। ଏଥିସହ ବିଭାଗ ପକ୍ଷରୁ ତାଙ୍କୁ ହ୍ୱିଲ୍‌ଚେୟାର ଓ ତିନି ମାସର ଭତ୍ତା ପ୍ରଦାନ କରାଯାଇଛି। ଆଧାର କାର୍ଡ ମିଳିବା ପରେ ଅନୁପମାଙ୍କ ୟୁଡିଆଇଡି ପ୍ରମାଣପତ୍ର କରାଯିବ ବୋଲି ଜଣାପଡ଼ିଛି।

## ପଟ୍ଟାମୁଣ୍ଡାଇ ପୁଲିସର ସଫଳତା: ୨୪ଘଣ୍ଟା ମଧ୍ୟରେ ୩ ଚୋର ଗିରଫ

ପଟ୍ଟାମୁଣ୍ଡାଇ,୧୨।୮(ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ବଜାର ସମେତ ବେଲତଳ ଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଚୋରୀ ଘଟଣା ପଟ୍ଟାମୁଣ୍ଡାଇ ପୁଲିସ ପ୍ରତି ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା । ଚୋର ଦଳକୁ ଗିରଫ କରି ସମସ୍ତ ଚୋରୀ ଘଟଣାର ପର୍ଦ୍ଦାଫାଶ କରିବା ପାଇଁ କେନ୍ଦ୍ରାପଡ଼ା ଏସପି ସିଦ୍ଧାର୍ଥ କଟାରିଆଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଥିଲେ । ସୁଯୋଗ ଅପେକ୍ଷାରେ ଥିବା ପୁଲିସକୁ ଗତକାଲି ପଟ୍ଟାମୁଣ୍ଡାଇ ବଜାର ହୋଲସେଲ ଫଳ ଦୋକାନ ଚୋରି ଘଟଣା ଓ ସେଠାରେ ଥିବା ସିସି କ୍ୟାମେରା ପୁଲିସକୁ ଚୋର ଧରିବା ପାଇଁ ସାହାଯ୍ୟ କରିଥିଲା ।

ପ୍ରକାଶ ଯେ ଗତକାଲି ବିଳମ୍ବିତ ରାତିରେ ପଟ୍ଟାମୁଣ୍ଡାଇ ବଜାରସ୍ଥ ହୋଲସେଲ ଫଳ ଦୋକାନୀ କଷଣଅଣ୍ଟା ଗ୍ରାମର ଅଭିରାମ ସ୍ୱାଇଁଙ୍କ ଦୋକାନ ତାଲା ଭାଙ୍ଗି ଚୋରମାନେ ଦୋକାନ ମଧ୍ୟରେ ପ୍ରବେଶ କରି ନଗଦ ୭୦ହଜାର ଟଙ୍କା ଚୋରୀ କରି ନେଇଥିଲେ। ଫଳ ଦୋକାନୀ ଅଭିରାମ ସ୍ୱାଇଁ ଏ ନେଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପଟ୍ଟାମୁଣ୍ଡାଇ ବଜାର ସମେତ ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ଚୋରୀ ଘଟଣା ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିବାରୁ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ଏହାକୁ ଗୁରୁତର ସହ ନେଇ ତ୍ୱରିତ ତଦନ୍ତ ଆରମ୍ଭ କରିଥିଲେ । ତେବେ ସେଠାରେ ଥିବା ସି ସି ଟି ଭି ଫୁଟେଜ ଯାଞ୍ଚ ପରେ ଗୋଟିଏ ଚୋରକୁ ପୁଲିସ ଚିହ୍ନି ପାରିଥିଲା । ଏହି ଘଟଣା ଜାଣି ପାରି ଆଜି ଚୋରମାନେ ପଟ୍ଟାମୁଣ୍ଡାଇ ଛାଡି ଫେରାର ହେବାକୁ ଉଦ୍ୟମ କରୁଥିବାବେଳେ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ସଦଳବଳେ କଷଣଅଣ୍ଟା ନିକଟରେ ୩ଜଣ ଚୋରକୁ ମାଡି ବସିଥିଲେ ।

ଉକ୍ତ ଚୋର ମାନଙ୍କୁ ଥାନାକୁ ଧରି ଆଣି ଜେରା କରିବା ପରେ ସେମାନେ ପଟ୍ଟାମୁଣ୍ଡାଇ ବଜାର ଫଳ ଦୋକାନ, ବେଲତଳ ଚୋରୀ ଘଟଣା ସମେତ ପୌରାଞ୍ଚଳର ବିଭିନ୍ନ ଚୋରୀ ଘଟଣାରେ ସମ୍ପୃକ୍ତ ଥିବା ସ୍ୱୀକାର କରିଥିଲେ । ସ୍ଥାନୀୟ ପୁଲିସ ଥାନା କେଶ ନଂ ୩୩୨ରେ ଏକ ଚୋରୀ ମୋକଦମା ରୁଜୁ କରି ପଟ୍ଟାମୁଣ୍ଡାଇ ପୌର ପରିଷଦ ୧୧ନଂ ୱାର୍ଡ ମୁସଲମାନବସ୍ତିର ସେକ ସମସେର ଓରଫ ଜୈନୁଲ ଖାଁ(୨୦),ସେକ ଗରିବୁଲ୍ଲା(୨୫),ସବୀରୁଦ୍ଦିନ ଖାଁ (୩୩)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଉକ୍ତ ଚୋର ମାନଙ୍କ ଠାରୁ ନଗଦ ୩୫ହଜାର ଟଙ୍କା ଜବତ କରିଛି । ଏହି ଚୋରୀ ସମ୍ପୃକ୍ତ ଅନ୍ୟ ୨ଜଣ ଚୋର ଫେରାର ଥିବାରୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୋଲିସ ସେମାନଙ୍କୁ ଗିରଫ କରିବା ପାଇଁ ଜାଲ ବିଚାଇଛି । ସେମାନେ ଖୁବ ଶୀଘ୍ର ଗିରଫ ହେବେ ବୋଲି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇ ଆଇ ସି ବନ୍ଦନା ପାତ୍ର ପ୍ରକାଶ କରିଛନ୍ତି । ଚୋରୀର ୨୪ଘଣ୍ଟା ମଧ୍ୟରେ ଚୋର ଗିରଫ ହୋଇ କୋର୍ଟ ଚାଲାଣ ହେବା ଘଟଣାରେ ପଟ୍ଟାମୁଣ୍ଡାଇ ପୋଲିସକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି ।

## କୁଟୁଣିଆ ନୂଆ ସାହି ବସ୍ତିରେ ବୁଲିଲା ବୁଲଡୋଜର

### ମାଟିରେ ମିଶିଲା ଶହ ଶହ ବେଆଇନ ଜବରଦଖଲ ଘର

### ବସ୍ତିବାସିନ୍ଦା ସହ ପୁଲିସ ପ୍ରଶାସନ ମୁହାଁମୁହିଁ



ଢେଙ୍କାନାଳ ,୧୨।୮(ସଂଚାର ବ୍ୟୁରୋ): ଆଜି ଢେଙ୍କାନାଳ ସହରର ୯ ନମ୍ବର ୱାର୍ଡ କୁଟୁଣିଆ ଜବର ଦଖଲ ବସ୍ତି ଉଚ୍ଛେଦ ପାଇଁ ପୋଲିସ ପ୍ରଶାସନ ପହଞ୍ଚିବା ପରେ ଦେଖିବାକୁ ମିଳିଥିଲା ତିବ୍ର ବିରୋଧ, ପୋଲିସ ଓ ବସ୍ତି ବାସିନ୍ଦାଙ୍କ ଭିତରେ ଠେଲାପେଲା ସହ କିଛି ସମୟ ପାଇଁ ଉତ୍ତେଜନା ମୂଳକ ପରିସ୍ଥିତି ବି ସୃଷ୍ଟି ହୋଇଥିଲା। ହେଲେ ଶେଷରେ ବୁଲଡୋଜର ଲଗାଇ ମାଳ ମାଳ ପୋଲିସ ଉପସ୍ଥିତିରେ ଚାଲିଲା ଉଚ୍ଛେଦ ପ୍ରକ୍ରିୟା, ବସ୍ତି ବାସିନ୍ଦାଙ୍କ ତିବ୍ର ବିରୋଧ ସତ୍ତ୍ୱେ ମାଟିରେ ମିଶିଲା ଶହ ଶହ ବେଆଇନ କୋଠାଘର।

ଢେଙ୍କାନାଳ ସହରର ୯ ନମ୍ବର ୱାର୍ଡ କୁଟୁଣିଆ ପାହାଡ ତଳେ ଦୀର୍ଘ ଦଶ ବର୍ଷ ଧରି ଏଠାରେ ଗଢ଼ି ଉଠିଥିଲା ଶହଶହ ଜବର ଦଖଲ ବେଆଇନ କୋଠାଘର, କିଛି ବାଙ୍ଗଲାଦେଶୀ ବି ଏଠାରେ ନିଜର ଆଡ୍ଡା ଜମାଇଥିବା ଅଭିଯୋଗ ହୋଇଥିଲା। କୁଟୁଣିଆ ସାହିରେ ୧୯୦ରୁ ଉର୍ଦ୍ଧ୍ୱ ଘର ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ପାଖାପାଖି ୮୦ ରୁ ଅଧିକ ଲୋକଙ୍କୁ ୨୦୧୬ ମସିହାରେ ଡ୍ରୋନ ସର୍ଭେ କରାଯାଇ ଗୁଣ୍ଠିକିଆ ପଟ୍ଟା ଦିଆ ଯାଇଥିଲା। ପରେ ଅନେକ ଲୋକ ଏଠାରେ ଜବରଦଖଲରେ ରହି ଆସୁଥିଲେ। ଯାହାକୁ ଆଜି ପୁଲିସ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ସମ୍ପୂର୍ଣ୍ଣ ମାଟିରେ ମିଶାଇ ଦିଆଯାଇଛି।

ଏପଟେ ଖବରପାଇ ଘଟଣାସ୍ଥଳରେ ବିଜେଡି ଓ କଂଗ୍ରେସର ଏକ ଟିମ୍ ପହଞ୍ଚି ଏହାକୁ ତିବ୍ର ବିରୋଧ କରିଥିଲେ। ସହରର ନିହାତି ଆବଶ୍ୟକ ସ୍ଥାନ ଗୁଡିକରେ ଉଚ୍ଛେଦ କରାନଯାଇ ଗରିବଙ୍କ ଉପରେ ସରକାର ଦାଉ ସାଧୁଛନ୍ତି ବୋଲି ଅଭିଯୋଗ କରିଛି ବିଜେଡି।

କୁଟୁଣିଆ ପାହାଡ ତଳେ ସରକାରଙ୍କ ପକ୍ଷରୁ ସୁଲଭ ଆବାସ ପ୍ରକଳ୍ପ ସାଙ୍ଗକୁ ଇକୋ ପାର୍କ ବା ପରିବେଶ ଉଦ୍ୟାନ କରାଯିବାକୁ ସ୍ଥିର ହୋଇଥିବାରୁ ଏହି ଜବରଦଖଲ କୁ ଉଚ୍ଛେଦ କରାଯାଉଛି ବୋଲି କହିଛନ୍ତି ପୌର ନିର୍ବାହୀ ଅଧିକାରୀ।

## 'ହର ଘର ତ୍ରିରଙ୍ଗା ଘର ଘର ତ୍ରିରଙ୍ଗା' କାର୍ଯ୍ୟକ୍ରମ




ନୀଳଗିରି,୧୨।୮(ସଂଚାର ବ୍ୟୁରୋ): ଆଜି ନୀଳଗିରି ନିର୍ବାଚନ ମଣ୍ଡଳୀର କାଣ୍ଡଗରଡି ପଞ୍ଚାୟତର ବିଶ୍ୱେଶ୍ୱର ପାହାଡ଼ ଉପରେ ବାଲେଶ୍ୱର ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ଏକ ଭବ୍ୟ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଅଛି। ଏହି ତ୍ରିରଙ୍ଗା ଶୋଭାଯାତ୍ରାରେ ବାରାକୋଇଲି ଛକ ଠାରୁ ଏକ ବିଶାଳ ବାଇକ ରାଲି ବାହାରି ବିଶ୍ୱେଶ୍ୱର ମହାଦେବ ମନ୍ଦିର ଠାରେ ପହଞ୍ଚିଥିଲେ। ଏହାପରେ ବିଶ୍ୱେଶ୍ୱର ପାହାଡ଼ ଉପରକୁ ଚଢି ୫୦ ଫୁଟର ତ୍ରିରଙ୍ଗା ପତାକା ଏବଂ ହାତରେ ତ୍ରିରଙ୍ଗା ଧରି ଯୁବମୋର୍ଚ୍ଚାର ସଦସ୍ୟ ମାନେ ଏକ ସୁନ୍ଦର ଶୋଭାଯାତ୍ରା କରିଥିଲେ । ଭାରତ ମାତା କି ଜୟ,ବନ୍ଦେ ମାତରଂ ନାରାରେ ବିଶ୍ୱେଶ୍ୱର ପାହାଡ଼ର ଶୀର୍ଷରେ ଚଢି ତ୍ରିରଙ୍ଗାକୁ ସୁନ୍ଦର ଭାବରେ ପ୍ରଦର୍ଶନ କରିଥିଲେ । ଏହି ଭଳି ଶୋଭାଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ରାଷ୍ଟ୍ର ପ୍ରେମ, ରାଷ୍ଟ୍ରୀୟ ଭାବନାକୁ ସୁଦୃଢ଼ କରିବା ଏବଂ ତ୍ରିରଙ୍ଗା ପ୍ରତି ଥିବା ସମ୍ମାନକୁ ଦେଶର ଆଗାମୀ ଭବିଷ୍ୟତ ଅମୃତ ପିଢ଼ିଙ୍କ ଭିତରେ ରାଷ୍ଟ୍ର ପ୍ରତି ଭଲ ପାଇବା ସୃଷ୍ଟି କରିବା ଏହାର ମୂଳ ଉଦ୍ଦେଶ୍ୟ ବୋଲି ଯୁବମୋର୍ଚ୍ଚାର ସଦସ୍ୟ ମାନେ ମତପ୍ରକାଶ କରିଛନ୍ତି ।

ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରା,ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ,ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ନାରାୟଣ ମହନ୍ତ,ରାଜ୍ୟ ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଦେବାଶିଷ ଆଚାର୍ଯ୍ୟ,ଜିଲ୍ଲା ପରିଷଦ ସଭ୍ୟା ଉଷାରାଣୀ ରାଉଳ,ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ନନ୍ଦ,ଉପସଭାପତି ବିଜୟ ସାହୁ,ଜିଲ୍ଲା ସମ୍ପାଦକ ବଳରାମ ବିଶ୍ୱାଳ, ସରପଞ୍ଚ ରାଜେନ୍ଦ୍ର ରାଉତ, ମଣ୍ଡଳ ସଭାପତି ଅନନ୍ତ ଗିରିଙ୍କ ସମେତ ଶତାଧିକ ଯୁବମୋର୍ଚ୍ଚାର ସଦସ୍ୟ ସାମିଲ ହୋଇଥିଲେ ।

## ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ଗାଦିମଡ଼ା କର୍ମଚାରୀଙ୍କ ବଦଳି କେବେ ?

କେନ୍ଦ୍ରାପଡ଼ା,୧୨।୮ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ବର୍ଷ ବର୍ଷ ଧରି ବାବୁ ମାନେ କାର୍ଯ୍ୟ କରୁଥିଲେ ମଧ୍ୟ ପ୍ରଶାସନ ସେମାନଙ୍କ ଠାରେ ହାତ ମାରି ପାରିଲା ନାହିଁ। ଯେତେବେଳେ କି କିଏ ୩୦ ବର୍ଷ ତ ପୁଣି କିଏ ୧୫ ବର୍ଷ ଅବା ୧୧ ବର୍ଷ ଧରି ଗୋଟିଏ ସ୍ଥାନରେ ରହି କାମ କରୁଥିବା ଦେଖିବାକୁ ମିଳିଛି।

ବରିଷ୍ଠ ଷ୍ଟେନୋ ଭବେଶ ଦାସ ୧୯୯୫ ମସିହାରୁ ଏଠାରେ ଦୀର୍ଘ ୩୦ ବର୍ଷରୁ ଅଧିକ ସମୟ ଧରି କାମ କରିବା ପରେ ଅବସର ନେଇଥିଲେ। କମ୍ପ୍ୟୁଟର ପ୍ରୋଗ୍ରାମର ପ୍ରିୟଦର୍ଶନ ସ୍ୱାଇଁ ୨୦୧୯ ମସିହାରୁ ୮ବର୍ଷ ହେଲା ଏଠାରେ କାର୍ଯ୍ୟରତ ଅଛନ୍ତି। ପ୍ରୋଗ୍ରାମ ମ୍ୟାନେଜର ଅବଦୁଲ ରହେମାନ ଖାନ୍ ୨୦୧୧ ମସିହାରୁ ୧୫ ବର୍ଷରୁ ଅଧିକ ସମୟ ବିତିଲାଣି। ପ୍ରୋଗ୍ରାମ ମ୍ୟାନେଜର ଜ୍ୟୋତିପ୍ରକାଶ ଦାଶ ୨୦୧୦ ମସିହାଠାରୁ କାମ କରୁଥିବା ବେଳେ ଏଠାରେ ତାଙ୍କର ୧୬ ବର୍ଷରୁ ଅଧିକ ସମୟ ବିତିଲାଣି। ସେହିପରି ପ୍ରୋଗ୍ରାମ ମ୍ୟାନେଜର ପୁଷ୍ପଲତା ରାଉଳ ମଧ୍ୟ ୨୦୧୩ ମସିହାରୁ କାମ କରୁଥିବା ବେଳେ ତାଙ୍କର ୧୩ ବର୍ଷ ଅତିକ୍ରାନ୍ତ କରିସାରିଲାଣି । ପ୍ରୋଗ୍ରାମ ମ୍ୟାନେଜର ମନମୋହିନୀ ମହାନ୍ତି ୨୦୧୪ ମସିହାରୁ ଅଦ୍ୟାବଧି ସାଢ଼େ ୧୨ବର୍ଷ ହେଲା କାର୍ଯ୍ୟରତ ଅଛନ୍ତି। ପ୍ରୋଗ୍ରାମ ମ୍ୟାନେଜର ମନିଷା ଗୁପ୍ତା ମଧ୍ୟ ୨୦୧୬ ମସିହାରୁ ୧୦ବର୍ଷ ହେଲା ସମାନ ସ୍ଥାନରେ କାମ କରୁଛନ୍ତି। ପ୍ରୋଗ୍ରାମ ମ୍ୟାନେଜର ସୁକନ୍ୟା ଦିବ୍ୟଜ୍ୟୋତି ସ୍ୱାଇଁ ୨୦୨୦ ମସିହାରୁ ୬ବର୍ଷ ଗୋଟିଏ ଯାଗାରେ କାର୍ଯ୍ୟରତ ଅଛନ୍ତି। ସେହିପରି କନିଷ୍ଠ କିରାଣୀ ପ୍ରମିଳା ମିଶ୍ର ୨୦୧୭ ମସିହାରୁ ୦୯ବର୍ଷ ହେଲା କାମ କରୁଛନ୍ତି। ଜୁନିୟର ଷ୍ଟେନୋ ମନୋଜ କୁମାର ପରିଡ଼ା ୨୦୧୬ମସିହାରୁ ଦୀର୍ଘ ୧୦ବର୍ଷ ହେଲା ଗୋଟିଏ ଯାଗାରେ ରହିଛନ୍ତି। ଏନ୍‌ଆରଇଜିଏସ ଆସିଷ୍ଟାଣ୍ଟ କୃଷ୍ଣଚନ୍ଦ୍ର ନାୟକ ୨୦୧୧ମସିହାରୁ ରହିଥିବା ବେଳେ ବିଶ୍ୱରଞ୍ଜନ ସ୍ୱାଇଁ ୨୦୧୮ ମସିହାରୁ ଗୋଟିଏ ଯାଗାରେ ଆଉଟ୍‌ସୋର୍ସିଂ ସଂସ୍ଥା ଜରିଆରେ କାମ କରୁଥିବା ବେଳେ ସେମାନେ ଯଥାକ୍ରମେ ୧୫ ବର୍ଷ ଓ ୮ବର୍ଷ ହେଲା କାର୍ଯ୍ୟରତ ଅଛନ୍ତି।

କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତିଙ୍କୁ ଏ ସମ୍ପର୍କରେ ମତାମତ ନେବାରୁ କହିଛନ୍ତି ଯେ ପ୍ରୋଗ୍ରାମ ମ୍ୟାନେଜର ମାନଙ୍କୁ ଠିକା ଭିତିରେ ସରକାର ନିଯୁକ୍ତି ଦେଇଛନ୍ତି। ସେମାନଙ୍କ ବଦଳି ବାବଦରେ ସରକାର ନିଷ୍ପତି ନେବେ। ସର୍ଭିସ ପ୍ରୋଭାଇଡର ସଂସ୍ଥା ନିଯୁକ୍ତି ଦେଇଥିବା କର୍ମଚାରୀଙ୍କ ବଦଳି ନିଷ୍ପତି ନେବ। ଅନ୍ୟ କିଛି କର୍ମଚାରୀ ସିଧାସଳଖ ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ନିଯୁକ୍ତ ପାଇଛନ୍ତି ଓ ଜିଲ୍ଲା ପରିଷଦ କାର୍ଯ୍ୟାଳୟର ଅନ୍ୟ କୌଣସି ଶାଖା କାର୍ଯ୍ୟାଳୟ ନଥିବାରୁ ସେମାନଙ୍କୁ ଅନ୍ୟତ୍ର ବଦଳି କରିବାର ବ୍ୟବସ୍ଥା ନାହିଁ।

ରାଜ୍ୟ ସରକାର ପକ୍ଷରୁ ବ୍ୟବସ୍ଥାର ସୁପରିଚାଳନା ତଥା ୩ ବର୍ଷରୁ ଉର୍ଦ୍ଧ୍ୱ ରହିଥିବା କର୍ମଚାରୀଙ୍କୁ ବଦଳି ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବାକୁ ନିର୍ଦ୍ଦେଶ ରହିଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ଦୀର୍ଘ ବର୍ଷ ଧରି ଗୋଟିଏ ଯାଗାରେ ଗାଦି ମାଡ଼ି ବସିଥିବା କର୍ମଚାରୀଙ୍କ କ୍ଷେତ୍ରରେ ବଦଳି ନିୟମ କେବେ କାର୍ଯ୍ୟକାରୀ କରାଯିବ, ତାହା ଜିଲ୍ଲା ପ୍ରଶାସନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ସୈନିକ ସମାଜ ପ୍ରଧାନଙ୍କୁ ସମ୍ବର୍ଦ୍ଧନା



ପଟ୍ଟାମୁଣ୍ଡାଇ,୧୨।୮(ସଂଚାର ବ୍ୟୁରୋ): ଦୀର୍ଘ ୨୦ ବର୍ଷ ଧରି ଦେଶ ସୁରକ୍ଷା ଦାୟିତ୍ୱରେ ରହି ଦେଶ ସେବା ରେ ବଳିଷ୍ଠ ଯୋଗଦାନ ଦେଇ କେନ୍ଦ୍ରାପଡା ଜିଲ୍ଲାକୁ ଗୌରବାନ୍ୱିତ କରିଥିବା ପଟ୍ଟାମୁଣ୍ଡାଇ ବ୍ଲକ୍ ବାଛରା ପଞ୍ଚାୟତ ମଣ୍ଡପଡ଼ା ଗ୍ରାମର ପ୍ରମୋଦ ପ୍ରଧାନଙ୍କ ସୁପୁତ୍ର ସମାଜ ପ୍ରଧାନ ସମ୍ପ୍ରତି ନିଜ କର୍ମକ୍ଷେତ୍ରରୁ ଅବସର ଗ୍ରହଣ କରି ଜନ୍ମମାଟିର ସେବା କରିବା ପାଇଁ ଆଗେଇ ଆସିଛନ୍ତି ।

ଦେଶ ସେବାରେ ତାଙ୍କର ଉଲ୍ଲେଖନୀୟ ଯୋଗଦାନ ପାଇଁ ରାଜ୍ୟ ବିଜେପି ନେତ୍ରୀ ସୁଜାତା ବାରିକଙ୍କ ନେତୃତ୍ୱରେ ବରିଷ୍ଠ ବିଜେପି ନେତା ପଞ୍ଚାନନ ବିଶ୍ୱାଳ ପାରେଶ୍ୱର ପାତ୍ର, ସଞ୍ଜୟସାହୁ ଅଭିରାମ ସାମଲ,ସମାଜସେବୀ ସନ୍ତୋଷ ସ୍ୱାଇଁ, ସତ୍ୟ ରଞ୍ଜନ ସ୍ୱାଇଁ, ରତିକାନ୍ତ ପ୍ରଧାନ,କୀର୍ତ୍ତି ଚନ୍ଦ୍ର ସାହୁ, ଋତୁରାଜ ପ୍ରଧାନ ପ୍ରମୁଖ ସୈନିକ ଶ୍ରୀ ପ୍ରଧାନଙ୍କୁ ତାଙ୍କ ବାସଭବନ ରେ ଭେଟି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହିତ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ତାଙ୍କର ଦୀର୍ଘ ନିରାମୟ ଜୀବନ ସହ ଜନ୍ମ ମାଟିର ସେବା କରିବା ପାଇଁ ସାହସ ଓ ସାମର୍ଥ୍ୟ ପ୍ରଦାନ କରିବାକୁ କାମନା କରିଥିଲେ ।

# ଲୋକଙ୍କ ଆକାଂକ୍ଷାକୁ ବାସ୍ତବ ରୂପଦେବ ଏମ୍ଏସ୍ଏମ୍ଇ: ରାଜ୍ୟପାଳ




ଭୁବନେଶ୍ୱର,୧୨।୮(ସଂଚାର ବ୍ୟୁରୋ): ସମାବେଶୀ ବିକାଶ ମାଧ୍ୟମରେ ରାଜ୍ୟର ଯୁବକ, ମହିଳା, ଶିଳ୍ପୀ ଏବଂ ପ୍ରଥମ ପିଢ଼ି ଉଦ୍ୟୋଗୀଙ୍କ ପାଇଁ ସୁଯୋଗ ସୃଷ୍ଟି କରାଯିବା ଆବଶ୍ୟକ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଛନ୍ତି। ଏତଦ୍‌ବ୍ୟତୀତ ଓଡ଼ିଶାର ଗ୍ରାମୀଣ ଓ ଆଦିବାସୀ ଅଞ୍ଚଳରେ ଉଦ୍ୟମିତାକୁ ଅଧିକ ଭାବେ ପ୍ରସାରିତ କରିବା ପାଇଁ ରାଜ୍ୟପାଳ ଆହ୍ୱାନ ଜଣାଇଛନ୍ତି। ଆଜି ଓଡ଼ିଶା ଆସେମ୍ବ୍ଲି ଅଫ୍ ସ୍ମଲ ଆଣ୍ଡ ମିଡିୟମ ଏଣ୍ଟରପ୍ରାଇଜେସ୍ (ଓଏଏସଏମଇ)ର ୪୧ତମ ପ୍ରତିଷ୍ଠା ଦିବସ ଓ ବାର୍ଷିକ ରାଜ୍ୟସ୍ତରୀୟ ସମ୍ମିଳନୀ-୨୦୨୬ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ କହିଛନ୍ତି ଯେ ପ୍ରତ୍ୟେକ ଯୁବକଙ୍କୁ ସୁଯୋଗ ପ୍ରଦାନ କରିବା ପାଇଁ ଉଦ୍ୟୋଗ ବିକଶିତ ହେବା ଜରୁରୀ। ସେହିଭଳି ଗ୍ରାମ ଓ ଛୋଟ ସହରଗୁଡ଼ିକର ସମୃଦ୍ଧି ପାଇଁ ଉଦ୍ୟୋଗକୁ ସେଠାକୁ ପହଞ୍ଚାଇବା ଆବଶ୍ୟକ। ବିକାଶକୁ କେବଳ ଶିଳ୍ପ କିମ୍ବା ବିନିଯୋଗର ଆକାର ଦୃଷ୍ଟିରୁ ମାପିବା ଉଚିତ ନୁହେଁ, ବରଂ ଲୋକଙ୍କ ପାଇଁ ଆମେ କେତେ ସୁଯୋଗ ସୃଷ୍ଟି କରୁଛୁ ତାହାଦ୍ୱାରା ମାପିବା ଉଚିତ ବୋଲି ରାଜ୍ୟପାଳ କହିଛନ୍ତି।

ଏମଏସଏମଇକୁ ଲୋକଙ୍କ ଆକାଂକ୍ଷାକୁ ବାସ୍ତବରେ ରୂପାନ୍ତରିତ କରିବାର ଏକ ଶକ୍ତିଶାଳୀ ମାଧ୍ୟମ ଭାବେ ବର୍ଣ୍ଣନା କରି ରାଜ୍ୟପାଳ କହିଛନ୍ତି ଯେ ଏହି କ୍ଷେତ୍ର କେବଳ ଅର୍ଥନୀତିର ଏକ ଅଂଶ ନୁହେଁ, ବରଂ ନିଯୁକ୍ତି, ଜୀବିକା ଏବଂ ଅର୍ଥନୈତିକ ସୁଯୋଗର ଏକ ପ୍ରମୁଖ ଉତ୍ସ। ଉନ୍ନତ ସହରଗୁଡ଼ିକରୁ ଅନ୍ୟ ସହର, ଗ୍ରାମ, ଆଦିବାସୀ ଅଞ୍ଚଳ ଓ ଆକାଂକ୍ଷୀ ଜିଲ୍ଲାଗୁଡ଼ିକୁ ଉଦ୍ୟୋଗକୁ ପହଞ୍ଚାଇବା ହେଉଛି ଏହାର ଶକ୍ତି। ଏମଏସଏମଇ ଓଡ଼ିଶାର ପାରମ୍ପରିକ ଶକ୍ତି ଏବଂ ଆଧୁନିକ ଆକାଂକ୍ଷା ମଧ୍ୟରେ ଏକ ସେତୁ ଭାବେ କାର୍ଯ୍ୟ କରେ। ଏହା ଶିଳ୍ପୀମାନଙ୍କୁ ବିଶ୍ୱ ବଜାର ସହ କୃଷି ଉତ୍ପାଦକୁ ମୂଲ୍ୟ ସଂଯୋଜିତ ଶିଳ୍ପ ସହ ଓ ସ୍ଥାନୀୟ ଦକ୍ଷତାକୁ ଉଦୀୟମାନ ପ୍ରଯୁକ୍ତି ସହ ସଂଯୋଗ କରେ ବୋଲି ସେ କହିଛନ୍ତି।

# ଏଆଇ, ରୋବୋଟିକ୍ସ ଓ ଜାପାନ ସେଣ୍ଟର ଅଫ୍ ଏକ୍ସିଲେନ୍ସ ଉଦ୍‌ଘାଟିତ




ଭୁବନେଶ୍ୱର,୧୨।୮(ସଂଚାର ବ୍ୟୁରୋ): ଭୁବନେଶ୍ୱରସ୍ଥିତ ନିଟକାଲ ଏଣ୍ଟରପ୍ରାଇଜ୍ ସର୍ଭିସେସ୍‌ର କ୍ୟାମ୍ପସରେ ଜାପାନିଜ୍ ଏସଏପି ସଫ୍ଟୱେର ଗ୍ଲୋବାଲ୍ କ୍ୟାପାବିଲିଟି ସେଣ୍ଟର (ଜିସିସି) ସହ ଏଆଇ, ରୋବୋଟିକ୍ସ ଓ ଜାପାନ ସେଣ୍ଟର ଅଫ୍ ଏକ୍ସିଲେନ୍ସର ଉଦ୍‌ଘାଟନ ହୋଇଛି। ଏହି ଅବସର ଓଡ଼ିଶାରେ ଆଧୁନିକ ପ୍ରଯୁକ୍ତି, ନବସୃଜନ ଓ ଶିଳ୍ପଭିତ୍ତିକ ଦକ୍ଷତା ବିକାଶ କ୍ଷେତ୍ରରେ ଏକ ନୂଆ ଅଧ୍ୟାୟର ଶୁଭାରମ୍ଭ କରିଛି। ଏହି ନୂତନ ପଦକ୍ଷେପ ଓଡ଼ିଶାର ବଢ଼ୁଥିବା ପ୍ରଯୁକ୍ତିଗତ ସାମର୍ଥ୍ୟ ଓ ନିବେଶ ପାଇଁ ରାଜ୍ୟର ଅନୁକୂଳ ପରିବେଶକୁ ପ୍ରତିଫଳିତ କରୁଛି। କୃତ୍ରିମ ବୁଦ୍ଧିମତା (ଏଆଇ), ରୋବୋଟିକ୍ସ, ସେମିକଣ୍ଡକ୍ଟର ଓ ଆଧୁନିକ ଡିଜିଟାଲ୍ ପ୍ରାତିଷ୍ଠାନିକ ଢାଞ୍ଚା ଭଳି ଭବିଷ୍ୟତମୁଖୀ କ୍ଷେତ୍ରରେ ଓଡ଼ିଶା ଦ୍ରୁତଗତିରେ ଏକ ଅଗ୍ରଣୀ ଗନ୍ତବ୍ୟସ୍ଥଳ ଭାବେ ଆଗେଇ ଚାଲିଛି। ଏହି କେନ୍ଦ୍ରଗୁଡ଼ିକ ମାଧ୍ୟମରେ ଉନ୍ନତ ପ୍ରଯୁକ୍ତିରେ ଦକ୍ଷ ମାନବ ସମ୍ବଳ ସୃଷ୍ଟି, ଗବେଷଣା ଓ ନବସୃଜନକୁ ପ୍ରୋତ୍ସାହନ, ଶିଳ୍ପ-ଶିକ୍ଷାନୁଷ୍ଠାନ ସହଭାଗିତା ବୃଦ୍ଧି ଓ ବିଶ୍ୱସ୍ତରୀୟ ପ୍ରଯୁକ୍ତି ସେବା ପ୍ରଦାନରେ ଓଡ଼ିଶାର ସାମର୍ଥ୍ୟ ଆହୁରି ସୁଦୃଢ଼ ହେବ। ବିଶେଷକରି ଯୁବପିଢ଼ିଙ୍କ ପାଇଁ ଉଚ୍ଚଦକ୍ଷତାଭିତ୍ତିକ ନିଯୁକ୍ତି ଓ ନୂଆ ସୁଯୋଗ ସୃଷ୍ଟିରେ ଏହା ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରିବ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଢ଼ ନେତୃତ୍ୱରେ ଓଡ଼ିଶା ପ୍ରଯୁକ୍ତିବିଦ୍ୟା ଓ ନବସୃଜନ କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ଭାବେ ନିଜର ସ୍ଥାନ ସୁଦୃଢ଼ କରୁଛି। ରାଜ୍ୟ ସରକାରଙ୍କ ଏଆଇ ପଲିସି, ସେମିକଣ୍ଡକ୍ଟର ନୀତି ମାଧ୍ୟମରେ ଭବିଷ୍ୟତର ପ୍ରଯୁକ୍ତି କ୍ଷେତ୍ରରେ ଥିବା ବ୍ୟାପକ ସମ୍ଭାବନାକୁ ସାକାର କରିବା ସହ ଓଡ଼ିଶାକୁ ଏକ ପ୍ରମୁଖ ଟେକ୍ନୋଲୋଜି ଓ ନବସୃଜନ ହବ୍ ଭାବେ ପରିଣତ କରିବା ପାଇଁ ନିରନ୍ତର ପ୍ରୟାସ ଜାରି ରହିଛି।

# କୋରିଅର କେନ୍ଦ୍ରରେ ଅଗ୍ନିକାଣ୍ଡ



ଭୁବନେଶ୍ୱର,୧୨।୮(ସଂଚାର ବ୍ୟୁରୋ): ବୁଧବାର ସକାଳେ ଭୁବନେଶ୍ୱରର ଜୟଦେବ ବିହାର ଅଞ୍ଚଳରେ ଥିବା ଏକ କୋରିଅର ସେବା କେନ୍ଦ୍ରରେ ଏକ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି। ପ୍ରାଥମିକ ସୂଚନା ଅନୁଯାୟୀ, ଭୋର ସମୟରେ ସ୍ଥାନୀୟ ଲୋକମାନେ ନିଆଁ ଲାଗିଥିବା ଦେଖିଥିଲେ। ସୂଚନା ପାଇବା ପରେ ୩ଟି ଅଗ୍ନିଶମ ସେବା ଦଳ ନିଆଁ ଲିଭାଇବା ପାଇଁ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ଏହି ଅଗ୍ନିକାଣ୍ଡରେ କେହି ଆହତ ହୋଇଥିବା ସୂଚନା ମିଳିନାହିଁ। ସୂଚନାନୁଯାୟୀ, ଅଗ୍ନିକାଣ୍ଡ ଫଳରେ କେନ୍ଦ୍ର ଭିତରେ ଗଚ୍ଛିତ ଥିବା ସାମଗ୍ରୀ ସବୁ ଜଳିପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡରେ ଔଷଧ, ଇଲେକ୍ଟ୍ରୋନିକ ସାମଗ୍ରୀ, ରାକ୍ଷୀ ଓ ଅନ୍ୟାନ୍ୟ ସାମଗ୍ରୀ ଥିବା ପାର୍ସଲଗୁଡ଼ିକ ପୋଡ଼ିଯାଇଛି, ଯାହାକୁ ବିଭିନ୍ନ ସ୍ଥାନକୁ ପଠାଯିବାର ଥିଲା। କୋରିଅର କାର୍ଯ୍ୟାଳୟରେ ସଂରକ୍ଷିତ ଅଧିକାଂଶ ଜିନିଷ ସମ୍ପୂର୍ଣ୍ଣ ପାଉଁଶ ହୋଇଯାଇଛି। ବିଦ୍ୟୁତ୍ ସର୍ଟସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଥିଲେ ମଧ୍ୟ ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

# ତ୍ରିରଙ୍ଗା ପଦଯାତ୍ରାରେ ପ୍ରଭାତ ବିଶ୍ୱାଳ ସାମିଲ

■ ବ୍ୟାନରରେ ଫଟୋ ନଥିବା ନେଇ ଚର୍ଚ୍ଚା



କଟକ, ୧୨।୮(ସଂଚାର ବ୍ୟୁରୋ): ଜିଲ୍ଲା ବିଜେପି ପକ୍ଷରୁ ବିଶାଳ ତ୍ରିରଙ୍ଗା ପଦଯାତ୍ରା ଆୟୋଜିତ ହୋଇଛି। ହାତରେ ତ୍ରିରଙ୍ଗା ଧରି ଓ ଦେଶଭକ୍ତିର ସ୍ଲୋଗାନ ଦେଇ ବିଜେପି କର୍ମୀ ଓ ସମର୍ଥକମାନେ ଏହି ଭବ୍ୟ ପଦଯାତ୍ରାରେ ସାମିଲ ହୋଇଛନ୍ତି। ଏହି ତ୍ରିରଙ୍ଗା ପଦଯାତ୍ରାରେ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ଯୋଗ ଦେଇଛନ୍ତି। ତେବେ କାର୍ଯ୍ୟକ୍ରମରେ ଲାଗିଥିବା ବ୍ୟାନରରେ ତାଙ୍କ ଫଟୋ ନଥିବାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ଏ ବାବଦରେ ମତଦେଇ ପ୍ରଭାତ କହିଛନ୍ତି ଯେ, ସେ ଫଟୋ ରାଜନୀତିରେ ବିଶ୍ୱାସ କରନ୍ତି ନାହିଁ। ଦେଶର ସ୍ୱାଧୀନତା ଓ ଦେଶଭକ୍ତିକୁ କେନ୍ଦ୍ର କରି ଆୟୋଜିତ ଏଭଳି କାର୍ଯ୍ୟକ୍ରମରେ ବ୍ୟକ୍ତିଗତ ଫଟୋ କିମ୍ବା ପ୍ରଚାର ଅପେକ୍ଷା ଦେଶର ସ୍ୱାର୍ଥ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି।

# ଫୋର୍ଜିଟ ଆଉଟଲେଟ୍ ଉଦ୍‌ଘାଟିତ



କଟକ, ୧୨।୮(ସଂଚାର ବ୍ୟୁରୋ): ଓଡ଼ିଶାର ଅଗ୍ରଣୀ ଖାଦ୍ୟ ଉଦ୍ୟୋଗ 'ଫୋର୍ଜିଟ'ର ୨୨ତମ ଆଉଟଲେଟ 'ଗାୟତ୍ରୀ' ବୁଧବାର ନୂଆବଜାରଠାରେ ଉଦ୍‌ଘାଟିତ ହୋଇଯାଇଛି। ନୂତନ ଆଉଟଲେଟ୍‌କୁ ଓଡ଼ିଆ ଚଳଚ୍ଚିତ୍ର ନାୟିକା ଶିବାନୀ ସଂଗୀତା ଉଦ୍‌ଘାଟନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ରୁଚି ଫୁଡ୍ ଲାଇନର ଅଧକ୍ଷା ସଂଗୀତା ସାହୁ ଯୋଗଦେଇ ନୂତନ ଆଉଟଲେଟ ଜନସାଧାରଣଙ୍କ ଚାହିଦାକୁ ପୂରଣ କରିବା ସହ ଆଗାମୀ ଦିନରେ ରାଜ୍ୟର ବିଭିନ୍ନ ସ୍ଥାନରେ ଅଧିକ ଆଉଟଲେଟ୍ ଖୋଲି ଫୋର୍ଜିଟ ଗ୍ରାହକଙ୍କୁ ସୁସ୍ୱାଦୁ ଓ ଗୁଣାତ୍ମକ ଖାଦ୍ୟ ପରଷିବ ବୋଲି ସେ ମତବ୍ୟକ୍ତ କରିଥିଲେ। 'ଗାୟତ୍ରୀ' ଆଉଟଲେଟ୍‌ରେ ପିଜା, ବର୍ଗର, ସ୍ୟାଣ୍ଡୱିଚ୍, ପଫ୍, କେକ୍, ପେଟିସ୍, ପ୍ୟାଷ୍ଟ୍ରି, କଫି, ପାଉଁରୁଟି, କୁକିଜ୍, କୋଲ୍ଡ କଫି ସମେତ ବିଭିନ୍ନ ପ୍ରକାର ଖାଦ୍ୟ ପଦାର୍ଥ ସୁଲଭ ମୂଲ୍ୟରେ ଉପଲବ୍ଧ ହେବା ସହିତ ରସିଲେ, ଲିଚି ଆଦି ବିଭିନ୍ନ ପ୍ରକାରର ମୃଦୁପାନୀୟ ସୁଲଭ ମୂଲ୍ୟରେ ମିଳିପାରିବ ବୋଲି ଆଉଟଲେଟ୍ ମୁଖ୍ୟ ଆନନ୍ଦ ଦାସ ଓ ଗଣେଶ ସାହୁ କହିଛନ୍ତି। ଉଦ୍‌ଘାଟନର ପ୍ରଥମ ସପ୍ତାହରେ ଖାଦ୍ୟପ୍ରେମୀଙ୍କ ପାଇଁ ୧୫ ପ୍ରତିଶତ ବିଶେଷ ରିହାତି ରହିଥିବା ଆଉଟଲେଟ୍‌ର ସେଲ୍ସ ବିଭାଗ ମୁଖ୍ୟ ଅଂଶୁମାନ ପତି ସୂଚନା ଦେଇଥିଲେ।

# ପାର୍ବଣକୁ ଦୃଷ୍ଟିରେ ରଖି ଜବରଦଖଲ ଉଚ୍ଛେଦ

କଟକ, ୧୨।୮ (ସଂଚାର ବ୍ୟୁରୋ): ଆଗାମୀ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ମହାନଦୀ ବିହାରସ୍ଥିତ ଏକ ସରକାରୀ ଜମିରେ ଥିବା ବେଆଇନ ଘରକୁ ବୁଧବାର ବୁଲଡୋଜର ଲଗାଇ ଉଚ୍ଛେଦ କରାଯାଇଛି। ଉକ୍ତ ସ୍ଥାନଟି ଅନ୍ଧାରରେ ଥିଲା। କେତେକ ଅସାମାଜିକ ତତ୍ତ୍ୱ ସେଠାରେ ଖଟି କରିବା ଓ ନିଶା ସେବନ କରି ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପ ଘଟାଉଥିଲେ। ବିଶେଷକରି ଶଗଡ଼ିଆ ସାହି, ପ୍ରଫେସର ପଡ଼ା ଓ ଚାଉଳିଆଗଞ୍ଜ ଅଞ୍ଚଳର ଯୁବକମାନେ ସେଠାରେ ନିୟମିତ ଭାବେ ଏକତ୍ରିତ ହୋଇ ଖଟି କରୁଥିବା ନଜରକୁ ଆସିଥିଲା। ଆଗାମୀ ପର୍ବ ସମୟରେ ଏଭଳି ସ୍ଥାନକୁ ଅସାମାଜିକ କାର୍ଯ୍ୟକଳାପର ଆଡ୍ଡାରେ ପରିଣତ ହେବାରୁ ରୋକିବା ତଥା ନିଶା ସେବନକୁ ନିୟନ୍ତ୍ରଣ କରିବା ଏବଂ ଜନସାଧାରଣଙ୍କ ସୁରକ୍ଷା ଓ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଉଦ୍ଦେଶ୍ୟରେ ଏଭଳି ପ୍ରତିଷେଧାତ୍ମକ ପଦକ୍ଷେପ ନିଆଯାଇଛି।

# ୫୫ ପୁଲିସ୍ ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ମାନିତ କଲେ ଡିଜିପି



ଭୁବନେଶ୍ୱର,୧୨।୮(ସଂଚାର ବ୍ୟୁରୋ): ଆଜି ଭୁବନେଶ୍ୱରସ୍ଥିତ ପୁଲିସ ଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ୫୫ ଜଣ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଡିଜିପି ଡିସ୍କ ପ୍ରଦାନ ପୂର୍ବକ ସମ୍ମାନିତ କରିଛନ୍ତି। ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ସେବା, କର୍ତ୍ତବ୍ୟନିଷ୍ଠା ଓ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ନିମନ୍ତେ ଡିଜିପି ଶ୍ରୀ ଖୁରାନିଆ ପଦକ ଓ ମାନପତ୍ର ପ୍ରଦାନ କରିଛନ୍ତି।

ପଦକପ୍ରାପ୍ତଙ୍କ ମଧ୍ୟରେ ନିର୍ଦ୍ଦେଶକ (ଏସଆଇଡବ୍ଲ୍ୟୁ) ଅବିନାଶ କୁମାର, ଡିଆଇଜି (କ୍ରାଇମବ୍ରାଞ୍ଚ) ବି. ଗଙ୍ଗାଧର, ବ୍ରହ୍ମପୁର ଏସପି ଡ. ଶ୍ରବଣ ବିବେକ ଏମ, ଅନୁଗୋଳ ଏସପି ରାହୁଲ ଜୈନ, ନୟାଗଡ଼ ଏସପି ଶୁଭେନ୍ଦୁ କୁମାର ପାତ୍ର, ଗଞ୍ଜାମ ଏସପି ହରିଶ ବିସି, ଜଗତସିଂହପୁର ଏସପି ଅଙ୍କିତ କୁମାର ବର୍ମା, ନବରଙ୍ଗପୁର ଏସପିକାର୍ଯ୍ୟପତ୍ରପାର୍ଥ ଜଗଦୀଶ, ବୌଦ୍ଧ ଏସପି କୁନ୍ଦନଦିପ ମୀନା, ଏସଓପି, ଆର. ଉଦୟଗିରି, ଗଜପତି ରାକେଶ କୁମାର ସାହୁ, କମାଣ୍ଡାଣ୍ଟ ଯାଜ୍‌ପୁର ଖାନ୍‌ଙ୍କ ସହ ୩ ଜଣ ଅତିରିକ୍ତ ଏସ୍‌ପି, ୨ ଜଣ ଡେପୁଟି କମାଣ୍ଡାଣ୍ଟ, ୩ ଜଣ ଡିଏସ୍‌ପି, ଜଣେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ, ୮ ଜଣ ଇନ୍‌ସପେକ୍ଟର, ୪ ଜଣ ସବ୍‌ଇନ୍‌ସପେକ୍ଟର, ୪ ଜଣ ଆସିଷ୍ଟାଣ୍ଟ ସବ୍‌ଇନ୍‌ସପେକ୍ଟର, ୫ ଜଣ ହାବିଲଦାର, ଜଣେ ଡ୍ରାଇଭର ଓ ୧୩ ଜଣ କନଷ୍ଟେବଲ/ଏପିଏସ/ସିପାହୀ ସାମିଲ ଅଛନ୍ତି। ସୂଚନାଯୋଗ୍ୟ ଯେ କାର୍ଯ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ନିମନ୍ତେ ୯୧ତମ ଓଡ଼ିଶା ପୁଲିସ ପ୍ରତିଷ୍ଠା ଦିବସ ଅବସରରେ ଉପରୋକ୍ତ ଅଧିକାରୀ ଓ କର୍ମଚାରୀଙ୍କ ନାମ ଘୋଷଣା କରାଯାଇଥିଲା। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପଦକ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଥିଲା।

# ପ୍ରକାଶ ପାଇଲା ମାଟ୍ରିକ ସପ୍ଲିମେଣ୍ଟାରୀ ଫଳାଫଳ

## ପାସ୍ ହାର ୬୩.୬୪ %

କଟକ,୧୨।୮ (ସଂଚାର ବ୍ୟୁରୋ): ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ସପ୍ଲିମେଣ୍ଟାରୀ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା-୨୦୨୬ ଫଳାଫଳ ପ୍ରକାଶ ପାଇଛି। ଚଳିତ ଥର ୫ ହଜାର ୭ ଶହ ୬୦ ଜଣ ଛାତ୍ରଛାତ୍ରୀ ସପ୍ଲିମେଣ୍ଟାରୀ ପରୀକ୍ଷା ଦେଇଥିଲେ। ଏମାନଙ୍କ ମଧ୍ୟରୁ ୩ହଜାର ୬ଶହ ୬୬ ଜଣ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ପାସ୍ ହାର ୬୩.୬୪ ପ୍ରତିଶତ ରହିଛି। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା-୨୦୨୬ର ଫଳାଫଳ ପ୍ରକାଶ ପାଇଛି। ୮ ହଜାର ୬ ଶହ ୯୮ ଜଣ ଷ୍ଟେଟ୍ ଓପନ୍ ସ୍କୁଲ୍ ପରୀକ୍ଷା ଦେଇଥିଲେ। ମୋଟ ୫ହଜାର ୪ଶହ ୫୦ ଜଣ ପାସ କରିଛନ୍ତି। ପାସ୍ ହାର ୬୨.୬୫ ପ୍ରତିଶତ ରହିଛି।

# ଉନ୍ନତ ସେମିକଣ୍ଡକ୍ଟର ପ୍ରଯୁକ୍ତିବିଦ୍ୟା ଶିଖିଲେ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀ

ଭୁବନେଶ୍ୱର,୧୨।୮(ସଂଚାର ବ୍ୟୁରୋ): ଓଡ଼ିଶାର ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ (ଇଏମ୍ଆର୍ଏସ୍)ର ୫ ମେଧାବୀ ଛାତ୍ରଛାତ୍ରୀ ବେଙ୍ଗାଲୁରୁର ଭାରତୀୟ ବିଜ୍ଞାନ ସଂସ୍ଥାନ (ଆଇଆଇଏସ୍‌ସି)ର ନାନୋ ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ସେଣ୍ଟର (ସିଇଏନ୍ଏସ୍ଇ)ରେ ଏକ ଦୁଇଦିନିଆ ସେମିକଣ୍ଡକ୍ଟର ତାଲିମ୍ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ସେମିକଣ୍ଡକ୍ଟର ବିଜ୍ଞାନ, ଉନ୍ନତ ଗବେଷଣା ସୁବିଧା, କ୍ଲିନ୍-ରୁମ୍ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ କ୍ୟାରିଅର ସୁଯୋଗ ପ୍ରଦାନ କରିବା ପାଇଁ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଷ୍ଟେମ୍ ପଦକ୍ଷେପ ଅଧୀନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି ତାଲିମ୍ କାର୍ଯ୍ୟକ୍ରମରେ ଇଏମ୍ଆର୍ଏସ୍, ଗିଧିବାସର ପ୍ରବୀଣ କୁମାର ନାୟକ ଓ ଗୀତାଞ୍ଜଳି ମହନ୍ତ, ଇଏମ୍ଆର୍ଏସ୍, ବହଲଦାର ଦୁଷ୍ମନ୍ତ ମାଝୀ ଏବଂ ଇଏମ୍ଆର୍ଏସ୍, ଧାଙ୍ଗେରାର ହୀରାମଣି ବାସ୍କେ ଓ ଫୁଲମଣି ସିଂ ଭାଗ ନେଇଥିଲେ। ଇଏମ୍ଆର୍ଏସ୍, ଗିଧିବାସର ଦେବସ୍ମିତା ପ୍ରିୟଦର୍ଶିନୀ ବେହେରା ଛାତ୍ରଛାତ୍ରୀଙ୍କ ସହ ଏସ୍‌କର୍ଟ ଶିକ୍ଷୟିତ୍ରୀ ଭାବେ ଗସ୍ତ କରିଥିଲେ। ପ୍ରଥମ ଦିନରେ ଛାତ୍ରଛାତ୍ରୀମାନେ ସେମିକଣ୍ଡକ୍ଟର ପ୍ରଯୁକ୍ତିବିଦ୍ୟା, କ୍ଲିନ୍-ରୁମ୍ ସୁରକ୍ଷା, ପ୍ରଦୂଷଣ ନିୟନ୍ତ୍ରଣ ଏବଂ ୱେଫର ପ୍ରକ୍ରିୟାକରଣ ଶିଖିଥିଲେ। ସେମାନେ ସ୍ୱତନ୍ତ୍ର ଅପ୍‌ଟିକ୍ସ, ବୈଦ୍ୟୁତିକ, ଯାନ୍ତ୍ରିକ, ଟ୍ରାନ୍ସମିସନ୍ ଇଲେକ୍ଟ୍ରୋନ୍ ମାଇକ୍ରୋସ୍କୋପି (ଟିଇଏମ୍)



ଏବଂ ସ୍କାନିଂ ଇଲେକ୍ଟ୍ରୋନ୍ ମାଇକ୍ରୋସ୍କୋପି (ଏସ୍ଇଏମ୍) ପ୍ରୟୋଗଶାଳା ମଧ୍ୟ ପରିଦର୍ଶନ କରିଥିଲେ। ଉନ୍ନତ ବୈଜ୍ଞାନିକ ଉପକରଣ, ଗବେଷଣା ସୁବିଧା ଓ ପ୍ରୟୋଗଶାଳା ଅଭ୍ୟାସ ମଧ୍ୟ ସେମାନେ ଦେଖିଥିଲେ। ସେହିପରି ଦ୍ୱିତୀୟ ଦିନରେ ସେମିକଣ୍ଡକ୍ଟର ନିର୍ମାଣ ଓ ସମ୍ପୂର୍ଣ୍ଣ ଉତ୍ପାଦନ ପ୍ରକ୍ରିୟା ଉପରେ ଧ୍ୟାନ ଦିଆଯାଇଥିଲା। ଛାତ୍ରଛାତ୍ରୀଙ୍କୁ ସଠିକ୍ ଉତ୍ପାଦନ କୌଶଳ ଓ ସୁରକ୍ଷା ପ୍ରୋଟୋକଲ ସହ ପରିଚିତ କରାଯାଇଥିଲା।

# ନନ୍ଦନକାନନରେ ବିଶ୍ୱ ହାତୀ ଦିବସ ପାଳିତ




ଭୁବନେଶ୍ୱର,୧୨।୮(ସଂଚାର ବ୍ୟୁରୋ): ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପକ୍ଷରୁ ବିଭିନ୍ନ ଆକର୍ଷଣୀୟ ଓ ସଚେତନତାମୂଳକ କାର୍ଯ୍ୟକ୍ରମ ସହ ବିଶ୍ୱ ହାତୀ ଦିବସ-୨୦୨୬ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଦାରୁଠେଙ୍ଗ ସରପଞ୍ଚ ତପନ ଚକ୍ରବର୍ତ୍ତୀ, ରଘୁନାଥପୁର ସରପଞ୍ଚ ଖୁଲଣା ମାଝୀ ଓ ନନ୍ଦନକାନନ ପ୍ରାଣୀ ଉଦ୍ୟାନର ଉପନିର୍ଦ୍ଦେଶକ ପ୍ରଦୀପ ମିରାସେ ଯୋଗଦେଇଥିଲେ। ଏହି ଅବସରରେ ହାତୀମାନଙ୍କ ପାଇଁ ସ୍ୱତନ୍ତ୍ର ଫିଡିଂ ଏନ୍‌ରିଚ୍‌ମେଣ୍ଟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବାସନ୍ତୀ, ହୀରା, ଆଶା ଓ ଲିଶା ହାତୀଙ୍କୁ ପ୍ରାକୃତିକ ଖାଦ୍ୟ ଗ୍ରହଣ ଆଚରଣକୁ ଉତ୍ସାହିତ କରିବା ସହ ସେମାନଙ୍କ ପୋଷଣ ଆବଶ୍ୟକତା ପୂରଣ ନିମନ୍ତେ ପୁଷ୍ଟିକର ଫଳ ଖାଦ୍ୟ ଦିଆଯାଇଥିଲା। ହାତୀଙ୍କ ଯତ୍ନ ଓ ପରିଚାଳନାରେ ନିରନ୍ତର ଓ ମୂଲ୍ୟବାନ ଅବଦାନ ପାଇଁ ନନ୍ଦନକାନନର ମାହୁନ୍ତମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ପର୍ଯ୍ୟଟକ ଓ ଛାତ୍ରଛାତ୍ରୀମାନଙ୍କୁ ହାତୀଙ୍କ ଆଚରଣ, କଲ୍ୟାଣ ଓ ସଂରକ୍ଷଣ ସମ୍ପର୍କରେ ସଚେତନ କରିବା ପାଇଁ କିପର୍ସ ଟକ୍, ଅନ୍ ଦ ସ୍ପଟ୍ କୁଇଜ୍ ଏବଂ ସ୍ୱାକ୍ଷର ଅଭିଯାନ ଆୟୋଜିତ ହୋଇଥିଲା।

ନନ୍ଦନକାନନର ଜୁ ଲାଇବ୍ରେରୀ ଆଣ୍ଡ ଡିଜିଟାଲ୍ ହବ୍‌ରେ ହାତୀ ସମ୍ପର୍କିତ କାହାଣୀ କଥନ, ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏସୀୟ ଓ ଆଫ୍ରିକୀୟ ହାତୀଙ୍କ ଭୂମିକା ପ୍ରଦର୍ଶନ, ହାତୀ ଓରିଗାମି, ହାତୀ ସଂରକ୍ଷଣ ସମ୍ପର୍କିତ ଚଳଚ୍ଚିତ୍ର ପ୍ରଦର୍ଶନ ଓ ହାତୀ ଚିତ୍ର ଉପରେ ହ୍ୟାଣ୍ଡ ପେଣ୍ଟିଂ ଭଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିସହ ଏଲିଫାଣ୍ଟ ଫ୍ରେମ୍ ମାଧ୍ୟମରେ ଫଟୋ ଉଠାଇବାର ସୁଯୋଗ ପର୍ଯ୍ୟଟକଙ୍କ ପାଇଁ ଉତ୍ସବରେ ଏକ ଆନନ୍ଦଦାୟକ ଓ ସ୍ମରଣୀୟ ଅନୁଭୂତି ଯୋଗାଇଥିଲା। କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ଦର୍ଶକଙ୍କ ପାଇଁ ନିର୍ଦ୍ଧାରିତ ସ୍ଥାନରୁ ହାତୀ ଆବାସସ୍ଥଳୀ ପରିଦର୍ଶନ କରାଯାଇଥିଲା। ଏହା ମାଧ୍ୟମରେ ସେମାନେ ହାତୀଙ୍କ ଜୀବବିଜ୍ଞାନ, ଯତ୍ନ ଓ ପରିଚାଳନା ସମ୍ପର୍କରେ ଜାଣିବା ସହ ଏକ୍ସ-ସିଟୁ ସଂରକ୍ଷଣର ବିଭିନ୍ନ ଦିଗକୁ ଅନୁଧ୍ୟାନ କରିବାର ସୁଯୋଗ ପାଇଥିଲେ।

# ବେଦାନ୍ତ ପାଳିଲା ବିଶ୍ୱ ଜନଜାତି ଦିବସ



ଭୁବନେଶ୍ୱର,୧୨।୮(ସଂଚାର ବ୍ୟୁରୋ): ଓଡ଼ିଶାର ଜନଜାତି ସମ୍ପ୍ରଦାୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପାଳନ କରି ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ, କଳାହାଣ୍ଡି ଜିଲ୍ଲାର ବୋରିଙ୍ଗପଦର ଓ ପାଲବେରୀ ଗ୍ରାମରେ ଗୋଷ୍ଠୀ ନେତୃତ୍ୱାଧୀନ କାର୍ଯ୍ୟକ୍ରମ ସହ ବିଶ୍ୱ ଜନଜାତି ଦିବସ ପାଳନ କରିଛି। ବୟସ୍କ, ମହିଳା, ଯୁବକ ଓ ପିଲାଙ୍କ ସମେତ ୩୫୦ରୁ ଅଧିକ ଜନଜାତି ସମ୍ପ୍ରଦାୟର ସଦସ୍ୟଙ୍କୁ ଏକାଠି କରି ଏହି ଉତ୍ସବ ପାରମ୍ପରିକ ଜ୍ଞାନ, ସ୍ୱଦେଶୀ ଖାଦ୍ୟ, ସାଂସ୍କୃତିକ ଅଭ୍ୟାସ ଏବଂ ପିଢ଼ି ପରେ ପିଢ଼ି ଅତିକ୍ରମ କରିଥିବା ଜନଜାତି ପରିଚୟ ପ୍ରଦର୍ଶନ କରିଥିଲା। ଉତ୍ସବରେ ଏକ ଜନଜାତି ପୋଷାକ ପ୍ରଦର୍ଶନୀ ଓ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବୟସ୍କମାନେ ଯୁବପିଢ଼ି ସହ କାହାଣୀ ଓ ପାରମ୍ପରିକ ଜ୍ଞାନ ବାଣ୍ଟିଥିଲେ, ଯାହାକି ସାଂସ୍କୃତିକ ପ୍ରଦର୍ଶନ ଓ ପାରମ୍ପରିକ ଖେଳ ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରିଥିଲା। ଜନଜାତି ସମ୍ପ୍ରଦାୟର ସଂସ୍କୃତି, ଯୋଗଦାନ ଓ ଅଧିକାରକୁ ସମ୍ମାନ ଜଣାଇବା ପାଇଁ ପାଳନ କରାଯାଉଥିବା ବିଶ୍ୱ ଜନଜାତି ଦିବସ ପାରମ୍ପରିକ ଜ୍ଞାନ ପ୍ରଣାଳୀର ସଂରକ୍ଷଣର ଗୁରୁତ୍ୱ ଉପରେ ମଧ୍ୟ ଆଲୋକପାତ କରେ।

● ବିଭିନ୍ନ ବିଭାଗର ଖର୍ଚ୍ଚ ନେଇ ଘେରିଲା କଂଗ୍ରେସ

# ବଜେଟ ପ୍ରଦତ୍ତ ଅର୍ଥର ଅଧା ବି ଖର୍ଚ୍ଚ କରିନାହାନ୍ତି




ଭୁବନେଶ୍ୱର,୧୨।୮(ସଂଚାର ବ୍ୟୁରୋ): ରାଜ୍ୟ ସରକାର କ୍ରମାଗତ ଭାବେ ଦୁଇ ଆର୍ଥିକ ବର୍ଷ ୨୦୨୪-୨୫, ୨୦୨୫-୨୬ ଓ ଚଳିତ ଆର୍ଥିକ ବର୍ଷ ୨୦୨୬-୨୭ରେ ବଜେଟ୍‌ର ଆକାରକୁ ବୃଦ୍ଧି କରିଛନ୍ତି ସତ, କିନ୍ତୁ ସରକାର ବଜେଟ ରାଶିର ଅର୍ଥକୁ ଖର୍ଚ୍ଚ କରିପାରୁନାହାନ୍ତି ବୋଲି ଅଭିଯୋଗ କରିଛି କଂଗ୍ରେସ। ଆଜି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ମୁଖପାତ୍ର ରଜନୀ କୁମାର ମହାନ୍ତି କହିଛନ୍ତି ଯେ ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କ ବଜେଟ୍‌ର ଆକାର ୨ ଲକ୍ଷ ୬୫ ହଜାର କୋଟି ଥିଲା। କିନ୍ତୁ ସେଇ ଆର୍ଥିକ ବର୍ଷରେ ସରକାର ୨୦ ପ୍ରତିଶତରୁ ଅଧିକ ଖର୍ଚ୍ଚ କରି ପାରିଲେନାହିଁ। ସେହିପରି ୨୦୨୫-୨୬ରେ ବଜେଟକୁ ୨ ଲକ୍ଷ ୯୦ ହଜାର କୋଟିକୁ ବୃଦ୍ଧି କରାଗଲା। କିନ୍ତୁ ରାଜ୍ୟ ସରକାରଙ୍କ ପ୍ରମୁଖ ୪୪ ବିଭାଗ ମଧ୍ୟରୁ ମାତ୍ର ୧୦ଟି ବିଭାଗର କାର୍ଯ୍ୟକୁ ସମୀକ୍ଷା କରିବା ପରେ କ୍ରୀଡ଼ା ଓ ଯୁବ ବ୍ୟାପାର ମାତ୍ର ୨୨.୬୮ ପ୍ରତିଶତ ଖର୍ଚ୍ଚ କରିଥିବା ବେଳେ ଏମଏସଏମଇ ବିଭାଗ ୩୭.୩୮ ପ୍ରତିଶତ, ଶିଳ୍ପ ବିଭାଗ ୫୦.୨୭ ପ୍ରତିଶତ, ଗ୍ରାମାଞ୍ଚଳ ବିକାଶ ବିଭାଗ ୭୫.୨ ପ୍ରତିଶତ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ୪୭ ପ୍ରତିଶତ ଖର୍ଚ୍ଚ କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା, ଉଚ୍ଚଶିକ୍ଷା ବିଭାଗ ବଜେଟ ବ୍ୟୟ ବରାଦ ଅର୍ଥରେ ମାତ୍ର ୧୦.୩୭ ପ୍ରତିଶତ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ୬୬.୨୮ ପ୍ରତିଶତ ଖର୍ଚ୍ଚ କରିଛନ୍ତି। ଗୋଟିଏ ପଟେ ମୁଖ୍ୟମନ୍ତ୍ରୀ ବିଭିନ୍ନ ପୋଷ୍ଟର ଓ ବ୍ୟାନର ଲଗାଇ ଓଡ଼ିଶା ସାରା ବିକାଶ ଧାରାର ମିଛ ଆତ୍ମପ୍ରଚାର କରୁଛନ୍ତି। କିନ୍ତୁ ବାସ୍ତବ ସ୍ଥିତି ହେଉଛି ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ବଜେଟ ବ୍ୟୟ ବରାଦ ଅର୍ଥକୁ ଖର୍ଚ୍ଚ କରିପାରୁନାହାନ୍ତି। ତେଣୁ ରାଜ୍ୟର ବିକାଶ କିଭଳି ହେବ ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି।

ସେ ଆହୁରି କହିଛନ୍ତି ଯେ ଯେଉଁ ବିଭାଗର ମନ୍ତ୍ରୀମାନେ ଅର୍ଥ ଖର୍ଚ୍ଚ କରିପାରୁନାହାନ୍ତି, ସେପରି ଅଯୋଗ୍ୟ ମନ୍ତ୍ରୀମାନଙ୍କୁ ମୁଖ୍ୟମନ୍ତ୍ରୀ ତୁରନ୍ତ ବିଦା କରିବା ଉଚିତ। କିଛି କାମ ନ କରୁଥିବା ମନ୍ତ୍ରୀମାନଙ୍କୁ ଅଯଥାରେ କାହିଁକି ସରକାର ସମସ୍ତ ସୁବିଧା ସୁଯୋଗ ଦେଉଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ମୁଖ୍ୟମନ୍ତ୍ରୀ ରାଜ୍ୟକୁ ପୁଞ୍ଜି ଆଣିବା ଲାଗି ବିଭିନ୍ନ ରାଜ୍ୟରେ ସମ୍ମିଳନୀ କରୁଛନ୍ତି। କିନ୍ତୁ ନିଜ ସରକାରଙ୍କ ଶିଳ୍ପ ଓ ଏମଏସଏମଇ ବିଭାଗ ବ୍ୟୟ ବରାଦ ଟଙ୍କା ଖର୍ଚ୍ଚ କରିପାରୁନାହାନ୍ତି। ଏହା ଆମ ସମସ୍ତଙ୍କ ପାଇଁ ଏକ ସତର୍କ ଘଣ୍ଟି । ଓଡ଼ିଶା ବିକାଶ ପଥରେ ଯାତ୍ରୀ ହେବା ପରିବର୍ତ୍ତେ ବିନାଶ ପଥରେ ଯାତ୍ରୀ ହେଲାଣି ବୋଲି ଶ୍ରୀ ମହାନ୍ତି କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଓପିସିସି ମିଡିଆ ସଦସ୍ୟ ଦେବାଶିଷ ମିଶ୍ର ଓ ଏସକେ ମୁସୀର ରିୟାଜ ମଧ୍ୟ ଉପସ୍ଥିତ ଥିଲେ।

# ୧୨ଘଣ୍ଟିଆ ଅନୁଗୋଳ ବନ୍ଦ ଡାକରା

ଭୁବନେଶ୍ୱର,୧୨।୮ (ସଂଚାର ବ୍ୟୁରୋ) : ଅନୁଗୋଳ ଜିଲ୍ଲାକୁ ପ୍ରଦୂଷଣ ମୁକ୍ତ ଦାବି ନେଇ ଆଜି ଜିଲ୍ଲା କଂଗ୍ରେସ ପକ୍ଷରୁ ୧୨ ଘଣ୍ଟିଆ ଅନୁଗୋଳ ବନ୍ଦ ଡାକରା । ଏହି ସମୟରେ ଜିଲ୍ଲାର ବିଭିନ୍ନ ସ୍କୁଲ, କଲେଜ, ସରକାରୀ ପ୍ରତିଷ୍ଠାନ ସହ ବ୍ୟବସାୟିକ ପ୍ରତିଷ୍ଠାନ ସମ୍ପୂର୍ଣ୍ଣ ବନ୍ଦ ରହିବ । କେବଳ ସ୍ୱାସ୍ଥ୍ୟ ସେବାକୁ ବାଦ ଦେଲେ ଅନ୍ୟ ସମସ୍ତ ପ୍ରତିଷ୍ଠାନ ବନ୍ଦ ରହିବ ।

# ବିଶିଷ୍ଟ କଳାକାର ଜଗଦୀଶ ଚନ୍ଦ୍ର କାନୁନଗୋଙ୍କର ଦେହାନ୍ତ



ଭୁବନେଶ୍ୱର,୧୨।୮(ସଂଚାର ବ୍ୟୁରୋ): ଦୀର୍ଘ ଦିନ ଧରି ଅସୁସ୍ଥ ଥିବା ବିଶିଷ୍ଟ କଳାକାର ଜଗଦୀଶ ଚନ୍ଦ୍ର କାନୁନଗୋଙ୍କର ଆଜି ଏଠାକାର ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୬ ବର୍ଷ ବୟସ ହୋଇଥିଲା। ଲଳିତ କଳା ଏକାଡେମୀର ପୂର୍ବତନ ସଭାପତି ଶ୍ରୀ କାନୁନଗୋ ରାଜ୍ୟର ସାଂସ୍କୃତିକ ଓ ବୌଦ୍ଧିକ କ୍ଷେତ୍ରରେ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କ ଦେହାନ୍ତ ସାଂସ୍କୃତିକ କ୍ଷେତ୍ରରେ ଏକ ଯୁଗର ଅନ୍ତ ଘଟାଇଛି, ଯେଉଁଠାରେ ତାଙ୍କୁ ସମସାମୟିକ କଳା ଏବଂ ଐତିହ୍ୟ ସଂରକ୍ଷଣରେ ରାଜ୍ୟର ସବୁଠାରୁ ପ୍ରଭାବଶାଳୀ ସ୍ୱର ଭାବରେ ବିବେଚନା କରାଯାଉଥିଲା।ଦୃଶ୍ୟ କଳାକୁ ପ୍ରୋତ୍ସାହିତ କରିବା ପାଇଁ ଦଶନ୍ଧି ଧରି ସେ ଓଡ଼ିଶାର କଳାତ୍ମକ ଅନୁଷ୍ଠାନଗୁଡ଼ିକୁ ସୁଦୃଢ଼ କରିବା ଏବଂ ଏହାର ପାରମ୍ପରିକ କଳା ରୂପଗୁଡ଼ିକୁ ସଂରକ୍ଷଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଓଡ଼ିଶା ଲଳିତ କଳା ଏକାଡେମୀର ସଭାପତି ଭାବେ କାର୍ଯ୍ୟ କରିବା ପୂର୍ବରୁ ସେ ୧୬ ବର୍ଷ ଧରି ଏହାର ସଚିବ ଭାବେ କାର୍ଯ୍ୟ କରିଥିଲେ। ଏହାର ଅଭିବୃଦ୍ଧି ଓ ପ୍ରସାରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିଲେ ଶ୍ରୀ କାନୁନ୍‌ଗୋ। ସେ ଓଡ଼ିଶା ଲଳିତ କଳା ଏକାଡେମୀର ପତ୍ରିକା ସମ୍ପାଦନା କରିଥିଲେ ଓ ୧୯୮୬ରେ ପ୍ରଥମ ପ୍ରକାଶିତ ପ୍ରଶଂସିତ କଳା ପତ୍ରିକା 'ରଙ୍ଗ ରେଖା'ର ସମ୍ପାଦକ ମଧ୍ୟ ଥିଲେ। କଳାକାର, ଶିକ୍ଷାବିତ୍ ଏବଂ ସାଂସ୍କୃତିକ ସଂଗଠନ ପକ୍ଷରୁ ତାଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇଛି।

# ଚାଷୀ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଭେଟିଲେ ତେଜେଶ୍ୱର



କେନ୍ଦ୍ରାପଡ଼ା,୧୨।୮(ସଂଚାର ବ୍ୟୁରୋ): ପାଟକୁରା ବିଜେପି ବିଧାୟକ ପ୍ରାର୍ଥୀ ତେଜେଶ୍ୱର ପରିଡ଼ା କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆୟାରଙ୍କୁ ଭେଟି ଚାଷୀଙ୍କ ସମସ୍ୟା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ବନ୍ୟା ଓ ବର୍ଷା ପରବର୍ତ୍ତୀ ଜଳବନ୍ଦୀ ଅବସ୍ଥାରେ ଥିବା ପାଟକୁରା ନିର୍ବାଚନମଣ୍ଡଳୀର ଡେରାବିଶ,

**ଜଳ ନିଷ୍କାସନ ଓ ରେଳଲାଇନ ସମସ୍ୟାର ସମାଧାନ ଦାବି**

ଗରଦପୁର ଓ ମର୍ଶାଘାଇ ବ୍ଲକର ବିଭିନ୍ନ ପାଟର ହଜାର ହଜାର ଏକର ପାଣିରେ ବୁଡ଼ି ରହିଥିବା ଚାଷଜମିର ରାଜସ୍ୱ, କୃଷି, ଉଦ୍ୟାନ କୃଷି ବିଭାଗ ଦ୍ୱାରା ମିଳିତ ଭାବେ ସଠିକ କ୍ଷୟକ୍ଷତି ଆକଳନ କରାଯିବା ସହ ଚାଷୀମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ସକାଶେ ଶ୍ରୀ ପରିଡ଼ା ଦାବି କରିଛନ୍ତି। ଏଥିସହ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ, ପଶୁ ସମ୍ପଦ ବିକାଶ ବିଭାଗ ଦ୍ୱାରା ଯଥାକ୍ରମେ ଭାଙ୍ଗି ଯାଇଥିବା ରାସ୍ତାଘାଟ, ପାନୀୟ ଜଳ ବ୍ୟବସ୍ଥା ମରାମତି, ତୁରନ୍ତ ପର୍ଯ୍ୟାପ୍ତ ପରିମାଣରେ ଗୋଖାଦ୍ୟ ଯୋଗାଣ ସକାଶେ ଶ୍ରୀ ପରିଡ଼ା ଦାବି କରିବା ସହ ଲୁଣା-ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳର ଦୁଃଖ 'ଗହଗା ପାଟ' ଅଞ୍ଚଳ ଓ ବାଘୁଣୀ ନାଳର ଉଭୟ ପାର୍ଶ୍ୱ ଅଞ୍ଚଳକୁ ଶତ ପ୍ରତିଶତ ଫସଲ ହାନୀ ହୋଇଥିବା ଅଞ୍ଚଳ ଘୋଷଣା କରି ସହ ସମ୍ପୂର୍ଣ୍ଣ କ୍ଷତି ପୂରଣ ପ୍ରଦାନ ପାଇଁ ଦାବି ଉପସ୍ଥାପନ କରିଛନ୍ତି। ଏଥିସହ ଦୀର୍ଘ ଦିନରୁ ଜଳ ସମ୍ପଦ ବିଭାଗରେ ପଡ଼ି ରହିଥିବା 'ଗହଗା ପାଟ' ଓ ବାଘୁଣୀ ନାଳ ଜଳ ନିଷ୍କାସନ ବ୍ୟବସ୍ଥା କାର୍ଯ୍ୟ ତୁରନ୍ତ ଆରମ୍ଭ ଦିଗରେ ପଦକ୍ଷେପ ନିଆଯାଉ। ଏହାଦ୍ୱାରା ମାର୍ଶାଘାଇ ଓ ଗରଦପୁର ବ୍ଲକର ହଜାର ହଜାର ଏକର ଚାଷଜମିକୁ ବ୍ୟାପକ ବନ୍ୟା, ଜଳବନ୍ଦୀ ଓ ଫସଲହାନୀ ସମସ୍ୟାରୁ ରକ୍ଷା କରାଯାଇପାରିବ ବୋଲି ଶ୍ରୀ ପରିଡ଼ା କହିଛନ୍ତି। ଆହୁରି ଲୁଣା-କରାଣ୍ଡିଆ ଦ୍ୱୀପାଞ୍ଚଳରେ ସମ୍ପୂର୍ଣ୍ଣ ଜଳବନ୍ଦୀ ଅବସ୍ଥାରେ ଥିବା ଆଇଡିପୁର, ଜଳାପୋକ, ବଙ୍ଗାଳପୁର, ବସୁପୁର ପଞ୍ଚାୟତର ଗାଁଗୁଡ଼ିକୁ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ଘୋଷଣା କରିବା ସହ ଫସଲହାନୀ ନେଇ କ୍ଷତିପୂରଣ ପ୍ରଦାନ କରାଯିବା ଆବଶ୍ୟକ ବୋଲି ସେ କହିଛନ୍ତି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର



ଗୁରୁବାର ୧୩ ଅଗଷ୍ଟ ୨୦୨୬, ଭୁବନେଶ୍ୱର
Thursday 13 August 2026, Bhubaneswar

# ସାବଧାନତା ହିଁ ସର୍ବୋତ୍ତମ ରକ୍ଷା

ବିଶ୍ୱ ଯେତେବେଳେ କୋଭିଡ୍-୧୯କୁ ଏକ ସାଧାରଣ ଶ୍ୱାସକ୍ରିୟା ରୋଗ ଭାବରେ ଗ୍ରହଣ କରିସାରିଛି, ସେତେବେଳେ ଚୀନରେ ପୁଣି ଥରେ ଏହି ଭାଇରସର ପ୍ରଭାବ ବୃଦ୍ଧି ପାଇଛି। ୨୦୨୬ ମଧ୍ୟଭାଗରେ ଚୀନର ରୋଗ ନିୟନ୍ତ୍ରଣ କେନ୍ଦ୍ର (ସିଡିସି) ତଥ୍ୟ ଅନୁଯାୟୀ, ଓମିକ୍ରନ ଭାରିଆଣ୍ଟ୍ ଏନବି.୧.୮.୧ ପ୍ରମୁଖ ହୋଇ ସଂକ୍ରମଣ ବୃଦ୍ଧି ପାଇଛି। ଜୁନ ମାସରେ ପ୍ରାୟ ୭୯,୦୦୦ ନୂଆ କେସ ରେକର୍ଡ ହୋଇଥିଲା ଏବଂ



ଜୁଲାଇରେ ଟେଷ୍ଟ ପଜିଟିଭିଟି ରେଟ ୧୬ ଶତାଂଶରୁ ଅଧିକ ହୋଇ ଫ୍ଲୁକୁ ଅତିକ୍ରମ କରିଥିଲା। ଅଧିକାଂଶ ରୋଗୀଙ୍କର ଲକ୍ଷଣ ସାମାନ୍ୟ ରହିଛି, ଗୁରୁତର କେସ କମ୍ ଥିଲା ଏବଂ ମୃତ୍ୟୁ ହାର ନିମ୍ନ ରହିଛି। ଅଗଷ୍ଟ ପ୍ରାରମ୍ଭରେ ସଂକ୍ରମଣ କିଛି ମାତ୍ରାରେ ହ୍ରାସ ପାଇବାର ସୂଚନା ମିଳିଛି, ତଥାପି ଏହା ଏକ ମଧ୍ୟମ ସ୍ତରର ମହାମାରୀ ଭାବରେ ରହିଛି। ଭାରତରେ ପରିସ୍ଥିତି ଭିନ୍ନ। ଏଠାରେ କୋଭିଡ ଏକ ସ୍ଥାନୀୟ (ଏଣ୍ଡେମିକ୍) ରୋଗ ଭାବରେ ପରିଣତ ହୋଇଛି। କେତେକ ରାଜ୍ୟରେ ଯେପରି ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ କିମ୍ବା କେରଳରେ ଛୋଟ ଛୋଟ ଉପତ୍ୟକା ଦେଖାଯାଉଛି, କିନ୍ତୁ ଏହା ଜାତୀୟ ସ୍ତରରେ ବଡ଼ ତରଙ୍ଗ ନୁହେଁ। ବିଶେଷଜ୍ଞମାନେ କହୁଛନ୍ତି ଯେ ଭାଇରସ କ୍ରମାଗତ ଭାବରେ ପରିବର୍ତ୍ତିତ ହେଉଛି ଏବଂ କମ ପ୍ରତିରକ୍ଷା ଥିବା ଅଞ୍ଚଳରେ ସଂକ୍ରମଣ ବୃଦ୍ଧି ପାଉଛି। ଅଧିକାଂଶ କେସ୍ ସାମାନ୍ୟ ଏବଂ ହସ୍ପିଟାଲ୍ ଭର୍ତ୍ତି ହାର ନିମ୍ନ ରହିଛି। ତଥାପି ଚୀନର ଅଭିଜ୍ଞତା ଆମକୁ ସତର୍କ କରେ ଯେ ଭାଇରସ୍ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇନାହିଁ ଏବଂ ଯେକୌଣସି ସମୟରେ ନୂଆ ଭାରିଆଣ୍ଟ ଆସିପାରେ। ଏହି ପରିସ୍ଥିତିରେ ସାବଧାନତା ହିଁ ସର୍ବୋତ୍ତମ ରକ୍ଷା। ପ୍ରଥମତଃ, ହାତ ଧୋଇବା ଅଭ୍ୟାସ ଜାରି ରଖିବା ଆବଶ୍ୟକ। ସାବୁନ୍ କିମ୍ବା ଆଲକୋହଲ୍-ଭିତ୍ତିକ ସାନିଟାଇଜର୍ ବ୍ୟବହାର କରି ବାରମ୍ବାର ହାତ ଧୋଇବା ଉଚିତ। ଭିଡ଼ ଥିବା ସ୍ଥାନ, ହସ୍ପିଟାଲ୍, ପବ୍ଲିକ୍ ଟ୍ରାନ୍ସପୋର୍ଟ କିମ୍ବା ବୃଦ୍ଧ ବ୍ୟକ୍ତିଙ୍କ ନିକଟରେ ମାସ୍କ ପିନ୍ଧିବା ଉପଯୋଗୀ। ବିଶେଷକରି ବୟସ୍କ ଏବଂ ଡାଇବେଟିସ୍, ହୃଦରୋଗ କିମ୍ବା ଫୁସଫୁସ ସମସ୍ୟା ଥିବା ବ୍ୟକ୍ତିମାନେ ଅଧିକ ସତର୍କ ରହିବେ। ଦ୍ୱିତୀୟତଃ, ଟିକାକରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯେଉଁମାନେ ବୁଷ୍ଟର୍ ଡୋଜ୍ ନେଇନାହାନ୍ତି, ସେମାନେ ସ୍ୱାସ୍ଥ୍ୟ କେନ୍ଦ୍ରରୁ ପରାମର୍ଶ ନେଇ ଟିକା ନେବା ଉଚିତ। ନୂଆ ଭାରିଆଣ୍ଟ ପାଇଁ ଟିକାର ପ୍ରଭାବ କମ୍ ହୋଇପାରେ, ତଥାପି ଗୁରୁତର ଅବସ୍ଥା ଏବଂ ମୃତ୍ୟୁର ଆଶଙ୍କା କମାଇଥାଏ। ତୃତୀୟତଃ, ଲକ୍ଷଣ ଦେଖାଗଲେ ତୁରନ୍ତ ଟେଷ୍ଟ କରାଇବା ଏବଂ ଆବଶ୍ୟକ ହେଲେ ଘରେ ରହିବା। ଜ୍ୱର, କାଶ, ଗଳା ଯନ୍ତ୍ରଣା କିମ୍ବା ଦୁର୍ବଳତା ହେଲେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ। ସ୍ୱୟଂ-ଔଷଧ ବ୍ୟବହାର କରିବା ଉଚିତ ନୁହେଁ।

ଚତୁର୍ଥତଃ, ପରିବେଶ ସଫା ରଖିବା ଏବଂ ଭଲ ବାୟୁ ଚଳାଚଳ ନିଶ୍ଚିତ କରିବା। ଘର ଓ କାର୍ଯ୍ୟସ୍ଥଳରେ ଝରକା ଖୋଲି ରଖିବା, ସର୍ଫେସ୍ ସଫା କରିବା ଏବଂ ଭିଡ଼ ଏଡ଼ାଇବା ସହାୟକ ହେବ। ପର୍ଯ୍ୟଟନ କରୁଥିବା ବ୍ୟକ୍ତିମାନେ ବିଦେଶରୁ ଫେରିବା ପରେ ସାବଧାନ ରହିବେ ଏବଂ ଆବଶ୍ୟକ ହେଲେ ଟେଷ୍ଟ କରାଇବେ। ସରକାର ଓ ସ୍ୱାସ୍ଥ୍ୟ ବିଭାଗକୁ ମଧ ସତର୍କ ରହିବାକୁ ପଡ଼ିବ। ନିରନ୍ତର ନିରୀକ୍ଷଣ, ଜେନୋମିକ୍ ସିକ୍ୱେନ୍ସିଙ୍ଗ୍ ଏବଂ ପ୍ରସ୍ତୁତି ରଖିବା ଆବଶ୍ୟକ। ହସ୍ପିଟାଲ୍‌ରେ ଅମ୍ଳଜାନ ଓ ଔଷଧର ଭଣ୍ଡାର ଯଥେଷ୍ଟ ରଖିବା ଉଚିତ। ଜନସାଧାରଣଙ୍କୁ ସଚେତନ କରିବା ପାଇଁ ସଠିକ୍ ସୂଚନା ପ୍ରଚାର କରିବା ଦରକାର, ଯାହାଫଳରେ ଭୟ ନ ବଢ଼ି ସତର୍କତା ବଢ଼ିବ।

କୋଭିଡ୍ ଆମକୁ ଶିଖାଇଛି ଯେ ସ୍ୱାସ୍ଥ୍ୟ ହିଁ ପ୍ରକୃତ ଧନ। ଚୀନର ସାମ୍ପ୍ରତିକ ଅଭିଜ୍ଞତା ଏବଂ ଭାରତର ସ୍ଥାନୀୟ ଉପତ୍ୟକା ଆମକୁ ମନେ ପକାଇ ଦିଏ ଯେ ସାବଧାନତା ହିଁ ସର୍ବୋତ୍ତମ ଉପାୟ। ଆମେ ଯଦି ବ୍ୟକ୍ତିଗତ ସ୍ତରରେ ସତର୍କ ରହୁ ଏବଂ ସାମୂହିକ ଭାବରେ ପ୍ରସ୍ତୁତ ରହୁ, ତେବେ ଏହି ଭାଇରସ ପୁଣି ଥରେ ବଡ଼ ଆଘାତ ଦେଇ ପାରିବ ନାହିଁ। ସ୍ୱାସ୍ଥ୍ୟକୁ ଅଗ୍ରାଧିକାର ଦେଇ ଆମେ ଏକ ସୁରକ୍ଷିତ ଭବିଷ୍ୟତ ଗଢ଼ିପାରିବା।

# ଅଧିକାର ପୂରା, କର୍ତ୍ତବ୍ୟ ଅଧା, କ'ଣ ଏହା ହିଁ ସ୍ୱାଧୀନତା



**ଗୋପାଳ ମହାପାତ୍ର**

ଭାରତ କେବଳ ଏକ ଭୂଗୋଳ ନୁହେଁ, ବରଂ ବିଚାର, ମୂଲ୍ୟ ଏବଂ ସହ ଅସ୍ତିତ୍ୱର ଜୀବନ୍ତ ପ୍ରତୀକ ଅଟେ। ଏଠି ସଂସ୍କୃତି, ଅଧ୍ୟାତ୍ମ, ବିଜ୍ଞାନ ଏବଂ ବିବିଧତାର ସଙ୍ଗମ ଏକତାର ସୂତ୍ରରେ ବନ୍ଧା ହୋଇଛି। ଆମର ସ୍ୱତନ୍ତ୍ରତା କେବଳ ରାଜନୈତିକ ସ୍ୱାଧିନତାର ପର୍ବ ହୋଇ ରହିନାହିଁ ବରଂ ଏହା ସେଇ ସମାବେଶୀ ରାଷ୍ଟ୍ରର ମୂଳଦୁଆ ଥିଲା ଯାହାର କଳ୍ପନା "ଆମେ ଭାରତର ଜନସାଧାରଣ"ରେ କରାଯାଇଥିଲା ଏକ ଏମିତି ରାଷ୍ଟ୍ର ଯେଉଁଠି ସବୁ ନାଗରିକ ସମାନ ଅଧିକାର ଏବଂ ଅବସରର ଅଧିକାରୀ ହେବେ। ଏଇ ଅଧିକାରକୁ ସ୍ୱର ଏବଂ ସଂରଚନା ଦେବାର କାମ କରିଥିଲା ଆମର ସମ୍ବିଧାନ। ସମ୍ବିଧାନ କେବଳ ଏକ ବିଧିକ ଦସ୍ତାବିଜ୍ ନୁହେଁ ବରଞ୍ଚ ରାଷ୍ଟ୍ରର ଆତ୍ମା ଅଟେ ଯିଏ ସ୍ୱତନ୍ତ୍ରତାକୁ ଉତ୍ତରଦାୟୀତ୍ୱ ସହ ଯୋଡିଦେଇଛି। ନ୍ୟାୟ, ସ୍ୱତନ୍ତ୍ରତା, ସମାନତା ଏବଂ ବନ୍ଧୁତ୍ୱ ଏହାର ପ୍ରାଣ ଅଟେ। କିନ୍ତୁ ଏହା କେବଳ କାଗଜରେ ନୁହେଁ ନାଗରିକ ବା ଲୋକଙ୍କ ସଜାଗ ଚେତନାରେ ଜୀବିତ ରହି ହିଁ ସାର୍ଥକ ହୋଇପାରେ। ଦୁର୍ଭାଗ୍ୟ ଯେ ସ୍ୱାଧିନତାକୁ ଆମେ ଅଧିକାର ବୋଲି ଭାବିନେଲେ ହେଲେ କର୍ତ୍ତବ୍ୟ କଥାଟା ଭୁଲିଗଲେ। ଭୋଟଦାନକୁ ଗଣତନ୍ତ୍ରର ଶେଷକଥା ବୋଲି ଭାବିନେଲେ ଯଦିଓ ଏହା ପ୍ରାରମ୍ଭମାତ୍ର।

ଗଣତନ୍ତ୍ରକୁ ଜୀବନ୍ତ ରଖିବା ପାଇଁ ନାଗରିକଙ୍କୁ ବିଚାରକ ସମୀକ୍ଷକ ଏବଂ ସହଭାଗୀ ହେବାକୁ ପଡ଼ିବ। ଯେପର୍ଯ୍ୟନ୍ତ ଆମେ ସମ୍ବିଧାନକୁ ଜୀବନଶୈଳୀ ଭଳି ନ ଆପଣେଇଛେ ସେ ପର୍ଯ୍ୟନ୍ତ ଗଣତନ୍ତ୍ର କେବଳ ଔପଚାରିକତା ହୋଇ ରହିଯିବ। ସମ୍ବିଧାନର ଅନୁଛେଦ ୫୧(କ)ରେ ଉଲ୍ଲିଖିତ କର୍ତ୍ତବ୍ୟ ସାର୍ବଜନିକ ସମ୍ପତ୍ତିର ସୁରକ୍ଷା, ବୈଜ୍ଞାନିକ ଦୃଷ୍ଟିକୋଣ, ସାମାଜିକ ସମାନତା, ପରିବେଷ ସଂରକ୍ଷଣ ଏବଂ ରାଷ୍ଟ୍ରୀୟ ଏକତା କେବଳ ବହି ଭିତରେ ସିମୀତ ହୋଇ ରହିଯାଇଛି କିନ୍ତୁ ଆମ ଜୀବନରେ ଦୁର୍ଲଭ। ଦେଶଭକ୍ତିକୁ ଆମେ ପତାକା ଉତ୍ତୋଳନ ଏବଂ ସ୍ଲୋଗାନରେ ସିମୀତ କରିଦେଇଛେ ଯଦିଓ ଏହା ଆମର ଦୈନନ୍ଦିନର ବା ସାଧାରଣ ଆଚରଣରେ ପ୍ରତିଫଳିତ ହେବା ଉଚିତ୍। ଆମ ଦେଶର ଆତ୍ମା ବିବିଧତାରେ ନିହିତ ଏକତା ଅଟେ। କିନ୍ତୁ ଯେତେବେଳେ ଜାତି, ଧର୍ମ, ଭାଷା ଏବଂ ଆଞ୍ଚଳିକ ପରିଚୟ ସଂଘର୍ଷ ବା ତିକ୍ତତାର କାରଣ ପାଲଟିଥାଏ ସେତେବେଳେ ସମ୍ବିଧାନର ଭାବନା ଆହତ ହୋଇଥାଏ।

ଡ଼କ୍ଟର ଭୀମରାଓ ଆମ୍ବେଦକର ଚେତାଇଥିଲେ ଯଦି ଆମ ଭିତରେ ଏକତା ନରହିବ ତେବେ ସମ୍ବିଧାନର କୌଣସି ମୂଲ୍ୟ ନାହିଁ। ତାଙ୍କ ଚେତବନୀ ସତ୍ୱେ ଯଦି ଆମେ ବିଭାଜିତ ହେବା ଭଳି କାର୍ଯ୍ୟ କରିବା ଏବଂ ସମ୍ବିଧାନର ପ୍ରାଣକୁ ଦୁର୍ବଳ କରିବା ପାଇଁ ଉଦ୍ୟମ କରିବା ତେବେ ଆମେ ନିଜକୁ ଭାରତୀୟ କହିବା କିପରି? ଏପରି କଲେ ସମ୍ବିଧାନ ପ୍ରଣେତା ମାନେ ସ୍ୱର୍ଗରେ ଥାଇ ଦୁଃଖ ଅନୁଭବ କରିବେ ନିଶ୍ଚୟ। ଅଭିବ୍ୟକ୍ତିର ସ୍ୱାଧିନତା ଗଣତନ୍ତ୍ରର ଆଭୂଷଣ ଅଟେ କିନ୍ତୁ ଏହା ମର୍ଯ୍ୟଦା ଏବଂ ସଦ୍‌ଭାବ ସହ ରହିଲେ ହିଁ ମୂଲ୍ୟବାନ ଅନ୍ୟଥା ମୂଲ୍ୟହୀନ। ଅନେକ ସମୟରେ ଅଭିବ୍ୟକ୍ତିର ସ୍ୱାଧିନତାକୁ ଦ୍ୱେଶ, ଘୃଣାସୃଷ୍ଟି ଏବଂ ଅପପ୍ରଚାର ପାଇଁ ଶସ୍ତ୍ର ଭାବେ ବ୍ୟବହାର କରାଯାଉଥିବାର ଦେଖାଯାଉଛି। ଆମେ ବୁଝିବା ଉଚିତ୍ ଯେ ଗଣତନ୍ତ୍ର ପାଇଁ ଅଧିକାର ଏବଂ କର୍ତ୍ତବ୍ୟ ଉଭୟ ଆବଶ୍ୟକ। ଏ ଦୁଇଟି ମଧ୍ୟରୁ ଗୋଟିଏ ଦୁର୍ବଳ ହେଲେ ଗଣତନ୍ତ୍ରର ସଫଳ ଯାତ୍ରା ଆଧାରେ ଅଟକିଯିବ।

ଏବେ ଭାରତ ବୈଶ୍ୱିକ ମଞ୍ଚରେ ମଜଭୁତ ଭୂମିକା ନିର୍ବାହ କରୁଛି, ଭାରତ ପାଇଁ ଚାଲେଞ୍ଜ ମଧ ରହିଛି। ଏବେ ସମୟ ଆସିଛି ଆମେ ସମ୍ବିଧାନକୁ ବହି ଭିତରୁ ବାହାର କରି ନିଜ ଜୀବନଶୈଳୀ ଓ ଆଚରଣରେ ଆପଣେଇବା। ନ୍ୟାୟ କେବଳ ଅଦାଲତରେ ନୁହେଁ ବରଂ ଚେତନାରୁ ସୃଷ୍ଟି ହୋଇଥାଏ। ସମାନତା ସେତେବେଳେ ସଶକ୍ତ ହୋଇପାରିବ ଯେତେବେଳେ ଭେଦଭାବ କଥାକୁ ଭାବିବା ପରିବର୍ତ୍ତେ ଅସ୍ୱୀକାର କରାଯିବ। ବନ୍ଧୁତ୍ୱ ସେତେବେଳେ ସାର୍ଥକ ଯେତେବେଳେ ଏହା ସହଭାବ ଏବଂ ସହକର୍ମରେ ଦେଖାଯାଏ। ଅଗଷ୍ଟ ୧୫ ଭଳି ପର୍ବ କେବଳ ସ୍ମରଣର ନୁହେଁ ବରଂ ସଂକଳ୍ପର ନବୀକରଣର ଅବସର ଅଟେ। ଏହି ଅବସରରେ ଆମେ ଦେଶବାସୀ/ଜନସାଧାରଣ ଏମିତି ଭାରତ ନିର୍ମାଣ ପାଇଁ ସଂକଳ୍ପ ନେବା ଯେଉଁଠି ସ୍ୱତନ୍ତ୍ରତା ଅନୁଶାସନ ସହ ଯୋଡି ହୋଇଥିବ, ସମାନତା ସଦ୍‌ଭାବନା ସହଥିବ ଏବଂ କର୍ତ୍ତବ୍ୟ ନାଗରିକର/ଆମର ଧର୍ମ ପାଲଟିଯିବ। କାରଣ ସତ୍ୟ ହେଉଛି ଭାରତର ଭାଗ୍ୟ ସଂସଦରେ ନୁହେଁ ସବୁ ନାଗରିକଙ୍କ ମନରେ ବସିଥାଏ।

ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪

# ପେଟ ଭରୁଛି, ମନ ନୁହେଁ....



**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ଆପଣଙ୍କ ସହ ଏମିତି ହୁଏ କି? କୌଣସି ଖାଦ୍ୟକୁ ଖାଇବା ପରେ ପେଟ ପୁରି ଯାଉଛି, କିନ୍ତୁ ମନ ପୁରୁ ନାହିଁ। ଯଦି ହଁ, ତେବେ ଚାଲନ୍ତୁ ଜାଣିବା ଏହା ପଛରେ ଥିବା କାରଣ। ବାରମ୍ବାର ଖାଇବାକୁ ଇଛା ହେଉଛି। ପେଟ ପୁରିବା ପରେ ମଧ ଖାଇବାକୁ ଇଛା ହେଉଛି କି? ଏହା କୌଣସି ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ। ଓଡ଼ିଆରେ ଏକ ଲୋକପ୍ରିୟ ଧାଡ଼ିଟି ହେଉଛି - 'ଖାଇ ଶୋଇଲେ ବଢ଼ଇ ଆୟୁ, ଖାଇ ଚାଲିଲେ ବଢ଼ଇ ବାୟୁ, ଖାଇ ବସିଲେ ବଢ଼ଇ ପେଟ, ଖାଇ ଖାଇଲେ ଯମର ଭେଟ'। ଖାଦ୍ୟ ସହିତ ଆମ ଜୀବନର ସମସ୍ତ କିଛି ସମ୍ପର୍କ ରହିଛି। ତେବେ ଆଜିର ଆଲୋଚନାଟି ହେଉଛି ଅନେକ ସମୟରେ ଜଣେ ତାର ଇଛା କରିଥିବା ଖାଦ୍ୟଟି ଦ୍ୱାରା ତାଙ୍କ ପେଟ ପୂରଣ ହୋଇଥାଏ କିନ୍ତୁ ମନ କାହିଁକି ନୁହେଁ?

ଆସନ୍ତୁ ସର୍ବପ୍ରଥମେ ଜାଣିବା ଭୋକ ଓ ଲୋଭ ଭିତରେ ପାର୍ଥକ୍ୟ? ପ୍ରଥମେ ଭୋକ ଓ ଲୋଭ ଭିତରେ ଥିବା ଫରକକୁ ବୁଝିବା ଆବଶ୍ୟକ। ଶାରୀରିକ ସଙ୍କେତ, ଯାହା ଆମକୁ ଜଣାଇଥାଏଯେ ଶରୀରକୁ ଶକ୍ତିର ଆବଶ୍ୟକତା ରହିଛି। କିନ୍ତୁ ଲୋଭ ମନର ଇଛା, ଯାହା ନିର୍ଦ୍ଦିଷ୍ଟ ପ୍ରକାରର ଖାଦ୍ୟ ପାଇଁ ସୃଷ୍ଟି ହୋଇଥାଏ। ଏହା ସାତ୍ତ୍ୱିକ ହୋଇପାରେ କିମ୍ବା ରାଜସିକ ବା ତାମସିକ ଖାଦ୍ୟ। ଆମେ କେହି ଭୁଲିଯିବା ଅନୁଚିତ ଯେ ଖାଦ୍ୟକୁ ନେଇ ପରିଶେଷରେ ମଣିଷର ଚରିତ୍ର ହିଁ ନିର୍ଦ୍ଧାରିତ ହୋଇଥାଏ।

ଅନେକ ସମୟରେ କେହି କେହି କୁହନ୍ତି ପେଟ ଭରିଯାଉଛି କିନ୍ତୁ ମନ ନୁହେଁ, ଏହାର ଅନେକ କାରଣ ରହିଥାଏ। ଯେପରିକି 'ଇମୋସନାଲ ଇଟିଙ୍ଗ' - ଏହାର ଅର୍ଥ କେବେ କେବେଳ ଆମେ ନିଜ ଭାବନାକୁ ଶାନ୍ତ କରିବା ପାଇଁ ଖାଦ୍ୟ ଖାଇଥାଉ। ଯେତେବେଳେ ଆମେ ଉଦାସ, ଚିନ୍ତା, ବା ବୋର ଅନୁଭବ କରିଥାଉ। ସେତେବେଳେ ଆମେ ଖାଦ୍ୟ ଖାଇ ନିଜକୁ ଶାନ୍ତ କରିବାକୁ ପ୍ରୟାସ କରିଥାଉ। ମାନସିକ ଭାବେ ଜଣେ ଚିନ୍ତିତ, ଅବସନ୍ନ ଥିଲେ ତାଙ୍କୁ ଭୋକ ଲାଗିନଥାଏ। ବିଚଳିତ ଥିବା ସମୟରେ କିମ୍ବା କୌଣସି ଭୟଭୀତ ହୋଇଯାଇଥିବା ପରି ଘଟଣାକୁ କେହି କେହି ସାମ୍ନା କରିଥିଲେ ସେ ସମୟରେ ମଧ ଭୋକ ହୋଇନଥାଏ।

ଅଧିକ 'ପ୍ରୋସେଡ଼ ଖାଦ୍ୟ' ଖାଇବା ଏହା ପଛର ଅନ୍ୟ ଏକ କାରଣ ଏସବୁ ଖାଦ୍ୟରେ ଚିନି, ଲୁଣ ଓ ଫ୍ୟାଟ ଅଧିକ ରହିଥାଏ, ଯାହା ଆମକୁ ଅଧିକ ଖାଇବାକୁ ପ୍ରେରିତ କରିଥାଏ। ସେହିପରି ଅନ୍ୟ ଏକ କାରଣ ହେଉଛି ପର୍ଯ୍ୟାପ୍ତ ନିଦ ନହେବା। ଜଣଙ୍କର ନିଦ ସଠିକ ଭାବେ ପୂରଣ ନହେଲେ ଏହା ଭୋକ ବଢ଼ାଇଥାଏ ଫଳରେ ଖାଦ୍ୟ ପ୍ରତି ଲୋଭ ବଢ଼ିଥାଏ। ସେହିପରି ଅନ୍ୟ ଏକ କାରଣ ହେଉଛି ନିର୍ଦ୍ଦିଷ୍ଟ କିଛି ଔଷଧର ପାର୍ଶ୍ୱପ୍ରତିକ୍ରିୟା ଯୋଗୁଁ ଭୋକ ବଢ଼ିଥାଏ। ସେହିପରି ହଜମ ସମସ୍ୟା ମଧ ଏକ କାରଣ। ବର୍ତ୍ତମାନ ସମୟରେ ଅଧିକ କ୍ୟାଲୋରୀଯୁକ୍ତ ଖାଦ୍ୟ ପ୍ରତି, ଫାଷ୍ଟଫୁଡ ଖାଦ୍ୟ ପ୍ରତି ଅନେକଙ୍କର ରୁଚି ରହୁଥିବାରୁ ପରବର୍ତ୍ତୀ ସମୟରେ ଏହା ସେମାନଙ୍କର ସ୍ୱାସ୍ଥ୍ୟ ସମସ୍ୟାର କାରଣ ହୋଇଥାଏ କିନ୍ତୁ ଅଧିକ କ୍ୟାଲୋରୀଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ମୋଟାପଣ ବଢ଼ିଥାଏ। ଅଧିକ ଶର୍କରାଜାତୀୟ ଖାଦ୍ୟ ଖାଇବା ଦ୍ୱାରା ମଧୁମେହ ହେବାର ଆଶଙ୍କା ବଢ଼ିଥାଏ। ଉଚ୍ଚ ରକ୍ତଚାପ ଓ ଅଧିକ କୋଲେଷ୍ଟେରଲ ହୃଦୟ ରୋଗର ଆଶଙ୍କାକୁ ବଢ଼ାଇ ଚାଲେ।



ଏଥିରୁ ଦୂରେଇବେ କିପରି? ସବୁବେଳେ ସୁଷମ ଖାଦ୍ୟ, ସତେଜ ଫଳ, ପନିପରିବା ଓ ଶସ୍ୟଜାତୀୟ ଖାଦ୍ୟକୁ ଡାଏଟରେ ସାମିଲ କରନ୍ତୁ। ଏକ ନିର୍ଦ୍ଦିଷ୍ଟ ଖାଇବା ସମୟ ରଖନ୍ତୁ ଭୋଗ ଲାଗିବା ସମୟରେ ହିଁ ଖାଆନ୍ତୁ। ଜୋର ଜବରଦସ୍ତି ଆଦୌ ନୁହେଁ। ଆବଶ୍ୟକ ମାତ୍ରାର ଖାଦ୍ୟ ହିଁ ଖାଆନ୍ତୁ। ଅଧିକ ଖାଦ୍ୟ ନିଅନ୍ତୁ ନାହିଁ। ନିୟମିତ ସମୟ ବ୍ୟବଧାନରେ ଖାଦ୍ୟ ନଖାଇ ଦିନର ଦୁଇଟି ମୁଖ୍ୟ ଖାଦ୍ୟ ସମୟ ବ୍ୟତୀତ ଅନ୍ୟ ଖାଦ୍ୟ ସମୟକୁ ଆପଣଙ୍କ କାର୍ଯ୍ୟ ପ୍ରଣାଳୀ ସମୟକୁ ଦେଖି ନିର୍ଦ୍ଧାରଣ କରନ୍ତୁ। ଖାଇବା ପରେ କିଛି ସମୟ ପଦଚାରଣ କରିବା ଭଲ ଅଭ୍ୟାସ। କେହି କେହି ଯଦି ଭୋକ ହେବା ପାଇଁ ଔଷଧ ଗ୍ରହଣ କରୁଥାନ୍ତି ତେବେ ଡାକ୍ତରଙ୍କ ପରାମର୍ଶ ସମୟ ଶେଷ ହୋଇଯିବା ପରେ ଏହାକୁ ଗ୍ରହଣ କରନ୍ତୁ ନାହିଁ କାରଣ ଏହା ଜଣଙ୍କ ଠାରେ କୃତ୍ରିମ ଭୋକ ସୃଷ୍ଟି କରିଥାଏ।

ଯେଉଁମାନେ ଶାରୀରିକ ଭାବେ କୌଣସି ପରିଶ୍ରମ କରିଥାନ୍ତି ସେମାନଙ୍କୁ ଅଧିକ ଭୋକ ହେବା ସ୍ୱାଭାବିକ। ଖାଦ୍ୟ ଖାଇବା ପୂର୍ବରୁ ହେଉ କିମ୍ବା ଖାଇବା ପରେ କୌଣସି ନିଶାଦ୍ରବ୍ୟ ସେବନ କରିବା ଭଲ ଅଭ୍ୟାସ ନୁହେଁ। ଅନେକ ସମୟରେ ଜଣେ ଜଣେ ବଡ଼ ପ୍ରଶ୍ନକୁ ସାମ୍ନା କରିଥାନ୍ତି 'ମଣିଷ ପାଇଁ ଖାଦ୍ୟ ନାଁ ଖାଦ୍ୟ ପାଇଁ ମଣିଷ'। ଅନେକ ଲୋକ ଥାଆନ୍ତି ଯେଉଁମାନେ ଖାଦ୍ୟପ୍ରେମୀ, ଖାଦ୍ୟକୁ ଭଲ ପାଇବା ଭଲ ଅଭ୍ୟାସ। ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସମ୍ଭାଷଣ ହେଉଛି 'ଅନ୍ନ ଅର୍ଥାତ୍ ଖାଦ୍ୟ ହେଉଛି ଭଗବାନ।' ତେଣୁ ଶରୀର ଯେତିକି ଆବଶ୍ୟକ କରୁଛି, ସେତିକି ପରିମାଣର ହିଁ ଖାଦ୍ୟ ଖାଇବା। 'ଇମୋନାଲ ଇଟିଙ୍ଗଠା'ରୁ ଦୂରାନ୍ତୁ, ଯଦି ନିଜ ଭାବନାକୁ ଶାନ୍ତ କରିବାକୁ ଯାଇ ଖାଦ୍ୟ ଖାଉଥାନ୍ତି, ତେବେ ଏହାକୁ ବନ୍ଦ କରିବା ସହ ସେହି ସମୟକୁ ଅନ୍ୟ କୌଣସି କାମରେ ବିନିଯୋଗ କରନ୍ତୁ। ଖାଦ୍ୟ ଗ୍ରହଣ ପୂର୍ବରୁ ନିଜ ଇଷ୍ଟଙ୍କୁ ସମର୍ପଣ କରନ୍ତୁ ଏବଂ ଆଗ୍ରହର ସହିତ ଖାଦ୍ୟ ଗ୍ରହଣ କରନ୍ତୁ। ଆଉ ଗୋଟିଏ କଥା ଖାଦ୍ୟ ଖାଇବା ସମୟରେ ମୋବାଇଲ, ଟିଭି ଦେଖନ୍ତୁ ନାହିଁ କିମ୍ବା ପଢ଼ାପଢ଼ି କରନ୍ତୁ ନାହିଁ, ଖାଦ୍ୟ ପରେ ଏକ ସ୍ୱଳ୍ପ ସମୟର ବିଶ୍ରାମ ସମୟ ରଖନ୍ତୁ।

ପ୍ରତିରତ୍ୱିକ ଓ ଅବସର ପ୍ରାପ୍ତ, ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ମଧୁ ବାବୁ ଓ ମହାତ୍ମା ଗାନ୍ଧିଙ୍କ ସାକ୍ଷାତ



**ଡ଼ଃ.ଅରୁନ୍ଧତୀ ଦେବୀ**

କୌଣସି ନିର୍ଦ୍ଦିଷ୍ଟ ଶବ୍ଦ ଅଥବା ଭୂମିକାରେ ତାଙ୍କ ବ୍ୟକ୍ତିତ୍ୱକୁ ବର୍ଣ୍ଣନା କରିବା ଅସମ୍ଭବ ସିଏ ଥିଲେ ଦେଶର ନାମକରା ଆଇନଜୀବୀ। ଲୋକେ ତାଙ୍କୁ କହୁଥିଲେ ମଧୁ ବାରିଷ୍ଟର। କିନ୍ତୁ ତା ସହିତ ସିଏ ଥିଲେ ସଂଗ୍ରାମୀ, ସମାଜ ସଂସ୍କାରକ। ସିଏ ଥିଲେ ଶିଳ୍ପପତି। ଯିଏ ଥିଲେ ଜାତୀୟତା ଆନ୍ଦୋଳନର କର୍ଣ୍ଣଧାର। ଆଉ ମା'-ମାଟି-ମାତୃଭାଷା ପାଇଁ ଜୀବନର ସବୁକିଛି ଉତ୍ସର୍ଗ କରି ଦେଇଥିବା ଜଣେ ସ୍ୱାଭିମାନୀ ପୁରୁଷ। କଟକ ଥିଲା ତାଙ୍କର ଜନ୍ମଭୂମି ଆଉ କର୍ମଭୂମି। କିନ୍ତୁ ତାଙ୍କର ପରିଚୟ ଏରାଜ୍ୟ, ଏ ଦେଶର ସୀମା ସରହଦ ଟପି ବିଶେରେ ବି ପରିବ୍ୟାପ୍ତ ଥିଲା। ସିଏ ଥିଲେ ଓଡ଼ିଶା ପ୍ରଦେଶ ଗଠନର ବିନ୍ଧାଣି। ସେ ଥିଲେ ଓଡ଼ିଆ ଜାତିର ମୁରବି। ସିଏ ଥିଲେ ଓଡ଼ିଶା ଭାଷାର ସଂରକ୍ଷକ। ସିଏ ଥିଲେ ଓଡ଼ିଶା ସ୍ୱାଭିମାନ ସୁରକ୍ଷାର ଜାଗ୍ରତ ପ୍ରହରୀ। ସେଇଥି ପାଇଁ ତ ଶ୍ରଦ୍ଧା ଆଉ ସମ୍ମାନରେ ଏ ଜାତି ତାଙ୍କୁ କୁହେ କୁଳବୃଦ୍ଧ। ସେଇଥିପାଇଁ ତ ସେ ଥିଲେ ଏ ମାଟିର ଗୌରବ। ଉତ୍କଳ ଗୌରବ ମଧୁସୂଦନ ଦାସ।

ଠିକ ଶହେ ବର୍ଷ ତଳେ ୧୯୨୫ ମସିହାରେ ମହାତ୍ମା ଗାନ୍ଧୀ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଭେଟ ହୋଇଥିଲା। ୧୯୨୧ ମାର୍ଚ୍ଚ ୨୩ ତାରିଖରେ ଗାନ୍ଧିଜୀଙ୍କ ପ୍ରଥମ ଓଡ଼ିଶା କଟକ ଗସ୍ତ ସମୟର କଥା। ସେ ଦିନ କଟକରେ ପହଞ୍ଚିବା ପରେ ଗାନ୍ଧୀ ପ୍ରଥମେ ବିନୋଦ ବିହାରୀ ପୂଜା ମଣ୍ଡପରେ ଆୟୋଜିତ ସଭାରେ ଉଦବୋଧନ ଦେଇ ସ୍ୱାଧୀନତା ସଂଗ୍ରାମ ପାଇଁ ମହିଳାଙ୍କୁ ସୁନା, ରୂପା, ଗହଣା ମାଗିଥିଲେ। ବହୁ ମହିଳା ହାତ ଓ ବେକରୁ ଗହଣା କାଢ଼ି ଦାନ ଦେଇଥିଲେ। ଏହି ମହିଳାଙ୍କ ମଧ୍ୟରେ ଥିବା ମଧୁବାବୁଙ୍କ ଝିଆରୀ ମା' ରମାଦେବୀ ଗାନ୍ଧୀଙ୍କୁ ଖଦି ସୂତା ଉପହାର ଦେଇଥିଲେ। ସୂତା ଦେଖି ଗାନ୍ଧିଜୀ ଆଶ୍ଚର୍ଯ୍ୟ ହେବା ସହ ତାଙ୍କ ବିଷୟରେ ଜାଣିବାକୁ ଆଗ୍ରହ ପ୍ରକାଶ କରିଥିଲେ। ଏହି ଘଟଣାରୁ ଗାନ୍ଧିଜୀ ମଧୁବାବୁଙ୍କ ବିଷୟରେ ଶୁଣିଲେ। ମଧୁବାବୁ ପଥର ଅରଟରେ ସୂତା କାଟୁଥିବା ଜାଣିବାକୁ ପାଇଲେ। ସେ ସମୟରେ ମଧୁବାବୁ କଂଗ୍ରେସ ଛାଡ଼ି ଥିଲେ ଏବଂ ଉତ୍କଳ ଟ୍ୟାନେରି ସମେତ ତାରକସି କାରଖାନାରେ ବ୍ୟସ୍ତ ରହୁଥିଲେ। ମଧୁବାବୁଙ୍କ ବାସଭବନ ଏବେର ଶୈଳବାଳା ମହିଳା କଲେଜରେ ରହୁଥିଲେ। ୧୯୨୫ ଅଗଷ୍ଟରେ ଦ୍ୱିତୀୟ ଓଡ଼ିଶା ଗସ୍ତରେ ମହାତ୍ମା ଗାନ୍ଧୀ ମଧୁବାବୁଙ୍କୁ ଭେଟିବାକୁ ଆସିଥିଲେ। ଗାନ୍ଧିଜୀଙ୍କ ସହ ବିଶିଷ୍ଟ ବ୍ୟବସାୟୀ ରଙ୍ଗଲାଲ ମୋଦୀ ମଧ ଆସିଥିଲେ। ଗାନ୍ଧିଜୀ ମଧୁବାବୁଙ୍କ ବାସ ଭବନରେ ଅଗଷ୍ଟ ୧୮ ଓ ୧୯ ତାରିଖ ଦୁଇ ଦିନ ପାଇଁ ରହିଥିଲେ। ସେତେବେଳେ ଗାନ୍ଧିଜୀ ଅସ୍ପୃଶ୍ୟତା





ନିବାରଣ ଅଭିଯାନ ଚଳାଇଥିଲେ।

ଆଲୋଚନା ପ୍ରସଙ୍ଗରେ ମଧୁବାବୁ ତାଙ୍କୁ ଉତ୍କଳ ଟ୍ୟାନେରି ପରିବର୍ତ୍ତନ ପାଇଁ ଆମନ୍ତ୍ରଣ କରିଥିଲେ। ଉତ୍କଳ ଟ୍ୟାନେରି ଜେକେବିକେ ଓଏମପି ଅଞ୍ଚଳରେ ୩୩ ଏକର ଜମିରେ ପ୍ରତିଷ୍ଠା ହୋଇଥିଲା। ଉତ୍କଳ ଟ୍ୟାନେରି ଚମଡ଼ କସାଠୁ ଆରମ୍ଭ କରି ଚୂଡ଼ାନ୍ତ ଚମଡ଼ା ଉତ୍ପାଦ ନିର୍ମାଣ ପର୍ଯ୍ୟନ୍ତ କାର୍ଯ୍ୟରେ ବିଭିନ୍ନ ଜାତି, ଧର୍ମ, ବର୍ଣ୍ଣର ଲୋକ କାର୍ଯ୍ୟ କରୁଥିଲେ। ଗାନ୍ଧିଜୀ ବୁଝିଗଲେ, ଉତ୍କଳ ଟ୍ୟାନେରି କେବଳ ଲୋକଙ୍କୁ ନିଯୁକ୍ତି ଦେଇ ନଥିଲା, ଏହା ଥିଲା ଅସ୍ପୃଶ୍ୟତା ନିବାରଣର ପ୍ରୟୋଗଶାଳା। ମଧୁବାବୁଙ୍କ ବ୍ୟକ୍ତିତ୍ୱ, ଦୂରଦୃଷ୍ଟି, ଦେଶପ୍ରେମ ଗାନ୍ଧିଜୀଙ୍କୁ ପ୍ରଭାବିତ କରିଥିଲା। ସାବରମତୀ ଆଶ୍ରମରେ ଉତ୍କଳ ଟ୍ୟାନେରି ଭଳି ଏକ କାରଖାନା ପ୍ରତିଷ୍ଠା ପାଇଁ ମଧୁବାବୁଙ୍କୁ ଗାନ୍ଧିଜୀ ପ୍ରସ୍ତାବ ଦେଇଥିଲେ। ପରବର୍ତ୍ତୀ ସମୟର ନାରୀ ଶିକ୍ଷା ପାଇଁ ମଧୁବାବୁଙ୍କ ବାଳିକା ହାଇସ୍କୁଲ ପ୍ରତିଷ୍ଠା ପାଳିତ କନ୍ୟା ସୁଧାଂଶୁବାଳା ହାଜରାଙ୍କୁ ଓକିଲାତି କରିବା ସୁଯୋଗ ଦେବା ଆଦି ବିଷୟରେ ଗାନ୍ଧିଜୀ ଜାଣିବାକୁ ପାଇଲେ।

୧୯୨୭ ମସିହା ସେବାଗ୍ରାମ ଶିକ୍ଷା ସମ୍ମିଳନୀରେ ଉଦବୋଧନ ଦେଇ ଗାନ୍ଧିଜୀ କହିଥିଲେ ଯେ ୟୁରୋପରେ ଜଣେ ଲିଓ ଟଲଷ୍ଟୟ ଅଛନ୍ତତି ଓ ଆଉ ଜଣେ ଲିଓ ଟଲଷ୍ଟଏ ଓଡ଼ିଶାରେ ରହୁଛନ୍ତି। ମଧୁବାବୁଙ୍କୁ ସେ ଲିଓ ଟଲଷ୍ଟୟ ଭାବେ ସମ୍ବୋଧନ କରିଥିଲେ। ୧୯୩୪ଫେବୃଆରୀ ୨୮ରେ ମଧୁବାବୁଙ୍କ ଦେହାନ୍ତ ପରେ ସେହି ବର୍ଷ ମେ ୨୧ ତାରିଖରେ ଗାନ୍ଧିଜୀ ସତ୍ୟଭାମାପୁର ଜନ୍ମପୀଠକୁ ଆସି ରାତ୍ରିଯାପନ କରିଥିଲେ। କିନ୍ତୁ ସେ ଘରେ ନଶୋଇ ଛାତ ଉପରେ ମସିଣା ପକାଇ ଶୋଇଥିଲେ। ୧୯୨୫ ମସିହାରେ ଗାନ୍ଧିଜୀ ଓ ମଧୁବାବୁଙ୍କ ସାକ୍ଷାତକୁ ମଧୁବାବୁଙ୍କ ନାତୁଣୀ ଅନ୍ନପୂର୍ଣ୍ଣା ମହାରଣା ମୋଦି ଓ ତନ୍ତିଙ୍କ ସାକ୍ଷାତ ଭାବେ ଉଲ୍ଲେଖକରିଛନ୍ତି। ୧୯୫୨ ମସିହାରେ ମଧୁବାବୁଙ୍କ ସତ୍ୟଭାମାପୁରସ୍ଥି ପୈତୃକ ଜମି ବିକ୍ରି କଥା ଉଠିବାରୁ ମଧୁବାବୁ ଓ ଗାନ୍ଧିଜୀଙ୍କ ସ୍ମୃତି ବହନ କରୁଥିବା ଏହି ଜମିକୁ କେନ୍ଦ୍ରୀୟ ଗାନ୍ଧୀ ସ୍ମାରକୀନିଧି ୮୨ ହଜାର ଟଙ୍କା ଦେଇ କିଣିଥିଲେ। ଡକ୍ଟର ରାଜେନ୍ଦ୍ର ପ୍ରସାଦ, ପଣ୍ଡିତ ନେହେରୁ, ଅବଦୁଲ କଲାମ ଆଜାଦ ପ୍ରମୁଖ ଟ୍ରଷ୍ଟି ଭାବେ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ଏହି ଜମି କ୍ରୟ କରିଥିଲେ।

ଆଜିର ସମୟରେ ମଧୁ ଆଦର୍ଶ, ମଧୁ ବିଚାରର ମୌଳିକତା ସ୍ମରଣକୁ ଆସୁଛି। ମଧୁବାବୁଙ୍କ ବ୍ୟକ୍ତିତ୍ୱ ମର୍ଯ୍ୟାଦା ସ୍ୱାଭିମାନ ଚିରକାଳ ପାଇଁ ସ୍ମରଣୀୟ ହୋଇ ରହିବ ଏ ଓଡ଼ିଶା ପାଇଁ। ଓଡ଼ିଶା ପ୍ରଦେଶ ଗଠନର ବିନ୍ଧାଣୀ, ଏ ଜାତିର ମୁରବୀ, ଭାଷାର ସଂରକ୍ଷକ ଓଡ଼ିଆ ସ୍ୱାଭିମାନ ସୁରକ୍ଷାର ଜାଗ୍ରତ ପ୍ରହରୀ। ଉତ୍କଳ ଜନନୀର ଏହି ମହାନ ସନ୍ତାନକୁ କୋଟି କୋଟି ପ୍ରଣାମ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

'ଜେନ୍ ଜି'ଙ୍କୁ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା

# ସୋସିଆଲ ମିଡିଆରୁ ଦୂରେଇ ରୁହ, ଆତ୍ମଜୀବନୀ ପଢ଼

ନୂଆଦିଲ୍ଲୀ, ୧୨।୮: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର 'ଜେନ୍ ଜି'ଙ୍କୁ ଶକ୍ତିଶାଳୀ ବାର୍ତ୍ତା ଦେଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଭବିଷ୍ୟତରେ ଆମକୁ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ପରି ଲକ୍ଷ ଲକ୍ଷ ଯୁବକଙ୍କ ଆବଶ୍ୟକତା ଅଛି। ସେ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇ କହିଛନ୍ତି ଯେ, ଏହା ଡିଜିଟାଲ ଯୁଗ ଓ ସୋସିଆଲ ମିଡିଆ ଇନଫ୍ଲୁଏନ୍ସରମାନେ ଆପଣଙ୍କୁ ଆକର୍ଷିତ କରୁଛନ୍ତି। ସର୍ଟକଟ୍‌ରୁ ସାବଧାନ ରୁହନ୍ତୁ। ପ୍ରଧାନମନ୍ତ୍ରୀ ମୋଦି ଯୁବପିଢ଼ିଙ୍କୁ ଦୀର୍ଘ ଓ ଅଧିକ ଅର୍ଥପୂର୍ଣ୍ଣ ପଥ ବାଛିବାକୁ ଆହ୍ୱାନ କରିଛନ୍ତି। ମୋଦି କହିଛନ୍ତି ଯେ, ରେଳଷ୍ଟେସନରେ କିଛି ଲୋକ ପାଦଚଲା ପୋଲ ବ୍ୟବହାର କରିବା ପରିବର୍ତ୍ତେ ରେଳ ଟ୍ରାକ ପାର କରନ୍ତି, କାରଣ ସେମାନେ ଏହାକୁ ଏକ ସର୍ଟକଟ୍ ଭାବରେ ଦେଖନ୍ତି। କିନ୍ତୁ ସର୍ଟକଟ୍ ତୁମ ଜୀବନକୁ ଛୋଟ କରିଦେବ। ସର୍ଟକଟ୍ ପ୍ରତି ସାବଧାନ ଓ ଇନଫ୍ଲୁଏନ୍ସରଙ୍କ ଠାରୁ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି। ସେ ଯୁବପିଢ଼ିଙ୍କୁ ଆତ୍ମଜୀବନୀ ପଢ଼ିବାକୁ ଆହ୍ୱାନ କରିଛନ୍ତି। ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଆତ୍ମଜୀବନୀ 'ଟ୍ରାଏମ୍ଫ ଅଫ୍ ଦି ଇଣ୍ଡିଆନ୍ ରିପବ୍ଲିକ୍: ମାଇ ଲାଇଫ୍, ମାଇ ଷ୍ଟ୍ରଗଲ୍ସ' ଉନ୍ମୋଚନ ଅବସରରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ରାଷ୍ଟ୍ରପତି ପରି ସର୍ବୋଚ୍ଚ ପଦବୀରୁ ଅବସର ନେବା ପରେ ମଧ୍ୟ କୋବିନ୍ଦ ବିଶ୍ରାମ ନେଇନାହାନ୍ତି। ସେ ଏବେ ବି ଏକ ରାଷ୍ଟ୍ର, ଏକ ନିର୍ବାଚନ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କାମ କରୁଛନ୍ତି। ସେ ଦେଶକୁ ଜାଗ୍ରତ କରୁଛନ୍ତି। ଏହା ଏପରି ଏକ ବିଷୟ ଯାହାର ସଂକଳ୍ପ ଦେଶର ଗଣତନ୍ତ୍ରରେ ଏକ ନୂତନ ଅଧ୍ୟାୟ ଖୋଲିପାରେ। ମୁଁ ବିଶ୍ୱାସ କରେ ଦେଶର ଲୋକମାନେ ଏହି ସମର୍ପଣ ଓ ସେବା ମନୋଭାବରୁ ବହୁତ କିଛି ଶିଖିପାରିବେ। ମୋଦି କହିଛନ୍ତି, ଦୈନନ୍ଦିନ ଜୀବନରେ ସକ୍ରିୟ ଥିବା ସମୟରେ ଆତ୍ମଜୀବନୀ ପାଇଁ ସମୟ ବାହାର କରିବା ବହୁତ କଷ୍ଟକର। ରାମନାଥ କୋବିନ୍ଦ ଆମ ସମସ୍ତଙ୍କ ପାଇଁ ଏହା କରିଛନ୍ତି। କିପରି ଏହି ପବିତ୍ରତା ଆମକୁ ରାଷ୍ଟ୍ର ସେବା କରିବାକୁ ଶକ୍ତି ପ୍ରଦାନ କରେ ତାହା ଆତ୍ମଜୀବନୀରୁ ଜାଣିବାକୁ ମିଳିବ। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ରାମନାଥ କୋବିନ୍ଦ ବିଭିନ୍ନ ସ୍ଥିତିରେ ସମାଜକୁ ନିରନ୍ତର ପ୍ରେରଣା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଯୁବପିଢ଼ିଙ୍କୁ ଅନୁରୋଧ କରିଛନ୍ତି ଯେ, ଯଦି ସେମାନେ ସର୍ଟକଟ ନେଇ କୌଣସି ସ୍ଥାନରୁ ବାହାରିବାକୁ ଚାହାନ୍ତି, ତେବେ ସେମାନେ ପସନ୍ଦ କରୁଥିବା ଯେକୌଣସି ଆତ୍ମଜୀବନୀ ପଢ଼ନ୍ତୁ।



## ଯୁବପିଢ଼ି ଦେଶର ସବୁଠୁ ବଡ଼ ଶକ୍ତି

ନୂଆଦିଲ୍ଲୀ, ୧୨।୮: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ସୁଭାଷିତ ସେୟାର କରିଛନ୍ତି। ଅଗଷ୍ଟ ୧୨ ଅନ୍ତର୍ଜାତୀୟ ଯୁବ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ଭାରତୀୟ ଯୁବପିଢ଼ିଙ୍କୁ ଦେଶର ସବୁଠାରୁ ବଡ଼ ଶକ୍ତି ବୋଲି ମଧ୍ୟ ବର୍ଣ୍ଣନା କରିଛନ୍ତି। ଯୁବବର୍ଗମାନଙ୍କ ପ୍ରୟାସକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ ପୋଷ୍ଟରେ ଲେଖିଛନ୍ତି, ଆମର ଯୁବଜନମାନେ କେବଳ ଦେଶର ଭବିଷ୍ୟତ ନୁହଁନ୍ତି, ବରଂ ବର୍ତ୍ତମାନର ସବୁଠାରୁ ବଡ଼ ଶକ୍ତି ମଧ୍ୟ। ସେମାନେ ନିଜର ସମ୍ବେଦନଶୀଳତା, ସେବା ମନୋଭାବ ଏବଂ ଶକ୍ତି ଦ୍ୱାରା ସାରା ବିଶ୍ୱରେ ନିଜର ଭିନ୍ନ ପରିଚିତି ସୃଷ୍ଟି କରିଛନ୍ତି। ପ୍ରଧାନମନ୍ତ୍ରୀ ଏକ ସଂସ୍କୃତ ଶ୍ଲୋକ ମଧ୍ୟ ପୋଷ୍ଟ କରିଛନ୍ତି, 'ଚକ୍ଷୁଷା ମନସା ବାଚା କର୍ମଣା ଚ ଚତୁର୍ବିଧମ୍। ପ୍ରସାଦୟତି ଯୋ ଲୋକଂ ତଂ ଲୋକୋଽନୁପ୍ରସୀଦତି'। ଏହି ଶ୍ଲୋକର ସିଧା ଅର୍ଥ ହେଉଛି, ଯେଉଁ ବ୍ୟକ୍ତି ନିଜର ଦୃଷ୍ଟି, ଚିନ୍ତାଧାରା, ବାଣୀ ଏବଂ କାର୍ଯ୍ୟ ଦ୍ୱାରା ଲୋକଙ୍କ ହୃଦୟ ଜିଣିଥାଏ, ସେ ହିଁ ଲୋକଙ୍କର ବିଶ୍ୱାସ, ସମ୍ମାନ ଏବଂ ସଦ୍ଭାବନାର ପାତ୍ର ହୋଇଥାନ୍ତି।

# ଇମ୍ରାନ ଖାନଙ୍କ ମୃତ୍ୟୁ ଘଟିଛି!



ପାକିସ୍ତାନୀ ସାମ୍ବାଦିକଙ୍କ ଦାବି

ଇସଲାମାବାଦ, ୧୨।୮: ଇମ୍ରାନ ଖାନଙ୍କ ମୃତ୍ୟୁ ଘଟିଛି ବୋଲି ପାକିସ୍ତାନ ସରକାର ଓ ସେନାର ସୂତ୍ରକୁ ଉଦ୍ଧୃତ କରି ବରିଷ୍ଠ ପାକିସ୍ତାନୀ ସାମ୍ବାଦିକ ଓ୍ୱାଜାହତ ଏସ ଖାନ ଦାବି କରିଛନ୍ତି। ପାକିସ୍ତାନ ତେହେରିକ୍-ଏ-ଇନସାଫ (ପିଟିଆଇ)ସୋସିଆଲ ମିଡିଆ 'ଏକ୍ସ'ରେ କହିଛି ଯେ, ଦଳର ପ୍ରତିଷ୍ଠାତା ଇମ୍ରାନ ଖାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ 'ଚିନ୍ତାଜନକ ଖବର' ସାରା ଦେଶରେ ଚିନ୍ତା ଓ ଆତଙ୍କ ସୃଷ୍ଟି କରୁଛି। ଦଳ ଦାବି କରିଛି ଯେ, ସରକାର ତୁରନ୍ତ ଇମ୍ରାନ ଖାନଙ୍କ ସହ ସାକ୍ଷାତ କରିବାକୁ ଅନୁମତି ଦିଅନ୍ତୁ। ଇମ୍ରାନ ଖାନ ଜଣେ ସାଧାରଣ ରାଜନୈତିକ କର୍ମୀ ନୁହଁନ୍ତି, ବରଂ ଲକ୍ଷ ଲକ୍ଷ ପାକିସ୍ତାନୀଙ୍କର ଜଣେ ଲୋକପ୍ରିୟ ଓ ନିର୍ବାଚିତ ରାଜନୈତିକ ନେତା। ତାଙ୍କ ସ୍ୱାସ୍ଥ୍ୟ ବିଷୟରେ ଜନସାଧାରଣଙ୍କୁ ଆଶ୍ୱସ୍ତ କରିବା ସରକାରଙ୍କ ଦାୟିତ୍ୱ। ଇମ୍ରାନ ଦେଶର ସବୁଠାରୁ ବଡ଼ ଓ ଲୋକପ୍ରିୟ ରାଜନୈତିକ ଦଳର ନେତା। ତାଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ପାକିସ୍ତାନୀଙ୍କ ଚିନ୍ତା ଏବଂ ଭାବନା ସହିତ ଜଡିତ। ତାଙ୍କ ସ୍ୱାସ୍ଥ୍ୟକୁ ନେଇ ଅନିଶ୍ଚିତତା ଦୀର୍ଘ ସମୟ ଧରି ଜାରି ରହିପାରିବ ନାହିଁ, କିମ୍ବା ଏହା ଗୃହଯୁଦ୍ଧୀୟ ନୁହେଁ ବୋଲି ପିଟିଆଇ ସୂତ୍ରରୁ ପ୍ରକାଶ। ସରକାର ତୁରନ୍ତ ଇମ୍ରାନ ଖାନଙ୍କୁ ତାଙ୍କ ପରିବାର ସଦସ୍ୟ, ବ୍ୟକ୍ତିଗତ ଡାକ୍ତର, ଆଇନଜୀବୀ ଓ ଦଳର ଦାୟିତ୍ୱବାନ ରାଜନୈତିକ ନେତାଙ୍କ ସହ ସାକ୍ଷାତ କରିବାର ବ୍ୟବସ୍ଥା କରନ୍ତୁ। ଏଥିସହ ତାଙ୍କର ସମ୍ପୂର୍ଣ୍ଣ ଡାକ୍ତରୀ ପରୀକ୍ଷା ଓ ଚିକିତ୍ସା ତାଙ୍କ ବ୍ୟକ୍ତିଗତ ଡାକ୍ତରଙ୍କ ତତ୍ତ୍ୱାବଧାନରେ, ପରିବାର ସଦସ୍ୟଙ୍କ ଉପସ୍ଥିତିରେ ଏବଂ ସମ୍ପୂର୍ଣ୍ଣ ସ୍ୱଚ୍ଛତା ସହିତ କରାଯିବା ଉଚିତ ବୋଲି ଦଳ ପକ୍ଷରୁ ଦାବି କରାଯାଇଛି।

ଫୁକେଟ୍-ଦିଲ୍ଲୀ ବିମାନ ଦୁର୍ଘଟଣା

# ନିଦ ବଟିକା ଖାଉଥିଲେ ପାଇଲଟ୍



ନୂଆଦିଲ୍ଲୀ,୧୨।୮: ଅଗଷ୍ଟ ୪ ତାରିଖରେ ଫୁକେଟରୁ ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆ ବିମାନ ଆକାଶମାର୍ଗରେ ହଠାତ ପ୍ରାୟ ୩୦୦ ଫୁଟ ତଳକୁ ଖସିପଡ଼ିବା ଘଟଣାରେ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ବିମାନର ପାଇଲଟ୍-ଇନ୍-କମାଣ୍ଡ ନିଦ୍ରାହୀନତା ସମସ୍ୟା ପାଇଁ ନିଦ ବଟିକା ସେବନ କରୁଥିବା ନେଇ ଏୟାରଲାଇନ୍ସର ଆଭ୍ୟନ୍ତରୀଣ ଫ୍ଲାଇଟ୍ ସେଫ୍ଟି ରିପୋର୍ଟରୁ ପର୍ଦ୍ଦାଫାଶ ହୋଇଛି। କେବଳ ସେତିକି ନୁହେଁ, ପୂର୍ବରୁ ଦୁଇଥର ଡ୍ରଗ୍ ପରୀକ୍ଷାରେ ଏହି ପାଇଲଟ୍ ଗଞ୍ଜେଇ ସେବନ କରିଥିବା ପ୍ରମାଣିତ ହୋଇଥିଲା। ନିଜ ବୟାନରେ ପାଇଲଟ୍ ସ୍ୱୀକାର କରିଛନ୍ତି ଯେ, ବ୍ୟକ୍ତିଗତ କାରଣରୁ ସେ ଶୋଇପାରୁ ନଥିବାରୁ ଫ୍ୟାମିଲି ଡାକ୍ତରଙ୍କ ପରାମର୍ଶରେ ଔଷଧ ଖାଉଥିଲେ ଓ ଫୁକେଟରେ ଲେଓଭର ସମୟରେ ତାଙ୍କୁ ଠିକ୍‌ରେ ନିଦ ହୋଇନଥିଲା। ଏହାସହ ନିରନ୍ତର ଡ୍ୟୁଟି ଓ ଅନିୟମିତ ବିଶ୍ରାମ ସମୟ ଯୋଗୁଁ ସେ ଆବଶ୍ୟକୀୟ ଶାରୀରିକ ସୁସ୍ଥତା ପାଇପାରୁ ନଥିବା ଦର୍ଶାଇଛନ୍ତି। ରିପୋର୍ଟ ଅନୁଯାୟୀ, ବିମାନଟି ତଳକୁ ଖସିବା ସମୟରେ ମୁଖ୍ୟ ପାଇଲଟ୍ ନିଜ ସିଟ୍‌ରେ ନଥିଲେ। କୋ-ପାଇଲଟ୍ ବିମାନ ପରିଚାଳନା କରୁଥିଲେ। ଦିଲ୍ଲୀରେ ଅବତରଣ କରିବା ପରେ ମୁଖ୍ୟ ପାଇଲଟ୍ ସିଧାସଳଖ ଛିଡ଼ା ହୋଇପାରୁ ନଥିଲେ ଏବଂ ନମୁନା ସଂଗ୍ରହ ବେଳେ ତଦନ୍ତକାରୀ ଅଧିକାରୀ ତାଙ୍କୁ ଧରି ବସାଇବାକୁ ପଡ଼ିଥିଲା। ବର୍ତ୍ତମାନ ତଦନ୍ତ ଶେଷ ନହେବା ପର୍ଯ୍ୟନ୍ତ ଉଭୟ ପାଇଲଟଙ୍କୁ ଡ୍ୟୁଟିରୁ ନିଲମ୍ବିତ କରାଯାଇଛି।

'ଗଟର ଜେନେରେସନ' କହିବା ପଡ଼ିଲା ମହଙ୍ଗା

# କଙ୍ଗନାଙ୍କ ବିରୋଧରେ ମାମଲା



ଆଗ୍ରା,୧୨।୮: ଅଭିନେତ୍ରୀ ତଥା ବିଜେପି ସାଂସଦ କଙ୍ଗନା ରାଣାଓ୍ୱତଙ୍କ ବିରୋଧରେ ଆଗ୍ରାରେ ଏକ ମାମଲା ରୁଜୁ ହୋଇଛି। ରାଜୀବ ଗାନ୍ଧୀ ବାର ଆସୋସିଏସନର ସଭାପତି ଆଡଭୋକେଟ୍ ରାମଶଙ୍କର ଶର୍ମା ବୁଧବାର ଏହି ସୂଚନା ପ୍ରଦାନ କରିଛନ୍ତି। ନିଟ୍-ୟୁଜି ପେପର ଲିକ୍ ବିରୋଧରେ ପ୍ରତିବାଦ କରୁଥିବା ଛାତ୍ରଛାତ୍ରୀମାନଙ୍କୁ କଙ୍ଗନା 'ଗଟର ଜେନେରେସନ' ବୋଲି କହିଥିଲେ। କୋର୍ଟ ଆସନ୍ତା ୨୧ ତାରିଖରେ ମାମଲାର ଶୁଣାଣି କରିବେ। ରାମଶଙ୍କର କହିଛନ୍ତି, ମୁଁ ସାଂସଦ/ବିଧାୟକଙ୍କ ପାଇଁ ଥିବା ସ୍ୱତନ୍ତ୍ର କୋର୍ଟରେ ମାମଲା ଦାୟର କରିଛି। କଙ୍ଗନାଙ୍କର ପୂର୍ବରୁ ଏଭଳି ମନ୍ତବ୍ୟ ଦେବାର ଅଭ୍ୟାସ ଅଛି। ସେ ଦେଶର ଛାତ୍ରଛାତ୍ରୀମାନଙ୍କୁ ଅପମାନିତ କରିଛନ୍ତି ଓ ସେମାନଙ୍କ ପିତାମାତାଙ୍କୁ ମଧ୍ୟ ଦୁର୍ବ୍ୟବହାର କରିଛନ୍ତି। ଏହା ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ସହିତ ଜଡିତ ବିଷୟ।

# କନ୍ୟା ସନ୍ତାନର ମା' ହେଲେ ବବିତା



ନୂଆଦିଲ୍ଲୀ,୧୨।୮: ଭେଟେରାନ ମହିଳା କୁସ୍ତିବିତ୍ ତଥା ବିଜେପି ନେତ୍ରୀ ବବିତା ଫୋଗତ ଏକ କନ୍ୟା ସନ୍ତାନର ଜନନୀ ହେବାର ସୌଭାଗ୍ୟ ପାଇଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ବବିତା ଝିଅ ଆସିବାର ଖବର ଦେଇଛନ୍ତି। ଏହି ପୋଷ୍ଟରେ ସେ ଝିଅକୁ ଦେବୀ ପାର୍ବତୀଙ୍କ ପ୍ରତିମୂର୍ତ୍ତି ଭାବେ ବର୍ଣ୍ଣନା କରିଛନ୍ତି। ମହାଦେବଙ୍କ କୃପାରୁ ନନ୍ହୀପରୀ ପାର୍ବତୀଙ୍କ ସ୍ୱରୂପ ଝିଅ ମୋ ଜୀବନରେ ପହଞ୍ଚିଛି। ଝିଅକୁ ଜନ୍ମଦେବା ମୋ ପାଇଁ ଅମୂଲ୍ୟ ଆଶୀର୍ବାଦ ହୋଇଛି। ଏହା ଆମ ପରିବାର ପାଇଁ ବହୁତ ଖୁସି ଆଣିଛି। ମୋର ଏହି ନବଜାତ ଶିଶୁ କନ୍ୟାକୁ ଆଶୀର୍ବାଦ କରନ୍ତୁ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ବିଜୟିନୀ ବିବିତା ୨୦୧୯ରେ ବିବେକ ସୁହାଗଙ୍କୁ ବିବାହ କରିଥିଲେ। ଉଭୟ ୨୦୨୧ ଜାନୁଆରିରେ ପ୍ରଥମ ପୁତ୍ର ସନ୍ତାନର ପିତାମାତା ହେବା ସୌଭାଗ୍ୟ ପାଇଥିଲେ।

ସରୱାନନ୍ଦ କୌଲ୍ ପ୍ରେମୀ ହତ୍ୟାକାଣ୍ଡ

# ୩୬ ବର୍ଷ ପରେ କାର୍ଯ୍ୟାନୁଷ୍ଠାନ



ଶ୍ରୀନଗର,୧୨।୮: କାଶ୍ମୀରୀ ପଣ୍ଡିତ, ବିଶିଷ୍ଟ କବି ତଥା ସ୍ୱାଧୀନତା ସଂଗ୍ରାମୀ ସରୱାନନ୍ଦ କୌଲ୍ ପ୍ରେମୀ ଓ ତାଙ୍କ ପୁଅ ବୀରେନ୍ଦ୍ର କୌଲଙ୍କ ନିର୍ମମ ହତ୍ୟାକାଣ୍ଡର ପ୍ରାୟ ସାଢ଼େ ତିନି ଦଶନ୍ଧି ବା ୩୬ ବର୍ଷ ପରେ ଷ୍ଟେଟ୍ ଇନଭେଷ୍ଟିଗେସନ୍ ଏଜେନ୍ସି (ଏସଆଇଏ) କାଶ୍ମୀର ବୁଧବାର ଏକ ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି ମାମଲାରେ ସମ୍ପୃକ୍ତ ହତ୍ୟାକାରୀ, ସହଯୋଗୀ ଓ ଷଡ଼ଯନ୍ତ୍ରକାରୀଙ୍କୁ ଚିହ୍ନଟ କରିବା ପାଇଁ ଏସ୍ଆଇଏ ପକ୍ଷରୁ ଜାମ୍ମୁ-କାଶ୍ମୀରର ୯ଟି ସ୍ଥାନରେ ଏକକାଳୀନ ବ୍ୟାପକ ଚଢ଼ାଉ ଓ ତଲାସୀ ଅଭିଯାନ ଚାଲୁ ରହିଛି। ଅନନ୍ତନାଗର ଦୋରୁ ଥାନାରେ ରୁଜୁ ହୋଇଥିବା ପୁରୁଣା ଏଫଆଇଆରକୁ ଏସଆଇଏ ନିଜ ହାତକୁ ନେବା ପରେ ଏହି ସନ୍ଧାନୀ ଅଭିଯାନ ଆରମ୍ଭ ହୋଇଛି।

# ସୀମା ନିର୍ଦ୍ଧାରଣ ବିରୋଧୀ ପ୍ରସ୍ତାବ ଆଗତ କଲେ ବିଜୟ



ଚେନ୍ନାଇ, ୧୨।୮: ତାମିଲନାଡୁ ମୁଖ୍ୟମନ୍ତ୍ରୀ ଜୋଶେଫ୍ ବିଜୟ ଲୋକସଭା ନିର୍ବାଚନମଣ୍ଡଳୀର ସୀମା ନିର୍ଦ୍ଧାରଣ ବିରୋଧରେ ବୁଧବାର ବିଧାନସଭାରେ ଏକ ପ୍ରସ୍ତାବ ଆଗତ କରିଛନ୍ତି। ସେ ମହିଳା ସଂରକ୍ଷଣକୁ ଦୃଢ଼ ଭାବରେ ସମର୍ଥନ କରିଥିଲେ ମଧ୍ୟ କେନ୍ଦ୍ରକୁ ଲୋକସଭାର ୫୪୩ ଆସନ ବଜାୟ ରଖିବାକୁ ଅନୁରୋଧ କରିଛନ୍ତି।

ସେ ଚେତାଇ ଦେଇଛନ୍ତି ଯେ, ଜନସଂଖ୍ୟା ଆଧାରରେ ସୀମା ନିର୍ଦ୍ଧାରଣ କରାଗଲେ ତାମିଲନାଡୁ ଭଳି ଦକ୍ଷିଣ ରାଜ୍ୟଗୁଡ଼ିକର ପ୍ରତିନିଧିତ୍ୱ ପ୍ରଭାବିତ ହୋଇପାରେ। କାରଣ ଦକ୍ଷିଣ ରାଜ୍ୟଗୁଡ଼ିକରେ ପ୍ରାୟତଃ ଜନସଂଖ୍ୟା ନିୟନ୍ତ୍ରଣ ପଦକ୍ଷେପ ସଫଳତାର ସହିତ କାର୍ଯ୍ୟକାରୀ କରାଯାଇଛି। ଶାସକ ଦଳ ଟିଭିକେ ଦ୍ୱାରା ଆଗତ ପ୍ରସ୍ତାବରେ ତିନୋଟି ପ୍ରମୁଖ ଦାବି ଥିଲା। ବିଦ୍ୟମାନ ୫୪୩ ଲୋକସଭା ଆସନକୁ ସ୍ଥାୟୀ ଭାବରେ ବଜାୟ ରଖିବା, ପ୍ରତ୍ୟେକ ରାଜ୍ୟକୁ ବର୍ତ୍ତମାନ ଆବଣ୍ଟିତ ଆସନକୁ ସ୍ଥାୟୀ କରିବା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାଙ୍କ ପାଇଁ ୩୩% ସଂରକ୍ଷଣ ସୁନିଶ୍ଚିତ କରିବା।

ସଂସଦ ଓ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳା ସଂରକ୍ଷଣ କାର୍ଯ୍ୟକାରୀ କରିବା ସହିତ ଜଡିତ ସୀମା ନିର୍ଦ୍ଧାରଣ ବିଲ୍ ପାଇଁ ସମର୍ଥନ ପାଇବା ପାଇଁ କେନ୍ଦ୍ର ସରକାରଙ୍କ ପ୍ରୟାସ ଜାରି ରଖିଥିବା ବେଳେ ବିଜୟ ଏଭଳି ଆଭିମୁଖ୍ୟ ପୋଷଣ କରିଛନ୍ତି।

# ସଂସଦରେ ବିତର୍କ ପାଇଁ ଅମିତ ଶାହଙ୍କ ଆହ୍ୱାନ

ଭାଷଣ ନୁହେଁ, ଗୃହମନ୍ତ୍ରୀଙ୍କ ଇସ୍ତଫା ଚାହୁଁଛନ୍ତି ଯୁବପିଢ଼ି:ରାହୁଲ



ନୂଆଦିଲ୍ଲୀ,୧୨।୮: ଦିଲ୍ଲୀରେ ବିକ୍ଷୋଭରତ ଛାତ୍ରଛାତ୍ରୀଙ୍କ ଉପରେ ପୁଲିସର କାର୍ଯ୍ୟାନୁଷ୍ଠାନକୁ ନେଇ ବିରୋଧୀଙ୍କ ନିଶାଣରେ ଥିବା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ବୁଧବାର ସଂସଦରେ ଏହି ବିଷୟରେ ଖୋଲା ବିତର୍କ ପାଇଁ ପ୍ରସ୍ତାବ ଦେଇଛନ୍ତି। ବିତର୍କ ପରେ ସେ ସଂସଦରେ ଏକ ସବିଶେଷ ବିବୃତି ରଖିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଗୃହମନ୍ତ୍ରୀଙ୍କ ଏହି ପ୍ରସ୍ତାବକୁ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସାଙ୍ଗେ ସାଙ୍ଗେ ପ୍ରତ୍ୟାଖ୍ୟାନ କରିବା ସହ ଶାହଙ୍କ ଇସ୍ତଫା ଦାବି କରିଛନ୍ତି। ଛାତ୍ର ଆନ୍ଦୋଳନ ବିବାଦ ଉପରେ ପ୍ରଥମ ଥର ପାଇଁ ନିଜର ପକ୍ଷ ରଖି ଗୃହମନ୍ତ୍ରୀ ଅମିତ ଶାହ ବିରୋଧୀ ଦଳକୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ବିରୋଧୀମାନେ ଛାତ୍ର ସମସ୍ୟା ଉପରେ ଆଲୋଚନା କରିବାକୁ ଚାହୁଁନାହାନ୍ତି। ଗୃହ କାର୍ଯ୍ୟକୁ ଅଚଳ କରି ପଳାୟନବାଦୀ ମନୋଭାବ ଦେଖାଉଛନ୍ତି। ସଂସଦରେ ଆଲୋଚନାର ନିୟମ ରହିଛି ଏବଂ ସେହି ନିୟମାନୁସାରେ ବିତର୍କ ଆରମ୍ଭ ହେଲେ ସେ ଗୃହରେ ଉପସ୍ଥିତ ରହି ସମସ୍ତ ପ୍ରଶ୍ନର ପୂର୍ଣ୍ଣାଙ୍ଗ ଉତ୍ତର ଦେବେ। ସେ ନିୟମିତ ସଂସଦକୁ ଆସୁଥିଲେ ବି ବିରୋଧୀଙ୍କ ହଙ୍ଗାମା ଯୋଗୁଁ ଗୃହ ଚାଲିପାରୁନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଅନ୍ୟପଟେ, ଗୃହମନ୍ତ୍ରୀଙ୍କ ଆହ୍ୱାନର କିଛି ସମୟ ମଧ୍ୟରେ ରାହୁଲ ଗାନ୍ଧୀ ଏହାକୁ ପ୍ରତ୍ୟାଖ୍ୟାନ କରି କହିଛନ୍ତି ଯେ, ଦେଶର ଯୁବବର୍ଗ ଗୃହମନ୍ତ୍ରୀଙ୍କ ଭାଷଣ ଶୁଣିବାକୁ ଚାହୁଁନାହାନ୍ତି। ସେମାନେ କେବଳ ତାଙ୍କର ଇସ୍ତଫା ଚାହୁଁଛନ୍ତି।

# ଜୁଆରରେ ଫସିଥିବା ଫେରୀରେ ଅଗ୍ନିକାଣ୍ଡ

୧୩୧ ଯାତ୍ରୀଙ୍କ ମଧ୍ୟରୁ ୧୦୬ ଉଦ୍ଧାର



ଜାକର୍ତ୍ତା, ୧୨।୮: ଇଣ୍ଡୋନେସିଆର ପର୍ଯ୍ୟଟନ ଦ୍ୱୀପ ବାଲିରେ ବୁଧବାର ଉଚ୍ଚ ଜୁଆରରେ ଫସି ରହିଥିବା ଏକ ଯାତ୍ରୀବାହୀ ଫେରିରେ ନିଆଁ ଲାଗିଯାଇଛି। ଉଦ୍ଧାରକାରୀ ଦଳଙ୍କ ପକ୍ଷରୁ ଫେରିରେ ଥିବା ୧୩୧ ଜଣଙ୍କ ମଧ୍ୟରୁ ୧୦୬ ଜଣଙ୍କୁ ଉଦ୍ଧାର କରାଯାଇଛି ଓ ନିଆଁ ଲିଭାଇବା ପାଇଁ ପ୍ରୟାସ ଜାରି ରହିଛି। ଅଧିକାରୀମାନେ କହିଛନ୍ତି, ଜଳୁଥିବା ଫେରିରେ ଥିବା ଅବଶିଷ୍ଟ ୨୫ ଜଣଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା ଜାରି ରହିଛି। ସମସ୍ତ ଯାତ୍ରୀ ଓ କର୍ମଚାରୀଙ୍କ ସୁରକ୍ଷା ଯୋଗାଇବା ଆମର ସର୍ବୋଚ୍ଚ ପ୍ରାଥମିକତା ବୋଲି ଉଦ୍ଧାର କାର୍ଯ୍ୟାଳୟର ମୁଖ୍ୟ ମହମ୍ମଦ ହାରିଆଦି କହିଛନ୍ତି। ସେ କହିଛନ୍ତି, ସମୁଦ୍ର ଅଶାନ୍ତ ରହିଛି। ୪ ମିଟର (୧୩ ଫୁଟ) ଉଚ୍ଚ ଜୁଆର ଉଦ୍ଧାର କାର୍ଯ୍ୟକୁ କଷ୍ଟକର କରୁଛି। ପ୍ରାଦେଶିକ ରାଜଧାନୀ ମତାରାମରେ ଥିବା ସନ୍ଧାନ କାର୍ଯ୍ୟାଳୟ ଅନୁଯାୟୀ, ଭୋର୍ ପ୍ରାୟ ୪:୧୫ ସମୟରେ ଅଗ୍ନିକାଣ୍ଡ ଘଟିଥିଲା।

# ହରିଦ୍ୱାରରେ ୭ ହଜାର ଟନ୍ ଆବର୍ଜନାର ପାହାଡ଼

ହରିଦ୍ୱାର,୧୨।୮: କାଉଡ଼ି ଯାତ୍ରା ସରିଛି, କିନ୍ତୁ ଏହା ପରେ ଦେବଭୂମି ଉତ୍ତରାଖଣ୍ଡରେ ରହି ଯାଇଛି ଆବର୍ଜନାର ପାହାଡ଼। ଚଳିତ ଶ୍ରାବଣରେ ଗଙ୍ଗାଜଳ ସଂଗ୍ରହ କରିବା ପାଇଁ ପ୍ରାୟ ୫ କୋଟି ଶ୍ରଦ୍ଧାଳୁ ହରିଦ୍ୱାରରେ ପହଞ୍ଚିଥିବା ଜଣାପଡ଼ିଛି।



ଶିବରାତ୍ରି ପରେ ଶ୍ରଦ୍ଧାଳୁମାନେ ନିଜ ନିଜ ଅଞ୍ଚଳକୁ ଫେରିବା ପରେ ଗଙ୍ଗା ଘାଟରେ ଛାଡ଼ି ଯାଇଛନ୍ତି ବିପୁଳ ପରିମାଣର ଆବର୍ଜନା। ହରିଦ୍ୱାରର ବିଭିନ୍ନ ଘାଟରେ ଫିଙ୍ଗା ଯାଇଥିବା ପୋଷାକ, ପ୍ଲାଷ୍ଟିକ୍ ସାମଗ୍ରୀ ଏଣେ ତେଣେ ପଡ଼ିଥିବାର ଦୃଶ୍ୟ ସାମ୍ନାକୁ ଆସିଛି। ଶତାଧିକ ଘାଟ ମଧ୍ୟରୁ ସବୁଠାରୁ ପ୍ରସିଦ୍ଧ ଓ ପବିତ୍ର ହର କି ପୌଡ଼ି ଘାଟର ସ୍ଥିତି ଖୁବ୍ ଖରାପ। ସବୁଠାରୁ ଚିନ୍ତାଜନକ ଦୃଶ୍ୟ ଚେଞ୍ଜିଂ ରୁମ୍‌ରୁ ଆସିଛି। ସେଠାରେ ପାଣି ବୋତଲରେ ପରିସ୍ରା ଭରି ଫିଙ୍ଗି ଦିଆଯାଇଥିବା ଅଭିଯୋଗ ହୋଇଛି। ଭାଇରାଲ୍ ଭିଡିଓରେ ସଫେଇ କର୍ମଚାରୀମାନେ ଗ୍ଲୋଭ୍ସ କିମ୍ବା ମାସ୍କ ନ ପିନ୍ଧି ସେହି ବୋତଲଗୁଡ଼ିକୁ ହଟାଉଥିବା ଦେଖାଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ଜଣେ ସ୍ଥାନୀୟ ବାସିନ୍ଦା ଏହାକୁ 'ଦୁର୍ଭାଗ୍ୟଜନକ' ବୋଲି କହିବା ସହ କହିଛନ୍ତି ଯେ, ଭକ୍ତମାନେ ଦୀର୍ଘ ରାସ୍ତା ଚାଲି ଗଙ୍ଗା ପାଖକୁ ଆସୁଛନ୍ତି, କିନ୍ତୁ ଫେରିବା ବେଳେ ସେହି ଗଙ୍ଗାକୁ ଏଭଳି ଅପରିଷ୍କାର କରି ଯାଉଛନ୍ତି। ମେଳା ଅବଧିର ୧୩ ଦିନରେ ୪ କୋଟି ୮୦ ଲକ୍ଷ ୪୦ ହଜାର କାଉଡିଆ ହର କି ପୌଡ଼ି ସହିତ ବିଭିନ୍ନ ଘାଟରୁ ଗଙ୍ଗାଜଳର ନେଇ ନିଜର ଗନ୍ତବ୍ୟ ସ୍ଥଳକୁ ଯାତ୍ରା କରିଛନ୍ତି।

# ଆବାସିକ କୋଠାରେ ଅଗ୍ନିକାଣ୍ଡ

● ୨ ବର୍ଷର ଶିଶୁ ସହ ୨ ମୃତ, ୬ ଆହତ



ମୁମ୍ବାଇ,୧୨।୮: ମୁମ୍ବାଇ ଭିଲେ ପାର୍ଲେ (ପଶ୍ଚିମ) ଅଞ୍ଚଳରେ ଥିବା ଏକ ୧୨ ମହଲା ବିଶିଷ୍ଟ ଆପାର୍ଟମେଣ୍ଟର ୧୧ତମ ମହଲାରେ ମଙ୍ଗଳବାର ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟି ଜଣେ ଅଢ଼େଇ ବର୍ଷର ଅବୋଧ ଶିଶୁ ଓ ଜଣେ ୨୩ ବର୍ଷୀୟା ଯୁବତୀଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୬ ଜଣ ଆହତ ହୋଇଛନ୍ତି। ପ୍ରାୟ ୪,୦୦୦ ବର୍ଗ ଫୁଟ୍ ଅଞ୍ଚଳରେ ବ୍ୟାପିଥିବା ଏହି ନିଆଁରେ ବୈଦ୍ୟୁତିକ ସରଞ୍ଜାମ, ଏସି, ଆସବାବପତ୍ର, ଫଲ୍ସ ସିଲିଂ ଓ ରୋଷେଇ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ଦୁର୍ଘଟଣାରେ ଆହତ ହୋଇଥିବା ୮ ଜଣଙ୍କ ମଧ୍ୟରୁ ୨ ଜଣଙ୍କୁ କୁପର ହସ୍ପିଟାଲ ଏବଂ ୬ ଜଣଙ୍କୁ ନାନାବତୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ନାନାବତୀ ହସ୍ପିଟାଲରେ ଅଢ଼େଇ ବର୍ଷର ଶିଶୁ ଅବୀର ଓ ୨୩ ବର୍ଷୀୟା ଅଙ୍କିତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

ଋଣ ନେଇ ଯୁଦ୍ଧ ଲଢ଼ିଥିଲା ବ୍ରିଟେନ୍

# ୧୦୯ ବର୍ଷ ପରେ ଆସିଲା ଜବାବ

ଭୋପାଳ,୧୨।୮: ୧୦୯ ବର୍ଷ ପୁରୁଣା ଏକ ଯୁଦ୍ଧ ଋଣ ପ୍ରମାଣପତ୍ର ଏବେ ମଧ୍ୟପ୍ରଦେଶର ଏକ ପରିବାରକୁ ନୂଆ ଆଶା ଦେଇଛି। ୧୯୧୭ରେ ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ତତ୍କାଳୀନ ବ୍ରିଟିଶ ସରକାରକୁ ୩୫,୦୦୦ ଟଙ୍କା ଦେଇଥିବା ଏକ ପରିବାର ଏବେ ନିଜ ଟଙ୍କାର ସ୍ଥିତି ଜାଣିବାକୁ ଚାହୁଁଛନ୍ତି। ଏହି ଟଙ୍କା ବ୍ରିଟିସ ସରକାର ଫେରାଇଛନ୍ତି ନା ନାହିଁ। ଯଦି ଫେରାଇଛନ୍ତି ତା'ର ପ୍ରମାଣ ଜାଣିବାକୁ ଚାହୁଁଥିଲା ପରିବାର। ଦୀର୍ଘ ୧୦୯ ବର୍ଷ ପରେ ଏହି ମାମଲାରେ ବ୍ରିଟେନର ଡେବ୍ଟ ମ୍ୟାନେଜମେଣ୍ଟ ଅଫିସ୍ (ଡିଏମଓ) ପକ୍ଷରୁ ପରିବାରକୁ ଜବାବ ମିଳିଛି।

ମଧ୍ୟପ୍ରଦେଶର ସିହୋର ନିବାସୀ ୬୩ ବର୍ଷୀୟ ବିବେକ ରୁଥିଆଙ୍କ କହିବା ଅନୁଯାୟୀ, ତାଙ୍କ ଜେଜେବାପା ସେଠ୍ ଜୁମ୍ମା ଲାଲ ରୁଥିଆ ୧୯୧୭ରେ 'ଇଣ୍ଡିଆନ୍ ୱାର ଲୋନ୍'ରେ ୩୫,୦୦୦ ଟଙ୍କା ନିବେଶ କରିଥିଲେ। ଏହି ଟଙ୍କା ପରେ ଫେରସ୍ତ ହୋଇଥିଲା କି ନାହିଁ, ତାହା ଜାଣିବା ପାଇଁ ପରିବାର ବ୍ରିଟିଶ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିଥିଲା। ଏବେ ବ୍ରିଟେନର ଡିଏମଓ ପକ୍ଷରୁ ପରିବାରକୁ ମୂଳ ଯୁଦ୍ଧ ଋଣ ପ୍ରମାଣପତ୍ର ଓ ଏହା ସହ ଜଡ଼ିତ ଅନ୍ୟ ଚିଠିପତ୍ର ଦାଖଲ କରିବାକୁ କୁହାଯାଇଛି। ପରିବାର ବର୍ତ୍ତମାନ ଏହି ସମସ୍ତ ଦସ୍ତାବିଜ ସଂଗ୍ରହ କରି ବ୍ରିଟିଶ କର୍ତ୍ତୃପକ୍ଷଙ୍କୁ ପଠାଇବାକୁ ପ୍ରସ୍ତୁତ ହେଉଛି।

ବିବେକ ରୁଥିଆ କହିଛନ୍ତି ଯେ, ଏତେ ବର୍ଷ ପରେ ମଧ୍ୟ ବ୍ରିଟିଶ କର୍ତ୍ତୃପକ୍ଷଙ୍କଠାରୁ ଜବାବ ମିଳିବ ବୋଲି ସେ କେବେ ଭାବି ନଥିଲେ। ସେ କହିଛନ୍ତି, ଏହି ଜବାବ ତାଙ୍କ ପରିବାର ପାଇଁ ଖୁସୀର ଖବର। ଏହାଫଳରେ ଏବେ ପୁରୁଣା ଦସ୍ତାବିଜ ଆଧାରରେ ଟଙ୍କାର ପ୍ରକୃତ ସ୍ଥିତି ଜାଣିବାର ଆଶା ସୃଷ୍ଟି ହୋଇଛି ବୋଲି କହିଛନ୍ତି ବିବେକ। ତେବେ ପରିବାର ପାଇଁ ଏହି ମାମଲା ଏବେ କେବଳ ଟଙ୍କା ଫେରିପାଇବାର ପ୍ରଶ୍ନ ନୁହେଁ। ୧୯୧୭ରେ ଦିଆଯାଇଥିବା ଏହି ଟଙ୍କା କେବେ ଫେରସ୍ତ ହୋଇଥିଲା କି ନାହିଁ, ଯଦି ହୋଇଥିଲା ତେବେ କିପରି ଏବଂ କେବେ ହୋଇଥିଲା ? ତାହାର ସ୍ପଷ୍ଟ ରେକର୍ଡ ଖୋଜିବା ଏବେ ପରିବାରର ମୁଖ୍ୟ ଲକ୍ଷ୍ୟ।




# ଟାଟା ସନ୍ସରୁ ଏନ୍. ଚନ୍ଦ୍ରଶେଖରନଙ୍କ ଇସ୍ତଫା



ନୂଆଦିଲ୍ଲୀ,୧୨।୮: ଟାଟା ସନ୍ସର ଚେୟାରମ୍ୟାନ ପଦରୁ ଏନ୍. ଚନ୍ଦ୍ରଶେଖରନ ଇସ୍ତଫା ଦେଇଛନ୍ତି। ନୋଏଲ ଟାଟାଙ୍କ ସହ ବିବାଦ ପରେ ଇସ୍ତଫା ଦେଇଥିବା ସୂଚନା ମିଳିଛି। ଏନ୍ ଚନ୍ଦ୍ରଶେଖରନ୍ ଆର୍ଥିକ ବର୍ଷ ୨୦୨୬ରେ ଭାରତର ସର୍ବାଧିକ ବେତନ ପ୍ରାପ୍ତ କର୍ପୋରେଟ୍ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କ ମଧ୍ୟରୁ ଜଣେ ଥିଲେ। ଟାଟା ସନ୍ସର ସର୍ବଶେଷ ବାର୍ଷିକ ରିପୋର୍ଟ ଅନୁଯାୟୀ, ୨୦୨୬ ମାର୍ଚ୍ଚ ୩୧ରେ ଶେଷ ହୋଇଥିବା ଆର୍ଥିକ ବର୍ଷରେ ତାଙ୍କର ମୋଟ ଦରମା ୧୫୮.୬୬ କୋଟି ଟଙ୍କାକୁ ବୃଦ୍ଧି ପାଇଛି, ଯାହା ୨୦୨୫ ଆର୍ଥିକ ବର୍ଷରେ ୧୫୫.୮୧ କୋଟି ଟଙ୍କା ଥିଲା। ଚନ୍ଦ୍ରଶେଖରନ୍ ୧୯୮୭ ରେ ଟାଟା ଗ୍ରୁପରେ ଯୋଗ ଦେଇଥିଲେ। ୨୦୧୭ରେ ଟାଟା ସନ୍ସର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ସେ ୨୦୦୯ରେ ଟିସିଏସର ସିଇଓ ହୋଇଥିଲେ।

# ଜେପିସିକୁ ଯିବ ବିଦେଶୀ ଯୋଗଦାନ ବିଲ୍

ନୂଆଦିଲ୍ଲୀ, ୧୨।୮: ଲୋକସଭାରେ 'ବିଦେଶୀ ଯୋଗଦାନ (ରେଗୁଲେସନ) ସଂଶୋଧନ ବିଧେୟକ ୨୦୨୬' (ଏଫସିଆରଏ ବିଲ୍) ବୁଧବାର ଉଭୟ ସଦନର ସଂଯୁକ୍ତ ସଂସଦୀୟ କମିଟି (ଜେପିସି) ନିକଟକୁ ପଠାଇବା ପ୍ରସ୍ତାବ ମଞ୍ଜୁର ହୋଇଛି। ଲୋକସଭାରେ ବିରୋଧୀ ଦଳ ଏଫସିଆଏ ବିଲ୍‌କୁ ଜେପିସିକୁ ପଠାଇବା ପ୍ରସ୍ତାବକୁ ବିରୋଧ କରିଛନ୍ତି। ଏହା ଉପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେଣ ରିଜିଜୁ ବିରୋଧୀଙ୍କୁ ଚ୍ୟାଲେଞ୍ଜ କରିଥିଲେ ଓ କହିଥିଲେ ଏହି ବିଲ୍‌ରେ ଏପରି କୌଣସି ଏକ ପ୍ରାବଧାନ ସମ୍ପର୍କରେ କୁହନ୍ତୁ ଯାହା ସଂଖ୍ୟାଲଘୁଙ୍କ ସ୍ୱାର୍ଥର ବିପରୀତ।

# କର୍ଣ୍ଣାଟକରେ ବ୍ୟାନ୍ ହେଲା ଗୁଟ୍‌ଖା ଓ ପାନ ମସଲା

ବେଙ୍ଗାଲୁରୁ,୧୨।୮: କର୍ଣ୍ଣାଟକ ସରକାର ବୁଧବାର ରାଜ୍ୟସାରା ତମାଖୁ ଓ ନିକୋଟିନ୍ ଜାତୀୟ ଗୁଟଖା ଓ ପାନ ମସଲାର ଉତ୍ପାଦନ, ମହଜୁଦ୍, ବଣ୍ଟନ, ପରିବହନ ଓ ବିକ୍ରି ଉପରେ ଏକ ବର୍ଷ ପାଇଁ ସମ୍ପୂର୍ଣ୍ଣ କଟକଣା ଲଗାଇଛନ୍ତି। ଜନସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି କର୍ଣ୍ଣାଟକ ଖାଦ୍ୟ ସୁରକ୍ଷା ଆୟୁକ୍ତଙ୍କ ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି। ଖାଦ୍ୟ ସୁରକ୍ଷା ଓ ମାନକ ଆଇନ, ୨୦୦୬ର ଧାରା ୩୦ (୨) (ଏ) ଏବଂ ଖାଦ୍ୟ ସୁରକ୍ଷା ଓ ମାନକ ନିୟମାବଳୀ, ୨୦୧୧ର ନିୟମ ୨.୩.୪ ଅଧୀନରେ ଏହି କଟକଣା ଲାଗୁ କରାଯାଇଛି। ବିଜ୍ଞପ୍ତି ପତ୍ର ପ୍ରକାଶ ପାଇବା ଦିନଠାରୁ ଏକ ବର୍ଷ ପର୍ଯ୍ୟନ୍ତ ଏହି ନିୟମ ସମଗ୍ର ରାଜ୍ୟରେ ବଳବତ୍ତର ରହିବ।

ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ଉନ୍ନତିକରଣ ପାଇଁ ହାତ ଖୋଲିଦେଲେ ଅଶ୍ୱିନୀ ବୈଷ୍ଣବ

# ବାଲେଶ୍ୱର ଓ ନୀଳଗିରି ଡାକ୍ତରଖାନା ପାଇଁ ୩.୧୦ କୋଟି ମଞ୍ଜୁର୍



ନୂଆଦିଲ୍ଲୀ,୧୨।୮ : କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡ଼ିଶାର ଦୁଇ ପ୍ରମୁଖ ଡାକ୍ତରଖାନାର ଉନ୍ନତିକରଣ ଲାଗି ନିଜ ସାଂସଦ ପାଣ୍ଠିରୁ ୩ କୋଟି ୧୦ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେବାକୁ ସୁପାରିସ କରିଛନ୍ତି। ଏହି ଅର୍ଥ ଚିକିତ୍ସା ଭିତ୍ତିଭୂମି ଉନ୍ନତିକରଣ ଲାଗି ବିନିଯୋଗ କରାଯିବ। କେନ୍ଦ୍ର ମନ୍ତ୍ରୀଙ୍କ ସାଂସଦ ପାଣ୍ଠିରୁ ନୀଳଗିରି ଉପଖଣ୍ଡ ଡାକ୍ତରଖାନାକୁ ୧ କୋଟି ୪୦ ଲକ୍ଷ ଟଙ୍କା ଓ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ୧ କୋଟି ୭୦ ଲକ୍ଷ ଟଙ୍କା ଯୋଗାଇ ଦିଆଯିବ।

ଉତ୍ତର ଉପକୂଳ ଓଡ଼ିଶାର ଅନ୍ୟତମ ପ୍ରମୁଖ ଜିଲ୍ଲା ବାଲେଶ୍ୱରର ଜନସଂଖ୍ୟା ୨୦୧୧ ଜନଗଣନା ଅନୁଯାୟୀ ୨୩ ଲକ୍ଷରୁ ଅଧିକ ହୋଇଥିବା ବେଳେ କେବଳ ବାଲେଶ୍ୱର ସହରରେ ୧ ଲକ୍ଷ ୭୪ ହଜାରରୁ ଅଧିକ ଲୋକ ବସବାସ କରୁଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହରର ଅନ୍ୟତମ ପ୍ରମୁଖ ସରକାରୀ ଡାକ୍ତରଖାନା ହୋଇଥିବାରୁ ଲକ୍ଷ ଲକ୍ଷ ଲୋକ ଏହି ଚିକିତ୍ସାଳୟ ଉପରେ ନିର୍ଭର କରୁଛନ୍ତି। ସାଂସଦ ପାଣ୍ଠିରୁ ମଞ୍ଜୁର ହୋଇଥିବା ଅର୍ଥରେ ଭେଷଜ ବ୍ଲକ, ଔଷଧ ଭଣ୍ଡାରଣ ଗୃହ, ମାତୃ ଓ ଶିଶୁ କମ୍ପ୍ଲେକ୍ସ, ଆପାତକାଳୀନ ବିଭାଗ, ଆଣ୍ଟି-ରେଟ୍ରୋଭାଇରାଲ ଥେରାପି କେନ୍ଦ୍ର, ସର୍ଜରୀ ୱାର୍ଡ, ଅପରେସନ ଥିଏଟର ଓ ଜଳପାନ କକ୍ଷର ଉନ୍ନତିକରଣ କରାଯିବ। ସେହିପରି ୫୦ ଲକ୍ଷ ଟଙ୍କା ବ୍ୟୟରେ ରୋଗୀ ବିଶ୍ରାମ କକ୍ଷ ନିର୍ମାଣ କରାଯିବ। ଅନ୍ୟପକ୍ଷରେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଖର୍ଚ୍ଚ ହେବାକୁ ଥିବା ୧ କୋଟି ୪୦ ଲକ୍ଷ ଟଙ୍କାରେ ଆଇପିଡି, ଔଷଧ ଭଣ୍ଡାରଣ ଗୃହ, ରୋଗୀ ବିଶ୍ରାମ କକ୍ଷ, ଆପାତକାଳୀନ ବିଭାଗ, ଜଳପାନ କକ୍ଷ, ସର୍ଜରୀ ୱାର୍ଡ ଓ ଅସ୍ତ୍ରୋପଚାର ଗୃହ, ଏସଡିଏମଓଙ୍କ କାର୍ଯ୍ୟାଳୟ ଏବଂ ଓପିଡି ବ୍ଲକର ଉନ୍ନତିକରଣ କରାଯିବ। ଏସବୁ ଉନ୍ନତିକରଣ କାର୍ଯ୍ୟ ଦ୍ୱାରା ନୀଳଗିରି, ବାଲେଶ୍ୱର ଓ ଏହାର ଆଖପାଖ ଅଞ୍ଚଳର ରୋଗୀମାନଙ୍କୁ ବିଭିନ୍ନ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ମିଳିପାରିବ। ଆବଶ୍ୟକ ଯାଞ୍ଚ ଏବଂ ବୈଷୟିକ, ଆର୍ଥିକ ଓ ପ୍ରଶାସନିକ ମଞ୍ଜୁରୀ ପରେ ସାଂସଦ ପାଣ୍ଠି ଅର୍ଥ ଜାରି କରାଯିବ। ଏଥିପାଇଁ ଧାର୍ଯ୍ୟ ମାର୍ଗଦର୍ଶିକା ଅନୁଯାୟୀ ସାଂସଦ ପାଣ୍ଠି ଖର୍ଚ୍ଚ ହେବ। କେନ୍ଦ୍ର ମନ୍ତ୍ରୀ ଶ୍ରୀ ବୈଷ୍ଣବ ଓଡ଼ିଶାରେ ସ୍ୱାସ୍ଥ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉନ୍ନତିକରଣ ଉପରେ ନିରନ୍ତର ଧ୍ୟାନ ଦେଇ ଆସୁଛନ୍ତି। ତାଙ୍କର ସାଂସଦ ପାଣ୍ଠିରୁ ଅର୍ଥ ମଞ୍ଜୁର ଫଳରେ ବାଲେଶ୍ୱର ଜିଲ୍ଲାରେ ସ୍ୱାସ୍ଥ୍ୟସେବା ସୁବିଧାରେ ଦ୍ରୁତ ଉନ୍ନତି ଆସିବ ବୋଲି ଆଶା କରାଯାଉଛି।

ଡିଜିପି ଖୁରାନିଆଙ୍କ ସୂଚନା

## ଖୁବ୍‌ଶୀଘ୍ର ଗଠନ ହେବ ୩ ନୂଆ ବିଭାଗ



ଭୁବନେଶ୍ୱର,୧୨।୮(ସଂଚାର ବ୍ୟୁରୋ): ଖୁବ୍‌ଶୀଘ୍ର ଓଡ଼ିଶା ପୁଲିସରେ ଗଠନ ହେବାକୁ ଯାଉଛି ତିନୋଟି ନୂତନ ବିଭାଗ। ଏହି ବିଭାଗଗୁଡ଼ିକ ହେଲା ଆଣ୍ଟି ଟେରରିଷ୍ଟ ସ୍କ୍ୱାଡ୍ (ଏଟିଏସ୍), ଆଣ୍ଟି ନାର୍କୋଟିକ ଟାସ୍କ ଫୋର୍ସ ଓ ରୋଡ୍ ସେଫଟି ୱିଙ୍ଗ୍। ଏଟିଏସ୍ ଟେରରିଷ୍ଟ କାର୍ଯ୍ୟକଳାପ ଉପରେ ନଜର ରଖିବା ସହ ରୋକ ଲଗାଇବା ଉପରେ କାମ କରିବ। ଏଥିପାଇଁ ସ୍ୱତନ୍ତ୍ର କମାଣ୍ଡୋମାନଙ୍କୁ ସ୍ୱତନ୍ତ୍ର ଟ୍ରେନିଂ ଦିଆଯାଉଛି। ରାଜ୍ୟରେ ବେଆଇନ ନିଶା କାରବାର ଉପରେ ସମ୍ପୂର୍ଣ୍ଣ ରୋକ ଲଗାଇବା ପାଇଁ ମଧ୍ୟ ସ୍ୱତନ୍ତ୍ର ଆଣ୍ଟି ନାର୍କୋଟିକ୍ସ ଟାସ୍କ ଫୋର୍ସ ଗଠନ କରିବାକୁ ଯୋଜନା ରହିଛି। ଏନେଇ ସାରା ରାଜ୍ୟରେ ନୂତନ ୧୦ଟି ଥାନା ପ୍ରତିଷ୍ଠା କରିବା ସକାଶେ ପ୍ରସ୍ତାବ ଦିଆଯାଇଛି। ସେହିପରି ସଡ଼କ ଦୁର୍ଘଟଣା ଉପରେ ରୋକ ଲଗାଇବା ଓ ମୃତ୍ୟୁ ହାର କମାଇବା ଉଦ୍ଦେଶ୍ୟରେ ଓଡ଼ିଶା ପୁଲିସ ଗଠନ କରିବ ରୋଡ୍ ସେଫଟି ୱିଙ୍ଗ୍। ଜଣେ ଏଡିଜି ର୍ୟାଙ୍କର ଅଧିକାରୀଙ୍କ ନେତୃତ୍ୱରେ ଏହି ବିଭାଗ କାମ କରିବ। ସେଥିପାଇଁ ୨୦୦୦ ପଦବୀ ଅନୁମୋଦନ କରିଛନ୍ତି ରାଜ୍ୟ ସରକାର। ଏହି ପ୍ରସ୍ତାବଗୁଡ଼ିକୁ ରାଜ୍ୟ ସରକାର ଅନୁମୋଦନ କରିବା ପରେ ଏହା କାର୍ଯ୍ୟକାରୀ ହେବ ବୋଲି କହିଛନ୍ତି ଡିଜିପି ୱାଇବି ଖୁରାନିଆ।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ




ଭୁବନେଶ୍ୱର, ୧୨।୮ (ସଂଚାର ବ୍ୟୁରୋ) : ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ହରଘର ତ୍ରିରଙ୍ଗା ର୍‌ୟାଲି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଏହି ଅବସରରେ ଛାତ୍ରଛାତ୍ରୀମାନେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରୁ ମଦନପୁରର ଦୋଳମଣ୍ଡପ ସାହି ପର୍ଯ୍ୟନ୍ତ ର୍‌ୟାଲିରେ ଯାଇଥିଲେ । ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ବିଭିନ୍ନ ବିଭାଗର ଅଧ୍ୟାପକ ଓ ଛାତ୍ରଛାତ୍ରୀ ସ୍ନାତକୋତ୍ତର ବିଭାଗର ମୁଖ୍ୟ ଡ. ଚକ୍ରଧର ବେହେରା ଏବଂ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନାର ସଂଯୋଜକ ଡ. ସନ୍ଦୀପ କୁମାର ରାଉତ ଓ କାର୍ଯ୍ୟକ୍ରମ ଅଧିକାରୀ ଡ. ଶାରଦା ପ୍ରସନ୍ନ ଦାସ ଆୟୋଜନ କରିଥିଲେ ।

## ବସ୍ତି ଉଚ୍ଛେଦକୁ ମିଳିତ ମଞ୍ଚର ନିନ୍ଦା

କଟକ, ୧୨।୮ (ସଂଚାର ବ୍ୟୁରୋ): ରାଜ୍ୟରେ ଡବଲ ଇଞ୍ଜନ ସରକାର ହେବା ଦିନରୁ ଗରିବ ଲୋକଙ୍କୁ ତ୍ରାହି ନାହିଁ। ସରକାରରେ ଦୁଇ ବର୍ଷ ରହିବା ଭିତରେ ବସ୍ତି ବାସିନ୍ଦାଙ୍କ ଥଇଥାନ ଓ ଗରିବ ଲୋକଙ୍କ ସମସ୍ୟା ବୁଝିବା ଦୂରର କଥା; କେବଳ ରାଜ୍ୟର ବିଭିନ୍ନ ସ୍ଥାନରେ ବସ୍ତି ବାସିନ୍ଦାଙ୍କୁ ଉଚ୍ଛେଦ କରି ଚାଲିଛନ୍ତି। ମଙ୍ଗଳବାର ଭୁବନେଶ୍ୱରରେ ଓ ବୁଧବାର ଢେଙ୍କାନାଳରେ ଶହ ଶହ ପରିବାର ଉଚ୍ଛେଦ କରାଯାଇଛି। ସରକାର ଓ ପ୍ରଶାସନର ଏପ୍ରକାର ନିଷ୍ଠୁରତାକୁ ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚର ଆବାହକ ଖଗେଶ୍ୱର ସେଠୀ ତୀବ୍ର ଭର୍ତ୍ସନା କରିଛନ୍ତି। ପୂର୍ବ ସରକାର ସମୟରେ କିଛି ବସ୍ତିରେ ସ୍ୱଳ୍ପ ସଂଖ୍ୟକ ଲୋକଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ଦେଇଥିଲେ। ଅଧିକାଂଶ ବସ୍ତି ବାସିନ୍ଦା ଏଲ୍‌ଆର୍‌ସି ପାଇ ନଥିଲେ। ସମସ୍ତଙ୍କୁ ଦିଆଯିବ ବୋଲି କୁହା ଯାଇଥିଲା। ତେବେ ନୂଆ ସରକାର ଆସିବା ଦିନରୁ ଏଲ୍‌ଆର୍‌ସି ଦେବା ବନ୍ଦ କରିଛନ୍ତି। ସରକାରଙ୍କ ଏହି ପ୍ରକାର ଗରିବ ବିରୋଧୀ ଆଭିମୁଖ୍ୟକୁ ଶ୍ରୀ ସେଠୀ ଦୃଢ଼ ନିନ୍ଦା କରିଛନ୍ତି।

## ଜାତୀୟ ଗ୍ରନ୍ଥାଗାରିକ ଦିବସ ପାଳିତ



ଭୁବନେଶ୍ୱର,୧୨।୮(ସଂଚାର ବ୍ୟୁରୋ): ଆଜି ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ଜାତୀୟ ଗ୍ରନ୍ଥାଗାରିକ ଦିବସ ପାଳିତ ହୋଇଯାଇଛି। ଆଜି ଜାତୀୟ ଗ୍ରନ୍ଥାଗାରିକ ଦିବସ ଅବସରରେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରର ସମସ୍ତ କର୍ମଚାରୀମାନେ ଗ୍ରନ୍ଥାଗାର ବିଜ୍ଞାନର ଜନକ ପଦ୍ମଶ୍ରୀ ଏସଆର ରଙ୍ଗନାଥନଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଆଜିର କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ସ୍ମିତା ମହାନ୍ତି ଓ ଅର୍ଥ ପରାମର୍ଶଦାତା ତଥା ଯୁଗ୍ମ ଶାସନ ସଚିବ ପ୍ରମୋଦ କୁମାର ମଣ୍ଡଳ ଅତିଥି ଭାବେ ଯୋଗଦେଇଥିଲେ। ନିଜର ଅଭିଭାଷଣରେ ଅତିଥିମାନେ ପାଠାଗାର ବିଜ୍ଞାନକୁ ସମୃଦ୍ଧିମନ୍ତ କରିବା ଦିଗରେ ପଦ୍ମଶ୍ରୀ ଏସଆର ରଙ୍ଗନାଥନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ପାଠାଗାରର ବିଶେଷତା ଓ ଗ୍ରନ୍ଥାଗାରିକମାନଙ୍କର ଭୂମିକା ସମ୍ପର୍କରେ ଆଲୋଚନା କରିବା ସହ ଆଜିର କୃତ୍ରିମ ବୁଦ୍ଧିମତା ଓ ଡିଜିଟାଲ ଜଗତରେ ପୁସ୍ତକ ନିଜର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ବିଭିନ୍ନ ପୁସ୍ତକ, ଉପନ୍ୟାସ ଓ ପତ୍ରିକା ପଠନର ଅଭ୍ୟାସକୁ ଯେପରି ଯୁବପିଢ଼ିଙ୍କ ମଧ୍ୟରେ ଆତ୍ମସ୍ଥ କରାଯାଇପାରିବ, ସେ ସମ୍ପର୍କରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରର ସମସ୍ତ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗ୍ରନ୍ଥାଧ୍ୟକ୍ଷ ଦୁର୍ଗା ପ୍ରସାଦ ବେହେରା କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଦେଇଥିଲେ।

## ସାଇବର ଅପରାଧ ଓ ଟ୍ରାଫିକ ସୁରକ୍ଷା ନେଇ ସଚେତନତା କାର୍ଯ୍ୟକ୍ରମ



ଭୁବନେଶ୍ୱର,୧୨।୮(ସଂଚାର ବ୍ୟୁରୋ): ଫିକ୍କି ଏଫ୍‌ଏଲ୍‌ଓ ଭୁବନେଶ୍ୱର ଚାପ୍ଟର ସହଯୋଗରେ କମିଶନରେଟ୍ ପୁଲିସ, ଭୁବନେଶ୍ୱର-କଟକ ପକ୍ଷରୁ ଫିକ୍କି ଏଫ୍‌ଏଲ୍‌ଓ ଭୁବନେଶ୍ୱର ଚାପ୍ଟରର ସଦସ୍ୟଙ୍କ ପାଇଁ ସାଇବର ଅପରାଧ ନିବାରଣ, ଡିଜିଟାଲ୍ ସୁରକ୍ଷା ଓ ଟ୍ରାଫିକ ସଚେତନତା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ସାଇବର ଅପରାଧ ବାବଦରେ ମହିଳାଙ୍କୁ ସଚେତନ କରାଇବା ସହ ଏହାର ବିପଦରୁ ସେମାନଙ୍କୁ, ସେମାନଙ୍କ ପରିବାର ଏବଂ ବ୍ୟବସାୟକୁ ସୁରକ୍ଷା ଦେବା ପାଇଁ ବ୍ୟାବହାରିକ ଜ୍ଞାନ ଦାୟିତ୍ୱପୂର୍ଣ୍ଣ ଆଚରଣ ଓ ଟ୍ରାଫିକ ସୁରକ୍ଷା ବିଷୟରେ ଅଧିକ ତଥ୍ୟ ଏବଂ ଧାରଣା ଦେବା ଉଦ୍ଦେଶ୍ୟରେ ଏହି ଆୟୋଜନ କରାଯାଇଛି।

ବିଭିନ୍ନ ଅଧିବେଶନରେ ସ୍ୱରାଜ ଦେବତା, ଅତିରିକ୍ତ ଡିସିପି, ଆଇଟି ଓ ସୋସିଆଲ ମିଡିଆ ସେଲ୍; ଅକ୍ଷୟ କୁମାର ନାୟକ, ଏସିପି, ଆଇଟି ଓ ସୋସିଆଲ ମିଡିଆ ସେଲ୍; ଓ ସମ୍ବିତ କୁମାର ମାଝୀ, ଅତିରିକ୍ତ ଡିସିପି, ଟ୍ରାଫିକ୍ ପ୍ରମୁଖ ସାଇବର ବିପଦ, ଅନଲାଇନ୍ ଠକେଇ, ପ୍ରତିରୋଧକ ପଦକ୍ଷେପ, ସାଇବର ସୁରକ୍ଷା ଅଭ୍ୟାସ ଓ ଟ୍ରାଫିକ ସଚେତନତା ଉପରେ ସରଗର୍ଭକ ବକ୍ତବ୍ୟ ରଖିଥିଲେ। ପ୍ରଶ୍ନୋତ୍ତର ଅଧିବେଶନରେ ବରିଷ୍ଠ ପୁଲିସ ଅଧିକାରୀମାନେ ସଦସ୍ୟମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ସହ ସାଇବର ସତର୍କତା ବାବଦରେ ମାର୍ଗଦର୍ଶନ ଦେଇଥିଲେ।

ଫିକ୍କି ଏଫ୍‌ଏଲ୍‌ଓ ଭୁବନେଶ୍ୱର ଚାପ୍ଟରର ଅଧ୍ୟକ୍ଷା ବିୟୋତପ୍ରଜ୍ଞା ତ୍ରିପାଠୀ, କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଓ ଏଫ୍‌ଏଲ୍‌ଓ ସଦସ୍ୟମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ଭୁବନେଶ୍ୱର ଚାପ୍ଟରର ଅଧ୍ୟକ୍ଷା ମହିଳା ଓ ଆଇନ-ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକ ମଧ୍ୟରେ ଏକ ଦୃଢ଼ ସଂଯୋଗ ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମହିଳାମାନଙ୍କ ଜୀବନ, ବ୍ୟବସାୟ ଓ ଆର୍ଥିକ କାର୍ଯ୍ୟକଳାପ ଡିଜିଟାଲ୍ ଦୁନିଆ ସହ କ୍ରମଶଃ ସଂଯୁକ୍ତ ହେଉଥିବା ସେ ଉଲ୍ଲେଖ କରିଥିଲେ। ଫିକ୍କି ଏଫ୍‌ଏଲ୍‌ଓ ଭୁବନେଶ୍ୱର ଚାପ୍ଟରର ଡିଜିଟାଲ୍ ସାକ୍ଷରତା ପଦକ୍ଷେପ ମୁଖ୍ୟ ଏଲି ପାଢ଼ୀ କାର୍ଯ୍ୟକ୍ରମର ସମନ୍ୱୟ ଓ ଅଧିବେଶନକୁ ଶିକ୍ଷଣୀୟ, ଆକର୍ଷଣୀୟ ଓ ଅତ୍ୟନ୍ତ ପାରସ୍ପରିକ କ୍ରିୟାଶୀଳ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ଏକ ସୁରକ୍ଷିତ ଓ ଅଧିକ ସୂଚନାପ୍ରଦ ସମାଜ ଗଠନ ପ୍ରତି ଫିକ୍କି ଏଫ୍‌ଏଲ୍‌ଓ ଭୁବନେଶ୍ୱର ଚାପ୍ଟର ଓ କମିଶନରେଟ୍ ପୁଲିସର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଥିବା ଏହି କାର୍ଯ୍ୟକ୍ରମ ମହିଳା ଓ ସମାଜ ପାଇଁ ଏକ ସୁରକ୍ଷିତ ଡିଜିଟାଲ୍ ଓ ଭୌତିକ ପରିବେଶ ଗଠନରେ ନାଗରିକ ଓ ପୁଲିସ ମଧ୍ୟରେ ସମନ୍ୱୟ ଆଣିଛି।

ଅସାମାଜିକ ଯୁବକଙ୍କ ଆତଙ୍କରାଜ

## ପୁରୁଷ ବନ୍ଧୁଙ୍କୁ ମାଡ଼ମାରି ଯୁବତୀଙ୍କୁ ଗଣ ଦୁଷ୍କର୍ମ

### ଆକ୍ସନ ମୋଡ୍‌ରେ ନିଶ୍ଚିନ୍ତକୋଇଲି ପୁଲିସ, ୨ ଅଭିଯୁକ୍ତ ଗିରଫ

ନିଶ୍ଚିନ୍ତକୋଇଲି, ୧୨।୮ (ସଂଚାର ବ୍ୟୁରୋ): କଟକ-ଚାନ୍ଦବାଲି ରାସ୍ତା ନିଶ୍ଚିନ୍ତକୋଇଲି ଥାନା ଶୂକରପଡ଼ା ପେଟ୍ରୋଲ ପମ୍ପ ନିକଟରେ ମଙ୍ଗଳବାର ରାତିରେ ପୁରୁଷବନ୍ଧୁଙ୍କୁ ମାଡ଼ ମାରି ଜଣେ ଯୁବତୀଙ୍କ ସହିତ କିଛି ଅସାମାଜିକ ଯୁବକ ପାଶବିକ କାଣ୍ଡ ଘଟାଇଛନ୍ତି।

ସୂଚନା ଅନୁଯାୟୀ, ଦୁଇ ଜଣ ଯୁବକ-ଯୁବତୀ ଏକ କାର୍‌ରେ କଟକରୁ କେନ୍ଦ୍ରାପଡ଼ା ଯାଉଥିଲେ। ସେହି ସମୟରେ ପେଟ୍ରୋଲ ପମ୍ପ ନିକଟରେ କଟକ-ଚାନ୍ଦବାଲି ରାସ୍ତା ନିଶ୍ଚିନ୍ତକୋଇଲି ଥାନା ଶୂକରପଡ଼ା ପେଟ୍ରୋଲ ପମ୍ପ ଓ ପୂର୍ତ୍ତ ବିଭାଗ ଡାକବଙ୍ଗଳା ନିକଟରେ ସେମାନେ ଗାଡ଼ି ରଖି ବିଶ୍ରାମ ନେଉଥିଲେ। ହଠାତ୍ ସେଠାରେ ୬ ଜଣ ଅସାମାଜିକ ଯୁବକ ପହଞ୍ଚି ଯାଇଥିଲେ। ସେମାନେ ଯୁବକ-ଯୁବତୀ ଥିବା କାର୍ କାଚକୁ ଏକ ଲୁହା ଶଣ୍ଢୁଆସିରେ ଭାଙ୍ଗି ଦେଇଥିଲେ। ପୁରୁଷ ବନ୍ଧୁଙ୍କୁ କାର୍ ଭିତରୁ ଘୋଷାଡ଼ି ଆଣି ବାନ୍ଧି ପକାଇ ନିର୍ଦ୍ଧୁମ ମାଡ଼ ମାରିଥିଲେ। ପରେ ଯୁବତୀଙ୍କୁ କାର୍ ଭିତରୁ ରାସ୍ତା କଡ଼ରେ ଥିବା ଏକ ପରିତ୍ୟକ୍ତ ଘରକୁ ଟେକି ନେଇଥିଲେ। ସେଠାରେ ଜଣଙ୍କ ପରେ ଜଣେ ୬ ଜଣ ଦୁର୍ବୃତ୍ତ ଦୁଷ୍କର୍ମ କରିଥିବା ନେଇ ଅଭିଯୋଗ ନିଶ୍ଚିନ୍ତକୋଇଲି ଥାନାରେ ଅଭିଯୋଗ ହୋଇଛି।

ଯୁବତୀ ଜଣକ କେନ୍ଦ୍ରାପଡ଼ା ଅଞ୍ଚଳର ହୋଇଥିବା ବେଳେ ପୁରୁଷ ବନ୍ଧୁଙ୍କ ଘର ନୟାଗଡ଼ ଅଞ୍ଚଳର ବୋଲି ଜଣାପଡ଼ିଛି। ଯୁବତୀଙ୍କୁ ଅସଦାଚରଣ ଅଭିଯୋଗ ପରେ ନିଶ୍ଚିନ୍ତକୋଇଲି ପୁଲିସ ଆକ୍ସନ ମୋଡ୍‌କୁ ଆସି ଘଟଣାର ତନାଘନା ଜାରି ରଖିଛି। ନିଶ୍ଚିନ୍ତକୋଇଲି ପୁଲିସ ଏଯାବତ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ସୂଚନା ମିଳିଛି।

ଓଡ଼ିଆ ଅସ୍ମିତା ପରିଷଦର ଅଭିଯୋଗ

## ଏମଏମଡିଆର୍ ବିଲ୍ ରାଜ୍ୟ ସ୍ୱାର୍ଥବିରୋଧୀ

ଭୁବନେଶ୍ୱର,୧୨।୮(ସଂଚାର ବ୍ୟୁରୋ): ଆଜି ଲୋକସଭାରେ ପାରିତ ହୋଇଥିବା ଏମଏମଡିଆର୍ ବିଲ୍ ଓଡ଼ିଶା ସ୍ୱାର୍ଥବିରୋଧୀ ବୋଲି ଓଡ଼ିଆ ଅସ୍ମିତା ପରିଷଦ ଅଭିଯୋଗ କରିଛି। ଏହି ବିଲ ଆଇନରେ ପରିଣତ ହେଲେ ଖଣିଜ ସମ୍ପଦ ଉପରେ ଥିବା ରାଜ୍ୟର ଅର୍ଥନୈତିକ ଅଧିକାର କ୍ଷୁଣ୍ଣ ହେବ। ଖଣିଜ ସମ୍ପଦ ଉତ୍ତୋଳନ ଓ ତା' ଉପରେ ଟିକସ ରାଜ୍ୟମାନେ ହରାଇବେ। ଫଳରେ ଓଡ଼ିଶାର ସିଂହଭାଗ ରାଜସ୍ୱ କେନ୍ଦ୍ର ହାତକୁ ଚାଲିଯିବ। ଓଡ଼ିଶା ସମ୍ପଦରେ ଅନ୍ୟ ରାଜ୍ୟମାନେ ଲାଭ ପାଇବେ ଆଉ ଓଡ଼ିଶା ଭିକ୍ଷାଥାଳି ଧରି କେନ୍ଦ୍ର ସରକାରଙ୍କ ପାଖରେ ନେହୁରା ହେବ ବୋଲି ଓଡ଼ିଆ ଅସ୍ମିତା ପରିଷଦର ଆବାହକ ରବି ବେହେରା ଏକ ପ୍ରେସ ବିବୃତିରେ କହିଛନ୍ତି। କେବଳ ଓଡ଼ିଶା ନୁହେଁ, ଅନ୍ୟାନ୍ୟ ଖଣିଜ ସମ୍ପଦ ଥିବା ରାଜ୍ୟମାନେ ମଧ୍ୟ ସେମାନଙ୍କ ଖଣିଜ ସମ୍ପଦ ଉପରେ କୌଣସି ଟିକସ କିମ୍ବା ସେସ ଲଗାଇପାରିବେ ନାହିଁ। ଫଳରେ ରାଜ୍ୟର ପ୍ରଗତି ବାଧାପ୍ରାପ୍ତ ହେବ ଓ ରାଜ୍ୟରେ ବେକାରୀ ଓ ଦାଦନ ବୃଦ୍ଧି ପାଇବ। ତେଣୁ ଓଡ଼ିଶାର ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟବାସୀ ଏହାକୁ ବିରୋଧ କରିବାକୁ ଶ୍ରୀ ବେହେରା ସବୁ ରାଜନୈତିକ ଦଳ ଏବଂ ସାଂସଦ ଓ ବିଧାୟକମାନଙ୍କୁ ନିବେଦନ କରିଛନ୍ତି।

## ଆଇଏସ୍‌ଆଇ ସନ୍ଦେହରେ ୨ ଗିରଫ

କୋଲକାତା, ୧୨।୮(ସଂଚାର ବ୍ୟୁରୋ): ରାଣା ରୌଫ ଓରଫ ୱାହାବ ଆଲାମ ନାମକ ଜଣେ ସନ୍ଦିଗ୍ଧ ପାକିସ୍ତାନୀ ନାଗରିକଙ୍କୁ ଗିରଫ କରାଯାଇଛି। ତାଙ୍କର ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ଆଇଏସ୍‌ଆଇ ସହିତ ସମ୍ପର୍କ ଥାଇପାରେ ବୋଲି ତଦନ୍ତକାରୀମାନେ ଦାବି କରିଛନ୍ତି। ଭାରତ-ବାଂଲାଦେଶ ସୀମାନ୍ତ ଅଞ୍ଚଳ ବନଗାଁରେ ଏକ ତଲ୍ଲାସୀ ଅଭିଯାନରେ ବେଙ୍ଗଲ ଏସ୍‌ଟିଏଫ୍ ତାଙ୍କୁ ଗିରଫ କରିଛି। ରାଣା ମୂଳତଃ ପାକିସ୍ତାନର ଫୈସଲାବାଦର ବାସିନ୍ଦା। ସେ ନେପାଳ ଦେଇ ଭାରତକୁ ଆସିଥିବା ଓ ଭାରତୀୟ ରେଳବାଇ ଓ ସେନାର ଗତିବିଧି ଉପରେ ନଜର ରଖୁଥିବା ତଦନ୍ତକାରୀ ଦଳ କହିଛନ୍ତି। ସେହିପରି, ରାଣାଙ୍କଠୁ ସୂଚନା ପାଇ କୋଲକାତାର ଟପସିଆ ଅଞ୍ଚଳରୁ ଆଉ ଜଣେ ବ୍ୟକ୍ତିଙ୍କୁ ମଧ୍ୟ ଗିରଫ କରାଯାଇଥିବା ଜଣାପଡ଼ିଛି।

## ଏୟାର ଇଣ୍ଡିଆ ବିମାନରେ ଯାନ୍ତ୍ରିକ ତ୍ରୁଟି

ଦମ୍‌ଦମ୍ ବିମାନ ବନ୍ଦରରେ ଉତ୍ତେଜନା



କୋଲକାତା, ୧୨।୮(ସଂଚାର ବ୍ୟୁରୋ): ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଚେନ୍ନାଇ ଅଭିମୁଖେ ଯାଉଥିବା ଏୟାର ଇଣ୍ଡିଆର ଏକ ବିମାନ ନିର୍ଦ୍ଧାରିତ ସମୟରେ ଉଡ଼ାଣ କରିପାରି ନଥିଲା। ଏହି ଘଟଣାକୁ ନେଇ ବୁଧବାର ସକାଳେ ଦମ୍‌ଦମ୍ ବିମାନବନ୍ଦରରେ ଯାତ୍ରୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ପ୍ରାୟ ୧୭୦ ଜଣ ଯାତ୍ରୀଙ୍କୁ ନେଇ ବିମାନଟି ବୁଧବାର ସକାଳ ପ୍ରାୟ ସାଢ଼େ ୬ଟା ସମୟରେ କୋଲକାତାରୁ ଚେନ୍ନାଇ ଅଭିମୁଖେ ଉଡ଼ାଣ ଭରିବାର ଥିଲା। ବିମାନ ଛାଡିବା ସମ୍ପର୍କରେ ସ୍ପଷ୍ଟ ସୂଚନା ନ ପାଇବାରୁ ଯାତ୍ରୀମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା।



ଗାଡ଼ି ପୋଖରୀକୁ ଗଡ଼ିଗଲା

## ଡ୍ରାଇଭିଂ ଶିଖୁଥିବା ମହିଳାଙ୍କ ମୃତ୍ୟୁ

କୋଲକାତା, ୧୨।୮(ସଂଚାର ବ୍ୟୁରୋ): ନୂଆ ଗାଡ଼ି ଶିଖୁଥିବା ଜଣେ ମହିଳା ଗ୍ୟାରେଜରୁ ଗାଡ଼ି ବାହାର କରୁଥିବା ବେଳେ ଗାଡ଼ିଟି ପୋଖରୀ ଭିତରକୁ ଚାଲିଯିବାରୁ ମହିଳାଙ୍କ ମୃତ୍ୟୁ ହୋଇଛି। କୋଲକାତାର କେଷ୍ଟୋପୁରରେ ଏଭଳି ଏକ ଘଟଣା ଘଟିଛି। ମୃତ ମହିଳାଙ୍କ ନାମ ସୁମିତ୍ରା ଦାସ। ସୂତ୍ର ଅନୁଯାୟୀ, ବୁଧବାର ସକାଳ ପ୍ରାୟ ୮ଟା ୪୫ ସମୟରେ କେଷ୍ଟୋପୁରର ପ୍ରଫୁଲ୍ଲ କାନନ ପଶ୍ଚିମର ବାସିନ୍ଦା ସୁମିତ୍ରା ଦାସ ତାଙ୍କ ଝିଅକୁ ସ୍କୁଟିରେ ନେଇ ସ୍କୁଲରେ ଛାଡିଥିଲେ। ପରେ ଘରକୁ ଫେରି ଗ୍ୟାରେଜରୁ ତାଙ୍କ କାରକୁ ବାହାର କରୁଥିଲେ। ଗାଡ଼ିଟି ହଠାତ୍ ନିକଟସ୍ଥ ପୋଖରୀ ମଝିକୁ ଗଡ଼ି ଯାଇଥିଲା। ଲୋକମାନେ ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ନଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବନ୍ୟା ପୀଡ଼ିତଙ୍କ...

୧୭୨୯ ମେଟ୍ରିକ୍ ଟନ୍ ଗୋଖାଦ୍ୟ ଯୋଗାଇ ଦିଆଯାଇଛି। ଏହାଛଡ଼ା ଯେଉଁମାନଙ୍କ ଘର ଭାଙ୍ଗିଯାଇଥିଲା, ସେମାନଙ୍କୁ ସରକାରଙ୍କ ପକ୍ଷରୁ ୮୭୦୮ଟି ପଲିଥିନ୍ ମଧ୍ୟ ଦିଆଯାଇଛି। ଏଥିସହ ବନ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧାର ଓ ଜରୁରୀକାଳୀନ ସେବାରେ ୧୮ଟି ଓଡ୍ରାଫ୍, ୭ଟି ଏନ୍‌ଡିଆର୍‌ଏଫ୍ ଟିମ୍ ସହ ୧୪୦ଟି ଅଗ୍ନି ସେବା ଦଳ ମୁତୟନ ହୋଇଥିଲେ। ସେହିପରି ରାଜ୍ୟ ସରକାର ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀ ଓ ଅନ୍ୟମାନଙ୍କ ସକାଶେ ସ୍ୱତନ୍ତ୍ର ପ୍ୟାକେଜ୍ ବ୍ୟବସ୍ଥା କରିବେ। ଏହି ପ୍ୟାକେଜ୍ ବ୍ୟବସ୍ଥା ପ୍ରସ୍ତୁତ କରିବାରେ କୃଷି, ମତ୍ସ୍ୟ ଓ ପଶୁସମ୍ପଦ ଏବଂ ସମବାୟ ବିଭାଗ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ଯେଉଁମାନଙ୍କ ଘର ଭାଙ୍ଗିଯାଇଛି, ସେମାନଙ୍କୁ ଆର୍ଥିକ ସହାୟତା ଡିବିଟି ମାଧ୍ୟମରେ ପ୍ରଦାନ କରାଯାଉଛି। ଏଥିସହ କୌଣସି ପ୍ରଭାବିତ ପରିବାର ଯେପରି ସହାୟତା ପାଇବାରୁ ବଞ୍ଚିତ ନ ହୁଅନ୍ତି, ତା' ସୁନିଶ୍ଚିତ କରିବା ସକାଶେ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ସମସ୍ତ ପ୍ରଭାବିତ ଜିଲ୍ଲାରୁ ଚୂଡ଼ାନ୍ତ ରିପୋର୍ଟ ଆସିବା ପରେ ଆହୁରି ସହାୟତା ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

### ଧାନ ସଂଗ୍ରହ...

ଅଧିକରୁ ଅଧିକ ଚାଷଜମିରେ ସେଚ ସାମର୍ଥ୍ୟ ସୃଷ୍ଟି ପାଇଁ ଏହି ଯୋଜନାକୁ ଆଉ ୫ ବର୍ଷ ବୃଦ୍ଧି ପ୍ରସ୍ତାବରେ ମୋହର ବାଜିଛି। ଏଥିପାଇଁ ୧୨୪୫୮ କୋଟି ଟଙ୍କାର ବ୍ୟୟବରାଦ ହୋଇଥିବା ବେଳେ ଏହାଦ୍ୱାରା ୨.୬୨ ଲକ୍ଷ ହେକ୍ଟର ଅତିରିକ୍ତ ଚାଷଜମିରେ ସେଚସାମର୍ଥ୍ୟ ସୃଷ୍ଟି ପାଇଁ ଲକ୍ଷ୍ୟ ରଖାଯାଇଛି। ଆହୁରି ଅନୁକମ୍ପାମୂଳକ ନିଯୁକ୍ତି କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର। ପ୍ରଚଳିତ ଥିବା ୧୦୦ ପଏଣ୍ଟ ମୂଲ୍ୟାୟନ ପଦ୍ଧତିକୁ ଉଚ୍ଛେଦ କରି ମୃତ କର୍ମଚାରୀଙ୍କ ପରିବାରର ଜଣେ ଯୋଗ୍ୟ ସଦସ୍ୟଙ୍କୁ ଗ୍ରୁପ-ଡି' ମୂଳ ପଦବୀରେ ନିଯୁକ୍ତି ପ୍ରସ୍ତାବରେ କ୍ୟାବିନେଟ୍ ମୋହର ମାରିଛି। ବୈଠକ ପରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ୨୦୨୬-୨୭ ଆର୍ଥିକ ବର୍ଷରୁ ୨୦୩୦-୩୧ ଆର୍ଥିକ ବର୍ଷ ମଧ୍ୟରେ ପାର୍ବତୀ ଗିରି ବୃହତ୍ ଉଠା ଜଳସେଚନ ପ୍ରକଳ୍ପର ତୃତୀୟ ପର୍ଯ୍ୟାୟ କାର୍ଯ୍ୟକାରୀ କରାଯିବ। ଏହା ଅଧୀନରେ ରାଜ୍ୟର ସମସ୍ତ ଜିଲ୍ଲାରେ ୧୬୧ଟି ମେଗାଲିଫ୍ଟ ଜଳସେଚନ ପ୍ରକଳ୍ପ ମାଧ୍ୟମରେ ଅତିରିକ୍ତ ୨ ଲକ୍ଷ ୬୨ ହଜାର ୨୭୫ ହେକ୍ଟର ଜମିକୁ ଜଳସେଚନ ସୁବିଧା ମିଳିବ। ପ୍ରକଳ୍ପରେ ଭୂତଳ ପାଇପ୍ ଲାଇନ ମାଧ୍ୟମରେ ଚାପଯୁକ୍ତ ଜଳ ବଣ୍ଟନ ବ୍ୟବସ୍ଥା ରହିବ। ଏଥିସହ ଜଳାଶୟ ଓ କ୍ଷୁଦ୍ର ଉଠା ଜଳସେଚନ ପ୍ରକଳ୍ପର ଉନ୍ନତିକରଣ-ପର୍ଯ୍ୟାୟ ୩କୁ ମଧ୍ୟ କ୍ୟାବିନେଟ ଅନୁମୋଦନ ମିଳିଛି। ଏହି ଯୋଜନା ୨୦୨୬-୨୭ରୁ ୨୦୨୯-୩୦ ପର୍ଯ୍ୟନ୍ତ ଅର୍ଥାତ୍ ୪ ବର୍ଷ କାର୍ଯ୍ୟକାରୀ ହେବାକୁ ଥିବା ବେଳେ ଏଥିପାଇଁ ୩୮୯ କୋଟିର ବ୍ୟୟ ଅଟକଳ କରାଯାଇଛି। ଏହା ମାଧ୍ୟମରେ ପ୍ରାୟ ୧୫୭୦୦ ହେକ୍ଟର ହଜିଯାଇଥିବା ଜଳସେଚନ କ୍ଷେତ୍ର (ଆୟକଟ)ର ପୁନରୁଦ୍ଧାର କରାଯିବ। ଏହି ଯୋଜନା ଅଧୀନରେ ରାଜ୍ୟର ୬୮୦ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ସଂସ୍କାର ଓ ପୁନରୁଦ୍ଧାର କରାଯିବ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଅନୁଯାୟୀ, ଓଡ଼ିଶା ବେସାମରିକ ସେବା (ପୁନର୍ବାସ ସହାୟତା) ନିୟମାବଳୀ, ୨୦୨୬ ପ୍ରଣୟନକୁ ଅନୁମୋଦନ ଦେଇଛି ରାଜ୍ୟ କ୍ୟାବିନେଟ୍। ଏହି ନିଷ୍ପତ୍ତି ଅନୁଯାୟୀ, ଅନୁକମ୍ପାମୂଳକ ନିଯୁକ୍ତିରେ ପୂର୍ବରୁ ପ୍ରଚଳିତ ୧୦୦ ପଏଣ୍ଟ ମୂଲ୍ୟାୟନ ପଦ୍ଧତି ଯୋଗ୍ୟତା ସର୍ତ୍ତ ପ୍ରତ୍ୟାହାର କରିନିଆଯାଇଛି। ଏଥିସହ ପୁନର୍ବାସ ସହାୟତା ଯୋଜନା ଅଧିନରେ ମୂଳ ସ୍ତରର ଗ୍ରୁପ-ଡି' ପଦବୀର ୫୦ ପ୍ରତିଶତ ସୀମାକୁ ମଧ୍ୟ ପ୍ରତ୍ୟାହାର କରାଯାଇଛି। ଏଥିସହ ୨୦୨୦ ମସିହା ନିୟମାବଳୀ ଅନୁଯାୟୀ ୧୦୦ ପଏଣ୍ଟ ମୂଲ୍ୟାୟନ ଆଧାରରେ ପ୍ରତ୍ୟାଖ୍ୟାତ ହୋଇଥିବା ଆବେଦନଗୁଡ଼ିକର ପୁନଃବିଚାର କରାଯିବ ବୋଲି ନିଷ୍ପତ୍ତି ହୋଇଛି। ରାଜ୍ୟର ସମସ୍ତ ପ୍ରମୁଖ କାର୍ଯ୍ୟାଳୟରୁ ପେପରଲେସ୍ କରିବା ପାଇଁ ପୂର୍ବରୁ କାର୍ଯ୍ୟକାରୀ ହୋଇଥିବା ଓସ୍ୱାସ ୨.୦କୁ ସଫଳତା ମିଳିବା ପରେ ଓସ୍ୱାସ ୩.୦କୁ ଆଜି ରାଜ୍ୟ କ୍ୟାବିନେଟ୍‌ରେ ମୋହର ବାଜିଛି। ୨୦୨୫-୨୬ରେ ଓସ୍ୱାସ୍ ୨.୦ କାର୍ଯ୍ୟକାରୀ ହୋଇଥିବା ବେଳେ ଏଥିରେ ବ୍ଲକ୍‌ସ୍ତରୀୟ କାର୍ଯ୍ୟାଳୟକୁ ସାମିଲ କରାଯାଇପାରିଛି। ଓସ୍ୱାସ ୩.୦ ପ୍ରକଳ୍ପ ପାଇଁ ନୂଆ ସିଷ୍ଟମ୍ ଡେଭଲପର୍ ମନୋନୟନ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏହି କ୍ରମରେ ଟିସିଏସର ୧୨୨ କୋଟି ୬୦ ଲକ୍ଷ ୨୫୪୩୬ ଟଙ୍କାର ଟେଣ୍ଡରକୁ ଅନୁମୋଦନ ମିଳିଥିବା ବେଳେ ଏହା ୫ ବର୍ଷ ପାଇଁ ଆବଶ୍ୟକ ସମସ୍ତ ସହାୟତା ଯୋଗାଇ ଦେବ। ଓଡ଼ିଶାରେ ନବୀକରଣଯୋଗ୍ୟ ଶକ୍ତିର ବିକାଶକୁ ତ୍ୱରାନ୍ୱିତ କରିବା, ନିବେଶକଙ୍କ ଆତ୍ମବିଶ୍ୱାସ ବଢ଼ାଇବା ଓ ରାଜ୍ୟବାସୀଙ୍କ ପାଇଁ ସୁଲଭ ମୂଲ୍ୟରେ ସବୁଜ ବିଦ୍ୟୁତ୍ ଉପଲବ୍ଧ କରାଇବା ଲକ୍ଷ୍ୟରେ ଓଡ଼ିଶା ନବୀକରଣଯୋଗ୍ୟ ଶକ୍ତି ନୀତି, ୨୦୨୨ର କେତେକ ବ୍ୟବସ୍ଥାରେ ସଂଶୋଧନକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ପ୍ରମୁଖ ସଂଶୋଧନ ମଧ୍ୟରେ ପୁରାତନ କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ପାଇଁ ଗ୍ରୀଡକୋକୁ ନୋଡାଲ ସଂସ୍ଥା ଭାବେ ନିଯୁକ୍ତି ମିଳିଥିବା ବେଳେ ଅକ୍ଷୟ ଶକ୍ତିର ଉତ୍ପାଦନ, ଆହରଣକୁ ପ୍ରୋତ୍ସାହନ ପାଇଁ ଏକାଧିକ ପଦକ୍ଷେପ ନିଆଯାଇଛି। ଶକ୍ତି ବିଭାଗର ଅନ୍ୟ ଏକ ପ୍ରସ୍ତାବ କ୍ରମେ ରାଜ୍ୟରେ ପମ୍ପଡ ଷ୍ଟୋରେଜ୍ ପ୍ରକଳ୍ପ (ପିଏସପି)ର ବିକାଶକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ 'ଓଡ଼ିଶା ପିଏସପି ନୀତି, ୨୦୨୫ ଏବଂ ଏହାର ପରିଚାଳନା ନିର୍ଦ୍ଦେଶାବଳୀରେ ସଂଶୋଧନକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ଏହା ଆସନ୍ତା ୨୦୩୦ ମାର୍ଚ୍ଚ ୩୧ ତାରିଖ ଯାଏଁ ବଳବତ୍ତର ରହିବ। ନବୀକରଣଯୋଗ୍ୟ ଶକ୍ତିର ବଢ଼ୁଥିବା ବ୍ୟବହାର ମଧ୍ୟରେ ଦୀର୍ଘ ସମୟ ପାଇଁ ଶକ୍ତି ସଂରକ୍ଷଣ କରିବାରେ ପମ୍ପଡ୍ ଷ୍ଟୋରେଜ୍ ହାଇଡ୍ରୋ ପ୍ରକଳ୍ପ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ଅଫ୍-ପିକ୍ ସମୟରେ ଅତିରିକ୍ତ ବିଦ୍ୟୁତ୍ ସଂରକ୍ଷଣ କରି ପିକ୍ ଡିମାଣ୍ଡ ସମୟରେ କିମ୍ବା ନବୀକରଣଯୋଗ୍ୟ ଶକ୍ତିର ଉପଲବ୍ଧତା କମ୍ ଥିବା ବେଳେ ଏହାକୁ ବ୍ୟବହାର କରାଯାଇପାରିବ। ୨୦୩୦ ସୁଦ୍ଧା ରାଜ୍ୟରେ ନବୀକରଣଯୋଗ୍ୟ ଶକ୍ତି ଉତ୍ସରୁ ପ୍ରାୟ ୧୧ ହଜାର ମେଗାୱାଟ୍ କ୍ଷମତା ଯୋଗ କରିବାକୁ ଓଡ଼ିଶାର ଲକ୍ଷ୍ୟ ରହିଛି। ଏହି ଲକ୍ଷ୍ୟ ପୂରଣରେ ପମ୍ପଡ ଷ୍ଟୋରେଜ୍ ପ୍ରକଳ୍ପଗୁଡ଼ିକ ଗୁରୁତ୍ୱ ବହନ କରିବ ବୋଲି ସରକାର ଲକ୍ଷ୍ୟ ରଖିଛନ୍ତି।

### ୧୧ ପୋଷ୍ଟ-ଡିପ୍ଲୋମା...

ପାଇଁ ଅଧିକ ପ୍ରଶିକ୍ଷଣ ସୁଯୋଗ ସୃଷ୍ଟି ଓ ଓଡ଼ିଶାବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନ ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିରନ୍ତର ସହଯୋଗ ଓ ମାର୍ଗଦର୍ଶନ ସ୍ୱାସ୍ଥ୍ୟ କ୍ଷେତ୍ରରେ ନୂତନ କିରଣ ଆଣିଦେଉଛି। ଏହି ସିଟ୍ ଅନୁମୋଦନ ଫଳରେ ପୋଷ୍ଟ-ଡିପ୍ଲୋମା ଡିଏନବିର ସ୍ପେଶାଲିଷ୍ଟ ଡାକ୍ତର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଉପଖଣ୍ଡ ହସ୍ପିଟାଲଗୁଡ଼ିକରେ ସେବା ଯୋଗାଇଦେବା ସହଜ ହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମହାଲିଙ୍ଗ କହିଛନ୍ତି।

### କିଏ ହେବେ ରାଜ୍ୟର...

ସୋମବାର ୧୯୯୪ ବ୍ୟାଚର ଦୁଇ ବରିଷ୍ଠ ଆଇପିଏସ ସଞ୍ଜୀବ ପଣ୍ଡା ଓ ଯଶୱନ୍ତ ଜେଠୱାଙ୍କୁ ରାଜ୍ୟ ସରକାର ଡିଜି ପାହ୍ୟାକୁ ପଦୋନ୍ନତି ଦେବା ପରେ ରାଜ୍ୟ ପୁଲିସ ମୁଖିଆ ଚୟନ ପାଇଁ ବାଟ ଫିଟିଥିଲା। ପୂର୍ବରୁ ବରିଷ୍ଠତା ଭିତ୍ତିରେ ସୁଧାଂଶୁ ଷଡ଼ଙ୍ଗୀ, ସୁଶାନ୍ତ ନାଥ ଓ ଆର୍‌ପି କୋଚେଙ୍କ ନାମ ଆଗରେ ଥିଲା। ପ୍ୟାନେଲରୁ ସୁଶାନ୍ତ ନାଥଙ୍କ ନାଁ ବାଦ୍ ପଡ଼ିବା ପରେ ସଞ୍ଜୀବ ପଣ୍ଡାଙ୍କ ନାଁ ଆଗକୁ ଆଣିଥିଲେ ସରକାର। ବରିଷ୍ଠତା ତାଲିକାରୁ ଜଣଙ୍କୁ ବାଦ୍ ଦେବା ଓ ଅନ୍ୟ ଜଣଙ୍କୁ ଯୋଡ଼ିବା ପାଇଁ ସରକାରୀ ସ୍ତରରେ କସରତ ଏବେ ନାଟକୀୟ ମୋଡ଼ ନେଇଛି।

### ଗୋଟିଏ ପରିବାରର...

ଏହି ଘଟଣାରେ ଗୋଟିଏ ପରିବାରର ୪ ଜଣଙ୍କର ମୃତ୍ୟୁ ଘଟିଥିବା ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରୁଥିବା ଅଗ୍ନିଶମ ବାହିନୀର ଉପମୁଖ୍ୟ କେ.ଆର. ଯାଦବ ଜଣାଇଛନ୍ତି। ଲଗାତାର ବର୍ଷା ଯୋଗୁ ଏଭଳି ଭୂସ୍ଖଳନ ଘଟିଥିବା ଡିସିପି ଗଣେଶ ସିନ୍ଧେ କହିଛନ୍ତି।

### ମଝି ଆକାଶରେ ବିଗିଡ଼ିଲା...

ଅବତରଣ କରିବାର କାର୍ଯ୍ୟସୂଚୀ ରହିଥିଲା। ମାତ୍ର ସେତିକିବେଳେ ଯାନ୍ତ୍ରିକ ତ୍ରୁଟିର ସୂଚନା ପାଇ ପାଇଲଟ୍ ଏୟାର ଟ୍ରାଫିକ୍ କଣ୍ଟ୍ରୋଲକୁ ଜଣାଇ ଦେଇଥିଲେ। ଏହାପରେ ଏୟାରପୋର୍ଟ ପକ୍ଷରୁ ବିମାନଟିର ସୁରକ୍ଷିତ ଅବତରଣ ନିମନ୍ତେ ଜରୁରୀକାଳୀନ ପ୍ରତିକ୍ରିୟା ପଦକ୍ଷେପକୁ ସକ୍ରିୟ କରିଥିଲେ।ଏହାକୁ ନେଇ ମଝି ଆକାଶରେ ଯାତ୍ରୀମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିଲେ ମଧ୍ୟ ବିମାନଟି ୧୧ଟା ୩୭ ମିନିଟ୍‌ରେ ୨୨୪ ଜଣ ଯାତ୍ରୀଙ୍କୁ ଧରି ରନୱେ-୨୫ରେ ସୁରକ୍ଷିତ ଅବତରଣ କରିଥିଲା। ୧୧ଟା ୪୭ରେ ବିମାନ ବନ୍ଦରରୁ ଜରୁରୀ ପରିସ୍ଥିତି ପ୍ରତ୍ୟାହାର କରିନିଆଯାଇଥିଲା।

## ଗାଡ଼ି ଧକ୍କାରେ ସାଇକେଲ ଆରୋହୀ ମୃତ

କୋଲକାତା,୧୨।୮(ସଂଚାର ବ୍ୟୁରୋ): ମଙ୍ଗଳବାର ସନ୍ଧ୍ୟାରେ ଦକ୍ଷିଣ ଦିନାଜପୁରର ବୁନିଆଦପୁର ପୌରପାଳିକା ଅନ୍ତର୍ଗତ ୧୪ ନମ୍ବର ୱାର୍ଡର ଚୋକସାଦୁଲ୍ଲା ଅଞ୍ଚଳରେ ଗାଡ଼ି ଧକ୍କାରେ ହେମନ୍ତ ଦେବଶର୍ମା (୨୪) ନାମକ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ମାଳଦାରୁ ବାଲୁରଘାଟ ଯାଉଥିବା ଏକ ଗାଡ଼ି ପ୍ରଥମେ ଧୂମସାଦିଘି ଅଞ୍ଚଳରେ ଏକ 'ଟୋଟୋ' ଓ ପରେ ହେମନ୍ତଙ୍କୁ ଧକ୍କା ଦେଇଥିଲା। ଲୋକମାନେ ଗୁରୁତର ହେମନ୍ତଙ୍କୁ ରଶିଦପୁର ଗ୍ରାମୀଣ ଡାକ୍ତରଖାନାକୁ ନେଇଯାଇଥିଲେ। ପରେ ତାଙ୍କୁ ମାଲଦା ମେଡିକାଲ କଲେଜ ହସ୍ପିଟାଲକୁ ରେଫର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟପକ୍ଷରେ, ଦୁର୍ଘଟଣା ପରେ ଗାଡ଼ିଟି ନିୟନ୍ତ୍ରଣ ହରାଇ ରାସ୍ତା କଡ଼ରେ ଥିବା ପୋଖରୀରେ ପଡ଼ିଯାଇଥିଲା। ଲୋକମାନେ ଡ୍ରାଇଭରକୁ ଉଦ୍ଧାର କରି ପୁଲିସକୁ ହସ୍ତାନ୍ତର କରିଛନ୍ତି।

## ଅସୁସ୍ଥ ଛାତ୍ରୀଙ୍କୁ ଭେଟିଲେ ସ୍ୱାସ୍ଥ୍ୟମନ୍ତ୍ରୀ

କୋଲକାତା,୧୨।୮(ସଂଚାର ବ୍ୟୁରୋ): ଅସୁସ୍ଥ ହୋଇଥିବା ୩୩ ଛାତ୍ରୀଙ୍କୁ ସ୍ୱାସ୍ଥ୍ୟମନ୍ତ୍ରୀ ଶାରଦ୍ୱତ ମୁଖାର୍ଜୀ ଆରଜି କର ମେଡିକାଲ କଲେଜ ହସ୍ପିଟାଲରେ ଭେଟିଛନ୍ତି। ସେମାନଙ୍କ ମଧ୍ୟରୁ ୧୬ ଜଣଙ୍କୁ ଡିସଚାର୍ଜ କରାଯାଇଛି, ୧୭ ଜଣ ଚିକିତ୍ସାଧୀନ ଅଛନ୍ତି। ୬ ଜଣଙ୍କର ଇନଫ୍ଲୁଏଞ୍ଜା ପଜିଟିଭ୍ ପରୀକ୍ଷା କରାଯାଇଛି। ହସ୍ପିଟାଲରେ ଭର୍ତ୍ତି ଛାତ୍ରୀଙ୍କ ଅବସ୍ଥା ସ୍ଥିର ଅଛି। ଛାତ୍ରୀମାନେ ଇନଫ୍ଲୁଏଞ୍ଜା ସଂକ୍ରମିତ ହୋଇଥିବା ଆଶଙ୍କା କରାଯାଉଛି।

# ଅପରିଷ୍କାର ପରିବେଶରେ ଫାଷ୍ଟଫୁଡ୍ ଦୋକାନ

## ● ରୋଗ ବଢ଼ାଉଛି ଅସ୍ୱାସ୍ଥ୍ୟକର ଖାଦ୍ୟ ● ଫୁଡ ଇନ୍ସପେକ୍ଟର ଥାଇ ନ ଥିବା ପରି



ବାଲିଆପାଳ,୧୨।୮ (ସଂଚାର ବ୍ୟୁରୋ): ବାଲିଆପାଳ ବ୍ଲକରେ ଫାଷ୍ଟଫୁଡ ଦୋକାନ ଦିନକୁ ଦିନ ବଢିବାରେ ଲାଗିଛି। ରାସ୍ତାକଡ଼ରେ ଅନେକ ଠେଲା ଗାଡି ସାହାଯ୍ୟରେ ଚଟପଟି ଖାଦ୍ୟ ଜଳଖିଆ ଏବଂ ଫାଷ୍ଟଫୁଡ଼ ବିକ୍ରି କରୁଛନ୍ତି। ବାଲିଆପାଳ ବ୍ଲକର ମୁଖ୍ୟ ବଜାର ସିମୁଳିଆ ମାର୍କେଟ, ବ୍ଲକ ଛକ, ଜାମକୁଣ୍ଡା ଛକ, ବସଷ୍ଟାଣ୍ଡ, ରାସ୍ତାକଡରେ ଫାଷ୍ଟଫୁଡର ଷ୍ଟଲ ଦେଖିବାକୁ ମିଳୁଛି। ସନ୍ଧ୍ୟା ସମୟରେ ସେହି ଷ୍ଟଲ ନିକଟରେ ଗ୍ରାହକଙ୍କ ଭିଡ ମଧ୍ୟ ଜମୁଛି। କେତେକ ଷ୍ଟଲ ସକାଳେ ଓ ସନ୍ଧ୍ୟାରେ ଖୋଲୁଛି, ଆଉ କେତେକ ଦିନବେଳେ ବି ଖୋଲା ରହୁଛି। କିନ୍ତୁ ଏଠାରେ ଦିଆଯାଇଥିବା ଫାଷ୍ଟଫୁଡର ମାନ ପରିଷ୍କାର ପରିଚ୍ଛନ୍ନତା ପରିବେଶ ଆଦି ସମ୍ପର୍କରେ ଉଭୟ ଦୋକାନୀ ଓ ଗ୍ରାହକ ସଚେତନ ନୁହଁନ୍ତି।

କେବଳ ଫାଷ୍ଟଫୁଡ ଦୋକାନ ନୁହେଁ ଅନେକ ହୋଟେଲ ମଧ୍ୟ ନର୍ଦ୍ଦମା କଡ଼ରେ ରହିଛି। ଯେଉଁଠାରୁ ସବୁବେଳେ ପଚା, ଦୁର୍ଗନ୍ଧ ବାହାରୁଛି। ତା'ପରେ ଦୋକାନୀମାନେ ଯେଉଁ ପିଇବା ପାଣି ରଖୁଥାନ୍ତି ତାହା ଅଧିକାଂଶ ପିଇବା ଉପଯୁକ୍ତ ନୁହେଁ ବୋଲି ସ୍ୱାସ୍ଥ୍ୟ ସଚେତନ ବ୍ୟକ୍ତିମାନେ ପ୍ରକାଶ କରନ୍ତି। ଅନେକ ସମୟରେ ରାସ୍ତାକଡରୁ ଖାଦ୍ୟ ଖାଇ ବହୁ ଲୋକ ପେଟ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଅନେକ ଜଳଖିଆ ଦୋକାନ ପୋଡ଼ା ତେଲ ସମେତ ବାସୀଖାଦ୍ୟ ଦେଉଥିବାରୁ ଖାଇବା ପରେ ଲୋକେ ଝାଡାବାନ୍ତି ହେଉଛି। ସେହିପରି ସେମାନେ ବ୍ୟବହାର କରୁଥିବା ଜିନିଷ ଅସନାମୁକ୍ତ ନୁହେଁ। ସେହିପରି ଚାଟ ଦୋକାନ, ଜଳଖିଆ ଦୋକାନ ଗୁଡିକ ଖାଇବା ପ୍ଲେଟ ଗୁଡିକ ସେହି କୁଣ୍ଡରୁ ପ୍ଲେଟ ଗୁଡିକ କାଢି ଖାଦ୍ୟ ଦେଉଥିବାରୁ ବିଭିନ୍ନ ଜଳବାହିତ ରୋଗ ସମେତ କାମଳ ରୋଗ ଭଳି ବିଭିନ୍ନ ମାରାତ୍ମକ ରୋଗରେ ବହୁ ଲୋକ ପଡୁଥିବା ଦେଖିବାକୁ ମିଳୁଛି।

ଖାଦ୍ୟର ମାନ ଓ ପରିଷ୍କାର ପରିଚ୍ଛନ୍ନତା ଉପରେ ଯାଞ୍ଚ କରାଯାଉ ନଥିବାରୁ ଫାଷ୍ଟଫୁଡ ବିକ୍ରି କରୁଥିବା ଦୋକାନୀ ସଚେତନ ହେଉନାହାନ୍ତି। କେତେକ ଦୋକାନୀ ଖାଦ୍ୟ ପ୍ରସ୍ତୁତି ସମୟରେ ଅଧିକ ରୁଚିକର କରିବା ଲାଗି କୃତିମ ରଙ୍ଗ, ଚାଇନା ସଲ୍, ଭିନେଗାର, ସୋୟାସସ ଭଳି ବହୁ ରକମର ରାସାୟନିକ ଦ୍ରବ୍ୟ ମିଶାଉଛନ୍ତି। ବାଲିଆପାଳ ବ୍ଲକ ମହକୁମାରେ ଏହି ଅବସ୍ଥା ହୋଇଥିବାବେଳେ ବ୍ଲକ ଓ ଅନ୍ୟାନ୍ୟ ଅଞ୍ଚଳ କଥା ପଚାରେ କିଏ ବୋଲି ଆଲୋଚନା ହେଉଛି।

ସ୍ୱାସ୍ଥ୍ୟ ବିଭାଗର ଜଣେ ଫୁଡ ଇନ୍ସପେକ୍ଟର ଥିବା ସତ୍ତ୍ୱେ ଅପମିଶ୍ରିତ ଫାଷ୍ଟ ଫୁଡ କିମ୍ବା ଅପରିଷ୍କାର ପରିବେଶ ସମ୍ପର୍କରେ କେହି ପାଟି ଫିଟାଉ ନ ଥିବାବେଳେ ବାଲିଆପାଳ ବ୍ଲକରେ ମଧ୍ୟ ସ୍ୱାସ୍ଥ୍ୟ ଅଧିକାରୀ ନିରବୀ ଯାଇଛନ୍ତି ବୋଲି ଅଭିଯୋଗ ହେଉଛି। ଏବେ ବର୍ଷା ସମୟରେ ଏହି ପରିବେଶ ଆହୁରି କଦର୍ଯ୍ୟ ହୋଇପଡ଼ିଥିବା ବେଳେ ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଲାଗି ଖାଦ୍ୟ ନିରୀକ୍ଷକ ଏବଂ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢ଼ଉ କରି ଖାଦ୍ୟର ମାନ ଓ ପରିଷ୍କାର ପରିଚ୍ଛନ୍ନତା ଯାଞ୍ଚ କରିବା ଲାଗି ଜନସାଧାରଣ ଦାବି କରିଛନ୍ତି।

## ବିଧାୟକଙ୍କ ନେତୃତ୍ୱରେ କୁଆଖିଆ ବଜାରରେ ତ୍ରିରଙ୍ଗା ଶୋଭାଯାତ୍ରା



କୋରେଇ,୧୨।୮ (ସଂଚାର ବ୍ୟୁରୋ): କୋରେଇ ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକ ଅନ୍ତର୍ଗତ ମୁଗୁପାଳ କଲେଜ ଛକ ଠାରୁ କୁଆଖିଆ ବଜାର ପର୍ଯ୍ୟନ୍ତ ଆଜି ଏକ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି ଶୋଭାଯାତ୍ରାରେ କୋରେଇ ବିଧାୟକ ଆକାଶ ଦାସନାୟକ ନାୟକ ସାମିଲ ହୋଇଥିଲେ। ଦେଶପ୍ରେମ, ଜାତୀୟ ଏକତା ଓ ତ୍ରିରଙ୍ଗା ପ୍ରତି ଗର୍ବର ଭାବନାରେ ଆଜି ଉତ୍ସବମୁଖର ହୋଇଉଠିଥିଲା କୁଆଖିଆ ବଜାର।

ଆଜି ମୁଗୁପାଳ କଲେଜ ଛକ ନିକଟ ପେଟ୍ରୋଲ ପମ୍ପ ଷ୍ଟେସନ ଠାରୁ ଆରମ୍ଭ ହୋଇଥିବା ତ୍ରିରଙ୍ଗା ଶୋଭାଯାତ୍ରାରେ ବିଜେପି ନେତା ପଦ୍ମଲୋଚନ ନାୟକ, ସରପଂଚ ସର୍ବେଶ୍ୱର ସାହୁ, ପ୍ରହଲ୍ଲାଦ ପଣ୍ଡା, ଦିପ୍ତିମୟୀ କୁଅଁରଙ୍କ ସମେତ ହଜାର ହଜାର ଦଳୀୟ କାର୍ଯ୍ୟକର୍ତ୍ତା, ଜନସାଧାରଣଙ୍କ ସହିତ ଶତାଧିକ କଲେଜ ଛାତ୍ର ଛାତ୍ରୀ ସାମିଲ ହୋଇଥିଲେ।

## ରାଇଘରରେ 'ହର ଘର ତିରଙ୍ଗା' କାର୍ଯ୍ୟକ୍ରମ




ରାଇଘର,୧୨।୮ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକରେ ଆଜି 'ହର ଘର ତିରଙ୍ଗା' ଓ 'ଘର ଘର ତିରଙ୍ଗା' କାର୍ଯ୍ୟକ୍ରମ ଉତ୍ସାହ ଓ ଦେଶଭକ୍ତିର ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଛି।

ଏହି କାର୍ଯ୍ୟକ୍ରମରେ ମାନ୍ୟବର ଗଣଶିକ୍ଷା ମନ୍ତ୍ରୀଙ୍କ ସମେତ ବ୍ଲକ ଅଧ୍ୟକ୍ଷ, ଛାତ୍ରଛାତ୍ରୀ ଓ ବହୁ ସଂଖ୍ୟକ ଜନସାଧାରଣ ଯୋଗଦେଇଥିଲେ। ଜାତୀୟ ପତାକାକୁ ସମ୍ମାନ ଜଣାଇ ଦେଶପ୍ରେମର ବାର୍ତ୍ତା ଦେବା ସହ ଏହି ଅଭିଯାନକୁ ସଫଳ କରିବା ପାଇଁ ସମସ୍ତେ ଆହ୍ୱାନ ଦେଇଥିଲେ। ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ଅଧ୍ୟକ୍ଷ ମଧ୍ୟ ଏଥିରେ ଯୋଗଦେଇଥିଲେ।

କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଓ ଜନସାଧାରଣଙ୍କ ମଧ୍ୟରେ ଦେଶପ୍ରେମ ଓ ଜାତୀୟ ଏକତାର ଭାବନା ଦେଖିବାକୁ ମିଳିଥିଲା। ଘରେ ଘରେ ତିରଙ୍ଗା ଉଡ଼ାଇ ଜାତୀୟ ପତାକା ପ୍ରତି ସମ୍ମାନ ପ୍ରଦର୍ଶନ କରିବାକୁ ଆୟୋଜକଙ୍କ ପକ୍ଷରୁ ଆହ୍ୱାନ କରାଯାଇଥିଲା।

## ମେଡିକାଲ କ୍ୟାମ୍ପସରୁ ଦୋକାନ ହଟାଇବାକୁ ଦାବି

### ନିରାମୟ ଥାଇ ବି ଔଷଧ ଦୋକାନ କାହିଁକି ?



ଆନନ୍ଦପୁର,୧୨।୮ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଥିବା ଏକ ବେସରକାରୀ ଔଷଧ ଦୋକାନକୁ ନେଇ ଦିନକୁ ଦିନ ବଢ଼ୁଛି ଅସନ୍ତୋଷ। ମେଡିକାଲ ପରିସରରେ ନିରାମୟ ଔଷଧ ବ୍ୟବସ୍ଥା ରହିଥିବା ସତ୍ତ୍ୱେ ଏଠାରେ ବେସରକାରୀ ଔଷଧ ଦୋକାନ କାହିଁକି ରହିଛି, ତାହାକୁ ନେଇ ଉଠିଛି ବଡ଼ ପ୍ରଶ୍ନ।

ଯେତେବେଳେ ସରକାରୀ ହସ୍ପିଟାଲରେ ନିରାମୟ ଯୋଜନା ମାଧ୍ୟମରେ ଔଷଧ ଯୋଗାଣର ବ୍ୟବସ୍ଥା ରହିଛି, ସେତେବେଳେ ମେଡିକାଲ କ୍ୟାମ୍ପସ ଭିତରେ ବେସରକାରୀ ଔଷଧ ଦୋକାନର ଆବଶ୍ୟକତା କ'ଣ, ତାହାକୁ ନେଇ ଆଲୋଚନା ଜୋର୍ ଧରିଛି। ଏହି ଦୋକାନକୁ ମେଡିକାଲ ପରିସରରେ ଚାଲିବା ପାଇଁ କିଏ ଅନୁମତି ଦେଇଛି? ଅନୁମତି ଥିଲେ ତାହାର ଆଧାର କ'ଣ? ଏହା ସହିତ ଜଡ଼ିତ ନିୟମ ଓ ସରକାରୀ ନିର୍ଦ୍ଦେଶ କ'ଣ କହୁଛି? ଏସବୁ ପ୍ରଶ୍ନର ଉତ୍ତର ସାମ୍ନାକୁ ଆସିବା ଆବଶ୍ୟକ। ତେବେ ଏହି ଔଷଧ ଦୋକାନ ପଛରେ କୌଣସି ପ୍ରକାରର ବିଶେଷ ଅନୁମତି କିମ୍ବା ବୁଝାମଣା ରହିଛି କି? ନା ନିୟମ ଅନୁସାରେ ହିଁ ଏହା ଚାଲୁଛି? ତାହା ସ୍ପଷ୍ଟ କରିବା ଦାୟିତ୍ୱ ସ୍ୱାସ୍ଥ୍ୟ ବିଭାଗର।

ଅଭିଯୋଗର ସତ୍ୟତା ଯାଞ୍ଚ କରି ତୁରନ୍ତ ତଦନ୍ତ କରାଯାଉ ଏବଂ ନିୟମ ବିରୋଧୀ ହୋଇଥିଲେ ମେଡିକାଲ କ୍ୟାମ୍ପସରୁ ଦୋକାନ ହଟାଯାଉ ବୋଲି ବିଭିନ୍ନ ମହଲରୁ ଦାବି ହେଉଛି। ଅଭିଯୋଗ ଉପରେ ସ୍ୱାସ୍ଥ୍ୟ ବିଭାଗ କେବେ ନେବ ପଦକ୍ଷେପ? ମେଡିକାଲ ପରିସରରେ ବେସରକାରୀ ଔଷଧ ଦୋକାନ ଚାଲିବାର ଅନୁମତି ରହିଛି କି ନାହିଁ, ତାହାର ସ୍ପଷ୍ଟ ଉତ୍ତର ଅପେକ୍ଷାରେ ରହିଛନ୍ତି ସାଧାରଣ ଲୋକ।

## ଇଣ୍ଡିଆନ୍ ଅଏଲ୍ ପାରଦୀପ ରିଫାଇନରୀରେ ଲେବେଲ ୨ଅନ୍ ସାଇଟ୍ ଡିଜାଷ୍ଟର ଡ୍ରିଲ୍



ପାରାଦ୍ୱୀପ,୧୨।୮ (ସଂଚାର ବ୍ୟୁରୋ): ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନରୀ ୧୨ଅଗଷ୍ଟ ୨୦୨୬ ରେ ଲେବେଲ ୨ମକ୍ ଡ୍ରିଲ୍ (ଅନ୍ ସାଇଟ୍ ଡିଜାଷ୍ଟର ଡ୍ରିଲ୍) ଆୟୋଜନ କରିଥିଲା ଯେଉଁଥିରେ ରିଫାଇନରୀ ତାହାର ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ପ୍ରସ୍ତୁତିର ପ୍ରଭାବ ଯାଞ୍ଚ କରିଥିଲା। ପାରାଦୀପ ରିଫାଇନରୀର ଅନୁମୋଦିତ ଇମରର୍ଜେନ୍ସି ରେସପନସ୍ ଆଣ୍ଡ୍ ଡିଜାଷ୍ଟର୍ ମ୍ୟାନେଜମେଣ୍ଟ ପ୍ଲାନ୍ ଅନୁଯାୟୀ ଏହି ଡ୍ରିଲ୍ କାର୍ଯ୍ୟକାରୀ କରାଯାଇଥିଲା । ମ୍ୟୁଚୁଆଲ୍ ଏଡ୍ ସଂସ୍ଥାର ପ୍ରତିନିଧିମାନେ ମଧ୍ୟ ଏହି ଅଭ୍ୟାସରେ ଅଂଶଗ୍ରହଣ କରିଥିଲେ । ଏଥିରେ ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ବିପର୍ଯ୍ୟୟ ପରିଚାଳନା ଯୋଜନାର ପ୍ରୋଟୋକଲ୍ ଅନୁଯାୟୀ ନିଆଯାଇଥିବା ପ୍ରତିକ୍ରିୟା ଏବଂ ନିୟନ୍ତ୍ରଣ ପଦକ୍ଷେପ ଗୁଡିକ ସଠିକ୍ ଭାବରେ ସମନ୍ୱିତ ହୋଇଥିଲା ଏବଂ ଏହାକୁ ସମସ୍ତ କର୍ତ୍ତୃପକ୍ଷ ପ୍ରଶଂସା କରିଥିଲେ ।

## ବନ୍ଦେ ମାତରମ ନାରାରେ କମ୍ପିଲା ବୋରିଗୁମ୍ମା



ବୋରିଗୁମ୍ମା,୧୨।୮ (ସଂଚାର ବ୍ୟୁରୋ): ଆସନ୍ତା ସ୍ୱାଧୀନତା ଦିବସ ପୂର୍ବରୁ ଦେଶବ୍ୟାପୀ ଚାଲିଥିବା "ହର ଘର ତ୍ରିରଙ୍ଗା-୨୦୨୬' ଅଭିଯାନର ଅଂଶ ସ୍ୱରୂପ ବୁଧବାର ବିଜ୍ଞାପିତ ଅଞ୍ଚଳ ବୋରିଗୁମ୍ମା ସ୍ଥିତ ସରସ୍ୱତୀ ଶିଶୁମନ୍ଦିର ପକ୍ଷରୁ ସଦର ସହର ମହକୁମାରେ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି।

କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ମମତା ମହାପାତ୍ରଙ୍କ ନେତୃତ୍ୱରେ ବିଦ୍ୟାଳୟର ଗୁରୁଜୀ, ଗୁରୁମା ଏବଂ ବିଦ୍ୟାଳୟ ପରିଚାଳନା କମିଟିର କାଳିପ୍ରସାଦ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଶୋଭାଯାତ୍ରା ବିଦ୍ୟାଳୟ ପରିସରରୁ ଆରମ୍ଭ ହୋଇ ସହରର ନୂଆ ବସଷ୍ଟାଣ୍ଡ ସ୍ଥିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଠାରେ ଶେଷ ହୋଇଥିଲା । ଶୋଭାଯାତ୍ରାରେ ସମ୍ମିଳିତ ଭାବରେ ବନ୍ଦେ ମାତରମରେ ସହର କମ୍ପି ଉଠିଥିଲା ଏବଂ ରାଲି ଶେଷରେ ଜାତୀୟ ସଂଗୀତ ଗାନ କରାଯାଇଥିଲା।

ତ୍ରିରଙ୍ଗା ପ୍ରତି ସମ୍ମାନ ଓ ଜାତୀୟ ଏକତାର ବାର୍ତ୍ତା ପ୍ରଚାର କରିବା ଏହି ଶୋଭାଯାତ୍ରାର ମୁଖ୍ୟ ଉଦେଶ୍ୟ ଥିଲା। ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅବିଭାବକ ପ୍ରମୁଖ ସମାରୋହରେ ସାମିଲ ହୋଇଥିଲେ।

## ରାତି ଅଧ ଯାଏଁ ରାସନ ବଣ୍ଟନ

### ଜଣେ ଡିଲର ସମ୍ଭାଳୁଛନ୍ତି ଅତିରିକ୍ତ ୪ ୱାର୍ଡ, ପୂର୍ବ ଅଭିଯୋଗ ପରେ ବି ସୁଧୁରିଲାନି ବ୍ୟବସ୍ଥା



ଛତ୍ରପୁର,୧୨।୮ (ସଂଚାର ବ୍ୟୁରୋ): ଗଞ୍ଜାମ ଏନ୍ଏସିରେ ରାସନ ବଣ୍ଟନକୁ ନେଇ ପୂର୍ବରୁ ଅଭିଯୋଗ ହୋଇଥିଲେ ମଧ୍ୟ ସମସ୍ୟା ସୁଧୁରିନଥିବା ଅଭିଯୋଗ ହୋଇଛି। ଜଣେ ଡିଲରଙ୍କୁ ଅତିରିକ୍ତ ୪ଟି ୱାର୍ଡର ଦାୟିତ୍ୱ ଥିବାରୁ ୫୦୦ରୁ ଅଧିକ ହିତାଧିକାରୀଙ୍କ ରାସନ ବଣ୍ଟନରେ ବିଳମ୍ବ ହେଉଛି। ଫଳରେ ହିତାଧିକାରୀଙ୍କୁ ଘଣ୍ଟା ଘଣ୍ଟା ଲାଇନରେ ରହିବା ସହ ରାତି ଅଧ ଯାଏଁ ରାସନ ପାଇଁ ଅପେକ୍ଷା କରିବାକୁ ପଡୁଛି।

ସୂଚନା ଅନୁଯାୟୀ, ଗଞ୍ଜାମ ଏନ୍ଏସିର ୪ ନମ୍ବର ୱାର୍ଡର ଜଣେ ଡିଲରଙ୍କ ନିକଟରେ ୧, ୨, ୬ ଓ ୭ ନମ୍ବର ୱାର୍ଡର ୫୦୦ରୁ ଅଧିକ ରାସନ କାର୍ଡ ରହିଛି। ଏକାଧିକ ୱାର୍ଡର ହିତାଧିକାରୀ ଏକାଠି ରାସନ ନେବାକୁ ଆସୁଥିବାରୁ ବଣ୍ଟନ ସମୟରେ ଭିଡ଼ ହେଉଛି। ଭିଡ଼ ଅଧିକ ରହୁଥିବାରୁ ରାସନ ବଣ୍ଟନ ରାତି ପର୍ଯ୍ୟନ୍ତ ଚାଲୁଥିବା ହିତାଧିକାରୀମାନେ କହିଛନ୍ତି। ଦିନରେ ଖରାରେ ଲାଇନରେ ଠିଆ ହେବା ସହ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡୁଥିବାରୁ ବୃଦ୍ଧ ଓ ମହିଳାମାନେ ଅଧିକ ଅସୁବିଧାରେ ପଡୁଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ରାସନ ବଣ୍ଟନ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବାକୁ ଦାବି ହୋଇଛି। ପୂର୍ବରୁ ଏହି ସମସ୍ୟା ନେଇ ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ଦେବସ୍ମିତା ମିଶ୍ର ଘଟଣାର ଯାଞ୍ଚ କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ହେଲେ ବର୍ତ୍ତମାନ ବି ହିତାଧିକାରୀଙ୍କ ଦୁର୍ଭୋଗ ଜାରି ରହିଥିବା ଅଭିଯୋଗ ହୋଇଛି।

## ସମ୍ ନର୍ସିଂ କଲେଜ କ୍ୟାମ୍ପସ-୨ପକ୍ଷରୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ




ଭୁବନେଶ୍ୱର,୧୨।୮ (ସଂଚାର ବ୍ୟୁରୋ): ବିଶ୍ୱ ସ୍ତନ୍ୟପାନ ସପ୍ତାହ ୨୦୨୬ ପରିପ୍ରେକ୍ଷୀରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସମ୍ ନର୍ସିଂ କଲେଜ କ୍ୟାମ୍ପସ -୨ ପକ୍ଷରୁ ଅଗଷ୍ଟ ୬ ଓ ୭ ଦୁଇ ଦିନ ଧରି ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।

ଏସ୍ଏନ୍ସି-କ୍ୟାମ୍ପସ୍-୨ର ଡିନ୍ ଡାକ୍ତର ଅନୁରାଧା ପଣ୍ଡା ଏବଂ ଅନ୍ୟାନ୍ୟ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ତତ୍ତ୍ୱାବଧାନ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚଳିତ ବର୍ଷର ବାର୍ତ୍ତା ରହିଥିଲା "ସ୍ତନ୍ୟପାନ ଦ୍ୱାରା ଜୀବନରେ ସୁସ୍ଥ ଓ ସ୍ଥାୟୀ ଆରମ୍ଭ: ଯାହା କାର୍ଯ୍ୟକାରୀ, ତାହାକୁ ସୁଦୃଢ଼ କରିବା।"

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସୋଆ ପରିଚାଳିତ ଇନ୍ଷ୍ଟିଚ୍ୟୁଟ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ୍ ସମ୍ ହସ୍ପିଟାଲ କ୍ୟାମ୍ପସ ୨ର ପୂର୍ବତନ ଡିନ୍ ତଥା ସୋଆର ଉପଦେଷ୍ଟା ଓ ବିଶିଷ୍ଟ ଶିଶୁରୋଗ ବିଶେଷଜ୍ଞ ପ୍ରଫେସର ଡାକ୍ତର ଅରକ୍ଷିତ ସ୍ୱାଇଁ ଯୋଗ ଦେଇ ସ୍ତନ୍ୟପାନର ଗୁରୁତ୍ୱ ଏବଂ ମାଆ ଓ ଶିଶୁଙ୍କ ପାଇଁ ଆବଶ୍ୟକୀୟ ସହାୟତା ସମ୍ପର୍କରେ ବିଶେଷ ଆଲୋଚନା କରିଥିଲେ।

କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ କ୍ୟାମ୍ପସ-୨ରେ ଗର୍ଭବତୀ ଓ ପ୍ରସବୋତର ମାଆ ଏବଂ ସେମାନଙ୍କ ପରିବାରବର୍ଗଙ୍କ ନିମନ୍ତେ ସ୍ୱାସ୍ଥ୍ୟ ଶିକ୍ଷା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ସ୍ତନ୍ୟପାନର ଉପକାରିତା ସହିତ ମାଆମାନଙ୍କୁ ପରିବାରର ସହଯୋଗ ଯୋଗାଇ ଦେବାର ଗୁରୁତ୍ୱ ଉପରେ ଆଲୋଚନା ହେବା ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ତନ୍ୟପାନ, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସମ୍ପର୍କିତ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ହିଞ୍ଜିଳିରେ 'ହର ଘର ତ୍ରିରଙ୍ଗା ଯାତ୍ରା'




ହିଞ୍ଜିଳିକାଟୁ,୧୨।୮ (ସଂଚାର ବ୍ୟୁରୋ): ଭାରତୀୟ ଜନତା ଯୁବ ମୋର୍ଚ୍ଚା ଆସିକା ସାଂଗଠନିକ ଜିଲ୍ଲାର ଆହ୍ୱାନ କ୍ରମେ ହିଞ୍ଜିଳିକାଟୁ ପୌରାଞ୍ଚଳରେ ସାମୂହିକ ଭାବେ 'ହର ଘର ତ୍ରିରଙ୍ଗା ଯାତ୍ରା' ଅନୁଷ୍ଠିତ ହୋଇଯାଇଛି । ଏହି ଯାତ୍ରା ପୌରାଞ୍ଚଳ ସ୍ଥିତ ବଇଁଚବଣିଆ ଛକରୁ ଆରମ୍ଭ ହୋଇ ମିନି ଷ୍ଟାଡିୟମ ପର୍ଯ୍ୟନ୍ତ ବିରାଟ ବଡ଼ ତ୍ରିରଙ୍ଗା ପଦଯାତ୍ରା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କଲେଜ ଏନସିସି ଛାତ୍ରଛାତ୍ରୀ , ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଘୋଷ ଦଳ, ଗାୟତ୍ରୀ କଲେଜ ଛାତ୍ରଛାତ୍ରୀ, ଭାରତୀୟ ସାମରିକ ବାହିନୀର ଅବସର ପ୍ରାପ୍ତ କର୍ମଚାରୀ ଦଳ, ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ, ଯୁବକ, ସାଧାରଣ ଜନତା, ସମାଜସେବୀ, ଜନପ୍ରତିନିଧି ମାନେ ଉତ୍ସାହ ସହକାରେ ସାମିଲ ହୋଇଥିଲେ।

ଜିଲ୍ଲା ବିଜେପି ସଭାପତି ବିଜୟ କୁମାର ସ୍ୱାଇଁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିଶିର ମିଶ୍ର, ଉତ୍ତମ ପାଣିଗ୍ରାହୀ, ଜିଲ୍ଲା ପ୍ରଭାରୀ ପ୍ରକାଶ ମଙ୍ଗରାଜ, ଯୁବମୋର୍ଚ୍ଚାର ରାଜ୍ୟ ସମ୍ପାଦକ ରୋଶନ ଖୁଣ୍ଟିଆ, ଜିଲ୍ଲା ସଭାପତି ଅଜିତ ପଣ୍ଡା, ଯୁବମୋର୍ଚ୍ଚା ପ୍ରଭାରୀ ସନ୍ତୋଷ ପାଣିଗ୍ରାହୀ, ତ୍ରିରଙ୍ଗା ଯାତ୍ରା ସଂଯୋଜକ ନିତେଶ ପଣ୍ଡା, ନଗର ଯୁବମୋର୍ଚ୍ଚା ସଭାପତି ବଳରାମ ପଣ୍ଡା ଉପସ୍ଥିତ ରହି ଉତ୍ସାହିତ କରିଥିଲେ।

## ନାବାଳିକା ଗଣଦୁଷ୍କର୍ମ ମାମଲା: ୩ ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

ସୁନ୍ଦରଗଡ,୧୨।୮ (ସଂଚାର ବ୍ୟୁରୋ): ନାବାଳିକା ଗଣଦୁଷ୍କର୍ମ ମାମଲାରେ ୩ ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ। ୨୦୧୮ ମସିହାର ଏକ ନାବାଳିକା ଗଣଦୁଷ୍କର୍ମ ମାମଲାରେ ସୁନ୍ଦରଗଡ଼ ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ମାମଲାରେ ୩ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଅଦାଲତ ଆଜୀବନ କାରାଦଣ୍ଡ ସହ ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ସୁନ୍ଦରଗଡ଼ର ମାନ୍ୟବର ଅତିରିକ୍ତ ଜିଲ୍ଲାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟର ବିଚାରପତି ଜ୍ଞାନରଞ୍ଜନ ପଟ୍ଟନାୟକ ଏହି ରାୟ ପ୍ରକାଶ କରିଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ୩ ଜଣ ହେଲେ କାଳିନ୍ଦୀ ପାତ୍ର, ରାଜକୁମାର ପାତ୍ର ଓ ଜାକିରାଜ ପାତ୍ର।

ଅଦାଲତଙ୍କ ରାୟ ଅନୁଯାୟୀ, ତିନିଜଣଙ୍କୁ ଆଜୀବନ କାରାଦଣ୍ଡ ସହ ପ୍ରତ୍ୟେକଙ୍କୁ ୨୦ ହଜାର ଟଙ୍କା ଲେଖାଏଁ ଜରିମାନା କରାଯାଇଛି। ଜରିମାନା ଅନାଦାୟ ହେଲେ ଅତିରିକ୍ତ ଏକ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ। ୨୦୧୮ ମସିହାରେ ୧୬ ବର୍ଷରୁ କମ୍ ବୟସର ଜଣେ ନାବାଳିକା ସନ୍ଧ୍ୟା ସମୟରେ ନିଜ ଗାଁର ଏକ ଦୋକାନକୁ ଅଣ୍ଡା କିଣିବାକୁ ଯାଇଥିଲେ। ଏହି ସମୟରେ ଦୁଇଜଣ ଯୁବକ ସ୍କୁଟିରେ ତାଙ୍କୁ ନେଇଯାଇଥିଲେ। ପରେ ଅନ୍ୟ କିଛି ଯୁବକଙ୍କୁ ସେଠାକୁ ଡାକି ନାବାଳିକାଙ୍କ ସହ ଗଣଦୁଷ୍କର୍ମ କରାଯାଇଥିଲା।

## ଯୋଡ଼ାରେ ଧୁମ୍‌ଧାମରେ 'ହର ଘର ତ୍ରିରଙ୍ଗା' ଯାତ୍ରା ପାଳିତ




ଯୋଡ଼ା,୧୨।୮ (ସଂଚାର ବ୍ୟୁରୋ): ସ୍ୱାଧୀନତା ଦିବସ ପୂର୍ବରୁ ଦେଶପ୍ରେମ ଓ ଜାତୀୟ ଏକତାର ବାର୍ତ୍ତା ନେଇ ଯୋଡ଼ା ପୌରପାଳିକା ପକ୍ଷରୁ ବୁଧବାର 'ହର ଘର ତ୍ରିରଙ୍ଗା' କାର୍ଯ୍ୟକ୍ରମ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଛି। ତ୍ରିରଙ୍ଗା ପତାକା ହାତରେ ଧରି ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ପୌର କର୍ମଚାରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ବିଭିନ୍ନ ବର୍ଗର ଲୋକେ ଏହି ଯାତ୍ରାରେ ସାମିଲ ହୋଇଥିଲେ।

ପୌରପାଳିକା କାର୍ଯ୍ୟାଳୟ ପରିସରରୁ ଏହି ତ୍ରିରଙ୍ଗା ଯାତ୍ରାର ଶୁଭାରମ୍ଭ ହୋଇ ଯୋଡ଼ା ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। ଦେଶପ୍ରେମର ସ୍ଲୋଗାନ ଓ ତ୍ରିରଙ୍ଗାରେ ସହରର ପରିବେଶ ଦେଶଭକ୍ତିମୟ ହୋଇଉଠିଥିଲା। ପରେ ଯାତ୍ରା ଲକ୍ଷ୍ମୀ ପଡ଼ିଆରେ ପହଞ୍ଚିବା ପରେ ସେଠାରେ କାର୍ଯ୍ୟକ୍ରମର ସମାପନ କରାଯାଇଥିଲା।

ପୌରପାଳିକାର ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତ୍ୟେକ ଘରେ ତ୍ରିରଙ୍ଗା ଉଡ଼ାଇବା ସହ ଜାତୀୟ ପତାକା ପ୍ରତି ସମ୍ମାନ ଓ ଦେଶପ୍ରେମର ଭାବନାକୁ ଆହୁରି ମଜବୁତ କରିବାର ବାର୍ତ୍ତା ଦିଆଯାଇଥିଲା।

**AFFIDAVIT**

By virtue of an affidavit sworn before Executive Magistrate, Anandapur, dated 09/07/2026.

I, **Nimai Charan Bhanja**, S/O Santosh Kuma Bhanja permanent resident of At- Siapada, Po- Tolankapada, Ps-Ramachandrapur Dist- Keonjhar, Pin- 758020 declare that I have changed my name from Nimain Charan Bhanja to Nimai Charan Bhanja. Henceforth, I shall be known as Nimai Charan Bhanja for all purposes.

**Nimai Charan Bhanja**

## ବକ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲର ବାର୍ଷିକୋତ୍ସବ ପାଇଁ ପ୍ରସ୍ତୁତି ବୈଠକ



ଖୋର୍ଦ୍ଧା,୧୨।୮ (ସଂଚାର ବ୍ୟୁରୋ): ସ୍ଥାନୀୟ ଐତିହାସିକ ବକ୍ସି ଜଗବନ୍ଧୁ ବିଦ୍ୟାଧର (ବି.ଜେ.ବି) ହାଇସ୍କୁଲର ୧୨୫ତମ ବାର୍ଷିକ ସମାରୋହର ବିଦ୍ୟାଳୟ ପରିସରସ୍ଥ କ୍ଷୁଦ୍ର ସଭାଗୃହରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସିନିୟର ପୁରାତନ ଛାତ୍ର ପ୍ରାକ୍ତନ କୁଳ ସଚିବ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ନାରାୟଣ ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୩୭ଜଣ ପ୍ରାକ୍ତନ ଛାତ୍ର ଯୋଗଦେଇ ନିଜର ଅନୁଭୂତି ଓ ବହୁମୂଲ୍ୟ ପରାମର୍ଶ ଦେଇଥିଲେ। ଉତ୍ସବ ସଂଯୋଜକ ବିକ୍ରମ କୁମାର ଦାଶ ବିଗତ ଦିନର କାର୍ଯ୍ୟାବଳୀ ପ୍ରସ୍ତୁତ କରିବା ସହ ଆଗାମୀ କାର୍ଯ୍ୟସୂଚୀ ସମ୍ପର୍କରେ ଆଲୋଚନା କରିଥିଲେ। ଅଗଷ୍ଟ ୨୩ ତାରିଖରେ ପରବର୍ତ୍ତୀ ସମୀକ୍ଷା ବୈଠକ ବସିବାକୁ ନିଷ୍ପତ୍ତି ହୋଇଛି।

## ଜେନେଟିକ ଓ ନିମ୍ନମାନର ଔଷଧ ବିକ୍ରି ଅଭିଯୋଗ

### ବାହାର ରାଜ୍ୟରୁ ଆସୁଛି ନକଲି ଔଷଧ



କାକଟପୁର/ଅସ୍ତରଙ୍ଗ,୧୨।୮ (ସଂଚାର ବ୍ୟୁରୋ): ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନର ନୀରବତା ଯୋଗୁଁ ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ବ୍ଲକ ଅଂଚଳର ମୁଖ୍ୟ ବଜାର ହେଉ କି ଗ୍ରାମାଞ୍ଚଳରେ ଥିବା ଔଷଧ ଦୋକାନ ଗୁଡିକରେ ଜେନେରିକ ଓ ନିମ୍ନମାନର ଔଷଧ ବହୁଳ ଭାବରେ ବିକ୍ରି ଚାଲିଛି। ଏ ସବୁ ବିକ୍ରି କରି ଦୋକାନୀ ଲାଭବାନ ହେଉଥିବା ଅଭିଯୋଗ ହେଉଛି। ଡ୍ରଗ୍ସ ଇନିସ୍ପେକ୍ଟର ଦୋକାନ ଉପରେ ସଠିକ ନିୟମ ଅନୁଯାୟୀ ଚଢ଼ାଉ କରୁ ନଥିବାରୁ ଏହି କାରବାର ଦିନକୁ ଦିନ ବଢ଼ି ଚାଲିଛି।

ଅସ୍ତରଙ୍ଗ ବ୍ଲକ ଅଧୀନ ଅସ୍ତରଙ୍ଗ ମୁଖ୍ୟ ବଜାର ସମେତ ପୋଟଳ ଛକ, ଆଳସାହି, ନଗର, ନଈଗୁଆଁ, ସରିପୁର, କୋରଣା, ଉଦୟପୁର, ତାଳଦା ସମେତ କାକଟପୁର ବ୍ଲକ ଅଧୀନ ବାଙ୍ଗୁରୀଗାଁ, ଆନନ୍ଦ ବଜାର, ପାଟପୁର, ଓଥକା, ନାସିକେଶ୍ୱର, ଶହ ଅନ୍ୟ ସ୍ଥାନ ମାନଙ୍କରେ ମାଳ ମାଳ ଔଷଧ ଦୋକାନ ଖୋଲା ଯାଇଛି। କିନ୍ତୁ ନିୟମ କାନୁନକୁ ଉପେକ୍ଷା କରି ଔଷଧ ଦୋକାନୀ ରୋଗୀଙ୍କୁ ବିକ୍ରି କରୁଛନ୍ତି ଜେନେରିକ ଓ ନିମ୍ନମାନର ଔଷଧ। ଏହାକୁ ସେବନ କରିବା ଯୋଗୁଁ ଉପଶମ ମିଳିବା ସ୍ଥାନରେ ରୋଗ ବଢ଼ି ବଢ଼ି ଚାଲୁଛି ବୋଲି ଅଭିଯୋଗ ହୋଇଛି।

ଯାହା ସାଧାରଣ ଚର୍ଚ୍ଚା ହେଉଛି 'ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଔଷଧୀ' କେନ୍ଦ୍ର ଗରିବ ଲୋକଙ୍କୁ ସହାୟକ ହେଉଛି। ଏହି ଜନ ଔଷଧୀ କେନ୍ଦ୍ରରେ ଜେନେରିକ ଔଷଧ ୫୦ରୁ ୯୦ପ୍ରତିଶତ ଶସ୍ତା ଦରରେ ମିଳିଥାଏ। ମାତ୍ର କେତେକ ଅସାଧୁ ବ୍ୟବସାୟୀ ପ୍ରଧାନମନ୍ତ୍ରୀ ଜନ ଔଷଧୀ କେନ୍ଦ୍ରରେ ଅନ୍ୟ କମ୍ପାନୀର ପ୍ରସ୍ତୁତ ଔଷଧ ଅଧା ଦାମ୍ (ଲେଖାଥିବା ମୂଲ୍ୟ)ବିକ୍ରି କରାଯାଉଥିବା ଅଭିଯୋଗ ସାଧାରଣ ଲୋକ କରୁଛନ୍ତି। ବିଶେଷ କରି ନକଲି ଔଷଧ ଅଧିକ ପରିମାଣରେ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। ମଧୁମେହ, ଉଚ୍ଚ ରକ୍ତଚାପ, କୀଡିନ, ହୃଦରୋଗ ଭଳି ଗୁରୁତର ରୋଗ ଦାମୀ ଔଷଧ ଏବେ ନକଲି ଭାବେ ବଜାରରେ ମିଳୁଛି। ଏହାକୁ ସେବନ କରି ରୋଗ କମିବା ପରିବର୍ତ୍ତେ ବଢ଼ି ବଢ଼ି ଚାଲିଛି।

ଏହି ନକଲି ଔଷଧ ପଶ୍ଚିମବଙ୍ଗ, ବିହାର, ବାଙ୍ଗାଲୋର, ଦିଲ୍ଲୀ ରୁ ଆସୁଥିବା ଶୁଣିବାକୁ ମିଳୁଛି। ବ୍ଲକର କିଛି ସ୍ଥାନରେ କ୍ଲିନିକ ଖୋଲି ବୈଧ ଲାଇସେନ୍ସ ପ୍ରାପ୍ତ ଓ ଫାର୍ମାସିଷ୍ଟ ନଥାଇ ଔଷଧ ବିକ୍ରି କରିବା ସହ ରୋଗୀ ସେବା କରାଯାଉଛି। ଫାର୍ମାସିଷ୍ଟ ସାର୍ଟିଫିକେଟ ଆଳରେ ଲକ୍ଷ ଲକ୍ଷ ଟଙ୍କାର ନକଲି ଔଷଧ ବିକ୍ରି ହେଉଛି। ଅସ୍ତରଙ୍ଗ ଓ କାକଟପୁର ବ୍ଲକ ଅଂଚଳରେ ଗଳି କନ୍ଦିରେ ମାଳ ମାଳ କ୍ଲିନିକ ଖୋଲି ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ବିଶେଷଜ୍ଞ ଡକ୍ଟର ଉପଲବ୍ଧ ବୋଲି ସାଇନି ବୋର୍ଡ ଓ ପ୍ରଚାର ହେଉଥିବା ବେଳେ କ୍ଲିନିକକୁ ସେହିଭଳି ନାମିଦାମୀ ଡାକ୍ତର ଆସୁନଥିବା ଅଭିଯୋଗ ହୋଇଛି। କେବଳ ସାପ୍ତାହିକ ଫିସ ଆଦାୟ କରାଯାଉଛି। ଏ ସବୁ ଅନିୟମିତତା କାର୍ଯ୍ୟ ଚାଲିଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ କାହିଁକି ନିରବ ଦ୍ରଷ୍ଟା ସାଜିଛି, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବୀ ହେଉଛି।

**AFFIDAVIT**

By virtue of an affidavit sworn before the Notary Public: Anandapur, Dist-Keonjhar, dated 04/08/2026.

I, Sri Prasanta Kumar Majhi, aged about 61 years, S/O- Late Chintamani Majhi of village / PO -Jalasuan, P.S- Ramachandrapur, Dist- Kendujhar, do 'hereby solemnly affirm and declare as follows:-

1. That,I am the deponent of this affidavit as well as residing in the above noted name and address.
2. That, originally my son name is Ashirbad Majhi which has been recorded in all his academic certificates but erroneously in his Aadhaar Card vide No- 8340 0407 9804 the spelling of his name has been cited Ashirbada which is wrong and is to be corrected.
3. That by virtue of this affidavit I declare that the true spelling of my son name is Ashirbad accordingly his correct name is Ashirbad Majhi.
4 That, this affidavit is highly essential for the purpose of correction the Aadhaar Card of my son by mentioning his true name Ashirbad Majhi .
5. That, this affidavit is required to be produced before the Competent authority, for correction of Aaadhaar Card of my son.
6. That, the facts stated above are true to the best of my knowledge and belief.

### ଗୋବର୍ଦ୍ଧନ ପୀଠ ଓ ସ୍ୱର୍ଗଦ୍ୱାର ବେଳାଭୂମି ଉନ୍ନତିକରଣ ନେଇ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

# ପୁରୀ ବେଳାଭୂମି ହେବ 'ଆଧ୍ୟାତ୍ମିକ ବେଳାଭୂମି'

- ଗୋବର୍ଦ୍ଧନ ପୀଠର ଐତିହ୍ୟ ରକ୍ଷା ପାଇଁ ସରକାର ପ୍ରତିବଦ୍ଧ
- ପୂର୍ବାଚାର୍ଯ୍ୟଙ୍କ ସମାଧି ସ୍ଥଳର ହେବ ସଂରକ୍ଷଣ



ଭୁବନେଶ୍ୱର,୧୨।୮ (ସଂଚାର ବ୍ୟୁରୋ): ପୁରୀ ଗୋବର୍ଦ୍ଧନ ପୀଠର ସର୍ବାଙ୍ଗୀନ ବିକାଶ, ସୁରକ୍ଷା ଓ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରସାର ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ଲୋକସେବା ଭବନଠାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ପୁରୀର ଆଧ୍ୟାତ୍ମିକ ଗରିମାକୁ ବଢ଼ାଇବା ସହ ପୀଠର ସମ୍ପତ୍ତିର ସୁରକ୍ଷା ପାଇଁ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ପୀଠର ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀ ପୁରୀ ସ୍ୱର୍ଗଦ୍ୱାର ସମ୍ମୁଖ ବେଳାଭୂମିରେ ପ୍ରତିଦିନ ଅନୁଷ୍ଠିତ ହେଉଥିବା ପବିତ୍ର 'ସନ୍ଧ୍ୟା ମହୋଦଧି ଆରତୀ' ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି। ଏହି ଆରତୀସ୍ଥଳର ସୌନ୍ଦର୍ଯ୍ୟକରଣ କରାଯିବା ସହ ସନ୍ଧ୍ୟା ଆରତୀକୁ ଆହୁରି ଭବ୍ୟ ଆକାରରେ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସମଗ୍ର ପୁରୀ ବେଳାଭୂମିକୁ ଏକ ଭବ୍ୟ ଆଧ୍ୟାତ୍ମିକ ବେଳାଭୂମି ଭାବେ ବିକଶିତ କରିବାକୁ ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

ଏଥିସହ ଗୋବର୍ଦ୍ଧନ ପୀଠର ଜମିଜମା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପୁରୁଣା ଲ୍ୟାଣ୍ଡ ସେଟଲମେଣ୍ଟ ଦସ୍ତାବିଜକୁ ପୁନର୍ବାର ସମ୍ପୂର୍ଣ୍ଣ ଯାଞ୍ଚ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ନିରାପତ୍ତା ଓ ପୀଠ ପରିସରର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଗୋବର୍ଦ୍ଧନ ପୀଠର ସମସ୍ତ ପୂର୍ବାଚାର୍ଯ୍ୟ ମାନଙ୍କ ପବିତ୍ର ସମାଧିସ୍ଥଳର ସୁରକ୍ଷା ଓ ସଂରକ୍ଷଣ ଉପରେ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ। ମଠର ପାରିପାର୍ଶ୍ୱିକ ବିକାଶ ସହ ମଠ ପରିସରରେ ଥିବା 'ଶ୍ରୀ ଗୋବର୍ଦ୍ଧନ ଗୋଶାଳା'ର ସୁପରିଚାଳନା ପାଇଁ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇଦେବା ନେଇ ଆଲୋଚନା ହୋଇଥିଲା। ବୈଠକରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୋବର୍ଦ୍ଧନ ପୀଠର ସାଧୁସନ୍ଥ ଓ ପ୍ରଶାସନିକ ଅଧିକାରୀ ପୀଠର ଉନ୍ନତି ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡିକେ ସିଂହ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀଙ୍କ ସହ ଗୋବର୍ଦ୍ଧନ ପୀଠର ବ୍ୟବସ୍ଥା ପ୍ରମୁଖ ପ୍ରଫୁଲ୍ଲ ଚୈତନ୍ୟ ମହାରାଜ, ଆଦିତ୍ୟ ବାହିନୀ ମୁଖ୍ୟ ପୀଠ ପ୍ରତିନିଧି ମାତୃ ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଲାଞ୍ଚ ନେଇ ଧରାପଡ଼ିଲେ ରାଜସ୍ୱ ନିରୀକ୍ଷକ

ଭୁବନେଶ୍ୱର,୧୨।୮ (ସଂଚାର ବ୍ୟୁରୋ): ଜମି ପଟ୍ଟା କରିବା ପାଇଁ କ୍ଷେତ୍ର ପରିଦର୍ଶନ ରିପୋର୍ଟ ଦେବା ସକାଶେ ୫ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ବାଲେଶ୍ୱର ଖଇରା ତହସିଲର ତୁଡ଼ିଗାଡ଼ିଆ ରାଜସ୍ୱ ନିରୀକ୍ଷକ ଶରତ କୁମାର ସେଠୀ। ତାଙ୍କ ନିକଟରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରାଯାଇଛି। ଭିଜିଲାନ୍ସ ଟିମ୍ ଏକ ମାମଲା ରୁଜୁ କରିବା ସହ ଶ୍ରୀ ସେଠୀଙ୍କ ଠିକଣାରେ ଚଢ଼ାଉ କରିଛି। ମିଳିଥିବା ସୂଚନାନୁଯାୟୀ, ଜଣେ ବ୍ୟକ୍ତି ନିଜ ଜେଜେବାପାଙ୍କ ନାମରେ ଜମିର ପଟ୍ଟା ପାଇଁ ଆବେଦନ କରିଥିଲେ। ଏ ସମ୍ପର୍କରେ କ୍ଷେତ୍ର ପରିଦର୍ଶନ କରି ଆରଆଇ ତହସିଲକୁ ରିପୋର୍ଟ ପଠାଇବା କଥା। ମାତ୍ର ସେ ଉଦ୍ଦେଶ୍ୟମୂଳକ ଭାବେ ଦିନ ଗଡ଼ାଇଚାଲିଥିଲେ। ଏନେଇ ଆବେଦନକାରୀ ତାଙ୍କୁ ଯୋଗାଯୋଗ କରିବାରୁ ସେ କାମ କରିବା ପାଇଁ ୫ ହଜାର ଟଙ୍କା ଦାବି କରିଥିଲେ। କିନ୍ତୁ ଆବେଦନକାରୀ ଜଣଙ୍କ ତାଙ୍କୁ ୫ ହଜାର ଲାଞ୍ଚ ଦେବା ବଦଳରେ ରାଜ୍ୟ ଭିଜିଲାନ୍ସକୁ ଯୋଗାଯୋଗ କରିଥିଲେ। ପୂର୍ବ ଯୋଜନା ଅନୁସାରେ ଶ୍ରୀ ସେଠୀ ଆଜି ୫ ହଜାର ଟଙ୍କା ଲାଞ୍ଚ ନେବା ପରେ ଭିଜିଲାନ୍ସ ବିଭାଗ ଅଧିକାରୀ ତାଙ୍କଠାରୁ ଉକ୍ତ ଲାଞ୍ଚ ଟଙ୍କା ଜବତ କରିଥିଲେ। ଏ ସମ୍ପର୍କରେ ଏକ ମାମଲା ରୁଜୁ ସହ ଅଧିକ ତଦନ୍ତ ଜାରି ରହିଛି।

## ୧୬ ଯାଏଁ ବର୍ଷା, ୨ ଜିଲ୍ଲାକୁ ରେଡ୍ ଆଲର୍ଟ



ଭୁବନେଶ୍ୱର,୧୨।୮ (ସଂଚାର ବ୍ୟୁରୋ): ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଭୀଷଣ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ଏଥିସକାଶେ ଜାରି ହୋଇଛି ରେଡ୍ ଆଲର୍ଟ। ରାଜ୍ୟର ସମସ୍ତ ବନ୍ଦରକୁ ୩ ନମ୍ବର ବିପଦ ସଂକେତ ଜାରି କରାଯାଇଛି। ଲଘୁଚାପ ପ୍ରଭାବରେ ଭୀଷଣ ବର୍ଷା ଆଶଙ୍କା ରହିଛି। ପଶ୍ଚିମବଙ୍ଗ ଓ ବାଂଲାଦେଶ ଉପକୂଳର ଉତ୍ତର ବଙ୍ଗୋପସାଗର ଲଘୁଚାପ ସୃଷ୍ଟି ହୋଇଛି। ଆଗାମୀ ୧୨ ଘଣ୍ଟା ମଧ୍ୟରେ ଏହା ଏକ ସ୍ପଷ୍ଟ ଚିହ୍ନିତ ଲଘୁଚାପରେ ପରିଣତ ହେବ। ପରବର୍ତ୍ତୀ ୨୪ ଘଣ୍ଟା ମଧ୍ୟରେ ତାହା ଅବପାତରେ ପରିଣତ ହେବ। ଏହାପରେ ପଶ୍ଚିମବଙ୍ଗ ଓ ବାଂଲାଦେଶ ଉପକୂଳ ଉତ୍ତର ପଶ୍ଚିମ ଦିଗକୁ ଏହା ଗତି କରିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆଗାମୀ ୨ ଦିନ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ଓ ଅତ୍ୟନ୍ତ ପ୍ରବଳ ବର୍ଷା ହେବା ନେଇ ଆକଳନ କରାଯାଇଛି। ବିଶେଷକରି ଉତ୍ତର ଓଡ଼ିଶାରେ ବର୍ଷାର ଅଧିକ ପ୍ରଭାବ ରହିବ। ଆସନ୍ତା ୨୪ ଘଣ୍ଟାରେ ଭୀଷଣ ବର୍ଷା ପାଇଁ ୨ ଜିଲ୍ଲା ବାଲେଶ୍ୱର ଓ ଭଦ୍ରକକୁ ରେଡ୍ ଆଲର୍ଟ ଜାରି କରାଯାଇଛି। ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ୮ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ସେହିପରି ପ୍ରବଳ ବର୍ଷା ପାଇଁ ୯ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି। ଏହାସହ ୧୧ ଜିଲ୍ଲାରେ ପ୍ରବଳ ବିଜୁଳି ଘଡ଼ଘଡ଼ି ସମ୍ଭାବନା ପାଇଁ ଅରେଞ୍ଜ ଆର୍ଲଟ ଜାରି କରାଯାଇଛି। ଆସନ୍ତାକାଲି କେନ୍ଦୁଝରକୁ ରେଡ ଆର୍ଲଟ ଏବଂ ୯ ଜିଲ୍ଲାକୁ ଅରେଞ୍ଜ ଆର୍ଲଟ ଜାରି କରିଛି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। ରାଜ୍ୟରେ ୧୬ ତାରିଖ ଯାଏ ବର୍ଷା ସହ ଗୋଟେ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଓଡ଼ିଶା ଉପକୂଳ ଓ ଆଖପାଖ ସମୁଦ୍ର ଅଞ୍ଚଳରେ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଘଣ୍ଟା ପ୍ରତି ୪୦ରୁ ୫୦ କିମି ବେଗରେ ପବନ ବହିବାର ମଧ୍ୟ ଆଶଙ୍କା ରହିଛି। ଏପରିକି ମଝିରେ ମଝିରେ ଏହି ପବନର ବେଗ ଘଣ୍ଟା ପ୍ରତି ୬୦ କିମି ଛୁଇଁବା ସହ ଝଡ଼ପବନର ଆଶଙ୍କା ବି ରହିଛି। ସମୁଦ୍ର ଅଶାନ୍ତ ରହିଥିବାରୁ ଆଜିଠାରୁ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ନ ଯିବାକୁ ପରାମର୍ଶ ଦିଆଯାଇଛି।

## ୩ ଦିନ ପରେ ଧରାଗଲା କୁମ୍ଭୀର



ମାଲକାନଗିରି, ୧୨।୮ (ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲା କାଲିମେଲା ବନାଞ୍ଚଳ ଅନ୍ତର୍ଗତ ଚିତାପାରି-୩ ପଞ୍ଚାୟତର ଏମ୍‌ଭି-୧୦୪ ଗାଁରେ ପୋଖରୀରେ ପଶିଥିବା କୁମ୍ଭୀରକୁ ବୁଧବାର ବନ ବିଭାଗ ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଗତ ୩ ଦିନ ଧରି ବନ ବିଭାଗର ରେସ୍କ୍ୟୁ ଟିମ୍ ପୋଖରୀରେ ଜାଲ ପକାଇ କୁମ୍ଭୀରକୁ ଧରିବା ପାଇଁ ଉଦ୍ୟମ ଜାରି ରଖିଥିଲା। ଶେଷରେ ଆଜି ଏଥିରେ ସଫଳତା ମିଳିଛି। ସୂଚନା ଅନୁଯାୟୀ, ଗାଁର ମହାନନ୍ଦ ମଣ୍ଡଳଙ୍କ ପୋଖରୀରେ ଏକ କୁମ୍ଭୀର ଥିବା ଜଣାପଡ଼ିଥିଲା। ପରେ ବନ ବିଭାଗକୁ ଖବର ଦିଆଯାଇଥିଲା। ଏହାପରେ ବନ ବିଭାଗ ଟିମ୍ ପହଞ୍ଚି କୁମ୍ଭୀରକୁ ଧରିବା ପାଇଁ ଉଦ୍ୟମ କରିଥିଲା। ହେଲେ ପ୍ରଥମ ଦିନରେ କୁମ୍ଭୀର ଧରା ପଡ଼ିନଥିଲା। ୩ ଦିନର ରେସ୍କ୍ୟୁ ଅପରେସନ ପରେ ବନ ବିଭାଗକୁ ସଫଳତା ମିଳିଛି। କୁମ୍ଭୀରଟି ଜାଲରେ ପଡିଛି। ଉଦ୍ଧାର ହୋଇଥିବା କୁମ୍ଭୀରର ଲମ୍ବ ପ୍ରାୟ ୪ ଫୁଟ ହୋଇଥିବା ବେଳେ ଏହାର ବୟସ ପ୍ରାୟ ଅଢ଼େଇ ବର୍ଷ ବୋଲି ଜଣାପଡ଼ିଛି। ଏହା ବଉଳା ପ୍ରଜାତିର କୁମ୍ଭୀର ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

## ଗୁଳିମାଡ଼ରେ ଯୁବକ ଗୁରୁତର




ଢେଙ୍କାନାଳ,୧୨।୮ (ସଂଚାର ବ୍ୟୁରୋ): ଢେଙ୍କାନାଳ ଜିଲ୍ଲା ବାଲିମି ଥାନା ଅନ୍ତର୍ଗତ ଝାଉବେଡ଼ା ଗ୍ରାମରେ ଜଣେ ଯୁବକ ଉପରେ ଗୁଳିମାଡ଼ ହୋଇଛି। ଝାରବେଡା ଗ୍ରାମ ପୋଖରୀ ନିକଟରେ ଏହି ଗୁଳିକାଣ୍ଡ ହୋଇଥିବା ଜଣାପଡିଛି। ଗୁଳିକାଣ୍ଡରେ ଗୁରୁତର ଯୁବକ ଝାରବେଡା ଗ୍ରାମର ବିନୟ ନାୟକ (୩୧)। ଗୁରୁତର ଅବସ୍ଥାରେ ତାଙ୍କୁ ଅନୁଗୁଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବିନୟ ଜଣେ ପେଶାଦାର ଅପରାଧୀ। ତାଙ୍କ ନାମରେ ଅନୁଗୁଳ ଢେଙ୍କାନାଳ ଜିଲ୍ଲାପାଳ ସମେତ ରାଜ୍ୟର ବିଭିନ୍ନ ଥାନାରେ ଅପରାଧିକ ମାମଲା ରହିଛି। ଏପରିକି ବିନୟ ନିଜ ଗ୍ରାମ ଅଞ୍ଚଳରେ ଦାଦାଗିରି କରି ଜନସାଧାରଣଙ୍କୁ ଭୟଭୀତ କରି ରଖୁଥିଲା। ଖବର ପାଇ ବାଲିମି ଥାନା ପୁଲିସ ତନାଘନା ଆରମ୍ଭ କରିଛି।

## ଗର୍ଭବତୀଙ୍କୁ ପାଷ୍ଟରଙ୍କ ଦୁଷ୍କର୍ମ

ଭବାନୀପାଟଣା, ୧୨।୮ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ସଦର ଥାନା ଅଞ୍ଚଳରୁ ଏକ ଲଜ୍ୟାଜନକ ଘଟଣା ସାମ୍ନାକୁ ଆସିଛି। ପ୍ରାର୍ଥନା ବାହାନାରେ ଜଣେ ପାଷ୍ଟର ଡାକି ୮ ମାସର ଗର୍ଭବତୀଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ସଦର ଥାନା ପାଷ୍ଟିକୁଡ଼ି ପଞ୍ଚାୟତ ଠେମରା ଗ୍ରାମର ପାଷ୍ଟର ଜିନେଶ କୁମାର ଗର୍ଭବତୀ ମହିଳା ଓ ତାଙ୍କ ସ୍ୱାମୀଙ୍କୁ ଗତ ୭ ତାରିଖ ଦିନ ଘରକୁ ଡାକିଥିଲେ। ସ୍ୱାମୀକୁ ମଦ ପିଆଇ ମହିଳାକୁ ପ୍ରାର୍ଥନା କରିଦେବି କହି ରୁମ୍‌କୁ ନେଇ ୨ଘଣ୍ଟା ଧରି ଦୁଷ୍କର୍ମ କରିଥିବା ଅଭିଯୋଗ କରିଛନ୍ତି ପୀଡ଼ିତା। କାହା ପାଖରେ କିଛି କହିଲେ ଜୀବନରୁ ମାରିଦେବି ବୋଲି ଧମକ ଦେଇଥିବା ପୀଡ଼ିତା ଅଭିଯୋଗରେ ଦର୍ଶାଇଛନ୍ତି। ପାଷ୍ଟରଙ୍କ ଭୟରେ ସେଠାରୁ ସ୍ୱାମୀସ୍ତ୍ରୀ ଲୁଚି ପଳାଇ ଆସିଥିବା କହିଛନ୍ତି। ଭବାନିପାଟଣା ସଦର ଥାନାରେ ଲିଖିତ ଅଭିଯୋଗ ପରେ ମଙ୍ଗଳବାର ପୀଡିତାଙ୍କୁ ଡାକି ଡାକ୍ତରୀ ମାଇନା ପରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ଭବାନୀପାଟଣା ସଦର ପୁଲିସ।

### ହାତୀ ସଂରକ୍ଷଣ ପାଇଁ ବିଜ୍ଞାନ ଓ ପ୍ରଯୁକ୍ତିଭିତ୍ତିକ ଆଭିମୁଖ୍ୟ ଜରୁରୀ

# ଗଜସାଥୀଙ୍କୁ ମିଳିବ ବୀମା ସୁବିଧା



ଭୁବନେଶ୍ୱର,୧୨।୮ (ସଂଚାର ବ୍ୟୁରୋ): ବିଜ୍ଞାନଭିତ୍ତିକ, ପ୍ରଯୁକ୍ତି ସମର୍ଥିତ ଆଭିମୁଖ୍ୟ ମାଧ୍ୟମରେ ହାତୀ ସଂରକ୍ଷଣକୁ ଆହୁରି ସୁଦୃଢ଼ କରିବାକୁ ପରାମର୍ଶ ଦେଇଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ। ଆଜି ରାଜ୍ୟ ସରକାରଙ୍କ ବନ୍ୟପ୍ରାଣୀ ସଂଗଠନ, ଜଙ୍ଗଲ, ପରିବେଶ ବିଭାଗ ଏବଂ ଡେଭ୍ ଏଲିଫାଣ୍ଟ ଫାଉଣ୍ଡେସନ୍ ଟ୍ରଷ୍ଟ (ଏସ୍‌ଇଏଫ୍‌ଟି)ର ମିଳିତ ସହଯୋଗରେ ଅନୁଷ୍ଠିତ ବିଶ୍ୱ ହାତୀ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ସେ ହାତୀ ଆବାସସ୍ଥଳୀର ସୁରକ୍ଷା, ମାନବ- ହାତୀ ସଂଘର୍ଷ ହ୍ରାସ, ବିଦ୍ୟୁତ୍ ସୁରକ୍ଷା ବ୍ୟବସ୍ଥାର ଉନ୍ନତି, ଦ୍ରୁତ ପ୍ରତିକ୍ରିୟା ବ୍ୟବସ୍ଥା ଓ ସମୁଦାୟଙ୍କ ଅଧିକ ଅଂଶଗ୍ରହଣ ଉପରେ ଗୁରୁତ୍ୱାରୋପ କରିଛନ୍ତି। ମଣିଷ ଓ ହାତୀ ଉଭୟଙ୍କ ସୁରକ୍ଷା ତଥା ସ୍ଥାୟୀ ମାନବ- ହାତୀ ସହାବସ୍ଥାନ ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ସରକାରୀ ବିଭାଗ, ନିର୍ବାଚିତ ପ୍ରତିନିଧି, ଅଗ୍ରଭାଗରେ କାର୍ଯ୍ୟରତ କର୍ମଚାରୀ ଓ ସ୍ଥାନୀୟ ସମୁଦାୟଙ୍କ ମଧ୍ୟରେ ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ମଧ୍ୟ ସେ ଗୁରୁତ୍ୱ ଦେଇଥିଲେ। ଗଜସାଥୀମାନଙ୍କ ପାଇଁ ଦୁର୍ଘଟଣାଜନିତ ମୃତ୍ୟୁ ବୀମା ସୁବିଧା ପ୍ରଦାନ ନିମନ୍ତେ ସରକାର ସମସ୍ତ ସମ୍ଭାବ୍ୟ ବିକଳ୍ପ ଉପରେ ବିଚାର କରୁଥିବା ବିଷୟ ମଧ୍ୟ ମନ୍ତ୍ରୀ ଘୋଷଣା କରିଛନ୍ତି। ଗଜସାଥୀ ଓ ସେମାନଙ୍କ ପରିବାରର କଲ୍ୟାଣ ଓ ସୁରକ୍ଷା ପ୍ରତି ସରକାର ପ୍ରତିବଦ୍ଧ ଥିବା ଦର୍ଶାଇ ସେ କହିଛନ୍ତି ଯେ ଅତ୍ୟନ୍ତ ସ୍ୱଳ୍ପ ବାର୍ଷିକ ପ୍ରିମିୟମରେ ଦୁର୍ଘଟଣାଜନିତ ମୃତ୍ୟୁ, ଅକ୍ଷମତା, ହସ୍ପିଟାଲରେ ଚିକିତ୍ସା, ଶିଶୁମାନଙ୍କ ଶିକ୍ଷା, ହସ୍ପିଟାଲ ଦୈନିକ ଭତ୍ତା ଓ ପରିବାର ପରିବହନ ଭଳି ବିଭିନ୍ନ ସୁବିଧା ପ୍ରଦାନ କରିବା ଲକ୍ଷ୍ୟରେ ଏହି ବୀମା ବ୍ୟବସ୍ଥା ଏକ ଉପଯୋଗୀ ସାମାଜିକ ସୁରକ୍ଷା କବଚ ଭାବେ କାର୍ଯ୍ୟ କରିବ। କାର୍ଯ୍ୟକ୍ରମରେ ଏକାମ୍ର-ଭୁବନେଶ୍ୱରର ବିଧାୟକ ବାବୁ ସିଂ ଯୋଗଦେଇଥିଲେ। ଏଥିସହ ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ନିର୍ବାଚନମଣ୍ଡଳୀର ବିଧାୟକମାନେ ହାତୀ ସଂରକ୍ଷଣ ଓ ମାନବ- ହାତୀ ସହାବସ୍ଥାନ ସମ୍ପର୍କରେ ନିଜ ମତାମତ ଦେଇଛନ୍ତି। ବିଧାୟକମାନେ ନିଜ ନିଜ ନିର୍ବାଚନମଣ୍ଡଳୀରେ ହାତୀ ସମ୍ପର୍କିତ ସମସ୍ୟାଗୁଡ଼ିକ ଉପରେ ଆଲୋକପାତ କରିବା ସହ ମାନବ- ହାତୀ ସଂଘର୍ଷ ହ୍ରାସ ପାଇଁ ମୂଲ୍ୟବାନ ପରାମର୍ଶ ପ୍ରଦାନ କରିଥିଲେ।

### ଛାତ୍ରୀଙ୍କୁ ପ୍ରଧାନଶିକ୍ଷକଙ୍କ ଅସଦାଚରଣ ଅଭିଯୋଗ

## ବିଇଓଙ୍କୁ ଲିଖିତ ଅଭିଯୋଗ କଲେ ପରିବାର ଲୋକେ




ମହାକାଳପଡ଼ା,୧୨।୮ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ଥାନାଅଞ୍ଚଳର ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ବିରୋଧରେ ଜଣେକା ପଞ୍ଚମ ଶ୍ରେଣୀ ଛାତ୍ରୀ ଅସଦାଚରଣ ଅଭିଯୋଗ ଆଣିଛନ୍ତି। ଗତକାଲି ଛାତ୍ରୀ ଜଣଙ୍କ ଫୋନ୍ ଯୋଗେ ରାଜ୍ୟ ବାହାରେ ରହୁଥିବା ଅଭିଭାବକଙ୍କୁ ଏହି ଘଟଣା ସମ୍ପର୍କରେ ଜଣାଇବା ପରେ ଅଭିଭାବକ ପ୍ରଧାନଶିକ୍ଷକଙ୍କୁ ଫୋନ୍ କରି ଘଟଣା ସମ୍ପର୍କରେ ପଚାରିଥିଲେ। କିନ୍ତୁ ପ୍ରଧାନଶିକ୍ଷକ ଜଣଙ୍କ ଏପରି ଅଭିଯୋଗକୁ ଏଡ଼ାଇ ଯାଇଥିବା ଅଭିଭାବକ କହିଛନ୍ତି। ଏହାପରେ ବୁଧବାର ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପରିବାର ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗକୁ ଗୁରୁତର ସହ ନେଇ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ମିନତୀ ସେଠୀଙ୍କ ନେତୃତ୍ୱରେ ଆଭ୍ୟନ୍ତରୀଣ କମ୍ପ୍ଲେନ୍ କମିଟି (ଆଇସିସି) ଆଜି ବିଦ୍ୟାଳୟରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ଦଳାଇଙ୍କୁ ପଚାରିବାରୁ ତଦନ୍ତ ରିପୋର୍ଟ ଆସିବା ପରେ ବିଭାଗ ପକ୍ଷରୁ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

### ସଂସଦରେ ପାସ ହେଲା ଖଣି ଓ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ବିଧେୟକ

# ରାଜ୍ୟ ହାତରୁ ଚାଲିଗଲା ଖଣି ରାଜସ୍ୱ



ଓଡ଼ିଶା ସ୍ୱାର୍ଥକୁ ଭୁଲିଗଲେ ବିଜେପି ସାଂସଦ: ରଣେନ୍ଦ୍ର

ଭୁବନେଶ୍ୱର,୧୨।୮ (ସଂଚାର ବ୍ୟୁରୋ): ଆଜି ଲୋକସଭାରେ ସରକାର ଖଣି ଓ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ବିଧେୟକ ଧ୍ୱନି ମତରେ ପାସ କରିଛନ୍ତି। ଓଡ଼ିଶା ପରି ରାଜ୍ୟ ଯାହାର ମୁଖ୍ୟ ରାଜସ୍ୱ ଖଣି ଏବଂ ଖଣିଜ ଜମିରୁ ଆସିଥାଏ। ଏହାଦ୍ୱାରା ଅତ୍ୟଧିକ କ୍ଷତି ହେବାକୁ ଯାଉଛି। ରାଜ୍ୟ ସରକାର ଡବଲ ଇଞ୍ଜିନର ସ୍ଲୋଗାନ ଦେଉଥିବା ବେଳେ ରାଜ୍ୟରୁ ବିଜେପିର ୨୦ ଜଣ ସାଂସଦ ଏହି ବିଲ୍ ବିରୋଧରେ ମତାମତ ରଖିନାହାନ୍ତି। ଏହି ବିଲ କାର୍ଯ୍ୟକାରୀ ହେଲେ ଓଡ଼ିଶା ସର୍ବାଧିକ କ୍ଷତିଗ୍ରସ୍ତ ହେବ ବୋଲି ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ କହିଛନ୍ତି। ସେ କହିଛନ୍ତି ଯେ ଓଡ଼ିଶାର ଅନେକ ଜନକଲ୍ୟାଣକାରୀ ଯୋଜନା ପାଇଁ ଅଧିକାଂଶ ସମ୍ବଳ ଖଣି ଓ ଖଣିଜ ଜମି ଉପରେ କର, ସେସରୁ ଆସିଥାଏ। ମୁଁ ଆଜି ଡବଲ ଇଞ୍ଜିନ ସରକାରଙ୍କୁ ପଚାରିବାକୁ ଚାହେଁ ଯେ ଏହି ବିଲ କାର୍ଯ୍ୟକାରୀ ହେଲେ ଓଡ଼ିଶା ହେବ ନା ନାହିଁ। ସରକାର ଏହି ଆଶଙ୍କାକୁ କେନ୍ଦ୍ର ସରକାରଙ୍କୁ ଜଣାଇଥିଲେ ନା ନାହିଁ? ଏହା କେବଳ ଏକ ବିଧେୟକ ନୁହେଁ, ଏହା କେନ୍ଦ୍ର-ରାଜ୍ୟ ସମ୍ପର୍କ ଉପରେ କୁଠାରାଘାତ ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ଅଦାନି କମ୍ପାନୀର ମାଲିକଙ୍କୁ ଯେପରି ଭାବେ ଚାର୍ଜମୁକ୍ତ କରାହେଲା, ତାହା ସଦ୍ୟତମ ପ୍ରମାଣ ଯେ କେନ୍ଦ୍ର ସରକାର କାହା ପାଇଁ କାମ କରୁଛି। ତେଣୁ ଅଦାନି ରାଜ୍ୟରେ ବି ତାଙ୍କର ଶାଖା ପ୍ରଶାଖା ବିସ୍ତାର କରିବା ପାଇଁ ଓଡ଼ିଶା ଆସି ସିଧାସଳଖ ଯାଇ ରାୟଗଡ଼ା ଜିଲ୍ଲାପାଳ ଓ ଏସପିଙ୍କୁ ଭେଟିଥିଲେ। ଏମିତି ପରିସ୍ଥିତି ଆଗରୁ ଦେଖିବାକୁ ମିଳି ନ ଥିଲା। ଭାରତର ଦ୍ୱିତୀୟ ବୃହତ୍ତମ କମ୍ପାନୀ ସମୂହର ମାଲିକ, ନିଜେ ଯାଇ ଜିଲ୍ଲାପାଳଙ୍କୁ ଭେଟିବା ନେଇ ସେ ସରକାରଙ୍କୁ ସ୍ପଷ୍ଟୀକରଣ ମାଗିଛନ୍ତି। ଗତ ୨୦୨୪ ଅଗଷ୍ଟରେ ସୁପ୍ରିମକୋର୍ଟ ସାମ୍ବିଧାନିକ ପୀଠ ତାଙ୍କ ରାୟରେ ଖଣି ସମୃଦ୍ଧ ଜମିରୁ ଟାକ୍ସ ଓ ସେସ ଆଦାୟ କରିବାକୁ ରାଜ୍ୟ ସରକାରଙ୍କୁ କ୍ଷମତାପ୍ରାପ୍ତ କରିଥିଲେ ଓ ୨୦୦୫ରୁ ବକେୟା ଟଙ୍କା ୧୨ ବର୍ଷ ମଧ୍ୟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଐତିହାସିକ ରାୟକୁ ବିରୋଧ କରି ବଡ଼ ବଡ଼ ଖଣି କମ୍ପାନୀଙ୍କୁ ସୁରକ୍ଷା ଦେବାକୁ ଏହି ବିଧେୟକ ଅଣାଯାଇଛି। ଏହି ବିଲ୍ ଯେ ଓଡ଼ିଶା ପରି ରାଜ୍ୟର ହିତ ପାଇଁ ପରିପନ୍ଥୀ, ଏଥିରେ କୌଣସି ଦ୍ୱିମତ ନାହିଁ ବୋଲି ରଣେନ୍ଦ୍ର ଅଭିଯୋଗ କରିଛନ୍ତି।

### ଖରିଫ ଋତୁ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ ଜାରି

# ପଞ୍ଜିକରଣ କଲେଣି ପ୍ରାୟ ୮୫ ହଜାର ଚାଷୀ

ଭୁବନେଶ୍ୱର,୧୨।୮ (ସଂଚାର ବ୍ୟୁରୋ): ଖରିଫ ଧାନ ସଂଗ୍ରହ ଋତୁ ୨୦୨୬-୨୭ ପାଇଁ ଚାଷୀ ପଞ୍ଜିକରଣ ପ୍ରକ୍ରିୟାକୁ ସ୍ୱଚ୍ଛ, ସହଜ ଓ ସରଳ କରିବା ନିମନ୍ତେ ରାଜ୍ୟ ସରକାର କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନ ଜାରି ରହିଥିବା ପ୍ରକ୍ରିୟାରେ ପ୍ରାୟ ୮୫ ହଜାର ଚାଷୀ ନିଜର ପଞ୍ଜୀକରଣ କରାଇସାରିଲେଣି।

ବର୍ତ୍ତମାନ ରାଜ୍ୟରେ ପଞ୍ଜିକରଣ ପ୍ରକ୍ରିୟା ଅଗଷ୍ଟ ୬ ତାରିଖରୁ ଜାରି ରହିଛି ଓ ଏହା ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଜାରି ରହିଥିବା ପଞ୍ଜିକରଣ ପ୍ରକ୍ରିୟାରେ ଚାଷୀମାନେ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ), ବୃହତ୍ ଆଦିବାସୀ ବହୁମୁଖୀ ସମବାୟ ସମିତି (ଲାମ୍ପସ) ଓ ପାଣି ପଞ୍ଚାୟତରେ ପଞ୍ଜିକରଣ କରିପାରିବେ। ବିନା ଶୁଳ୍କରେ ଚାଷୀମାନଙ୍କୁ ଏହି ପଞ୍ଜିକରଣ ଫର୍ମ ପ୍ରଦାନ କରାଯିବ। ସମ୍ପୃକ୍ତ ଚାଷୀମାନେ ସେମାନଙ୍କ ଆଧାର କାର୍ଡ, ବ୍ୟାଙ୍କ ପାସବୁକ୍, ଜମି ରେକର୍ଡ, ଆବଶ୍ୟକ ସ୍ଥଳେ ଜମି ମାଲିକଙ୍କ ସମ୍ମତିପତ୍ର ମଧ୍ୟ ଦାଖଲ କରିବେ। ପଞ୍ଜିକରଣ ସମୟରେ ସୋସାଇଟି ଚାଷୀଙ୍କ ଆଧାର ନମ୍ବର ଓ ମୋବାଇଲ ନମ୍ବର ପି-ପାସରେ ଦାଖଲ କରିବେ। ସୋସାଇଟି ଆଇରିସ ସ୍କାନର ମାଧ୍ୟମରେ ଇ- କେୱାଇସି ପ୍ରକ୍ରିୟା ଆରମ୍ଭ କରିବା ସହ ଚାଷୀଙ୍କର ପଞ୍ଜିକରଣ ପ୍ରକ୍ରିୟାକୁ ସମାପ୍ତ କରିବେ। ଚଳିତ ବର୍ଷର ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ ସୋସାଇଟିର କର୍ମଚାରୀମାନେ ଚାଷୀମାନଙ୍କୁ ନିଜ ପାଖରେ ବସାଇ ଏହି ପଞ୍ଜିକରଣ କରିବେ। ଏଥିସହ ଭାଗଚାଷୀ ହୋଇଥିଲେ ଜମି ମାଲିକଙ୍କ ଆଧାର ନମ୍ବର, ନାମ ଓ ମୋବାଇଲ ନମ୍ବର, ପି-ପାସ ଆବେଦନ ଫର୍ମରେ ଉଲ୍ଲେଖ କରାଯିବା ସହ ଜମି ମାଲିକଙ୍କ ସମ୍ମତି ପତ୍ରକୁ ପି-ପାସରେ ଅପଲୋଡ୍ କରାଯିବ। ଏହି କ୍ଷେତ୍ରରେ ଜମି ମାଲିକଙ୍କ ଇ-କେୱାଇସି ମଧ୍ୟ ସମ୍ପୂର୍ଣ୍ଣ କରାଯିବ। ଏତଦ୍ ବ୍ୟତୀତ ଅଂଶୀଦାରଙ୍କ ଦ୍ୱାରା ପ୍ରଦତ୍ତ ସମ୍ମତି ପତ୍ରକୁ ପି-ପାସରେ ଅପଲୋଡ୍ ହେବ।

## କେନ୍ଦ୍ରାପଡ଼ା ସହରରେ ଦିନବେଳା ଚାଲିବନି ଟିପ୍ପର୍

### ଦୁର୍ଘଟଣା ଆଶଙ୍କା ବଢୁଥିବାରୁ ଜିଲ୍ଲାପାଳଙ୍କ ନିଷ୍ପତ୍ତି

କେନ୍ଦ୍ରାପଡ଼ା,୧୨।୮ (ସଂଚାର ବ୍ୟୁରୋ): ଜନସାଧାରଣଙ୍କ ସୁରକ୍ଷା ଓ ଯାତାୟାତରେ ସୁବିଧାକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ସହର ମଧ୍ୟରେ ଦିନବେଳା ସମସ୍ତ ଟିପ୍ପର ଗାଡ଼ି ଚଳାଚଳ ଉପରେ କଟକଣା ଜାରି କରିଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର୍. ଆୟର। ବାଲି, ମୋରମ, ଗୋଡ଼ି, ମେଷ୍ଟାଲ୍ ଆଦି ନିର୍ମାଣ ସାମଗ୍ରୀ ପରିବହନ କରୁଥିବା ଭାରୀଯାନ, ବିଶେଷକରି ଟିପ୍ପରଗୁଡ଼ିକରେ ତାରପୋଲିନ୍ ଦ୍ୱାରା ସାମଗ୍ରୀକୁ ଠିକ୍ ଭାବେ ଆବୃତ୍ତ ନ କରିବା ଓ ଯାନର ବିଭିନ୍ନ ସ୍ଥାନରେ ଥିବା ଫାଙ୍କ ଯୋଗୁଁ ପରିବହନ ସମୟରେ ସାମଗ୍ରୀ ରାସ୍ତା ଉପରେ ପଡ଼ିବା ଓ ଲିକ୍ ହେବା ଦେଖାଯାଉଛି। ଫଳରେ ରାସ୍ତା ଉପରେ ସାମଗ୍ରୀର ଏକ ଆସ୍ତରଣ ସୃଷ୍ଟି ହୋଇ ଦୁର୍ଘଟଣାର ଆଶଙ୍କାକୁ ବହୁଗୁଣିତ କରୁଛି। ଏହି ପରିପ୍ରେକ୍ଷୀରେ ସଡ଼କ ସୁରକ୍ଷା ଓ ଜନସାଧାରଣଙ୍କ ସୁବିଧା ପାଇଁ ଉପରୋକ୍ତ ପଦକ୍ଷେପ ନିଆଯାଇଛି। ମୋଟର ଯାନ ଆଇନ, ୧୯୮୮ର ଧାରା ୧୧୫ ଓ ୧୧୬ ଏବଂ ଓଡ଼ିଶା ମୋଟର ଯାନ ନିୟମ, ୧୯୯୩ର ନିୟମ ୧୭୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ଜିଲ୍ଲାପାଳ କେନ୍ଦ୍ରାପଡ଼ା ସହର ମଧ୍ୟରେ ସମସ୍ତ ଟିପ୍ପର ଯାନର ଚଳାଚଳ ସକାଳ ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ନିଷିଦ୍ଧ କରିଛନ୍ତି। ତେବେ ଅପରାହ୍ନ ୧ଟାରୁ ୩ଟା ପର୍ଯ୍ୟନ୍ତ ଏହି କଟକଣାକୁ କୋହଳ କରାଯାଇଛି। ଏହି କଟକଣା ଗତ ୩ ତାରିଖଠାରୁ ଆରମ୍ଭ ହୋଇ ସେପ୍ଟେମ୍ବର ୨ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ସମସ୍ତ ଟିପ୍ପର ମାଲିକ, ଚାଳକ ଓ ପରିବହନକାରୀଙ୍କୁ ଏହି ନିର୍ଦ୍ଦେଶନାମାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ନିବେଦନ କରାଯାଇଛି।

### କୋରାପୁଟରେ ବେଆଇନ ଗୋଚାଲାଣ ରାକେଟ୍‌ର ପର୍ଦ୍ଦାଫାସ

## ୬୩ ଗୋ-ସମ୍ପଦ ଉଦ୍ଧାର, ୧୨ ଗିରଫ



କୋରାପୁଟ,୧୨।୮ (ସଂଚାର ବ୍ୟୁରୋ): ରାତିର ଅନ୍ଧାରରେ ଚାଲିଥିଲା ଗୋ-ଚାଲାଣ। ଗୋଟିଏ ପରେ ଗୋଟିଏ ୮ଟି ପିକଅପ୍ ଭ୍ୟାନ୍‌ରେ ଭର୍ତ୍ତି ହୋଇଯାଉଥିଲା ଗୋ-ସମ୍ପଦ। ହେଲେ ଡୁମୁରିପୁଟରେ ପୁଲିସର ଅଚାନକ ଚଢ଼ାଉ ପରେ ଏହି ବେଆଇନ ଗୋ-ଚାଲାଣ ର୍ୟାକେଟ୍‌ର ପର୍ଦ୍ଦାଫାସ୍ ହୋଇଛି। କୋରାପୁଟ ଟାଉନ୍ ଥାନା ପୁଲିସର ଏହି ବଡ଼ ଧରଣର ଅଭିଯାନରେ ୮ଟି ପିକଅପ୍ ଭ୍ୟାନ୍ ଜବତ ହୋଇଥିବା ବେଳେ ୬୩ଟି ମଇଁଷି, ବଳଦ ଓ ଗାଈଙ୍କୁ ଉଦ୍ଧାର କରାଯାଇଛି। ଏହି ଘଟଣାରେ ମୋଟ ୧୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ ମଧ୍ୟ କରାଯାଇଛି। କୋରାପୁଟ ଟାଉନ୍ ଥାନାଧିକାରୀ ସତ୍ୟାନନ୍ଦ ପାତ୍ରଙ୍କ ସୂଚନା ଅନୁସାରେ, ଗୋ-ସମ୍ପଦଙ୍କୁ ବେଆଇନ ଭାବେ ଚାଲାଣ କରାଯାଉଥିବା ନେଇ ସୂଚନା ପାଇ ପୁଲିସ ଡୁମୁରିପୁଟ ଅଞ୍ଚଳରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ଗୋ-ଚାଲାଣରେ ବ୍ୟବହୃତ ୮ଟି ପିକଅପ୍ ଭ୍ୟାନ୍ ଧରାପଡ଼ିବା ସହ ଏଥିରେ ଥିବା ୬୩ଟି ଗୋ-ସମ୍ପଦକୁ ପୁଲିସ ଉଦ୍ଧାର କରିଥିଲା। ଏହି ଘଟଣାରେ ଆନ୍ଧ୍ରପ୍ରଦେଶର ବିଜୟନଗରମ ଜିଲ୍ଲାର ଏନ୍ ହେମନ୍ତ, କେ ସାଇ, ସିଏଚ୍ ମୋହନ କୁମାର, କେ. ଆପାଲା ନାଇଡୁ, ଏସ୍. ଗୌରୀ, ଜି. ଗଣେଶ, ଏସ୍. ଗୌରିଶ, ଡି. ଶ୍ରୀନିବାସ ରାଓ ଓ ଏଲ୍. ଈଶ୍ୱର, ପାର୍ବତୀପୁରମ ଜିଲ୍ଲାର ଟି. ଗଣେଶ, ନବରଙ୍ଗପୁର ଜିଲ୍ଲାର ଶେଖ ରେହେମତୁଲ୍ଲା ଓ କୋରାପୁଟ ଜିଲ୍ଲାର ରଘୁନାଥ ହରିଜନଙ୍କୁ ଗିରଫ କରାଯାଇଛି। ଉଦ୍ଧାର ହୋଇଥିବା ଗୋ-ସମ୍ପଦଙ୍କୁ ସୁରକ୍ଷା ଓ ରକ୍ଷଣାବେକ୍ଷଣ ପାଇଁ ସେମିଳିଗୁଡ଼ାସ୍ଥିତ କେଶବ ଗୋ-ସେବା ସମିତିକୁ ହସ୍ତାନ୍ତର କରାଯାଇଛି।

# ବର୍ଷ ଶେଷ ସୁଦ୍ଧା କୁଲାସିଂହାରେ ହାତୀ ଉଦ୍ଧାର କେନ୍ଦ୍ର




ଅନୁଗୋଳ, ୧୨।୮ (ସଂଚାର ବ୍ୟୁରୋ): ଆହତ ହାତୀଙ୍କ ଚିକିତ୍ସା ହେଉ କି ଉପ୍ତାତିଆ ଦନ୍ତାଙ୍କୁ ସାବାଡ଼ କରିବା- ଆଉ ଢେଙ୍କାନାଳର କପିଳାସ ହାତୀ ଉଦ୍ଧାର କେନ୍ଦ୍ରକୁ ଯିବାକୁ ପଡ଼ିବନି। ଅନୁଗୋଳ ବନଖଣ୍ଡର କୁଲାସିଂହା ନର୍ସରୀ ନିକଟରେ ଏକ ହାତୀ ଉଦ୍ଧାର କେନ୍ଦ୍ର ନିର୍ମାଣ କରାଯାଉଛି। କେବଳ ହାତୀ ନୁହଁ, ବାଘଠୁ ନେଇ ହରିଣ, ଚିଲଠୁ ନେଇ ମାଙ୍କଡ଼ ଯାଏଁ, ସମସ୍ତ ବନ୍ୟପ୍ରାଣୀଙ୍କୁ ଉଦ୍ଧାର କରି ଏଠାରେ ଚିକିତ୍ସା ଯୋଗାଇ ଦିଆଯିବ। ଏଥିପାଇଁ ଏକ ଅତ୍ୟାଧୁନିକ ଡାକ୍ତରଖାନା ମଧ୍ୟ ନିର୍ମାଣ କରାଯାଉଛି। ନିର୍ମାଣ କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଚଳିତ ବର୍ଷ ଶେଷ ସୁଦ୍ଧା ଏହାକୁ କାର୍ଯ୍ୟକ୍ଷମ କରିବାକୁ ବନ ବିଭାଗ ଲକ୍ଷ୍ୟ ରଖିଛି।

ଅନୁଗୋଳ ଜିଲ୍ଲାରେ ବନ୍ୟପ୍ରାଣୀଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସାଳୟ ନାହିଁ। ଉଭୟ ସାତକୋଶିଆ ଓ ଅନୁଗୋଳ ବନଖଣ୍ଡରେ ଜଣେ ଲେଖାଏଁ ବନ୍ୟପ୍ରାଣୀ ଚିକିତ୍ସକ ରହିଥିଲେ ହେଁ ସେମାନେ କେବଳ ପ୍ରାଥମିକ ଚିକିତ୍ସା ଯୋଗାଉଛନ୍ତି। ଗୁରୁତର ବନ୍ୟପ୍ରାଣୀଙ୍କ ଚିକିତ୍ସା ପାଇଁ

**ଚିକିତ୍ସା ପାଇଁ ଆଉ ଯିବାକୁ ପଡ଼ିବନି କପିଳାସ**

ଢେଙ୍କାନାଳ ଉପରେ ନିର୍ଭର କରିବାକୁ ପଡୁଛି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାରେ ବନ୍ୟପ୍ରାଣୀଙ୍କୁ ଉତ୍ତମ ଚିକିତ୍ସା ଯୋଗାଇ ଦେବାକୁ କୁଲାସିଂହାରେ ଉଦ୍ଧାର କେନ୍ଦ୍ର ନିର୍ମାଣ ଚାଲିଛି।

ପୂର୍ବରୁ ଗୁରୁତର ହାତୀଙ୍କୁ ଚିକିତ୍ସା ପାଇଁ ଢେଙ୍କାନାଳ ନିଆଯାଉଥିଲା। ସ୍ଥାନାନ୍ତର ବେଳେ ହାତୀର ଜୀବନ ମଧ୍ୟ ଯାଉଥିଲା। ସେହିପରି ଗୋଠଛଡା ହାତୀଛୁଆକୁ ଢେଙ୍କାନାଳରେ ଥଇଥାନ କରାଯାଉଥିଲା। କୁଲାସିଂହାର ହାତୀ ଉଦ୍ଧାର କେନ୍ଦ୍ର କାର୍ଯ୍ୟକ୍ଷମ ହେବା ପରେ ଆଉ ଚିକିତ୍ସା ପାଇଁ ହଇରାଣ ହରକତ ହେବାକୁ ପଡିବନି। ଏଠାରେ ହାତୀଙ୍କ ପାଇଁ ଦୁଇଟି କ୍ରାଲ୍ ନିର୍ମାଣ କରାଯାଇଛି। ହାତୀ ଛୁଆଙ୍କ ପାଇଁ ସ୍ୱତନ୍ତ୍ର କ୍ରାଲ୍ ପ୍ରସ୍ତୁତ କରାଯାଇଥିବା ବେଳେ ସ୍ୱତନ୍ତ୍ର ଭାବେ ମଟ୍ ପ୍ରସ୍ତୁତ କରାଯାଇଛି। ଟ୍ରେଞ୍ଚ୍ ଖୋଳାଯାଇ ଏକ ବିସ୍ତୀର୍ଣ୍ଣ ଅଞ୍ଚଳରେ ଉପ୍ତାତିଆ ଦନ୍ତାଙ୍କୁ ରଖାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଅପରପକ୍ଷରେ ହାତୀଙ୍କ ସମେତ ଅନ୍ୟ ବନ୍ୟପ୍ରାଣୀଙ୍କ ପାଇଁ ନିର୍ମାଣ ହୋଇଥିବା ଚିକିତ୍ସାଳୟରେ ସମସ୍ତ ପ୍ରକାର ଅତ୍ୟାଧୁନିକ ସୁବିଧା ରହିବ। ୨୪ ଘଣ୍ଟିଆ ଚିକିତ୍ସା ସାଙ୍ଗକୁ ଉନ୍ନତଧରଣର ପରୀକ୍ଷାଗାର ରହିବ। ଡାକ୍ତରଖାନା ନିର୍ମାଣ ଶେଷ ହୋଇଥିବା ବେଳେ କିଛି ଆଭ୍ୟନ୍ତରୀଣ କାର୍ଯ୍ୟ ବାକି ରହିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ଅଣ୍ଡା ପାଉଡର ରପ୍ତାନୀ ଉପରେ ଓଡ଼ିଶାର ଫୋକସ୍



**ଭୁବନେଶ୍ୱର,୧୨।୮(ସଂଚାର ବ୍ୟୁରୋ):** ଅଣ୍ଡା ପାଉଡର ରପ୍ତାନି ଉପରେ ଫୋକସ୍ କରୁଛି ଓଡ଼ିଶା। ଉତ୍ପାଦନକୁ ୫ ଗୁଣ ବୃଦ୍ଧି କରିବାର ରଖିଛି ଲକ୍ଷ୍ୟ। ରାଜ୍ୟ ଏବେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରର ସମ୍ପ୍ରସାରଣ ସହ ଅନ୍ତର୍ଜାତୀୟ ବଜାରକୁ ରପ୍ତାନି ଉପରେ ଫୋକସ୍ କରିଛି । ରାଜ୍ୟରୁ ୨୨.୬ ଟନ୍ ଅଣ୍ଡା ପାଉଡର ଅଷ୍ଟ୍ରିଆକୁ ପଠାଯାଇଛି । ଖାଦ୍ୟ ପ୍ରକ୍ରିୟାକରଣ, ବେକରୀ, କନଫେକ୍ସନାରୀ, ଫାର୍ମା ଭଳି କ୍ଷେତ୍ରରେ ଏହାର ଚାହିଦା ଥିବାରୁ ୟୁରୋପୀୟ ବଜାରର ସମ୍ଭାବନାକୁ ପରଖିଛି ରାଜ୍ୟ । କୃଷି ଓ ପ୍ରକ୍ରିୟାକୃତ ଖାଦ୍ୟ ସାମଗ୍ରୀ ରପ୍ତାନି ଉନ୍ନତୀକରଣ କର୍ତ୍ତୃପକ୍ଷ (ଆପେଡା)ର ସହଯୋଗରେ ରାଜ୍ୟରୁ ପ୍ରଥମ ଥର ଲାଗି ଏଭଳି କମର୍ସିଆଲ ରପ୍ତାନି ହୋଇଛି । ବଲାଙ୍ଗୀର ଭିତ୍ତିକ ଓଭୋ ଫାର୍ମ ଲିମିଟେଡ ଏଭଳି ରପ୍ତାନି କରିଛି । ୨୦୨୫ରେ ଏହି କମ୍ପାନି ବଲାଙ୍ଗୀରରେ ଅତ୍ୟାଧୁନିକ ଅଣ୍ଡା ପ୍ରୋସେସିଂ ୟୁନିଟ ଶୁଭାରମ୍ଭ କରିଥିଲା । ଘରୋଇ ଓ ଅନ୍ତର୍ଜାତୀୟ ଖାଦ୍ୟ ସୁରକ୍ଷା ମାନକ, ଏକ୍ସପୋର୍ଟ ଇନ୍ସ୍ପେକସନ କାଉନସିଲ, ୟୁରୋପିଆନ ୟୁନିୟନ ହାଇଜିନ ରେଗୁଲେସନ ସହ ଅନ୍ୟ ଅନ୍ତର୍ଜାତୀୟ ଗୁଣବତ୍ତା ନିୟମ ଆଧାରରେ ଏଭଳି ଉତ୍ପାଦ ବିଦେଶକୁ ଯାଇଥିବା ଶିଳ୍ପ ବିଭାଗ ପକ୍ଷରୁ ସୂଚନା ମିଳିଛି । ଏହା ରାଜ୍ୟର କୁକୁଡ଼ା ପାଳନ ଏବଂ ଅଣ୍ଡା ଉତ୍ପାଦନ କ୍ଷେତ୍ରର ରୂପାନ୍ତରଣକୁ ଦର୍ଶାଉଛି । କେବଳ ସ୍ଥାନୀୟ ଚାହିଦା ପୂରଣ ନୁହେଁ ଭାଲ୍ୟୁ ଆଡେଡ୍ ଉତ୍ପାଦର ରପ୍ତାନି ହବ୍ ଭାବେ ବିକଶିତ ହେଉଛି ରାଜ୍ୟ । କୃଷକଙ୍କ ଆୟ ବୃଦ୍ଧି ଓ ରାଜ୍ୟର କୃଷିଜାତ ଖାଦ୍ୟ ସାମଗ୍ରୀ କ୍ଷେତ୍ରର ଦୃଢ଼ୀକରଣକୁ ଏହା ଉତ୍ସାହିତ କରୁଛି । ଓଡ଼ିଶା ଦେଶର ୫ ଅଣ୍ଡା ଉତ୍ପାଦନକାରୀ ରାଜ୍ୟ ଭାବେ ନିଜକୁ ପରିଚିତ କରିବାକୁ ଅଗ୍ରସର ହେଉଛି । ୨୦୪୭ ସୁଦ୍ଧା ଅଣ୍ଡା ଉତ୍ପାଦନକୁ ୫ ଗୁଣ ବୃଦ୍ଧି କରି ୧୭ ଶହ କୋଟି ୟୁନିଟ କରିବା ନଇ ଲକ୍ଷ୍ୟ ରଖିଛି କୃଷି ବିଭାଗ । ୨୦୨୩-୨୪ରେ ମୁଣ୍ଡ ପିଛା ଅଣ୍ଡା ଉପଲବ୍ଧତା ୮୦ ଥିବା ବେଳେ ଏହାକୁ ୨୮୩କୁ ବୃଦ୍ଧି କରାଯିବ। ଆଗାମୀ ଦିନରେ ଅଣ୍ଡା ପ୍ରୋସେସିଂ ଲାଗି ଅତିକମରେ ୧୦ ଟି ୟୁନିଟ ବସାଇବା ଉପରେ ଫୋକସ କରାଯିବ । ଅଣ୍ଡା ପାଉଡର ଜରିଆରେ ଅଧିକ ମାର୍ଜିନ ଏବଂ ପ୍ରିମିୟମ ବଜାରଗୁଡିକୁ ଓଡ଼ିଶାର ପହଞ୍ଚ ବଢ଼ିବ ।



ଋଣ ଅସୁଲ ନିୟମରେ ପରିବର୍ତ୍ତନ

## ବିନା ନୋଟିସରେ ଆସିପାରିବେନି ଏଜେଣ୍ଟ

**ନୂଆଦିଲ୍ଲୀ,୧୨।୮:** ଋଣ ନେଉଥିବା ଗ୍ରାହକଙ୍କ ପାଇଁ ଖୁସି ଖବର । ଲୋନ୍ ରିକଭରି ନିୟମରେ ପରିବର୍ତ୍ତନ ଆଣିଛି ଆରବିଆଇ । ଋଣ ନେଇଥିବା ଗ୍ରାହକଙ୍କ ଲାଗି ଅସୁଲି ନିୟମରେ ପରିବର୍ତ୍ତନ କରିଛି ରିଜର୍ଭ ବ୍ୟାଙ୍କ । ୨୦୨୭ ଜାନୁଆରୀ ପହିଲାରୁ ଏହା ଲାଗୁ ହେବ । ଋଣ ଅସୁଲ ସମୟରେ ଗ୍ରାହକଙ୍କୁ କରାଯାଇଥିବା ପ୍ରତାଡ଼ନା ଏବଂ ସମସ୍ୟାକୁ ଧ୍ୟାନରେ ରଖି ଏଭଳି ପଦକ୍ଷେପ ଗ୍ରହଣ କରା ଯାଇଛି । ବ୍ୟାଙ୍କ ଏବଂ ରିକଭରି ଏଜେଣ୍ଟମାନେ କିଭଳି ଋଣ ଗ୍ରହିତାଙ୍କ ସହ ବ୍ୟବହାର କରିବେ ସେ ନେଇ ଏଥିରେ ଧ୍ୟାନ ରଖା ଯାଇଛି । ସୂଚନା ମୁତାବକ, ଏହାଦ୍ୱାରା ଋଣ ରିକଭରି ଏଜେଣ୍ଟମାନେ ଗ୍ରାହକଙ୍କ ନିକଟକୁ ଆସିବା ପୂର୍ବରୁ ନିଶ୍ଚିତ ପକ୍ଷେ ନୋଟିସ ଦେବେ । ସେହିଭଳି ଯେକୌଣସି ସମୟରେ କଲ୍ କରି ପାରିବେନି। ସକାଳ ୮ରୁ ସଂଧ୍ୟା ୭ଟା ମଧ୍ୟରେ ହିଁ ଗ୍ରାହକଙ୍କୁ କଲ୍ କରିବା ନିୟମ ରହିଛି । ଏହି ସମୟ ପରେ କଲ୍ କଲେ ଗ୍ରାହକଙ୍କ ସମ୍ମତି ଲୋଡ଼ା ପଡିବ । ଏଜେଣ୍ଟମାନେ ସମ୍ବେଦନଶୀଳ ରହିବାକୁ ନିର୍ଦ୍ଦେଶ ରହିଛି । ଗ୍ରାହକଙ୍କୁ ଗାଳିଗୁଲଜ, ଡରାଇବା, ଧମକାଇବା ଭଳି କାର୍ଯ୍ୟରୁ ନିବୃତ ରହିବେ ଏଜେଣ୍ଟ । ସେହିଭଳି ଋଣ ନେଇଥିବା ସୂଚନା ଅନ୍ୟ କାହାକୁ ପ୍ରଘଟ କରିବାକୁ ବାରଣ କରାଯାଇଛି । ମେଡିକାଲ ଏମର୍ଜେନ୍ସି, ସମସ୍ୟା, ବିବାହ କିମ୍ବା ଅନ୍ୟ ପାରିବାରିକ ସେଲିବ୍ରେସନ କ୍ଷେତ୍ରରେ ସଚେତନ ରହିବେ । ସେହିଭଳି ଚାପ ସୃଷ୍ଟି କରିବା ଲାଗି ସୋସିଆଲ ମିଡିଆରେ ଋଣ ଗ୍ରହିତାଙ୍କ ଫଟୋ, ବ୍ୟକ୍ତିଗତ ସୂଚନା, ଭିଡିଓ, ଅଡିଓ ମଧ ବ୍ୟାଙ୍କ ପୋଷ୍ଟ କରିବାକୁ ବାରଣ ରହିଛି । ଏହି ନିୟମ ଦ୍ୱାରା ଗ୍ରାହକଙ୍କ ସୁରକ୍ଷା ସହ ଏକ ସ୍ୱଚ୍ଛ ଋଣ ଅସୁଲ ଧାରା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି କେନ୍ଦ୍ରୀୟ ବ୍ୟାଙ୍କ ।




## ଇଥାନଲ୍ ପାଇଁ ଆଖୁ ଯୋଗାଣ ଉପରେ ରୋକ ଲାଗିବ

**ନୂଆଦିଲ୍ଲୀ:** ଦେଶରେ ଚିନି ଦର ହୁ ହୁ ହୋଇ ବଢୁଥିବାରୁ ଇଥାନଲ୍ ଉତ୍ପାଦନ ପାଇଁ ଆଖୁ ଯୋଗାଣ ଉପରେ ରୋକ ଲଗାଇବା ସଂକ୍ରାନ୍ତରେ କେନ୍ଦ୍ର ସରକାର ବିଚାର କରୁଛନ୍ତି। ଏହାଦ୍ୱାରା ଦେଶରେ ଚିନି ଉତ୍ପାଦନ ବଢ଼ିବା ସହ ଦର ନିୟନ୍ତ୍ରଣକୁ ଆସିପାରିବ ଏବଂ ଘରୋଇ ଚାହିଦା ପୂରଣ କରିବା ପାଇଁ ସରକାରଙ୍କୁ ଚିନି ଆମଦାନି କରିବାକୁ ପଡ଼ିବନି। ମହାରାଷ୍ଟ୍ର ଓ କର୍ଣ୍ଣାଟକରେ କମ୍ ବର୍ଷା ହେବାରୁ ଆଖୁ ଉତ୍ପାଦନ କମ୍ ହେବା ଆଶଙ୍କା କରାଯାଉଛି। ଏଭଳି ସ୍ଥିତିରେ ଇଥାନଲ୍ ପାଇଁ ଆଖୁ ନ ଯୋଗାଇ ତାହାକୁ ଚିନି କଳଗୁଡ଼ିକୁ ଦେବା ଉପରେ ସରକାର ବିଚାର କରୁଛନ୍ତି। ଏ ସମ୍ପର୍କିତ ଚୂଡ଼ାନ୍ତ ନିଷ୍ପତ୍ତି ଆସନ୍ତା ମାସ ଶେଷ ସୁଦ୍ଧା ନେବାର ସମ୍ଭାବନା ରହିଛି। ଇଥାନଲ ଉତ୍ପାଦନ ପାଇଁ ଆଖୁ ଯୋଗାଣ ଉପରେ ରୋକ ଲଗାଗଲେ ଚିନି ଉତ୍ପାଦନ ୩୦ ଲକ୍ଷ ଟନ୍ ବଢ଼ିବା ଆଶା କରାଯାଉଛି। ଦେଶରେ ଚିନି ଚାହିଦା ବୃଦ୍ଧି ପାଉଥିବାରୁ ଅଳ୍ପ ଦିନ ଭିତରେ ଏହାର ଦର ୧୦ ପ୍ରତିଶତ ବଢ଼ିଛି। ଉତ୍ସବ ଋତୁ ପାଖେଇ ଆସୁଥିବା ବେଳେ ଚିନି ଦରରେ ଏଭଳି ବୃଦ୍ଧି ଚିନ୍ତାର କାରଣ ହୋଇଛି। ଯୋଗାଣ ହ୍ରାସ ଓ ଚାହିଦାରେ ବୃଦ୍ଧି ଜାରି ରହିଥିବାରୁ ଆସନ୍ତା ତିନି ମାସ ପର୍ଯ୍ୟନ୍ତ ଚିନି ଦର ଉଚ୍ଚା ରହିବା ଆଶଙ୍କା କରାଯାଉଛି। ଯଦିଓ ଇଥାନଲ୍ ଉତ୍ପାଦନ ପାଇଁ ଆଖୁ ଯୋଗାଣ ବନ୍ଦ ହେବ, କିନ୍ତୁ ସେହି ଇନ୍ଧନ ଉତ୍ପାଦନ ଯେଭଳି ସ୍ୱାଭାବିକ ରହିପାରିବ ସେଥିପାଇଁ ଅଧିକ ପରିମାଣର ମକା ଓ ଚାଉଳ ଯୋଗାଇ ଦିଆଯିବ। ଦେଶରେ ଏହି ଦୁଇ ସାମଗ୍ରୀର ପର୍ଯ୍ୟାପ୍ତ ଷ୍ଟକ୍ ରହିଛି।



ପାନ ମସଲା ପ୍ୟାକେଜିଂକୁ ନେଇ ଏଫ୍ଏସ୍ଏସ୍ଏଆଇର ନୂଆ ନିୟମ

## ପ୍ଲାଷ୍ଟିକ୍, ଆଲୁମିନିୟମ୍ ଫଏଲ୍ ଉପରେ କଟକଣା




**ନୂଆଦିଲ୍ଲୀ:** ପାନ ମସଲାର ପ୍ୟାକେଜିଂକୁ ନେଇ ବଡ଼ ପରିବର୍ତ୍ତନ ଆଣିଛି ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡସ୍ ଅଥରିଟି ଅଫ୍ ଇଣ୍ଡିଆ (ଏଫ୍ଏସ୍ଏସ୍ଏଆଇ)। ପାନ ମସଲା ପ୍ୟାକେଜିଂରେ କେଉଁ ସାମଗ୍ରୀ ବ୍ୟବହାର ହୋଇପାରିବ, ସେନେଇ ନୂଆ ନିୟମ ଜାରି କରାଯାଇଛି। ଏହି ନୂଆ ନିୟମରେ ପ୍ଲାଷ୍ଟିକ୍, ଆଲୁମିନିୟମ୍ ଫଏଲ୍ ଏବଂ ମେଟାଲାଇଜ୍ଡ ଲେୟର୍ ବ୍ୟବହାରକୁ ଅନୁମତି ଦିଆଯାଇନାହିଁ। ସୋମବାର, ଅଗଷ୍ଟ ୧୦ରେ ଭାରତ ସରକାରଙ୍କ ଗେଜେଟ୍‌ରେ ଖାଦ୍ୟ ସୁରକ୍ଷା ଏବଂ ମାନଦଣ୍ଡ (ପ୍ୟାକେଜିଂ) ସଂଶୋଧନ ନିୟମାବଳୀ, ୨୦୨୬ଜରିଆରେ ଏହି ପରିବର୍ତ୍ତନ କରାଯାଇଛି। ପାନ ମସଲା ପ୍ୟାକେଜିଂ ପାଇଁ କ'ଣ ବ୍ୟବହାର କରିହେବ? ଏଫ୍ଏସ୍ଏସ୍ଏଆଇ ପକ୍ଷରୁ ଜାରି ନୂଆ ନିୟମରେ ପାନ ମସଲାକୁ ପ୍ୟାକ୍ କରିବା ପାଇଁ କାଗଜ, ପେପରବୋର୍ଡ, ସେଲୁଲୋଜ୍ କିମ୍ବା ଅନ୍ୟ ପ୍ରାକୃତିକ ଉତ୍ସରୁ ମିଳୁଥିବା ସାମଗ୍ରୀ ବ୍ୟବହାର କରାଯାଇପାରିବ। କିନ୍ତୁ ଏହି ସାମଗ୍ରୀଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ପ୍ଲାଷ୍ଟିକମୁକ୍ତ ହୋଇଥିବା ଆବଶ୍ୟକ। ଅର୍ଥାତ୍, କାଗଜ କିମ୍ବା ପେପରବୋର୍ଡ ନାମରେ ଏଭଳି ପ୍ୟାକେଜିଂ ବ୍ୟବହାର କରିହେବ ନାହିଁ, ଯାହାର ଭିତରେ ପ୍ଲାଷ୍ଟିକର କୌଣସି ସ୍ତର ରହିଛି। କେଉଁ ପ୍ଲାଷ୍ଟିକ୍ ସାମଗ୍ରୀ ଉପରେ କଟକଣା? ନୂଆ ନିୟମରେ ପ୍ୟାକେଜିଂରେ ପଲିଥିନ୍, ପଲିପ୍ରୋପିଲିନ୍, ପଲିଷ୍ଟର୍, ପଲିଭିନାଇଲ୍ କ୍ଲୋରାଇଡ୍ (ପିଭିସି) ସମେତ ଅନ୍ୟ କୌଣସି ସିନ୍ଥେଟିକ୍ ପଲିମର୍, କୋ-ପଲିମର୍ କିମ୍ବା ଲାମିନେଟ୍ ବ୍ୟବହାର ହୋଇପାରିବ ନାହିଁ। ଏହି କଟକଣା କେବଳ ବାହାର ପ୍ୟାକେଟ୍ରେ ପ୍ଲାଷ୍ଟିକ୍ ବ୍ୟବହାରକୁ ନେଇ ନୁହେଁ। ପ୍ୟାକେଜିଂର ଭିତରେ ମଧ ଯଦି ପ୍ଲାଷ୍ଟିକ୍ ଲେୟର୍ ରହିଥାଏ, ତେବେ ତାହା ନୂଆ ନିୟମ ଅନୁଯାୟୀ ଗ୍ରହଣୀୟ ହେବ ନାହିଁ। ଆଲୁମିନିୟମ୍ ଫଏଲ୍ ଓ ମେଟାଲାଇଜ୍ଡ ଲେୟର୍ ମଧ ମନା ଏଫ୍ଏସ୍ଏସ୍ଏଆଇର ନୂଆ ନିୟମରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଟକଣା ରହିଛି। ପାନ ମସଲା ପ୍ୟାକେଜିଂରେ କାଗଜ କିମ୍ବା ପ୍ରାକୃତିକ ଉତ୍ସର ସାମଗ୍ରୀ ବ୍ୟବହାର ହେଲେ ମଧ ସେଥିରେ ଆଲୁମିନିୟମ୍ ଫଏଲ୍ କିମ୍ବା ମେଟାଲାଇଜ୍ଡ ଲେୟର୍ ରହିପାରିବ ନାହିଁ। ଅର୍ଥାତ୍, ବାହାରୁ କାଗଜର ପ୍ୟାକେଟ୍ ଭଳି ଦେଖାଯାଉଥିଲେ ମଧ ଯଦି ଏହାର ଭିତରେ ପ୍ଲାଷ୍ଟିକ୍ କିମ୍ବା ମେଟାଲାଇଜ୍ଡ ଲେୟର୍ ରହିଥାଏ, ତେବେ ଏହା ନୂଆ ମାନଦଣ୍ଡ ପୂରଣ କରିବ ନାହିଁ।ଟିନ୍ ଓ କାଚ ପାତ୍ରକୁ ମିଳିଲା ଅନୁମତି ପାନ ମସଲା ଉତ୍ପାଦକଙ୍କ ପାଇଁ ଏଫ୍ଏସ୍ଏସ୍ଏଆଇ ଟିନ୍ ଏବଂ କାଚ ପାତ୍ର ବ୍ୟବହାରକୁ ମଧ ଅନୁମତି ଦେଇଛି। ନୂଆ ନିୟମରେ ଏଗୁଡ଼ିକୁ ପାନ ମସଲା ପ୍ୟାକେଜିଂ ପାଇଁ ଅନୁମତିପ୍ରାପ୍ତ ବିକଳ୍ପ ଭାବେ ପୃଥକ ଭାବେ ଉଲ୍ଲେଖ କରାଯାଇଛି।ନୂଆ ନିୟମରେ ପ୍ଲାଷ୍ଟିକ ବର୍ଜ୍ୟ ପରିଚାଳନା ନିୟମ ମଧ ଲାଗୁ ହେବ। ନୂଆ ପ୍ୟାକେଜିଂ ନିୟମରେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ୨୦୧୬ର କିଛି ବ୍ୟବସ୍ଥା ମଧ ପାନ ମସଲା ପ୍ୟାକେଜିଂ କ୍ଷେତ୍ରରେ ଲାଗୁ ହେବ ବୋଲି କୁହାଯାଇଛି। ଏହି ନିୟମଗୁଡ଼ିକ ପରିବେଶ (ସୁରକ୍ଷା) ଆଇନ, ୧୯୮୬ ଅଧୀନରେ ପ୍ରସ୍ତୁତ କରାଯାଇଛି।



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୪,୮୬୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୧,୯୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୪,୮୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୪୧,୯୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୮୬୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୧,୯୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୫,୦୧୦ ଟଙ୍କା ଓ ୨୨ କ୍ୟାରଟେ ୧,୪୨,୧୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୪,୯୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୨,୦୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୪,୮୬୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୧,୯୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୫,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦର ସାମାନ୍ୟ ପରିବର୍ତ୍ତନ ହୋଇଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩.୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୭୧ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

# ଅକରପଡ଼ା ଗ୍ରାମର ଦୁଇ ଘରୁ ଚୋରି, ପୁଲିସ ପାଟ୍ରୋଲିଂ ପାଇଁ ଦାବି

**ମାହାଙ୍ଗା,୧୨।୮ (ସଂଚାର ବ୍ୟୁରୋ):** ମାହାଙ୍ଗା ଥାନା ଅଧିନ ପଣସପୁର ପଞ୍ଚାୟତ ସ୍ଥିତ ଅକରପଡ଼ା ଗ୍ରାମର ଦୁଇ ଘରୁ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିବା ଜଣାଯାଇଛି। ସୂଚନା ମୁତାବକ ଗତ ୯ ତାରିଖ ବିଳମ୍ବିତ ରାତିରେ ଦିବାକର ମହାରଣାଙ୍କ ଘରେ ଦୁଇ ଦୁର୍ବୃତ୍ତ ମାରଣାସ୍ତ୍ର ଧରି ଘର ଭିତରକୁ ପଶିବା ସହ ପୁଷ୍ପଲତାଙ୍କୁ ଗହଣରେ ଖୋଲିବା ପାଇଁ କହିଥିଲେ। ପୁଷ୍ପଲତା ଜୀବନ ଭୟରେ ଗହଣରେ ଖୋଲିଥିଲେ। ଏହି ଘଡ଼ଣେକକୁ ଦୁର୍ବୃତ୍ତ ମାନେ ଏକ ମଙ୍ଗଳସୂତ୍ର, ହାତ ବ୍ରେସଲେଟ ଓ ନଗଦ ୨୦ ହଜାର ଟଙ୍କା ନେଇ ଫେରାର ହୋଇଯାଇଥିଲେ। ସେହିପରି ଦୁର୍ବୃତ୍ତ ମାନେ ଏହି ପଞ୍ଚାୟତ ସାହାସପୁର ଗ୍ରାମର ପୁରୁଷୋତ୍ତମ ମଲିକଙ୍କ ଘର କବାଟ ତାଡି ୧ ଗ୍ରାମରେ, ଏକ କାନଫୁଲ ଓ ନଗଦ ୨୫ ହଜାର ନେଇ ଯାଇଥିଲେ। ଯାହାକୁ ନେଇ ପୁରୁଷୋତ୍ତମ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ମାହାଙ୍ଗା ପୋଲିସ ୨ଟି ମାମଲା ରୁଜୁ କରିବା ସହ ତଦନ୍ତ ଚାଲ ରଖିଥିବା ଥାନା ସୂତ୍ରରୁ ପ୍ରକାଶ। ଅପରପକ୍ଷେ ଏବେ ମାହାଙ୍ଗା ଅଞ୍ଚଳରେ ବାରମ୍ବାର ଚୋରି ହେଉଥିବାରୁ ପୋଲିସ ପେଟ୍ରୋଲିଙ୍ଗ କଡା କଡି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଏଗ୍ରିଷ୍ଟାକ ଫାଶରେ କାକଟପୁର-ଅସ୍ତରଙ୍ଗର ହଜାର ହଜାର ଚାଷୀ

# ମୃତ ବାପା ଆସି ଧାନ ବିକିବେ କି ?

### ଋଣ ସୁଝିବାକୁ ବ୍ୟାଙ୍କର ନୋଟିସ୍, ଧାନ ବିକ୍ରିକୁ ସରକାରଙ୍କ ବ୍ରେକ୍

### ବିଭାଗ ଓ ମନ୍ତ୍ରୀଙ୍କ କଥାରେ ତାଳମେଳ ନାହିଁ



**କାକଟପୁର/ଅସ୍ତରଙ୍ଗ,୧୨।୮ (ସଂଚାର ବ୍ୟୁରୋ):** ଯେଉଁ ଚାଷୀଙ୍କ ବାପା ମରିଗଲେଣି ୧୦ ବର୍ଷ ହେଲାଣି। ହେଲେ ଜମି ଆଜି ବି ତାଙ୍କ ନାଁରେ। ଏବେ ସେହି ଜମିରେ ପୁଅ ଝାଳ ବୁହାଇ ଫଳାଇଥିବା ସୁନା ଧାନ ସରକାରୀ ମଣ୍ଡିରେ ବିକିବ କେମିତି? ଉତ୍ତର ମିଳୁନି। କାରଣ ସରକାରଙ୍କ ନୂଆ ନିୟମ କହୁଛି - "ଏଗ୍ରିଷ୍ଟାକ ନାହିଁ ତ ଟୋକନ ନାହିଁ"।

ପୁରୀ ଜିଲ୍ଲାର କାକଟପୁର ଓ ଅସ୍ତରଙ୍ଗ ବ୍ଲକରେ ଏବେ ଏହି ଗୋଟିଏ ପ୍ରଶ୍ନ ଚାଷୀଙ୍କ ମୁହଁରେ। ସରକାର ଚଳିତ ୨୦୨୬-୨୭ ଖରିଫ ବର୍ଷ ପାଇଁ ଅଗଷ୍ଟ ୬ ତାରିଖରୁ ଧାନ ପଞ୍ଜିକରଣ ଆରମ୍ଭ କରିଛନ୍ତି। ଗତ ବର୍ଷ ଏହା ଜୁଲାଇ ୧୫ ରୁ ହେଉଥିଲା। ହେଲେ ଏଥର ସହିତ ଯୋଡି ହୋଇଛି ଆଉ ଏକ କଡା ସର୍ତ୍ତ। ପ୍ରତି ଚାଷୀଙ୍କୁ ନଭେମ୍ବର ସୁଦ୍ଧା ଏଗ୍ରିଷ୍ଟାକ ଆଇଡି କରିବାକୁ ପଡିବ। ନଚେତ୍ ପ୍ୟାକ୍ସ ରୁ ଟୋକେନ ମିଳିବ ନାହିଁ, ଧାନ ବି ବିକ୍ରି ହେବ ନାହିଁ।

ସମସ୍ୟାର ମୂଳ ହେଉଛି ଜମିର ରେକର୍ଡ। ଅଧିକାଂଶ ଚାଷୀଙ୍କ ଜମି ବାପା ବା ପୂର୍ବ ପୁରୁଷଙ୍କ ନାଁରେ ଜମି ପଟ୍ଟା ରହିଛି। ସେମାନେ ମୃତ୍ୟୁ ୨ ବର୍ଷ ତଳେ ମରିଥିବା ବାପା କଣ ଉଠି ଆସି ରାଜସ୍ୱ ଅଫିସକୁ ଯାଇ ପଟ୍ଟା ଦେଖାଇ ଧାନ ପଞ୍ଜିକରଣ କରିବେ? ଚାଷୀଙ୍କ ଏହି ପ୍ରଶ୍ନର ଜବାବ ଦେବାକୁ କେହି ନାହିଁ।

ଆଉ ଗୋଟିଏ ଦ୍ୱିଧା। ବାପା ବଞ୍ଚିଥିବା ବେଳେ ଯଦି ବ୍ୟାଙ୍କରୁ ଋଣ ଆଣିଥିଲେ ଏବଂ ମଝିରେ ମରିଗଲେ, ତେବେ ବ୍ୟାଙ୍କ ସେହି ଋଣର ମୂଳ ସୁଧ ସହ ପୁଅକୁ ଦାୟୀ କରୁଛି। ନୋଟିସ୍ ଆସୁଛି। ହେଲେ ସେହି ଋଣ ସୁଝିବା ପାଇଁ ଜମିରେ ଫଳିଥିବା ଧାନ ବିକିବାକୁ ସରକାର ଅନୁମତି ଦେଉନାହାନ୍ତି। ତେବେ ପୁଅ ଯିବ କୁଆଡେ? ସ୍ଥାନୀୟ ଚାଷୀ ରବି ନାରାୟଣ ପଣ୍ଡା କହିଛନ୍ତି "ବିଭାଗ ଗୋଟେ ନିର୍ଦ୍ଦେଶ ଦେଉଛି, ମନ୍ତ୍ରୀ ଆଉ ଗୋଟେ କଥା କହୁଛନ୍ତି। ଦୁହିଁଙ୍କ କଥାରେ କୌଣସି ତାଳମେଳ ନାହିଁ। ତଳେ ଆମେ ହଇରାଣ ହେଉଛୁ।" କେତେକ ପ୍ୟାକ୍ସ ଅଧିକାରୀ ବି ସ୍ୱୀକାର କରୁଛନ୍ତି ଯେ ଏଭଳି ମାମଲା ପ୍ରତିଦିନ ଶହ ଶହ ଆସୁଛି।

ଚାଷୀଙ୍କ ଅଭିଯୋଗ ହେଉଛି, ନାମାନ୍ତର ପ୍ରକ୍ରିୟା ବହୁତ ଲମ୍ବା ଓ ଖର୍ଚ୍ଚାନ୍ତ। ତହସିଲ ଅଫିସରେ ମାସ ମାସ ଲାଗିଯାଉଛି। ସେତେ ଦିନ ପର୍ଯ୍ୟନ୍ତ ଫସଲ ପଡି ପଚିଯିବ। ସେତେବେଳେ ବେପାରୀ କମ ଦାମରେ ଧାନ କିଣିବାକୁ ରେଡି ହୋଇ ବସିଛନ୍ତି।

ତେଣୁ କାକଟପୁର ଓ ଅସ୍ତରଙ୍ଗର ଚାଷୀ ମହଲରୁ ଜୋରଦାର ଦାବି ହୋଇଛି। ସେମାନେ କହୁଛନ୍ତି, ମୃତ ଜମି ମାଲିକଙ୍କ ଉତ୍ତରାଧିକାରୀଙ୍କ ପାଇଁ ତୁରନ୍ତ ଅସ୍ଥାୟୀ ବ୍ୟବସ୍ଥା କରାଯାଉ। ମୃତ୍ୟୁ ସାର୍ଟିଫିକେଟ୍ ଓ ୱାରିସାନ୍ ସାର୍ଟିଫିକେଟ୍ ଆଧାରରେ ଧାନ ପଞ୍ଜିକରଣ ଓ ବିକ୍ରିର ଅନୁମତି ମିଳୁ। ନଚେତ୍ ସରକାରଙ୍କ ଏହି କଡା ନିୟମ ଯୋଗୁଁ ଚାଷୀ ଆର୍ଥିକ ସଙ୍କଟରେ ପଡିବେ ଏବଂ ସରକାରୀ ମଣ୍ଡି ଖାଲି ପଡିବ।

ଏନେଇ ପ୍ରଶାସନର ପ୍ରତିକ୍ରିୟା ଏପର୍ଯ୍ୟନ୍ତ ମିଳିନାହିଁ। କିନ୍ତୁ ଚାଷୀଙ୍କ ଧୈର୍ଯ୍ୟର ବନ୍ଧ ଭାଙ୍ଗୁଛି। ସରକାର ଶୀଘ୍ର ନିଷ୍ପତ୍ତି ନନେଲେ ଆନ୍ଦୋଳନର ସ୍ଥିତି ଉପୁଜିପାରେ ବୋଲି ଚାଷୀ ଚେତାବନୀ ଦେଇଛନ୍ତି।

## କପିଳାସରେ ବିଶ୍ୱ ହାତୀ ଦିବସ



**ଢେଙ୍କାନାଳ,୧୨।୮ (ସଂଚାର ବ୍ୟୁରୋ):** କପିଳାସ ଚିଡ଼ିଆଖାନାରେ ପାଳିତ ହୋଇଛି ବିଶ୍ୱ ହାତୀ ଦିବସ। ହାତୀ ସୁରକ୍ଷା, ହାତୀ-ମଣିଷ ସଂଘର୍ଷ ରୋକିବା ଏବଂ ଜଙ୍ଗଲରେ ହାତୀଙ୍କ ସୁରକ୍ଷିତ ବିଚରଣ ନେଇ ଦିଆଯାଇଛି ସଚେତନତା ବାର୍ତ୍ତା। ତେବେ ଢେଙ୍କାନାଳ ଜିଲ୍ଲାରେ ହାତୀଙ୍କ ସୁରକ୍ଷା ଏବେ ବଡ଼ ଚ୍ୟାଲେଞ୍ଜ। ଜିଲ୍ଲାରେ ପ୍ରାୟ ୩୫୦ ହାତୀ ଥିବାବେଳେ ଗତ ୫ ବର୍ଷରେ ୬୦ରୁ ଅଧିକ ହାତୀଙ୍କ ମୃତ୍ୟୁ ଘଟିଥିବା ତଥ୍ୟ ଚିନ୍ତା ବଢ଼ାଇଛି। ସେହିପରି ହାତୀ ଆକ୍ରମଣରେ ପ୍ରାୟ ୩୦ ଜଣ ଲୋକଙ୍କ ଜୀବନ ଯାଇଛି। କେଉଁଠି ବିଦ୍ୟୁତ୍ ତାର ନେଉଛି ହାତୀଙ୍କ ଜୀବନ, ତ ଆଉ କେଉଁଠି ହାତୀଙ୍କୁ ଶିକାର କରାଯାଉଥିବା ଅଭିଯୋଗ। ଏଭଳି ସ୍ଥିତିରେ ବିଶ୍ୱ ହାତୀ ଦିବସରେ ହାତୀଙ୍କ ସୁରକ୍ଷା ନେଇ ଉଠିଛି ବଡ଼ ପ୍ରଶ୍ନ।

ଢେଙ୍କାନାଳ ଜିଲ୍ଲାର କପିଳାସ ଚିଡ଼ିଆଖାନା ପରିସରରେ ପାଳିତ ହୋଇଛି ବିଶ୍ୱ ହାତୀ ଦିବସ। ହାତୀଙ୍କ ସୁରକ୍ଷା ଓ ସଂରକ୍ଷଣ ନେଇ ବନ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ହାତୀ କେବଳ ଜଙ୍ଗଲର ଏକ ବନ୍ୟଜନ୍ତୁ ନୁହେଁ, ପରିବେଶୀୟ ସନ୍ତୁଳନ ବଜାୟ ରଖିବାରେ ହାତୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ହାତୀଙ୍କ ସୁରକ୍ଷା ପାଇଁ ଜନସାଧାରଣଙ୍କ ସହଯୋଗ ଜରୁରୀ ବୋଲି ଦିଆଯାଇଛି ବାର୍ତ୍ତା।

## କୋର୍ଟରେ ସାକ୍ଷୀ କରିବାକୁ ଯାଇଥିବା ଓକିଲଙ୍କ ମୃତ୍ୟୁ



**ଫୁଲବାଣୀ,୧୨।୮ (ସଂଚାର ବ୍ୟୁରୋ):** ଫୁଲବାଣୀରୁ କୋର୍ଟ ସାକ୍ଷୀ ବାବଦରେ ଏକଜାମିନ କରିବାକୁ ଦାରିଙ୍ଗବାଡି ଜେ ଏମ ଏଫ ସି କୋର୍ଟ କୁ ଯାଇଥିବା ଓକିଲ ଶ୍ରୀ ପ୍ରୀତି ରଞ୍ଜନ ପାତ୍ର ଙ୍କ ର ମୃତ୍ୟୁ ଘଟିଛି! କୋର୍ଟ ରେ ସାକ୍ଷୀ କରୁଥିବା ବେଳେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ ପ୍ରୀତି! ସେ ବାହାର କୁ ଆସିଥିଲେ! ସହଯୋଗୀ ଓକିଲ ଦିପକ ରଥ ଙ୍କୁ ଯନ୍ତ୍ରଣା ହେଉଛି ବୋଲି କହିଥିଲେ! ପ୍ରୀତିଙ୍କୁ ଡାକ୍ତରଖାନା ନିଆ ଯାଇଥିଲା କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ! କୋର୍ଟ ର କର୍ମ ଚାରି ମାନେ ମଧ୍ୟ ଡାକ୍ତର ଖାନାକୁ ଯାଇଥିଲେ। ପ୍ରୀତି ରଞ୍ଜନ ପାତ୍ର ଦୀର୍ଘ ଦିନ ଧରି ଫୁଲବାଣୀରେ ଓକିଲାତି କରୁଥିଲେ! ସେ ଫୁଲବାଣୀ ବାର ର ଏକ ବରିଷ୍ଠ ସଦସ୍ୟ ଥିଲେ! ପ୍ରୀତି ମେଳାପୀ ଓ ବନ୍ଧୁ ବତ୍ସଳ ଥିଲେ! ଫୁଲବାଣୀରେ ପ୍ରୀତିଙ୍କ ପରିବାର ଅଛନ୍ତି! ତାଙ୍କର ଅକାଳ ବିୟୋଗରେ ଫୁଲବାଣୀ ବାର ଆସୋସିଏସନ,ଦାରିଙ୍ଗବାଡି, ଓ ବାଲିଗୁଡା ଓକିଲ ସଂଘରେ ଶୋକର ଛାୟା ଖେଳିଯାଇଛି! ଫୁଲବାଣୀ ବାର ଆସୋସିଏସନ ର ସଭାପତି ଶ୍ରୀ ଭଗବାନ ମହାନ୍ତି ଙ୍କ ସଭାପତିତ୍ୱରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି! ଓକିଲ ସଙ୍ଘ ଏକ ସଦସ୍ୟଙ୍କୁ ହରେଇଲା ଓ ପ୍ରୀତୀ ରଞ୍ଜନ ପାତ୍ର ଏକ କର୍ତ୍ତବ୍ୟରତ ଓକିଲ ଭାବେ ନିଷ୍ଠାର ସହ କାର୍ଯ୍ୟ କରୁଥିଲେ। ସେ ଜଣେ ମେଳାପୀ ଓ ବନ୍ଧୁ ବତ୍ସଳ ବ୍ୟକ୍ତି ଥିଲେ ବୋଲି ଶ୍ରୀ ମହାନ୍ତି କହିଛନ୍ତି। ତାଙ୍କର ଅକାଳ ବିୟୋଗରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି।

## ଭାଇ ଛୁରାମାଡ଼ରେ ସାନଭାଇ ମୃତ, ହତ୍ୟାକାରୀ ମଝିଆ ଭାଇ ଥାନାରେ ଅଟକ

**ଫୁଲବାଣୀ,୧୨।୮ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଜିଲ୍ଲା ଫିରିଙ୍ଗିଆ ଥାନା କାଶିନିପଦର ଗ୍ରାମରେ ଆଜି ରାତି ୯ ଟାରେ ପାରିବାରିକ କଳହକୁ କେନ୍ଦ୍ର କରି ଭାଇର ଛୁରାମାଡ଼ରେ ସାନଭାଇ ପର ମୃତ୍ୟୁ ହରାଇଥିବା ଜଣାପଡିଛି । ମୃତକଜଣକ ହେଉଛନ୍ତି କାଶୀନାଥ ସାହୁ ଙ୍କ ସାନ ପୁଅ ଅଜୟ କୁମାର ସାହୁ । ସୂଚନାନୁସାରେ, ଶଶୀ ଭୂଷଣ ସାହୁଙ୍କ ମଝିଆ ପୁଅ ସଞ୍ଜୟ ଓ ସାନଭାଇ ଅଜୟଙ୍କ ମଧ୍ୟରେ ପାରିବାରିକ କଳହକୁ ନେଇ ବିବାଦ ଦେଖାଦେଇଥିଲା। ଆଜି ରାତିରେ ଉଭୟଙ୍କ ମଧ୍ୟରେ ଝଗଡ଼ା ଉଗ୍ର ରୂପ ନେଇଥିଲା ଏଥିରେ ସଞ୍ଜୟ ଉତ୍କ୍ଷିପ୍ତ ହୋଇ ଅଜୟଙ୍କ ଛାତିକୁ ଏକ ଧାରୁଆ ଛୁରିରେ ଆକ୍ରମଣ କରିଥିଲା ଅଜୟ ପ୍ରାଣ ବଞ୍ଚାଇବାକୁ ଦୌଡ଼ିଥିଲେ । ଏତିକିରେ ବି ସଞ୍ଜୟର ରାଗ ଥଣ୍ଡା ପଡ଼ି ନଥିଲା । ଶିବମନ୍ଦିର ଛକ ରାସ୍ତାରେ ପୁଣି ଧାରୁଆଅସ୍ତ୍ରରେ ତାଙ୍କୁ ଆକ୍ରମଣ କରିଥିଲା । ଏହି ସମୟରେ ପାଟ୍ରୋଲିଂ ସାରି ଫେରୁଥିବା ପୋଲିସ ଅଧିକାରୀ ଦୀପକ କୁମାର ରାଉତ ରାସ୍ତା ଉପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଅଜୟ ଙ୍କୁ ଘଟଣା ସ୍ଥଳରୁ ଉଦ୍ଧାର କରି ତୁରନ୍ତ ଅଗ୍ନିଶମ ବାହିନୀ ଙ୍କ ସହାୟତା ରେ ଉଦ୍ଧାର କରି ଫିରିଙ୍ଗିଆ ଡାକ୍ତରଖାନାକୁ ନେଇଥିଲେ । ହେଲେ ସେଠାରେ ଅଜୟ ଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଏନେଇ ବଡ଼ଭାଇ ମାନସ ସାହୁ ଥାନାରେ ଥାନାରେ ଏତଲା ଦେବା ପରେ ପୁଲିସ ଅଭିଯୁକ୍ତ ମଝିଆଭାଇ ସଞ୍ଜୟ ସାହୁ କୁ କାବୁ କରି ଥାନାରେ ଅଟକ ରଖି ପଚାରା ଉଚୁରା ଜାରି ରଖିଛି ।

## ଟାଟା ଷ୍ଟିଲ୍ କଳିଙ୍ଗନଗର ଓ କଳିଙ୍ଗନଗର ପୁଲିସ୍ ପକ୍ଷରୁ

# 'ସଡ଼କ, ସ୍ୱାସ୍ଥ୍ୟ ଓ ସାଇବର ସୁରକ୍ଷା' ସଚେତନତା ଅଭିଯାନ




**ଯାଜପୁର ରୋଡ୍,୧୨।୮(ସଂଚାର ବ୍ୟୁରୋ):** ସ୍ଥାନୀୟ ଜନସାଧାରଣ, ଗାଡ଼ି ଚାଳକ ଏବଂ କର୍ମଚାରୀମାନଙ୍କ ମଧ୍ୟରେ ମୌସୁମୀ ସମୟରେ ସଡ଼କ ସୁରକ୍ଷା, ସ୍ୱାସ୍ଥ୍ୟ ସଚେତନତା ଏବଂ ସାଇବର ସୁରକ୍ଷା ବାର୍ତା ପହଂଚାଇବା ଲକ୍ଷ୍ୟରେ ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସ୍‌କେ) ସୁରକ୍ଷା ବିଭାଗ ଏବଂ କଳିଙ୍ଗନଗର ପୁଲିସ୍‌ର ମିଳିତ ଆନୁକୂଲ୍ୟରେ ଏକ ତିନିଦିନିଆ ସଚେତନତା ଅଭିଯାନ ଆରମ୍ଭ ହୋଇଯାଇଛି । ମଙ୍ଗଳବାର ଡୁବୁରୀସ୍ଥିତ ଟାଟା ଷ୍ଟିଲ୍ କଳିଙ୍ଗନଗରର ମୁଖ୍ୟ ଫାଟକ ନଂ-୧ ନିକଟରେ 'ମୌସୁମୀ ସଡ଼କ ଓ ସ୍ୱାସ୍ଥ୍ୟ ସୁରକ୍ଷା' ଏବଂ 'ସାଇବର ସୁରକ୍ଷା' ଶୀର୍ଷକରେ ଏକ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି।

ଏହି କାର୍ଯ୍ୟକ୍ରମକୁ କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁପ୍ରସନ୍ନ ମଲ୍ଲିକ ଏବଂ କଳିଙ୍ଗନଗର ଥାନା ଆଇଆଇସି ପ୍ରକାଶ କୁମାର ସାହୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଟାଟା ଷ୍ଟିଲ୍ କଳିଙ୍ଗନଗର ଓ ଟାଟା ଷ୍ଟିଲ୍ ମେରାମଣ୍ଡଳୀର ଚିଫ୍ ସିକ୍ୟୁରିଟି ପ୍ରକାଶ ସଞ୍ଜୟ, ଟିଏସ୍‌କେ ଚିଫ୍ କୋର୍ପୋରେଟ୍ ସର୍ଭିସେସ୍ ରବି ମାରିକଙ୍କ ସମେତ ସଂସ୍ଥାର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରବଳ ବର୍ଷା ଯୋଗୁଁ ରାସ୍ତାଘାଟର ଖରାପ ଅବସ୍ଥା ହେତୁ ସୃଷ୍ଟି ହେଉଥିବା ବିପଦକୁ ଏଡ଼ାଇବା ପାଇଁ ଏହି ପଦକ୍ଷେପ ନିଆଯାଇଛି । ମୌସୁମୀ ଫଳରେ ଉପୁଜୁଥିବା ସମସ୍ୟାର ମୁକାବିଲା, ସଡ଼କ ସୁରକ୍ଷା ନିୟମ ପାଳନ, ସ୍ୱାସ୍ଥ୍ୟ ସଚେତନତା ସହ ବର୍ତ୍ତମାନର ପ୍ରମୁଖ ସମସ୍ୟା ପାଲଟିଥିବା ସାଇବର ସୁରକ୍ଷା ପ୍ରତି ସଚେତନ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। କାର୍ଯ୍ୟକ୍ରମ ଚାଲୁଥିବା ସମୟରେ ଚାରିଚକିଆ ଯାନ ଚାଳକମାନଙ୍କୁ ସିଟ୍‌ବେଲ୍ଟ ବାନ୍ଧିବା ଏବଂ ଦୁଇଚକିଆ ଯାନ ଚାଳକ ଓ ପଛରେ ବସୁଥିବା ବ୍ୟକ୍ତିଙ୍କୁ ହେଲ୍‌ମେଟ୍ ପିନ୍ଧିବା ପାଇଁ ପରାମର୍ଶ ଦିଆଯାଇଥିଲା। ଏଥିସହ ସଡ଼କ ଓ ସାଇବର ସୁରକ୍ଷା ସମ୍ବନ୍ଧୀୟ ସଚେତନତା ଲିଫ୍‌ଲେଟ୍ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ବର୍ଷା ଦିନେ ଗାଡ଼ି ଚାଳନାର ସୁରକ୍ଷା ସମ୍ପର୍କରେ ସାଧାରଣ ଲୋକଙ୍କୁ ସଚେତନ କରିବା ପାଇଁ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ଏଥି ସମେତ କାର୍ଯ୍ୟକ୍ରମରେ ଫିସିଂ ଆଟାକ୍, ମାଲୱେୟାର, ରାନ୍‌ସମ୍‌ୱେୟାର ଏବଂ ଡାଟା ଚୋରି ଭଳି ବୃଦ୍ଧି ପାଉଥିବା ସାଇବର ଅପରାଧ ସମ୍ପର୍କରେ ସଚେତନ କରାଯାଇଥିଲା।

ସନ୍ଦେହଜନକ ଲିଙ୍କ୍ ଚିହ୍ନଟ କରିବା, ନିଜର ବ୍ୟକ୍ତିଗତ ତଥ୍ୟ ସୁରକ୍ଷିତ ରଖିବା ଏବଂ ସାଇବର ଠକେଇର ଶିକାର ହେଲେ ତୁରନ୍ତ ସାଇବର ଥାନାରେ ଅଭିଯୋଗ କରିବା ସମ୍ପର୍କିତ ସୂଚନା ଲିଫ୍‌ଲେଟ୍ ମାଧ୍ୟମରେ ଲୋକଙ୍କୁ ପ୍ରଦାନ କରାଯାଇଥିଲା।

## ନିରାଡ଼ମ୍ବର ଭାବେ ଜନ୍ମଦିନ ପାଳିଲେ ପୂର୍ବତନ ବିଜେପି ଯୁବ ମୋର୍ଚ୍ଚା ସଭାପତି



**ନବରଙ୍ଗପୁର,ଉମରକୋଟ,୧୨।୮(ସଂଚାର ବ୍ୟୁରୋ):** ଉମରକୋଟ ଅଞ୍ଚଳର ଜଣାଶୁଣା ଯୁବନେତା ତଥା ପୂର୍ବତନ ବିଜେପି ଯୁବ ମୋର୍ଚ୍ଚା ସଭାପତି ବାଦଲ କୁମାର ପଟ୍ଟନାୟକ ନିଜ ଜନ୍ମଦିନକୁ ଏକ ନିଆରା ଓ ସେବାମୂଳକ ଢଙ୍ଗରେ ପାଳନ କରିଛନ୍ତି। ଅନାଥ, ବୃଦ୍ଧ ଓ ଦିବ୍ୟାଙ୍ଗମାନଙ୍କ ସେବା କରି ସେ ନିଜର ଏହି ବିଶେଷ ଦିନଟିକୁ ସ୍ମରଣୀୟ କରିଛନ୍ତି।

ଜନ୍ମଦିନ ଅବସରରେ ପଟ୍ଟନାୟକ ବାବୁ ଉମରକୋଟ ଅଞ୍ଚଳର ସମସ୍ତ ଅନ୍ଧ ସ୍କୁଲ୍, ଅନାଥ ଆଶ୍ରମ ଓ ବୃଦ୍ଧାଶ୍ରମ ପରିଦର୍ଶନ କରିଥିଲେ। ସେଠାରେ ସେ ଆଶ୍ରମର ଅନ୍ତେବାସୀ ଓ ଅନ୍ଧ ସ୍କୁଲର ଦିବ୍ୟାଙ୍ଗ ପିଲାମାନଙ୍କୁ କମ୍ବଳ, ଖାଦ୍ୟ ସାମଗ୍ରୀ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ପିଲାମାନଙ୍କ ସହ କେକ୍ କାଟି ଖୁସି ବାଣ୍ଟିବା ସହ ସେମାନଙ୍କ ଗହଣରେ କିଛି ସମୟ ବିତାଇଥିଲେ।

ଏହା ସହିତ ସେ ଗୋଶାଳା ଯାଇ ଗାଈ ଗୋରୁଙ୍କୁ ଆଦର ସହ ଖାଦ୍ୟ ଖୁଆଇ ଗୋ-ସେବା କରିଥିଲେ। ସମାଜର ଆବଶ୍ୟକତା ଥିବା ଲୋକଙ୍କ ସେବା କରିବା ଏବଂ ଗୋ-ସେବା କରିବା ଦ୍ୱାରା ଯେଉଁ ଆତ୍ମସନ୍ତୋଷ ମିଳେ, ତାହା ଅତୁଳନୀୟ ବୋଲି ସେ ପ୍ରକାଶ କରିଛନ୍ତି।

## ପିଏମ୍ ଶ୍ରୀ ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ 'ସାଇବର ସୁରକ୍ଷା ଅଭିଯାନ' ପାଳିତ




**ବେତନଟୀ,୧୨।୮ (ସଂଚାର ବ୍ୟୁରୋ):** ବୁଧବାର ଦିନ ପି ଏମ୍ ଶ୍ରୀ ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ସାଇବର୍ ସୁରକ୍ଷା ଅଭିଯାନ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଅର୍ଜୁନ ସିଂ ଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବେତନଟି ଥାନା ଅଧିକାରୀ ଶ୍ରୀ କ୍ରିଷ୍ଣା ପିଙ୍ଗୁଆ ଏବଂ ସହକର୍ମୀ , ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ଏବଂ ସଦସ୍ୟ ବୃନ୍ଦ ଯୋଗ ଦେଇଥିଲେ । ଏହି ସଚେତନତା କାର୍ଯ୍ୟକ୍ରମ ରେ ଶ୍ରୀ ପିଙ୍ଗୁଆ ଛାତ୍ରଛାତ୍ରୀ ମାନଙ୍କ ପାଇଁ ସାଇବର ସୁରକ୍ଷା ର ନିର୍ଦ୍ଦେଶବଳୀ ଗୁଡ଼ିକ ଯଥା - ସାଇବର ସୁରକ୍ଷିତ ରହିବେ କିପରି , ସୋସିଆଲ୍ ମିଡିଆ ବ୍ୟବହାର କରିବା ସମୟ ରେ ସତର୍କତା, ଅନଲାଇନ୍ ଆର୍ଥିକ କାରବାର ସମୟ ରେ ସତର୍କତା,ଚାକିରି ଠକେଇ, କେୱାଇସି, ପ୍ୟାନ, ଆଧାର ଅପଡେଟ ଠକେଇ, ଲୋନ୍ ଆପ୍ ଠକେଇ ଇତ୍ୟାଦି ସମ୍ବନ୍ଧ ରେ ସଚେତନ ର ବାର୍ତ୍ତା ଦେଇଥିଲେ । ଶେଷ ରେ ଛାତ୍ର ଛାତ୍ରୀ ମାନେ ମୋବାଇଲର ସଦୁପଯୋଗ କରିବା ପାଇଁ ଶପଥ ଗ୍ରହଣ କରିଥିଲେ।

# ଗୋଚର ଜାଗାରେ ସରକାରୀ ପ୍ରକଳ୍ପ ବନ୍ଦ ଓ ଜବରଦଖଲ ଉଚ୍ଛେଦ ଦାବି

**ବାଲିଆପାଳ,୧୨।୮ (ସଂଚାର ବ୍ୟୁରୋ):** ସରକାରୀ ଜାଗାରୁ ଜବର ଦଖଲ ଉଚ୍ଛେଦ ପାଇଁ ସରକାର ତତ୍ପର ଥିବା ବେଳେ ବାଲିଆପାଳ ତହସିଲ ଅଞ୍ଚଳରେ ତାହା ସମ୍ପୂର୍ଣ୍ଣ ଭିନ୍ନ ଦେଖିବାକୁ ମିଳୁଛି। ବାଲିଆପାଳ ତହସିଲ ଅନ୍ତର୍ଗତ ଜମ୍ବିରାଇ ପଞ୍ଚାୟତ ଗୋଶାଳା ପଡ଼ିଆରେ ଦିନକୁ ଦିନ ଜବର ଦଖଲ କାରି ବୃଦ୍ଧି ହେବା ସହିତ ସରକାରୀ ପ୍ରକଳ୍ପ ହେବା ଯୋଗୁଁ ଜନ ଅସନ୍ତୋଷ ଦେଖା ଦେଇଛି। ଏ ବାବଦରେ ଗ୍ରାମବାସୀ ମାନେ ତହସିଲଦାରଙ୍କ ଠାରେ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି।



ଅଭିଯୋଗ ଅନୁଯାୟୀ ଜମ୍ବିରାଇ ଗୋଶାଳା ପଡ଼ିଆ ନିକଟରେ ଗୋରୁ ଗାଈ ଚରିବା ପାଇଁ ବିସ୍ତୀର୍ଣ୍ଣ ଗୋଚୋର ଅଛି।୧୯୯୭ ମସିହା ମହାବାତ୍ୟା ପରେ ଗୋଧନ ସୁରକ୍ଷା ପାଇଁ ଏଠାରେ ସରକାର ଏକ ଗୋଶାଳା ନିର୍ମାଣ କରିଥିଲେ।ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଗ୍ରାମର ଲୋକ ମାନେ ଗୋଧନ କୁ ଏଠାରେ ସୁରକ୍ଷିତ ଭାବେ ରଖୁ ଥିଲେ।ପ୍ରତିବର୍ଷ ଏଠାରେ ଗୋମାତା ଙ୍କ ଉଦେଶ୍ୟରେ ପୂଜା ଅର୍ଚ୍ଚନା ବହୁ ଧୂମ ଧାମ ରେ ପାଳନ କରାଯାଏ।କିନ୍ତୁ କିଛି ବର୍ଷ ଧରି କିଛି ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ ର ଲୋକମାନେ ଧିରେ ଧିରେ ଏହି ଜାଗାକୁ ଜବର ଦଖଲ କରିବା ରେ ଲାଗିଛନ୍ତି। ପୁଣି କିଛି ଲୋକ ସେଠାରେ ସରକାରୀ ପ୍ରକଳ୍ପ ତିଆରି କରି ଜାଗା ନଷ୍ଟ କରିବା ର ମସୁଧା ଚଳାଇଛନ୍ତି।

ପୂର୍ବରୁ ଏଠାରେ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ଏକ ଗୃହ ନିର୍ମାଣ ହୋଇଥିଲା।ପୁଣି କିଛି ଲୋକ ଏଠାରେ ମନ୍ଦିର ନିର୍ମାଣ କରିବା ପାଇଁ ପ୍ରସ୍ତୁତି କରିଥିବା ବେଳେ, ରାତି ଅଧିଆ ଶ୍ମଶାନ ଘର ନିର୍ମାଣ କରିବାରେ ବ୍ୟସ୍ତ ହୋଇ ପଡ଼ିଛନ୍ତି। ତେବେ କର୍ତ୍ତୃପକ୍ଷ ଏ ବାବଦରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।ନଚେତ୍ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ଲକ୍ଷ୍ମୀଧର ଜେନା, ପ୍ରଦୀପ କୁମାର ସାମଲ, ବସୁମତୀ ପ୍ରଧାନ, କାହ୍ନୁ ଚରଣ ପ୍ରଧାନ, ଗଣେଶ ଚନ୍ଦ୍ର ବର, ଜୟକୃଷ୍ଣ ଗଙ୍ଗାଇ, ସୁବଳ ଚନ୍ଦ୍ର ସାମଲ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ପୁରୁଣା ରିଙ୍ଗ ରୋଡ୍ ବାଲି ମାଫିଆଙ୍କ କବ୍‌ଜାରେ

### ନଦୀବନ୍ଧର ସୁରକ୍ଷାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି

### ରାସ୍ତାର ମରାମତି ଓ ସୁରକ୍ଷା ଦିଗରେ ଜଳ ସମ୍ପଦ ବିଭାଗ କହିଁକି ନୀରବ



**ଆନନ୍ଦପୁର,୧୨।୮(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ପୌରପାଳିକା ୩ ନମ୍ବର ୱାର୍ଡରେ ଥିବା ବୈତରଣୀ ପୁରୁଣା ନଦୀବନ୍ଧ ରିଙ୍ଗ ରୋଡ୍ ଏବେ ବାଲି ଚାଲାଣକୁ ନେଇ ଚର୍ଚ୍ଚାରେ। ଅଭିଯୋଗ ହେଉଛି, ଏହି ନଦୀବନ୍ଧ ରାସ୍ତା ଦେଇ ବାଲି ଚାଲାଣ ହେଉଥିବାରୁ ରାସ୍ତା ଦୁର୍ବଳ ହେବା ସହ ନଦୀବନ୍ଧର ସୁରକ୍ଷାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଆନନ୍ଦପୁର ବ୍ୟାରେଜ ନିକଟରୁ ଆସିଥିବା ବୈତରଣୀର ପୁରୁଣା ନଦୀବନ୍ଧ ରିଙ୍ଗ ରୋଡ୍ ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟରେ ସଂଯୋଗ କରୁଛି। ଦୀର୍ଘଦିନ ଧରି ରାସ୍ତାର ମରାମତି ହେଉନଥିବାରୁ ଏହାର ଅବସ୍ଥା ଧୀରେ ଧୀରେ ଦୁର୍ବଳ ହେଉଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ବୈତରଣୀ ନଦୀରୁ ବାଲି ଚୋରା ଚାଲାଣ ପାଇଁ ଏହି ନଦୀବନ୍ଧ ରାସ୍ତାର ବ୍ୟବହାର ହେଉଛି। ଭାରୀ ଯାନବାହାନ ଯାତାୟତ ଯୋଗୁଁ ନଦୀବନ୍ଧ ରାସ୍ତା ଅଧିକ ଦୁର୍ବଳ ହେବାର ଆଶଙ୍କା ରହିଛି।

ଏପଟେ ରାସ୍ତାର ମରାମତି ଓ ସୁରକ୍ଷା ଦିଗରେ ଜଳ ସମ୍ପଦ ବିଭାଗର ଦୃଷ୍ଟି ପଡୁନଥିବା ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଯଦି ନଦୀବନ୍ଧର କୌଣସି ସ୍ଥାନରେ ଘାଇ ସୃଷ୍ଟି ହୁଏ, ତେବେ ଆନନ୍ଦପୁର ସହର ଉପରେ ଏହାର ବଡ଼ ପ୍ରଭାବ ପଡ଼ିପାରେ ବୋଲି ସ୍ଥାନୀୟ ଲୋକେ ଆଶଙ୍କା ପ୍ରକାଶ କରିଛନ୍ତି। ତେଣୁ ଘଟଣାକୁ ଗୁରୁତ୍ୱ ଦେଇ ତୁରନ୍ତ ନଦୀବନ୍ଧ ରାସ୍ତାର ମରାମତି କରିବା ସହ ବାଲି ଚାଲାଣ ଉପରେ ନଜର ରଖିବାକୁ ଦାବି ହୋଇଛି। ଏଥିସହ ଏହି ରାସ୍ତାରେ ଭାରୀ ତଥା ଚାରିଚକିଆ ଯାନବାହାନ ଯାତାୟତ ଉପରେ ରୋକ୍ ଲଗାଇବାକୁ ମଧ୍ୟ ସ୍ଥାନୀୟ ଲୋକଙ୍କ ପକ୍ଷରୁ ଦାବି ହୋଇଛି।

ଏବେ ପ୍ରଶ୍ନ ଉଠୁଛି, ନଦୀବନ୍ଧର ସୁରକ୍ଷା ପାଇଁ ପ୍ରଶାସନ କେବେ ନେବ ପଦକ୍ଷେପ? ବଡ଼ ବିପଦ ଆସିବା ପୂର୍ବରୁ ବ୍ୟାରେଜ ନିକଟରୁ ପଞ୍ଚମୁଖୀ ହନୁମାନ ମନ୍ଦିର ରିଙ୍ଗ ରୋଡ୍‌ର ମରାମତି ହେବ ତ? ଏବଂ ମରାମତି ନହେବା ପର୍ଯ୍ୟନ୍ତ ଏହି ରାସ୍ତାରେ ଭାରିଯାନ ଚଳାଚଳ ନିଷେଧ କରିବା ପାଇଁ ଦାବି ହୋଇଛି।

## ସ୍ୱାସ୍ଥ୍ୟ ସେବା ପାଇଁ ନୀଳଗିରିକୁ ୧ କୋଟି ୪୦ଲକ୍ଷ ମଞ୍ଜୁର କଲେ ରେଳମନ୍ତ୍ରୀ ଅଶ୍ୱିନ ବୈଷ୍ଣବ



**ନୀଳଗିରି,୧୨।୮ (ସଂଚାର ବ୍ୟୁରୋ):** ବାଲେଶ୍ୱର ସଂସଦୀୟ କ୍ଷେତ୍ରରେ ସ୍ୱାସ୍ଥ୍ୟ ର ଉନ୍ନତି ପାଇଁ ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମାନ୍ୟବର ରେଳମନ୍ତ୍ରୀ ତଥା ରାଜ୍ୟସଭା ସାଂସଦ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଙ୍କୁ ଚିଠି ଲେଖିଥିଲେ।

ତେଓ୍ୱେ ମାନ୍ୟବର ରେଳମନ୍ତ୍ରୀ ଶ୍ରୀଯୁକ୍ତ ବୈଷ୍ଣବ ତାଙ୍କ ହାତପାଣ୍ଠିରୁ ବାଲେଶ୍ୱର ଲୋକସଭା କ୍ଷେତ୍ରରେ ବାଲେଶ୍ୱରର ସ୍ୱାସ୍ଥ୍ୟସେବାର ବିକାଶ ପାଇଁ ମୋଟ ୩ କୋଟି ୧୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି ।ତେଓ୍ୱେ ସେଥି ମଧ୍ୟରୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟର ଉନ୍ନତିକରଣ ପାଇଁ ମୋଟ ୧ କୋଟି ୪୦ ଲକ୍ଷ ଅନୁଦାନ ରାଶି ପ୍ରଦାନ କରିଛନ୍ତି।ଏଥିରେ ସ୍ୱାସ୍ଥ୍ୟସେବାକୁ ଅଧିକ ସୁଦୃଢ଼ ଓ ସୁବ୍ୟବସ୍ଥିତ କରିବା ଦିଗରେ ଏହି ଅର୍ଥରାଶି ନିଶ୍ଚିତ ଭାବେ ଏକ ମହତ୍ତ୍ୱପୂର୍ଣ୍ଣ ସହାୟକ ହେବ। ବିଶେଷକରି ଗରିବ, ଅସହାୟ ଓ ସାଧାରଣ ଲୋକମାନେ ଏହାର ସୁଫଳ ପାଇବେ। ଏହି ଜନହିତକର ପଦକ୍ଷେପ ପାଇଁ ମାନ୍ୟବର ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଧନ୍ୟବାଦ ଓ ସାଧୁବାଦ ଜ୍ଞାପନ କରିଛନ୍ତି ।

## ଜୟପୁର-ନବରଙ୍ଗପୁର ନୂତନ ରେଳପଥ ପାଇଁ ୯୯ ଏକର ଜମି ହସ୍ତାନ୍ତର



**ବୋରିଗୁମ୍ମା,୧୨।୮ (ସଂଚାର ବ୍ୟୁରୋ):** ଜୟପୁର-ନବରଙ୍ଗପୁର ନୂତନ ରେଳପଥ ଆଶା ଉଜ୍ଜୀବିତ ହେବାକୁ ଯାଉଛି।ପୂର୍ବରୁ ରେଲୱେ ବିଭାଗ ଜୟପୁର-ନବରଙ୍ଗପୁର ନୂତନ ରେଳପଥ ନିମନ୍ତେ ସର୍ଭେ କାର୍ଯ୍ୟ ପରେ ଜମି ଅଧିଗ୍ରହଣ ପ୍ରକ୍ରିୟା ପ୍ରାୟ ଶେଷ ହୋଇଥିବା ବେଳେ, ଏବେ ପ୍ରଶାସନ ଅଧିଗ୍ରହଣ ଜମି କୁ ରେଲୱେ ବିଭାଗ କୁ ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ କରିଛି।ପ୍ରଥମ ପର୍ଯ୍ୟାୟରେ ବୋରିଗୁମ୍ମା ତହସିଲ ଅନ୍ତର୍ଗତ ବରଗାଁ ଓ ଆଉଁଳି ମୌଜା ର ମୋଟ ୩୦.୪୧୦ ଏକର ଜମି ରେଳ ବିଭାଗ କୁ ହସ୍ତାନ୍ତର କରାଯାଇଥିବା ବେଳେ ଆଜି ବୋରିଗୁମ୍ମା ତହସିଲ ପକ୍ଷରୁ ରେଳ ବିଭାଗ କୁ ୯୯.୧୦୪ ଏକର ଜମି ହସ୍ତାନ୍ତର କରାଯାଇଛି।ଯେଉଁଠି ଜମି ଅଧିଗ୍ରହଣ ହୋଇଛି, ସେହି ସ୍ଥାନ ମାନଙ୍କରେ ବୋରିଗୁମ୍ମା ତହସିଲଦାର ଶୋଭନ କୁମାର ବେହେରା ପାଞ୍ଚଟି ଗ୍ରାମ ଯଥା ଶୀଶାଗୁଡା,କୁନ୍ଦ୍ରାଗୁଡା,କୁପିଆ, କହ୍ନେଇଜବା, ମଝିଆ ର ମୋଟ ୯୯.୧୦୪ ଏକର ଜମି ର କାଗଜପତ୍ର ରେଲୱେ ଇଷ୍ଟ କୋଷ୍ଟ ଯୋନ ର ଏଇଇ ଏସ.ମୁରଲୀଧର ଙ୍କୁ ହସ୍ତାନ୍ତର କରିଥିଲେ।ସେଥି ମଧ୍ୟରୁ କୁନ୍ଦ୍ରାଗୁଡା ଗ୍ରାମର ୨୦.୦୫୬ ଏକର,ମଝିଆ ଗ୍ରାମର ୨୪.୩୯୪ ଏକର, ଶୀଶାଗୁଡା ର ୧୮.୦୬ ଏକର, କହ୍ନେଇଜବା ର ୧୯.୫୧୬ ଏକର, କୁପିଆ ର ୧୭.୦୭୮ ଏକର ଜମି ମୋଟ ୨୨୭ ଜଣ ଜମି ହରାଇଥିବା।ଲୋକଙ୍କୁ ୧୧ କୋଟି ୨୬ ଲକ୍ଷ ୭୪ ହଜାର ୪୩୪ ଟଙ୍କା ପାଇବେ।ସେଥି ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୮୭ ଜମି ହରାଇଥିବା।ଲୋକଙ୍କୁ ୯ କୋଟି ୯୩ ଲକ୍ଷ ୯୨ ହଜାର ୮୯୨ ଟଙ୍କା ପ୍ରଦାନ କରାଯାଇଛି ବୋଲି ତହସିଲଦାର ଶୋଭନ କୁମାର ବେହେରା ସୂଚନା ଦେଇଛନ୍ତି।

# ଚା’ ବାଲାରୁ ଚର୍ଚ୍ଚିତ ଚେହେରା



ମାତ୍ର ୧୬ ବର୍ଷ ବୟସରେ ୩୦୦ ଟଙ୍କା ନେଇ ଘରୁ ପଳାଇ ଯାଇଥିଲେ ୟଶ୍ । ଇଚ୍ଛା ଥିଲା ଗୋଟିଏ, ସୁପରଷ୍ଟାର ହେବେ । ଆଉ ଏବେ ଏହି ନାଁକୁ ପରିଚୟର ଆବଶ୍ୟକତା ନାହିଁ । କେଜିଏଫ- ଚାପ୍ଟର ଓ୍ୱାନରୁ ରକି ଭାଇ ନାଁରେ ପାନ୍ ଇଣ୍ଡିଆ ଷ୍ଟାର ଭାବରେ ଲୋକପ୍ରିୟତା ପାଇଥିବା ଅଭିନେତା ୟଶ୍ ଏବେ ରାମାୟଣର ରାବଣ ଭୂମିକାରେ ସମସ୍ତଙ୍କ ହୃଦୟ ଜିଣି ନେଇଛନ୍ତି । ଏହା ସହିତ ୫୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ‘ଟକ୍ସିକ୍’ରେ ବକ୍ସଅଫିସ୍‌ରେ ବିସ୍ଫୋରଣ କରିବାକୁ ଯାଉଛନ୍ତି ୟଶ । ୟଶଙ୍କ ବାପା ଅରୁଣ କୁମାର ବେଙ୍ଗାଲୁରୁ ମହାନଗର ପରିବହନ ନିଗମ (BMTC)ର ଜଣେ ବସ୍ ଡ୍ରାଇଭର ଥିଲେ ଏବଂ ମା’ ପୁଷ୍ପା ଜଣେ ଗୃହିଣୀ ଥିଲେ। ଅଭିନେତା ହେବାର ସ୍ୱପ୍ନକୁ ନେଇ ପରିବାର ଲୋକେ ତାଙ୍କୁ ଚେତାବନୀ ଦେଇଥିଲେ ଯେ, ଯଦି ସେ ବିଫଳ ହୁଅନ୍ତି, ତେବେ ତାଙ୍କୁ ପରିବାରର କଥା ମାନି ଅନ୍ୟ କାମ କରିବାକୁ ପଡ଼ିବ। ୟଶ ମଧ୍ୟ ଜାଣିଥିଲେ ଯେ, ଥରେ ଘରକୁ ଫେରିଗଲେ ଆଉ ଅଭିନୟ କ୍ଷେତ୍ରକୁ ଆସିବା ସମ୍ଭବ ହେବ ନାହିଁ। ମଞ୍ଚ ଆସିଷ୍ଟାଣ୍ଟରୁ ଅଭିନେତା ସିନେମା ଜଗତରେ ପାଦ ଥାପିବା ପାଇଁ ୟଶ ସବୁ ପ୍ରକାରର ଛୋଟବଡ଼ କାମ କରିଥିଲେ । ଥିଏଟର୍ ପଛରେ ଦିନକୁ ମାତ୍ର ୫୦ ଟଙ୍କା ମଜୁରୀରେ ଚା’ ବିକ୍ରି କରୁଥିଲେ। ଜଣେ କନ୍ନଡ଼ ନିର୍ଦ୍ଦେଶକଙ୍କ ଅଧୀନରେ ସହକାରୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ। ବି.ଭି. କାରନ୍ତଙ୍କ ‘ବେନକା’ ଥିଏଟର ଗ୍ରୁପରେ ଯୋଗ ଦେଇ ନାଟକରେ ଅଭିନୟ ଶିଖିଥିଲେ। ୨୦୦୪ରେ ‘ଉତ୍ତରାୟଣ’ ଧାରାବାହିକ ଜରିଆରେ ଟେଲିଭିଜନରେ ପାଦ ଥାପିଥିଲେ ଏବଂ ପରେ ‘ନନ୍ଦ ଗୋକୁଳ’ ମାଧ୍ୟମରେ ଲୋକପ୍ରିୟତା ପାଇଥିଲେ। ୨୦୦୭ରେ ‘ଜାମ୍ବଦ ହୁଡୁଗି’ ଚଳଚ୍ଚିତ୍ରରୁ ସିନେମା ଜଗତରେ ଡେବ୍ୟୁ କରିବା ପରେ, ‘ମୋଗିନା ମାନସୁ’, ‘ଗୁଗଲି’, ଏବଂ ‘ମିଷ୍ଟର ଆଣ୍ଡ ମିସେସ ରାମାଚାରୀ’ ଭଳି ସଫଳ ସିନେମା ଜରିଆରେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ‘ରକି ଭାଇ’ ଏବଂ କେଜିଏଫ୍‌ର ମେଗା ସଫଳତା ୨୦୧୮ରେ ମୁକ୍ତିଲାଭ କରିଥିବା ‘KGF: ଚାପ୍ଟର ୧’ ଗ୍ଲୋବାଲ ବକ୍ସ ଅଫିସରେ ୨୫୦ କୋଟିରୁ ଅଧିକ ବ୍ୟବସାୟ କରି ୟଶଙ୍କୁ ସମଗ୍ର ଭାରତରେ ଜଣାଶୁଣା କରାଇଥିଲା। ଏହାପରେ ୨୦୨୨ରେ ଆସିଥିବା ‘KGF: ଚାପ୍ଟର ୨’ ସାରା ବିଶ୍ୱରେ ୧,୨୦୦ କୋଟିରୁ ଅଧିକ ଟଙ୍କା ରୋଜଗାର କରି ବକ୍ସ ଅଫିସର ସବୁ ରେକର୍ଡ ଭାଙ୍ଗିଦେଇଥିଲା। ‘ରକି ଭାଇ’ ଚରିତ୍ରର ଦମଦାର୍ ଶୈଳୀ ଓ ଅଭିନୟ ତାଙ୍କୁ ଦକ୍ଷିଣ ଭାରତୀୟ ସିନେମାର ଅନ୍ୟତମ ବଡ଼ ସୁପରଷ୍ଟାର ଭାବେ ସ୍ଥାପିତ କଲା। ବିପୁଳ ସଫଳତା ଓ ସମ୍ପତ୍ତି ପାଇବା ପରେ ମଧ୍ୟ ୟଶ ନିଜର ଅତୀତକୁ ଭୁଲିନାହାନ୍ତି। ୨୦୧୭ରେ ସେ ନିଜ ପତ୍ନୀ ତଥା ଅଭିନେତ୍ରୀ ରାଧିକା ପଣ୍ଡିତଙ୍କ ସହ ମିଶି ‘ୟଶୋ ମାର୍ଗ ଫାଉଣ୍ଡେସନ’ ନାମକ ଏକ ସମାଜସେବା ସଂସ୍ଥା ଗଠନ କରିଥିଲେ। ଉତ୍ତର ବେଙ୍ଗାଲୁରୁର ‘ପ୍ରେଷ୍ଟିଜ୍ ଗୋଲ୍ଫଶାୟାର’ରେ ତାଙ୍କର ୬-୭ କୋଟି ଟଙ୍କାର ଏକ ବିଳାସପୂର୍ଣ୍ଣ ଡୁପ୍ଲେକ୍ସ ଘର ସହ ଅନେକ ଦାମୀ ଗାଡ଼ି ଓ ଜମି ରହିଛି। ୪,୦୦୦ କୋଟି ଟଙ୍କାର ‘ରାମାୟଣ’ ଏବଂ ‘ଟକ୍ସିକ୍’ ବର୍ତ୍ତମାନ ୟଶ ଦୁଇଟି ମେଗା ପ୍ରୋଜେକ୍ଟରେ କାମ ଜାରି ରଖିଛନ୍ତି । ଗୀତୁ



# ଭିନ୍ନ ଲୁକ୍‌ରେ ଓଲିଉଡ ନାୟିକା ସୁପ୍ରିୟା



ଚଳିତ ବର୍ଷ ଓଲିଉଡର ଲୋକପ୍ରିୟ ନାୟିକା ସୁପ୍ରିୟାଙ୍କ ପାଇଁ ଏକ ଉଲ୍ଲେଖନୀୟ ବର୍ଷ। କାରଣ ସେ ‘ପୁଷ୍କରା’ ଛବି ଲାଗି ଶ୍ରେଷ୍ଠ ଅଭିନେତ୍ରୀ ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଲାଭ କରିଛନ୍ତି। ଏଥିରେ ପ୍ରଥମ ଥର ଲାଗି ସେ ସୋବର ବୟ ସବ୍ୟସାଚୀଙ୍କ ସହ ନଜର ଆସିଥିଲେ। ଏହି ଫିଲ୍ମର କଥାବସ୍ତୁ ପ୍ରଖ୍ୟାତ ନାଟ୍ୟକାର ଶଙ୍କର ତ୍ରିପାଠୀଙ୍କ ଉପନ୍ୟାସ ‘ନାଦବିନ୍ଦୁ’ ଉପରେ ଆଧାରିତ। ସିନେମାଟୋଗ୍ରାଫର୍ ଶୁଭ୍ରାଂଶୁ ଦାଶ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଥିଲେ। ରମେଶ ବାରିକ ଏହାର ନିର୍ମାତା। ତେଣେ ତାଙ୍କ ଅଭିନୀତ ‘ଶିକାର’ ବି ସୁପରହିଟ୍ ହୋଇଛି। ମୃତ୍ୟୁଞ୍ଜୟ ସାହୁ ଏହାର ନିର୍ଦ୍ଦେଶକ। ପ୍ରିୟବ୍ରତ ପଣ୍ଡା ଏହାର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ଲେଖିଥିଲେ। ଦୁଇଟି ସିନେମା ରିଲିଜ୍ ଅପେକ୍ଷାରେ ଏଣେ ସୁପ୍ରିୟାଙ୍କ ଅଭିନୀତ ଦୁଇଟି ସିନେମା ରିଲିଜ୍ ଅପେକ୍ଷାରେ ରହିଛି। ଏଥିମଧ୍ୟରୁ ଗୋଟିଏ ହେଲା କୁମାର ପ୍ରୀତମ୍ ସାହୁଙ୍କ ପ୍ରଯୋଜିତ ତଥା ସୁଧାଂଶୁ ମୋହନ ସାହୁଙ୍କ ନିର୍ଦ୍ଦେଶିତ ‘ରାମରାଜ୍ୟ’। ୨୦୨୩ରେ ମୁକ୍ତିଲାଭ କରିଥିବା ‘କଟକ ଶେଷରୁ ଆରମ୍ଭ’ର ଏହା ସିକ୍ୱେଲ୍। ଏହି ସିନେମାରେ ପ୍ରେମ ପରିଜା, ରୋହିତ ରାୟ, ଅଭିଷେକ ପଣ୍ଡା, ପୁନମ୍, ଚୌଧୁରୀ ଜୟପ୍ରକାଶ ଦାସ, ଜ୍ୟୋତି ମିଶ୍ର, ରାଣୀ ପଣ୍ଡା, ଉଷସୀ ମିଶ୍ର, ବିଭାସ ଓ ନିଜେ ପ୍ରଯୋଜକ ପ୍ରୀତମ୍ ପ୍ରମୁଖ ଅଭିନୟ କରିଛନ୍ତି।

# ଅସଲ ନାୟକ ଓସ୍କାର୍ !

କୁକୁର ଓ ମଣିଷର ଅନାବିଳ ସମ୍ପର୍କକୁ ନେଇ ପୂର୍ବରୁ ବଲିଉଡ୍‌ରେ ‘ତେରି ମେହର୍‌ବାନିଆଁ’, ‘ଏଣ୍ଟର୍‌ଟେନ୍‌ମେଣ୍ଟ୍’, ‘ଚିଲର୍ ପାର୍ଟି’, ‘ଦିଲ୍ ଧଡକନେ ଦୋ’ ଏବଂ ‘କୁତ୍ତୋ’ ପରି ଅନେକ ସଫଳ ସିନେମା ନିର୍ମାଣ ହୋଇଛି। ତେବେ ‘ଓ ମାଇଁ ଡଗ୍’ ଅନେକ ଦୃଷ୍ଟିରୁ ଭିନ୍ନ। ‘ଓଏମ୍‌ଜି-୨’ର ସଫଳତା ପରେ ନିର୍ଦ୍ଦେଶକ ଅମିତ ରାୟ ‘ଓଏମ୍‌ଡି’ ଶୀର୍ଷକରେ ଏହାକୁ ନିର୍ମାଣ କରିଛନ୍ତି। ଫିଲ୍ମରେ ରହିଛି ଦୁଇଟି ସମାନ୍ତରାଳ କାହାଣୀ। ଗୋଟିଏ ପଟେ କୁନିପୁଅ ଅପ୍ପୁ ନିଜ ହଜିଲା ପୋଷା କୁକୁର ମୋମୋକୁ ଖୋଜି ଖୋଜି ତା’ ପ୍ରତି ଥିବା ଭଲପାଇବାର ପ୍ରମାଣ ଦେଉଥିବା ବେଳେ, ଅନ୍ୟପଟେ ଓସ୍କାର୍ ନାମକ କୁକୁର ନିଜର ବନ୍ଧୁ ପ୍ରିନ୍ସକୁ ସମସ୍ତ ବାଧା ଅତିକ୍ରମ କରି ଅପହରଣକାରୀଙ୍କ କବଳରୁ ମୁକ୍ତ କରିଛି। ଫିଲ୍ମରେ ଦୁଇ ପ୍ରଶିକ୍ଷିତ କୁକୁର ଓସ୍କାର୍ ଓ ମୋମୋ ମୁଖ୍ୟ ଆକର୍ଷଣ ସାଜିଥିବାବେଳେ ପ୍ରାୟ ୨୫୦ରୁ ଅଧିକ କୁକୁରଙ୍କ ଉପସ୍ଥିତି ଏହାକୁ ଆହୁରି ସ୍ୱତନ୍ତ୍ର କରିଛି। ଶିଶୁ କଳାକାର ଅପ୍ପୁ ଚରିତ୍ରରେ ମାହି ରାୟଙ୍କ ଅଭିନୟ ଦର୍ଶକଙ୍କୁ ମୁଗ୍ଧ କରୁଛି। ଅପ୍ପୁର କୁକୁର ପ୍ରତି ନିଃସ୍ୱାର୍ଥ ଭଲପାଇବା, ବିଶ୍ୱାସ ଓ ବନ୍ଧୁତ୍ୱକୁ ହୃଦୟସ୍ପର୍ଶୀ ଢଙ୍ଗରେ ଉପସ୍ଥାପନ କରାଯାଇଛି। ଦିନେ ଅପ୍ପୁର ପ୍ରିୟ କୁକୁର ମୋମୋ ହଜିଯିବା ପରେ ପରିବାରରେ ଦୁଃଖର ଛାୟା ଖେଳିଯାଏ। ଅପ୍ପୁଙ୍କ ମାଆ ପୁଲିସ୍ ଷ୍ଟେସନ୍‌ରେ ଅଭିଯୋଗ କରନ୍ତି। ସହରରେ ସକ୍ରିୟ କୁକୁର ଚାଲାଣ ରାକେଟ୍ ସମ୍ପର୍କରେ ଜାଣିବା ପରେ ମୋମୋକୁ ପାଇବାର ଆଶା ପ୍ରାୟ ଛାଡ଼ି ଦିଅନ୍ତି। ହେଲେ ଅପ୍ପୁ ହାର୍ ମାନେନି। ପ୍ରଥମେ ପୁଲିସ୍‌ର ସହାୟତାରେ ସେ ନିଜ ପ୍ରିୟ ସାଥୀକୁ ଖୋଜିବାରେ ଲାଗିପଡ଼େ। କାହାଣୀ ସେତେବେଳେ ରୋମାଞ୍ଚକର ମୋଡ଼ ନିଏ, ଯେତେବେଳେ ଜଣାପଡ଼େ ଯେ କିଛି ଦୁର୍ନୀତିଗ୍ରସ୍ତ ପୁଲିସ୍ କର୍ମଚାରୀ କୁକୁର ଚାଲାଣକାରୀଙ୍କ ସହ ମିଶିଛନ୍ତି।



# ବାରାଣସୀରୁ ‘ରୁଦ୍ର’ର ଫାଷ୍ଟ୍ ଲୁକ୍ ରିଲିଜ୍



ସୁପରଷ୍ଟାର ମହେଶ ବାବୁଙ୍କ ଜନ୍ମଦିନ ଅବସରରେ ପ୍ରଶଂସକଙ୍କୁ ମିଳିଛି ଏକ ବଡ଼ ସରପ୍ରାଇଜ୍। ବହୁ ପ୍ରତୀକ୍ଷିତ ଫିଲ୍ମ ‘ବାରାଣସୀ’ରେ ମହେଶ ବାବୁଙ୍କ ଚରିତ୍ର ‘ରୁଦ୍ର’ର ପ୍ରଥମ ଲୁକ୍ ଜାରି କରାଯାଇଛି। ଫାର୍ଷ୍ଟ ଲୁକ୍ ସାମ୍ନାକୁ ଆସିବା ପରେ ସୋସିଆଲ ମିଡିଆରେ ଫିଲ୍ମକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏସ୍.ଏସ୍. ରାଜମୌଲିଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଫିଲ୍ମର ଶୁଟିଂ ଆଫ୍ରିକାର କିଲିମାଞ୍ଜାରୋ ଓ ମାସାଇ ମାରା ଭଳି ଚମତ୍କାର ସ୍ଥାନରେ କରାଯାଇଛି। ରିଲିଜ୍ ହୋଇଥିବା ଫଟୋରେ ମହେଶ ବାବୁଙ୍କୁ ବିଶାଳ ପ୍ରାକୃତିକ ପରିବେଶ ମଧ୍ୟରେ ଦେଖିବାକୁ ମିଳୁଛି। ପଛଭାଗରେ ଆଫ୍ରିକୀୟ ବନ୍ୟଜୀବ ଓ ମନୋରମ ପ୍ରକୃତିର ଦୃଶ୍ୟ ଫିଲ୍ମର ପରିସରକୁ ଆହୁରି ବିଶାଳ କରିଦେଇଛି। ଦମଦାର ଅବତାରରେ ମହେଶ ବାବୁ ଫାର୍ଷ୍ଟ ଲୁକ୍‌ରେ ମହେଶ ବାବୁଙ୍କ ଲୁକ୍ ଷ୍ଟାଇଲିସ୍ ହେବା ସହ ରହସ୍ୟମୟ ମଧ୍ୟ ଲାଗୁଛି। ତାଙ୍କ ଚରିତ୍ରରେ ଶକ୍ତି, ଗମ୍ଭୀରତା ଓ ଭାବନାର ଏକ ଭିନ୍ନ ମିଶ୍ରଣ ଦେଖିବାକୁ ମିଳୁଛି। ଏଥିରୁ ଅନୁମାନ କରାଯାଉଛି ଯେ ‘ରୁଦ୍ର’ କେବଳ ଜଣେ ଆକ୍ସନ୍ ହିରୋ ନୁହେଁ, ବରଂ ଗଭୀର ଭାବନା ଓ ଜଟିଳତା ଥିବା ଏକ ଚରିତ୍ର ହେବ। କ’ଣ ରହିଛି ‘ବାରାଣସୀ’ର କାହାଣୀ? ଫିଲ୍ମର କାହାଣୀକୁ ନେଇ ନିର୍ମାତାଙ୍କ ପକ୍ଷରୁ ଏପର୍ଯ୍ୟନ୍ତ ସବୁକିଛି ସ୍ପଷ୍ଟ କରାଯାଇନାହିଁ। ତେବେ ବିଭିନ୍ନ ରିପୋର୍ଟ ଅନୁସାରେ, କାହାଣୀଟି ୨୦୨୭ ମସିହାର ପୃଷ୍ଠଭୂମିରେ ଆଧାରିତ। ‘ଶାମ୍ଭବୀ’ ନାମକ ଏକ ଗ୍ରହାଣୁ ବାରାଣସୀ ଆଡ଼କୁ ମାଡ଼ି ଆସୁଥିବା ଏବଂ ଏହା ବିଶ୍ୱ ପାଇଁ ଏକ ବଡ଼ ବିପଦ ସୃଷ୍ଟି କରୁଥିବା ନେଇ ଚର୍ଚ୍ଚା ହେଉଛି।

# ଓଲିଉଡ୍‌କୁ ଏଣ୍ଟ୍ରି କରିବେ ବଲିଉଡ୍‌ର ସଞ୍ଜୟ ମିଶ୍ରା

ଦଶକର ରୋମାନ୍ସ ସହ ଓଲିଉଡ୍‌କୁ ଏଣ୍ଟ୍ରି କରିବେ ବଲିଉଡ୍ର ପ୍ରତିଷ୍ଠିତ କଳାକାର ସଞ୍ଜୟ ମିଶ୍ରା। ଯଦିଓ ତାଙ୍କ ପାଇଁ ଓଡ଼ିଶା ନୂଆ ନୁହେଁ, କିନ୍ତୁ ଓଲିଉଡ୍‌ରେ ପ୍ରବେଶ କରିବା ପ୍ରଥମ ହେବ। ପୂର୍ବରୁ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ସିନେ ନିର୍ମାତା ନୀଳମାଧବ ପଣ୍ଡାଙ୍କ ‘କଡୱି ହୱା’ରେ ମୁଖ୍ୟ ଚରିତ୍ରରେ ସେ ଅଭିନୟ କରିଥିଲେ । ଏହାର ପ୍ରଚାର, ପ୍ରସାର ପାଇଁ ସେ ଓଡ଼ିଶା ମଧ୍ୟ ଆସିଥିଲେ । ଏବେ କିନ୍ତୁ ସେ ଏକ ଓଡ଼ିଆ ସିନେମାର ଅଭିନୟ କରିବାକୁ ଯାଉଥିବା ସୂଚନା ମିଳିଛି । ଯଦିଓ ସିନେମାରେ ଶୀର୍ଷକ ଘୋଷଣା ହୋଇନି କିନ୍ତୁ ଦଶହରା ପୂଜା ବଜାରରେ ସିନେମା ଆସିବ ଏବଂ ସେଥିରେ ଦର୍ଶକ ୮୦ ଦଶକର ରୋମାନ୍ସ ପରଦାରେ ଦେଖିବାକୁ ପାଇବେ ବୋଲି ସୂଚନା ମିଳିଛି । ତାଙ୍କ ସହିତ ଓଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ ମହାଶ୍ୱେତା ରାୟ, ଅଭିନେତ୍ରୀ ଭୂମିକା ଦାଶ, ଅଭିନେତା ଆକାଶ ହୋତା, ସନୋଜ କୁମାର ଓ ପ୍ରଜ୍ଞା ମିଶ୍ରଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଅନେକ ହିନ୍ଦୀ ଫିଲ୍ମରେ ସଞ୍ଜୟଙ୍କ ଦମଦାର ଅଭିନୟର ଯାଦୁ ଦେଖିବାକୁ ମିଳିଛି। ଟେଲିଭିଜନରେ ବି କାମ କରିଛନ୍ତି ସଞ୍ଜୟ ମିଶ୍ରା । ବଲିଉଡରେ ସଞ୍ଜୟଙ୍କର ଲମ୍ବା ଫିଲ୍ମ ତାଲିକା ରହିଛି । ୧୯୯୫ରେ ‘ଓଃ ଡାର୍ଲିଂ ଏ ହୈ ଇଣ୍ଡିଆ’, ‘୧୯୯୬ରେ ରାଜକୁମାର’, ଓ୍ୱଜୁଦ ପରି ପରି ଏକାଧିକ ଫିଲ୍ମରେ ଅଭିନୟ କରିଛନ୍ତି ସଞ୍ଜୟ। ଚଳିତବର୍ଷ ନେଟଫ୍ଲିକ୍ସ ଫିଲ୍ମ ‘କର୍ତ୍ତବ୍ୟ’, ବେଙ୍ଗଲୀ ଫିଲ୍ମ ‘ପେହେରା’ରେ କାମ କରିଛନ୍ତି ।



# ଗ୍ରାମବାସୀଙ୍କୁ ଭୟଭୀତ କରି କାମ କଲା ଠିକାଦାର



## ବିନା ସୂଚନା ଫଳକରେ କାମ ଶେଷ

ତିର୍ତ୍ତୋଲ,୧୨।୮ (ସଂଚାର ବ୍ୟୁରୋ): ଗ୍ରାମର ଉନ୍ନତି ମୂଳକକାର୍ଯ୍ୟ ଯୋଗୁଁ ଡବଲ ଇଞ୍ଜିନ ସରକାର ଆଥିକ ମଞ୍ଜୁରୀ କରିଛନ୍ତି, ସେହି ଆର୍ଥିକ ମଞ୍ଜୁରୀ ସଠିକ୍ ବାଟରେ ନଯାଇ ନିମ୍ନମାନର କାର୍ଯ୍ୟରେ ଯାଉଛି ବୋଲି ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି। ଏହି ଘଟଣା ଦେଖିବାକୁ ମିଳିଛି ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ବ୍ଲକ ତୁଳଙ୍ଗ ପଞ୍ଚାୟତ ର ସୋରିଷପୋଖରି ୧୨ ନମ୍ବର କେନାଲରୁ ଚାଷୀଙ୍କ ଯାତାୟତ ବାଧାପ୍ରାପ୍ତ ହୋଇଥିବାରୁ ତତ୍କାଳୀନ କାର୍ଯ୍ୟ ପାଇଁ ଇରିଗେସନ (ସାଉଥ୍ ଡିଭିଜନ) ପକ୍ଷରୁ ଲକ୍ଷାଧିକ ଟଙ୍କାର ପୋଲ ନିର୍ମାଣ କରିବା ପାଇଁ ଅନୁମତି ଦିଆଯାଇଥିଲା। ଏହି ପୋଲରେ କାଦୁଅ ବାଲି ନିମ୍ନମାନର ଗୋଡ଼ି ସିମେଣ୍ଟ ରଡ ନିମ୍ନମାନର ସାମଗ୍ରୀ ଦେଇ ଦୀର୍ଘ ଘଣ୍ଟା ଧରି ବିଭାଗୀୟ ଅଧିକାରୀ ନଥିବା ଯୋଗୁଁ ସରକାରଙ୍କୁ ଆଖିଠାର ମାରିଲା ପରି ଠିକାଦାର ଏହି ପରି ନିମ୍ନମାନର କାମ କରୁଛନ୍ତି ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଆମ ପ୍ରତିନିଧି ବିଭାଗୀୟ ଅଧିକାରୀଙ୍କୁ ଫୋନ୍ ମାଧ୍ୟମରେ ଯୋଗାଯୋଗ କରୁଥିଲେ ମଧ୍ୟ ତାହା ସମ୍ଭବ ହୋଇନଥିଲା। ସେପଟେ ଠିକାଦାରଙ୍କ ଲମ୍ବା ହାତ ବାହୁବଳ ଯୋଗୁଁ ଗ୍ରାମବାସୀ ଙ୍କୁ ଭୟଭୀତ କରିବା ପାଇଁ ପ୍ରାୟ ୨୦ ପୋଲିସ୍ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରଶାସନ ନିର୍ଦ୍ଦେଶ କ୍ରମେ ବସି ପୋଲ ବିନା ସୂଚନା ଫଳକ ରେ କାମ ସାରିଛନ୍ତି କିନ୍ତୁ ବିଭାଗୀୟ ଅଧିକାରି ଦେଖା ନାହାଁନ୍ତି, ବୋଲି ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି। କାର୍ଯ୍ୟ ଉପରକୁ ଗ୍ରାମ ବାସୀମାନେ ଅଭିଯୋଗ କରିବାକୁ ପୋଲିସ୍ କୁ ଡରୁଥିଲେ ମଧ୍ୟ ଗଣମାଧ୍ୟମରେ ମତ ପ୍ରକାଶ କରିଛନ୍ତି। ଏଠି ପ୍ରଶ୍ନ ଉଠୁଛି ଜିଲ୍ଲା ର ଜିଲ୍ଲାପାଳ ସମସ୍ତ ସମସ୍ୟା ସମାଧାନ କରୁଥିବା ବେଳେ କିଛି ତଳିଆ କର୍ମଚାରୀ ବା ବିଭାଗୀୟ ଅଧିକାରୀ ମାନେ ସମସ୍ୟାକୁ ସମାଧାନ ନକରି ବଢେଇବାରେ ଲାଗିଛନ୍ତି। ସେପଟେ ଜେଇ, ଏ.ସ୍.ଡି.ଓ ଙ୍କପକ୍ଷରୁ କାମ ସ୍ଥଗିତ ଥିବା ଗ୍ରାମ ବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ, ଆଜି ନିଜେ କାମ ପାଖକୁ କୌଣସି ସରକାରୀ ଅଧିକାରୀ ଆସି ନଥିବା ବେଳେ, ଏହି ବାବଦରେ ପୂର୍ବରୁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରା ଯାଇଥିଲେ ମଧ୍ୟ କାମ ସୁନ, ଏଭଳି ପରିସ୍ଥିତିକୁ ନେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କ ଦୃଷ୍ଟି ଆକର୍ଷଣ ଗ୍ରାମବାସୀ ମାନେ କରିବେ ଆସନ୍ତା ସୋମବାର ବୋଲି ଜଣା ପଡ଼ିଛି। କେବଳ ସେତିକି ନୁହେଁ ଏହି କାମ ଉପରେ ଜେ.ଇ, ଏସ୍.ଡି.ଓ ଏବଂ ବିଭାଗୀୟ ଅଧିକାରି ଙ୍କ ନାମରେ ଗ୍ରାମବାସୀ ମାନେ ଭିଜିଲାନ୍ସ ତଦନ୍ତ ଦାବି ରଖିବେ ବୋଲି ଜଣାପଡ଼ିଛି। ଏହାର ଏକ କୀତା ନକଲ କ୍ୱାଲିଟୀ କଣ୍ଟ୍ରୋଲ ବିଭାଗ ଅଧିକାରୀ କୁ ଦେବେ ବୋଲି ଆଜି ଏକ ସଭା କରି ସ୍ଥିର କରିଛନ୍ତି। ଷୋରିଷପୋଖରୀ ଗ୍ରାମ ବାସୀମାନଙ୍କ ଦାବି ଓ ଗୁହାରି ଏହି ଡବଲ ଇଞ୍ଜିନ ସରକାର କେବେ ଶୁଣିବ ତାହା ସମୟ କୁ ଅପେକ୍ଷା।

## ଅନାଥ ପାଲଟିଛି ବୈଶିଙ୍ଗା ବୃହଦାକାର ବହୁମୁଖୀ ସମବାୟ ସମିତି



ବୈଶିଙ୍ଗା,୧୨।୮ (ସଂଚାର ବ୍ୟୁରୋ): ଚାଷୀ ମାନଙ୍କ ଅଂଶଧନ ଜମାକୁ ନେଇ ଗଠିତ ବୈଶିଙ୍ଗା ବୃହଦାକାର ବହୁମୁଖୀ ସମବାୟ ସମିତି ଏବେ ବାପ ଛେଉଣ୍ଡ ପାଲଟି ଯାଇଛି।ସ୍ୱାଧୀନତା ପରେ ପ୍ରଥମେ ଯେତେବେଳେ ଏହି ସମବାୟ ସଂସ୍ଥା ଗଠିତ ହେଲା ସେତେବେଳେ ଏହାର ନାମ ଥିଲା 'ଗ୍ରେନ ଗୋଲା'। ପର୍ଯ୍ୟାୟକ୍ରମେ ଏହି ସମବାୟ ସଂସ୍ଥା ବୃହଦାକାର ବହୁମୂଖୀ ସମବାୟ ସମିତି ନାମରେ ନାମିତ ହେଲା। ସରକାରୀ ସ୍ତରରେ ଜଣେ ପରିଚାଳନା ନିର୍ଦ୍ଦେଶକ (ଗଡ଼) ଭାବେ ନିଯୁକ୍ତି ଦିଆଗଲା। ଏହାର ତିନୋଟି ଶାଖା ଭାବେ ପୁରୁଣିଆ, ପାଟଳିପୁରା, ଗଡ଼ଦେଉଳିଆ ରେ ତିନିଜଣ ଶାଖା ମୂଖ୍ୟ ସହିତ କମିଚାରୀ ମାନଙ୍କୁ ନିଯୁକ୍ତ କରାଗଲା। ଚାଷୀମାନେ ଋଣ ନେଇ ନିଜ ଚାଷ କାର୍ଯ୍ୟରେ ଲଗାଇ ଉପକୃତ ମଧ୍ୟ ହେଲେ। ସରକାରୀ ସବସିଡି ରେ ବିହନ, ସାର, କୃଷି ଯନ୍ତ୍ରପାତି ମଧ୍ୟ ପ୍ରଦାନ କରାଗଲା। ପ୍ରତି ତିନି ବର୍ଷରେ ଥରେ ଡାଇରେକଟର ନିର୍ବାଚନ ହୁଏ। ସେଥି ମଧ୍ୟରୁ ଜଣଙ୍କୁ ସଭାପତି ବଛା ଯାଇଥାଏ। ଏହାପରେ ଚାଲେ ହରିଲୁଟ। ଚାଷୀ ଙ୍କ ଠାରୁ ଧାନ କିଣାରେ କଟଣି ଛଟଣି ନାମରେ ରୋଜଗାର ଅର୍ଥ ଭାଗ ବଣ୍ଟା ହୁଏ ବୋଲି କେତେକ ଉପଭୋକ୍ତା ପ୍ରକାଶ କରିଛନ୍ତି। ପୁଣି ଚଳିତ ବର୍ଷ ଖରିଫ୍ ଚାଷ ପାଇଁ ଅନଲାଇନ୍ ପଞ୍ଜିକରଣ ତିନି ଦିନ ହେବ ଆରମ୍ଭ ହୋଇଥିଲା ବେଳେ ଶହ ଶହ ଚାଷୀ ସକାଳ ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଲାଇନ ରେ ଛିଡା ହୋଇ ରହିଥିବାର ଦେଖିବାକୁ ମିଳିଛି। ପୁଣି ଯେଭଳି କଟକଣା ଜାରି କରାଯାଇଛି ତାଦ୍ୱାରା ଚାଷୀ କିପରି ଉପକୃତ ହୋଇ ପାରିବେ ତାର ନମୁନା ଦେଖିବାକୁ ବାକି ରହିଲା।

## ପହଞ୍ଚିଲା ପ୍ରେମ ପ୍ରବାହିନୀ ରଥ, ସାଇପ୍ରେମୀଙ୍କ ସ୍ୱାଗତ



ସୁବର୍ଣ୍ଣପୁର,୧୨।୮ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲାର ଅଗ୍ରଣୀ ଧାର୍ମିକ ତଥା ସେବା ଅନୁଷ୍ଠାନ ସତ୍ୟ ସାଇ ସେବା ସମିତି ସୁବର୍ଣ୍ଣପୁର ପକ୍ଷ ରୁ ବାଙ୍ଗାଲୋର ରୁ ଆସିଥିବା ସାଇ ଙ୍କ ଚେତନା ରଥ ପ୍ରେମ ପ୍ରବାହିନି ରଥ ଜିଲ୍ଲାର ସଦର ମହକୁମା ରେ ପହଞ୍ଚିବା ପରେ ସତ୍ୟ ସାଇ ପ୍ରେମୀ ଙ୍କ ଦ୍ୱାରା ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଅଛି।ବହୁ ସତ୍ୟ ସାଇ ପ୍ରେମୀ ସାଇ ଙ୍କ ଦିବ୍ୟ ପାଦୁକ ଦର୍ଶନ କରି ନିଜକୁ ଧନ୍ୟ ମନେ କରିଛନ୍ତି। ଜିଲ୍ଲା ତଥା ଜିଲାର ବିଭିନ୍ନ ପ୍ରାନ୍ତ କୁ ଏ ରଥ ଯାଇ ପୁଣିଥରେ ନିକଟବର୍ତ୍ତୀ ବୌଦ୍ଧ ଜିଲ୍ଲା ତଥା ସାରା ରାଜ୍ୟ ରେ ବୁଲିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଏହି ରଥ ଗତ ଗୁରୁ ପୂର୍ଣ୍ଣିମା ରୁ ବାହାରି ସାର ରାଜ୍ୟକୁ ପରି ଭ୍ରମଣ କରି ପୁଣି ବାଙ୍ଗାଲୋର କୁ ଫେରି ଯିବାର କାର୍ଯ୍ୟକ୍ରମ ରହିଛି। ଆଜି ସୁବର୍ଣପୁର ଜିଲ୍ଲାର ସାଇ ପ୍ରେମୀ ସୂର୍ଯ୍ୟ ନାରାୟଣ ମହାପାତ୍ର ଉଚ, ପ୍ରଶାନ୍ତ ପଟ୍ଟନାୟକ ସମିତି ଆବାହକ, ମଙ୍ଗୁଳୁମେହର, ଆରତୀ ଖମାରୀ, ଟିକେଶ୍ୱରୀ ମେହେର, ସଂନ୍ଧ୍ୟା ପାତ୍ର, ସୁଶାନ୍ତ ସାହୁ, ଜୟନ୍ତି ରଥ, ବୃନ୍ଦାବନରଥ, ସାଇ ପରିବାର ସୁବର୍ଣ୍ଣପୁର ଉପସ୍ଥିତ ରହି କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ।

## ଇନୋଭେସନ ଓ ଷ୍ଟାର୍ଟଅପ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ



ସୁବର୍ଣ୍ଣପୁର,୧୨।୮ (ସଂଚାର ବ୍ୟୁରୋ): ସୋନପୁର ବିଜୁପଟ୍ଟନାୟକ ମହିଳା ସ୍ନାତକ ମହାବିଦ୍ୟାଳୟରେ ଚାଲିଥିବା ଇନୋଭେସନ ଓ ଷ୍ଟାର୍ଟଅପ ଓଡ଼ିଶା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଆନୁକୁଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ରୀତାରାଣୀ ପୂଜାରୀ ସଭାପତିତ୍ୱ କରିଥିଲେ। ସର୍ବମୋଟ ୨୦ ଟି ପ୍ରକଳ୍ପ ମଧ୍ୟରୁ ବେଷ୍ଟ ଥ୍ରୀ ପ୍ରକଳ୍ପକୁ ଚୟନ କରାଯାଇ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁ ପଠାଯିବ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ସୋନପୁର ର ଜଣାଶୁଣା ବ୍ୟବସାୟୀ ଶୁକ୍ଳାମ୍ବର ପାଣିଗ୍ରାହୀ ଓ ଆଲୁମିନି କମିଟି ର ସଦସ୍ୟା ସୁଶ୍ରୀ ଉଷାଶ୍ରୀ ସରାଫ ବିଚାରକ ଭାବେ ଯୋଗଦେଇ ସଫଳ ଉଦ୍ୟୋଗୀ ହେବାକୁ ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରୋଗ୍ରାମ ଅଫିସର ତଥା ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ଦୁଃଖିଶ୍ୟାମ ମେହେର ଷ୍ଟାର୍ଟଅପ ଓଡ଼ିଶା କାର୍ଯ୍ୟକ୍ରମ ର ମହତ୍ତ୍ୱ ଏବଂ ଉଦ୍ଦେଶ୍ୟ ବିଷୟ ରେ ଛାତ୍ରୀ ମାନଙ୍କୁ ବୁଝାଇଥିଲେ। ଗଣିତ ଅଧ୍ୟାପକ କ୍ଷୀରୋଦ କୁମାର ମେହେର ସଭା ପରିଚାଳନା କରିଥିବା ବେଳେ ରସାୟନ ବିଜ୍ଞାନ ଡେମନଷ୍ଟ୍ରେଟର ମଦନ ମୋହନ ପଣ୍ଡା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ର ଅନ୍ତର୍ଯ୍ୟାମୀ ମିଶ୍ର, ଚେରବୁଇ ହୋତା, ଦିନେଶ କୁମାର ନାଏକ, ସୁଦାମ ଚରଣ ସାହୁ, ପ୍ରଦୀପ୍ତ କୁମାର ଦାସ, ମିତ୍ରଭାନୁ ଦନ୍ତା, ହରିଓମ୍ କୁଶଳ, ଆଶୁତୋଷ ପର୍ଦିଆ ଉମାକାନ୍ତ ସୁନା, ସୁରେନ୍ଦ୍ର ଛତ୍ରିଆ, ସୁପ୍ରିୟା ହୋତାଙ୍କ ସମେତ ଶତାଧିକ ଛାତ୍ରୀ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ଆପାତକାଳୀନ ବୈଠକ ଅନୁଷ୍ଠିତ



ସୁବର୍ଣ୍ଣପୁର,୧୨।୮ (ସଂଚାର ବ୍ୟୁରୋ): ଜିଲ୍ଲା ଆପାତକାଳୀନ ବୈଠକ ଅତିରିକ୍ତ ଜିଲ୍ଲାପାଳ, (ସାଧାରଣ) ଅଞ୍ଜଳିନା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ରାସାୟନିକ ଦୁର୍ଘଟଣା ଓ ଏହାର ସଠିକ ପରିଚାଳନା ନିମିତ୍ତ ଆପାତକାଳୀନ ପ୍ରସ୍ତୁତି ଏବଂ ମୁକାବିଲା ପଦକ୍ଷେପ ବିଷୟରେ ସମୀକ୍ଷା କରଯାଇଥିଲା। ଆସିଷ୍ଟାଣ୍ଟ ଡିରେକ୍ଟର ଫ୍ୟାକ୍ଟ୍ରି ଆଣ୍ଡ ବଏଲର, ବଲାଙ୍ଗିର ମଣ୍ଡଳ ଦୃଶ୍ୟଶ୍ରାବ୍ୟ ଉପସ୍ଥାପନ ମାଧ୍ୟମରେ ବୈଠକର ଲକ୍ଷ୍ୟ ଉଦ୍ଦେଶ୍ୟ ବର୍ଣ୍ଣନା କରିବା ସହ ଜିଲ୍ଲା ଆପାତକାଳୀନ ଦଳର କାର୍ଯ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଜିଲ୍ଲାରେ ଥିବା କ୍ଷୁଦ୍ର ଫ୍ୟାକ୍ଟ୍ରି ଗୁଡିକର ପରିଚାଳକ/ମାଲିକ ମାନେ ଆପାତକାଳୀନ ପରିସ୍ଥିତି ଉପୁଜିଲେ ବା ଆପାତକାଳୀନ ରାସାୟନିକ ଦୁର୍ଘଟଣା ପରିଚାଳନା ପାଇଁ ବିପର୍ଯ୍ୟୟ ପୂର୍ବରୁ, ବିପର୍ଯ୍ୟୟ ସମୟରେ ଓ ବିପର୍ଯ୍ୟୟ ପରବର୍ତ୍ତୀ ସମୟରେ କଣ କଣ ପଦକ୍ଷେପ ନେଇଛନ୍ତି ବା କଣ କଣ ପଦକ୍ଷେପ ଗ୍ରହଣ କରିବେ ତାହା ଦୃଶ୍ୟଶ୍ରାବ୍ୟ ମାଧ୍ୟମରେ ଉପସ୍ଥାପନା କରିଥିଲେ। ସୁବର୍ଣ୍ଣପୁର ଜିଲ୍ଲା ଅନର୍ଗତ ସଡକ ପଥରେ ପରିବହନ ହେଉଥିବା ରାସାୟନିକ ପଦାର୍ଥ ଓ ବିପଦପୂର୍ଣ୍ଣ ଗ୍ୟାସ ଦୁର୍ଘଟଣା ଘଟିଲେ ତାହାର ସୁପରିଚାଳନା କିପରି କରାଯାଇପାରିବ ସେଥି ନିମିତ୍ତ ଏକ ଆଦର୍ଶ କାର୍ଯ୍ୟ ନିର୍ବାହ ନିୟାମକ ବା ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡୋର (ଏସଓପି) ପ୍ରସ୍ତୁତ କରିବା ଉପରେ ଆଲୋଚନା କରାଗଲା।

## ଟେକଗୁଡ଼ା ଜଙ୍ଗଲରେ ଭାଲୁ ଆତଙ୍କ



ମାଲକାନଗିରି,୧୨।୮ (ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ବଡିଗାଟା ପଞ୍ଚାୟତ ଅନ୍ତର୍ଗତ ଟେକଗୁଡ଼ା ଗ୍ରାମରେ ମଙ୍ଗଳବାର ଦିନ ଗାଈ ଚରାଇବାକୁ ଯାଇଥିବା ଜଣେ ବ୍ୟକ୍ତିଙ୍କୁ ଭାଲୁ ଆକ୍ରମଣ କରିଥିଲା। ଗୁରୁତର ଆହତ ବ୍ୟକ୍ତି ଜଣକ ହେଲେ ଗ୍ରାମର ଦେବା ମାଡକାମୀ। ସୂଚନା ଅନୁସାରେ, ଦେବା ମାଡକାମୀ ମଙ୍ଗଳବାର ଅପରାହ୍ନରେ ଗ୍ରାମ ନିକଟସ୍ଥ ଜଙ୍ଗଲକୁ ଗାଈ ଚରାଇବା ପାଇଁ ଯାଇଥିଲେ। ଏହି ସମୟରେ ଦୁଇଟି ଛୁଆ ସହ ଥିବା ଗୋଟିଏ ଭାଲୁ ହଠାତ୍ ତାଙ୍କୁ ଆକ୍ରମଣ କରିଥିଲା। ଭାଲୁଟି ପ୍ରଥମେ ତାଙ୍କ ଗୋଡକୁ କାମୁଡିଥିଲା। କୌଶଳେ କ୍ରମେ ଦେବା ମାଡକାମୀ ଭାଲୁ କବଳରୁ ଜୀବନ ବଞ୍ଚାଇ ପଳାଇ ଆସିଥିଲେ। ଘଟଣା ବିଷୟରେ ଖବର ପାଇ ଗ୍ରାମବାସୀ ତୁରନ୍ତ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ବର୍ତ୍ତମାନ ସେ ଚିକିତ୍ସିତ ହେଉଛନ୍ତି ଏବଂ ତାଙ୍କ ଅବସ୍ଥା ସ୍ଥିର ରହିଥିବା ଜଣାପଡ଼ିଛି। ଏହି ଘଟଣା ପରେ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ଗ୍ରାମବାସୀମାନେ ବନ ବିଭାଗକୁ ଜଙ୍ଗଲ ନିକଟରେ ପେଟ୍ରୋଲିଂ ବଢ଼ାଇବା ଏବଂ ଲୋକଙ୍କୁ ସତର୍କ କରିବାକୁ ଦାବି କରିଛନ୍ତି। ଏ ବିଷୟରେ ବନ ବିଭାଗର ପ୍ରତିକ୍ରିୟା ମିଳିପାରିନାହିଁ।

## ନାବାଳିକାକୁ ଯୌନ ନିର୍ଯାତନା, ସୁନା ଚୋରିରେ ୪ ଗିରଫ

ଗଞ୍ଜାମ,୧୨।୮ (ସଂଚାର ବ୍ୟୁରୋ): ବଡ଼ବଜାର ଥାନା ପୋଲିସ ଜଣେ ସତର ବର୍ଷୀୟା ନାବାଳିକାଙ୍କ ଅଭିଯୋଗ ଆଧାରରେ ମାମଲା ନମ୍ବର ଛଅ ଶହ ସାତ ଦୁଇ ହଜାର ଛବିଶ ରୁଜୁ କରିଛି।ଅଭିଯୋଗ ଅନୁସାରେ ମୁଖ୍ୟ ଅଭିଯୁକ୍ତ ରାଜେଶ ପାଣିଗ୍ରାହୀନାବାଳିକା ପରିବାରକୁ କ୍ଷତି ପହଞ୍ଚାଇବାର ଧମକ ଦେଇ ବାରମ୍ବାର ନାବାଳିକାଙ୍କୁ ଯୌନ ନିର୍ଯାତନା ଦେଇଥିଲେ। ପରେ ସେ ଓ ଅନ୍ୟମାନେ ଘରୁ ସୁନା ଅଳଙ୍କାର ଚୋରି କରି ତରଳାଇ ବିକ୍ରି କରିଦେଇଥିଲେ। ସେଇ ଟଙ୍କାରେ ଦୁଇଟି ଚାରି ଚକିଆ ଗାଡ଼ି ଓ ଗୋଟିଏ ଦୁଇ ଚକିଆ ଗାଡ଼ି କିଣିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ- ରାଜେଶ ପାଣିଗ୍ରାହୀ ଉର୍ଫ ରାଣୀ ପଣ୍ଡା, ବୟସ ଛବିଶ, ଶିବା ସ୍ୱାଇଁ, ବୟସ ୩୨, ଏ. ମନୋଜ କୁମାର ସେନାପତି, ବୟସ ୬୭, କେ. ମଲ୍ଲିକା ଅର୍ଜୁନ ରାଓ, ବୟସ ଷାଠିଏ। ଦୁଇଟି ଚାରି ଚକିଆ ଗାଡ଼ି, ଗୋଟିଏ ଦୁଇ ଚକିଆ, ତରଳା ସୁନା ଛପନ ଦଶମିକ ପାଞ୍ଚଶହ ଗ୍ରାମ, ମୋବାଇଲ୍ ଓ ପନ୍ଦର ଲକ୍ଷ ଟଙ୍କା ନଗଦ ପୁଲିସ ଜବତ କରିଛି।ଗତକାଲି ଚାରି ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ମାମଲାର ତଦନ୍ତ ଜାରି ରହିଛି।

## ଛେଳି ଚୋରି କରି ୱାର୍ଡମେମ୍ବର ଗିରଫ

ଗଞ୍ଜାମ,୧୨।୮(ସଂଚାର ବ୍ୟୁରୋ): ଶେରଗଡ଼ ପଞ୍ଚାୟତର ଜଣେ ୱାର୍ଡ ମେମ୍ବର ପାଞ୍ଚଟି ଛେଳି ଚୋରି କରି ଧରା ପଡ଼ି ଗିରିଫ ହୋଇଥିବା ଘଟଣା ଗଂଜାମ ଜିଲାରେ ବିସ୍ମୟ ସୃଷ୍ଟି କରିଛି। ଶେରଗଡ଼ ଥାନା ସାମନ୍ତ ସାହିର ପଞ୍ଚୁ ଗୌଡ କେଉଟ ସାହି ମଶାଣୀ ନିକଟରେ ଛେଳି ଚରାଇବାକୁ ନେଇ ଛେଳି ମେଳ ରଖି ଘରକୁ ଆସିଥିଲା। ଏହାର ସୁଯୋଗ ନେଇ ୱାର୍ଡ ସଭ୍ୟ ଦେବରାଜ ଗୌଡ ସେଥିରୁ ୫ଟି ଛେଳି ଚୋରି କରି ଗୋଟିଏ ଅଟୋରେ ନେଇ ବଡଗଡ଼ ଥାନାର କସେଇ ଗାଁର ଚନ୍ଦ୍ର ଗୌଡଙ୍କ ଛେଳି ଗୋଠରେ ଛାଡି ଆସି ଥିଲେ। ଏ ସମ୍ପର୍କରେ ସୂର୍ଯ୍ୟ ମହାନ୍ତିଙ୍କ ଠାରୁ ପଞ୍ଚୁ ଗୌଡ ସୂଚନା ପାଇବା ପରେ ଶେରଗଡ଼ ଥାନାରେ ଅଭିଯୋଗ କରିଥିଲେ। ଅତିରିକ୍ତ ଥାନା ଅଧିକାରୀ ୱାନ ରଞ୍ଜନ ସେଠୀ ଓ ରାଜା ରଞ୍ଜନ ନାୟକ ଘଟଣାର ତଦନ୍ତ କରି ସତ୍ୟାସତ୍ୟ ତଥ୍ୟ ପାଇ ୱାର୍ଡ ସଭ୍ୟ ଦେବରାଜ ଗୌଡକୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଛି। ଏସମ୍ପର୍କରେ ଥାନାରେ ୨୬୯/୨୬ରେ ଏକ ମାମଲା ରୁଜୁ ହୋଇଛି।

### ଜମି ଦଲାଲଙ୍କ କବଜାରେ ଚାଷ ଜମି

## ସୁବର୍ଣ୍ଣରେଖା ଜଳସେଚନ ଦିଗହରା



ବୈଶିଙ୍ଗା,୧୨।୮ (ସଂଚାର ବ୍ୟୁରୋ): ସରକାର ଙ୍କ ତରଫରୁ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ଚାଲିଥିବା ସୁବର୍ଣ୍ଣରେଖା ଜଳସେଚନ କେନାଲ ଏବେ ଦିଗହରା ହୋଇ ପଡ଼ିଥିବାର ପରିଲକ୍ଷିତ ହେଉଛି। ଏହାର ପ୍ରକୃତ କାରଣ ହେଉଛି ଜମି ମାଫିଆ ଙ୍କ ଦାଦାଗିରି। ଏକର ଏକର ଚାଷ ଜମିକୁ କମ୍ ଦାମରେ କିଣି ସେଥିରେ ରାସ୍ତା ତିଆରି କରିବା ସହିତ ପ୍ଲଟିଂ କରି ଚଢା ଦାମ୍ ରେ ଘରାବାରି ସୂତ୍ରରେ ବିଭିନ୍ନ ଲୋକଙ୍କୁ ବିକ୍ରୀ କରି ମୁନାଫା ହାତେଇବା ଏହାର ମୂଖ୍ୟ ଉଦ୍ଦେଶ୍ୟ ବୋଲି ଅଭିଯୋଗ ହେଉଛି। ଏହାର ନମୂନା ଦେଖିବାକୁ ମିଳିଛି ବୈଶିଙ୍ଗା ନିକଟସ୍ଥ ବୈଶିଙ୍ଗା -ଚାଇଁପୁରିଆ-ମହୁରୀ ମୌଜାରେ ଚାଲିଥିବା ଜମି ପ୍ଲଟିଂ ରୁ।ବୃହତ୍ ସୁବର୍ଣ୍ଣରେଖା କେନାଲ ମୟୂରଭଞ୍ଜ ଜିଲ୍ଲାରେ ଲକ୍ଷ୍ମିପୋଷି ନିକଟରୁ ବିଭାଜିତ ହୋଇ ଏକ କେନାଲ ପତଡା-ବୈଶିଙ୍ଗା - ଚାଇଁପୁରିଆ ହୋଇ ମହୁରୀ ନିକଟରେ ବୈଶିଙ୍ଗା -ରୁପସା ଆର.ଡି ରାସ୍ତା ପାରି ହୋଇ ତଳକୁ ତଳକୁ ଯିବା ପାଇଁ କେନାଲ କାର୍ଯ୍ୟ ଆରମ୍ଭ ହୋଇ ଯାଇଛି।ଏହି କେନାଲ ପାଣି ଦ୍ୱାରା ଚାଷିତ ଜମି ଗୁଡିକ ଘରବାରି ହୋଇନ ପାରିପାର ନିୟମ ରହିଛି। ମାତ୍ର ତହସିଲଦାର ମୋଟା ଅଙ୍କର ବଟୀ ନେଇ ଶାରଦ-୧ ଓ ଶାରଦ-୨ କିସମର ଚାଷ ଉପଯୋଗୀ ଜମିକୁ ଘରବାରୀ କରି ଦେଉଥିବାର ଅଭିଯୋଗ ହେଉଛି। ଏତଦ୍ ବ୍ୟତୀତ ଏହି ଚାଷ ଜମିରେ ରାସ୍ତା ତିଆରି କରିବା ପାଇଁ ସରକାରୀ ରାୟାଲଟି ଫାଙ୍କି ଜମି ମାଫିଆ ମାନେ ଶହ ଶହ ଟ୍ରକ୍ ମୋରମ ଓ ବାଲି ଦିନ ରାତି ବୋହୁଥିବାର ଦେଖିବାକୁ ମିଳିଛି। ଏଭଳି ଘଟଣାକୁ ସାଧାରଣ ଲୋକେ ଫୋନ ଯୋଗେ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବାର ଅଭିଯୋଗ ରେ ଦର୍ଶାଇଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠୁଛି ସୁବର୍ଣ୍ଣରେଖା ଜଳସେଚନ ଯୋଜନା ଏବେ ଦିଗହରା ହୋଇଯାଇଛି। କେବେ କେନାଲ ନିର୍ମାଣ କାର୍ଯ୍ୟ ସରିବ ଏବଂ କେବେ ଚାଷୀ ଏହି ପାଣିରୁ ଉପକୃତ ହେବେ ଦେଖିବାକୁ ବାକି ରହିଲା।

### ● ରାସ୍ତା ନଥିବାରୁ ନାଳ ପାଖରେ ଅଟକିଲା ଆମ୍ବୁଲାନ୍ସ

## ଖଟିଆରେ ମୃତଦେହ ବୋହିଲେ ଗ୍ରାମବାସୀ



ଥୁଆମୂଳ ରାମପୁର,୧୨।୮ (ସଂଚାର ବ୍ୟୁରୋ): ସ୍ୱାଧୀନତାର ୮୦ ବର୍ଷ ପୂର୍ତ୍ତି ଆଡ଼କୁ ଦେଶ ଆଗେଇ ଚାଲିଥିବା ବେଳେ ରାଜ୍ୟର ଦୁର୍ଗମ ଅଞ୍ଚଳରେ ଯାତାୟାତ ଓ ସ୍ୱାସ୍ଥ୍ୟସେବାର କରୁଣ ଚିତ୍ର ପୁଣି ଥରେ ପଦାରେ ପଡ଼ିଛି। କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ୍ ପାଡେପଦର ପଞ୍ଚାୟତ ଖମାରପଦର ଭାଟିଫାସ ଗ୍ରାମର ୩୫ ବର୍ଷୀୟ ଯୁବକ ସିବା ମାଝୀ ହାଇଦ୍ରାବାଦରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ବେଳେ ଗତ ୧୦ ତାରିଖରେ ତାଙ୍କର ଅକାଳ ବିୟୋଗ ଘଟିଥିଲା। ମଙ୍ଗଳବାର ରାତିରେ ସମ୍ପୃକ୍ତ କମ୍ପାନୀ ପକ୍ଷରୁ ଏକ ଆମ୍ବୁଲାନ୍ସ ଯୋଗେ ମୃତଦେହ ଗାଁକୁ ପଠାଯାଇଥିଲା। ତେବେ ଡୁମୁଣୀ ନାଳ ନିକଟରେ ରାସ୍ତାର ଅତ୍ୟାଧିକ କାଦୁଅ ଓ ଶୋଚନୀୟ ସ୍ଥିତି ଯୋଗୁଁ ଆମ୍ବୁଲାନ୍ସଟି ଆଉ ଆଗକୁ ଯାଇନପାରି ଅଟକି ଯାଇଥିଲା। ଗ୍ରାମବାସୀ ଗାଡ଼ିଟିକୁ କାଢ଼ିବାକୁ ଚେଷ୍ଟା କରି ବିଫଳ ହେବାରୁ ରାତିସାରା ମୃତଦେହ ନାଳ ନିକଟରେ ପଡ଼ିରହିଥିଲା। ବୁଧବାର ସକାଳେ ଗ୍ରାମବାସୀ ଓ ପରିବାର ଲୋକେ ଏକ ଖଟିଆରେ ମୃତଦେହକୁ ବାନ୍ଧି ପ୍ରାୟ ୮ କିଲୋମିଟର କାଦୁଅ ରାସ୍ତାରେ ବୋହି ଗାଁକୁ ନେବା ପରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ନିଃସନ୍ତାନ ସିବାଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ରଶ୍ମି ମାଝୀ, ବୃଦ୍ଧା ମା' ଯମୁନା ମାଝୀ ଏବଂ ପାରାଲିସିସ୍ ଆକ୍ରାନ୍ତ ଶ୍ୱଶୁର ଅସହାୟ ହୋଇପଡ଼ିଛନ୍ତି। ନିଜସ୍ୱ ଜମି, ରାସନ କାର୍ଡ କିମ୍ବା ଆଧାର କାର୍ଡ ନଥିବାରୁ ଏହି ପରିବାର ସରକାରୀ ସାମାଜିକ ସୁରକ୍ଷା ଭତ୍ତା ଓ ମାଗଣା ଚିକିତ୍ସା ସହାୟତାରୁ ବଞ୍ଚିତ ରହିଛନ୍ତି।

## ନିଯୁକ୍ତି ଶେରଗଡ଼ ବ୍ଲକରେ, ରହଣୀ ବ୍ରହ୍ମପୁର ସହରରେ

ଗଞ୍ଜାମ,୧୨।୮(ସଂଚାର ବ୍ୟୁରୋ): ଜନସାଧାରଣଙ୍କୁ ଉତ୍ତମସେବା ଯୋଗାଇ ଦେବା ପାଇଁ ଅଧିକାରୀ ମାନେ ନିଜ କର୍ତ୍ତବ୍ୟ କୁ ସୁଚାରୁ ରୂପେ ତୁଲାଇବା ପାଇଁ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। କିନ୍ତୁ ଗଞ୍ଜାମ ଜିଲ୍ଲାର ଶେରଗଡ଼ ବ୍ଲକ ରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ବ୍ଲକ ରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ମାନେ ଶେରଗଡ଼ ହେଡକ୍ୱାଟର ନରହି ଶେରଗଡ଼ ଠାରୁ ୪୫କିଲୋମିର ଦୂର ବ୍ରହ୍ମପୁର ସହରରେ ରହି ଅୟସ କରୁଛନ୍ତି। ଅଧିକାଂଶ ଯନ୍ତ୍ରୀ କ୍ୱାଟର ପାଇଥିଲେ ମଧ୍ୟ ତାହା ଖାଲି ପଡ଼ିଛି। ସପ୍ତାହରେ ଥରେ ଅଧେ ବ୍ରହ୍ମପୁରରୁ ଶେରଗଡ଼ ଆସି ଦାୟିତ୍ୱ ତୁଲାଇ ଦେଉଛନ୍ତି। ଫଳରେ ଏଠାରେ ବିକାଶ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏଠାରେ ଯନ୍ତ୍ରୀ ଓ ଠିକାଦାରଙ୍କ ସଲାସୁତରାରେ ବିକାଶ ତଥା ଉନ୍ନୟନ କାର୍ଯ୍ୟ ଚାଲିଥିବା ଅଭିଯୋଗ ହୋଇଛି ଓ କାର୍ଯ୍ୟ ନିମ୍ନମାନର ହେଉଛି।

## ଚାରି ଗୋ-ତସ୍କର କୋର୍ଟ ଚାଲାଣ: କଣ୍ଟେନର ଜବତ



ବୈଶିଙ୍ଗା,୧୨।୮(ସଂଚାର ବ୍ୟୁରୋ): ମଙ୍ଗଳବାର ରାତି ୧୧ଟା ସମୟରେ ଏକ କଣ୍ଟେନରକୁ ପିଛା କରି ଅଟକାଇଥିଲେ ୨୦ ରୁ ଅଧିକ ବିଶ୍ୱ ହିନ୍ଦୁ ପରିଷଦର କର୍ମୀ। ବିଶେଷ ସୂତ୍ରରୁ ଖବର ପାଇ (ବିଆର୦୬ଜିଜି-୪୬୦୩) ନଂ ଥିବା ଏକ କଣ୍ଟେନରରେ ବହୁ ସଂଖ୍ୟାରେ ଗୋରୁ ଗାଈଙ୍କୁ ନେଇ ଯାଉଥିବା ନେଇ ବିଶ୍ୱ ହିନ୍ଦୁ ପରିଷଦର କର୍ମୀମାନଙ୍କ ନିକଟରେ ନିର୍ଦ୍ଦିଷ୍ଟ ସୂଚନା ପହଞ୍ଚିଥିଲା । ବେତନଟୀ ଅଞ୍ଚଳରୁ କର୍ମୀମାନେ ପିଛା କରି ବୈଶିଙ୍ଗା ଥାନା ଅଧୀନ ହାତୀଝୁରି ନିକଟରେ କଣ୍ଟେନରକୁ ଅଟକାଇଥିଲେ ଏବଂ ବୈଶିଙ୍ଗା ପୋଲିସ ପାଟ୍ରୋଲିଂ ଟିମ୍ କୁ ଖବର ଦେଇଥିଲେ । ଖବରପାଇ ବୈଶିଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ କଣ୍ଟେନର ଖୋଲି ଯାଞ୍ଚ କରାଯାଇଥିଲା। ଏଥିରେ ୩୦ରୁ ଅଧିକ ଗାଈ ବାଛୁରୀ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ବୋଝେଇ ହୋଇଥିବା ଦେଖାଯାଇଥିଲା। ପରେ ପୋଲିସ କଣ୍ଟେନରକୁ ନିଜ ହେପାଜତକୁ ନେଇ ୪୦୧ ନଂ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ଚାଳକର କହିବା ଅନୁଯାୟୀ କଣ୍ଟେନରଟି ବିହାର ମୁଜାଫରପୁର ଅଞ୍ଚଳରୁ ବିଶାଖାପାଟଣା ଯାଉଥିଲା । ତେବେ ଗୋରୁମାନଙ୍କୁ କଣ୍ଟେନର ଯୋଗେ ପରିବହନ ପାଇଁ ଆବଶ୍ୟକ ଅନୁମତି ଥିଲା କି ନାହିଁ, ସେନେଇ ପୋଲିସ ତଦନ୍ତ ଚଳାଇଛି । ଘଟଣାରେ କଣ୍ଟେନରକୁ ଜବତ ପୂର୍ବକ କଣ୍ଟେନର ଚାଳକ ଓ ତାଙ୍କ ସହିତ ଥିବା ଅନ୍ୟ ୩ଜଣଙ୍କୁ ଗିରଫ କରାଯାଇ ବୁଧବାର କୋର୍ଟ ଚାଲାଣ କରାଯାଇଛି। ଅନ୍ୟପଟେ ମଧ୍ୟରାତ୍ରିରେ ସ୍ଥାନୀୟ ପ୍ରାଣୀଧନ ଚିକିତ୍ସକଙ୍କ ଦ୍ୱାରା ସମସ୍ତ ଗାଈ ଓ ବାଛୁରୀଙ୍କର ସ୍ୱାସ୍ଥ୍ୟ ଅବସ୍ଥା ପରୀକ୍ଷା ପରେ ସୁରକ୍ଷିତ ଭାବେ ବାଲେଶ୍ୱର ସ୍ଥିତ ଗୋଶାଳାକୁ ପଠାଇ ଦିଆଯାଇଛି ।

ବୈଶିଙ୍ଗା,୧୨।୮(ସଂଚାର ବ୍ୟୁରୋ): ମଙ୍ଗଳବାର ରାତିରେ ଗୋଚାଲାଣ ଅଭିଯୋଗରେ ଗିରଫ ୪ ଜଣ ବିହାର ରାଜ୍ୟର ଲାଲ ବାବୁ, ଅଖିଳେଶ ମାଝି, ଅବଧେସ ମାଝୀ, ମହମ୍ମଦ ପରଭେଜ୍ ଙ୍କୁ କୋର୍ଟ ଚାଲାଣ କରାଯାଇଛି ।





### ● ବରଗଡ଼ ଓକିଲ ସଂଘ ସଭାପତିଙ୍କୁ ଆକ୍ରମଣ ଘଟଣା

## ଜିଲ୍ଲାପାଳ ଓ ଏସପିଙ୍କୁ ଭେଟିଲା ଅଲ୍ ଓଡ଼ିଶା ଲୟର୍ସ ଆସୋସିଏସନ୍



ବରଗଡ଼,୧୨।୮(ସଂଚାର ବ୍ୟୁରୋ): ବରଗଡ଼ ଜିଲା ଓକିଲ ସଂଘ ସଭାପତି ଭୀଷ୍ମଦେବ ସରାଫଙ୍କ ପ୍ରତି ଗତ ୬ ତାରିଖରେ ହୋଇଥିବା ଆକ୍ରମଣ ଘଟଣାର ତ୍ୱରିତ ତଦନ୍ତ ଏବଂ ଆଇନଜୀବୀମାନଙ୍କୁ ଆବଶ୍ୟକୀୟ ସୁରକ୍ଷା ପ୍ରଦାନ ଦାବିରେ ଅଲ୍ ଓଡିଶା ଲୟର୍ସ ଆସୋସିଏସନ୍ ପକ୍ଷରୁ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ଏସପି ରବିନ୍ଦ୍ରନାଥ ଶତପଥୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବରଗଡ଼ ଜିଲା ବାର୍ ଆସୋସିଏସନ୍‌ର ସଭାପତି ଏବଂ ଅଲ୍ ଓଡିଶା ଲୟର୍ସ ଆସୋସିଏସନର କାର୍ଯ୍ୟକାରୀ ସଭାପତି ଭାବେ ଦାୟିତ୍ୱ ତୁଲାଇ ଆସୁଥିବା ସରାଫଙ୍କ ଉପରେ ହୋଇଥିବା ଏହି ଆକ୍ରମଣକୁ ଆସୋସିଏସନ୍ ପକ୍ଷରୁ ଦୃଢ଼ ନିନ୍ଦା କରାଯିବା ସହ ଉଦ୍‌ବେଗ ପ୍ରକାଶ ପାଇଛି। ଆଇନଜୀବୀମାନେ ନିଜର ବୃତ୍ତିଗତ ଦାୟିତ୍ୱ ତୁଲାଇବା ସମୟରେ କୌଣସି ଭୟ କିମ୍ବା ହିଂସା ବିନା ମର୍ଯ୍ୟାଦାର ସହିତ କାର୍ଯ୍ୟ କରିବାର ସୁଯୋଗ ପାଇବା ଆବଶ୍ୟକ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ମାମଲାରେ ବରଗଡ଼ ଟାଉନ୍ ଥାନାରେ (ମାମଲା ନଂ-୪୬୨/୨୦୨୬) ଏତ୍‌ଲା ରୁଜୁ ହୋଇସାରିଥିବା ବେଳେ, ସମ୍ପୃକ୍ତ ଅପରାଧୀମାନଙ୍କୁ ବିନା କୌଣସି ବିଳମ୍ବରେ ଗିରଫ କରାଯିବା, ମାମଲାର ନିରପେକ୍ଷ ତଦନ୍ତ ସୁନିଶ୍ଚିତ ହେବା, ଆବଶ୍ୟକ ସ୍ଥଳେ ସ୍ପେଶାଲ ପବ୍ଲିକ ପ୍ରୋସିକ୍ୟୁଟର ନିଯୁକ୍ତି ଏବଂ ଆଇନଜୀବୀଙ୍କ ସୁରକ୍ଷା ପାଇଁ ଦାବି କରାଯାଇଛି।

### ● ଲୁଟ୍ ଉଦ୍ୟମରେ ବିଳମ୍ବିତ ରାତିରେ ଜଣଙ୍କୁ ହତ୍ୟା

## ଦୁଇ ସନ୍ଦିଗ୍ଧଙ୍କୁ ମାରାଥନ ଜେରା

ସମ୍ବଲପୁର,୧୨।୮(ସଂଚାର ବ୍ୟୁରୋ): ସମ୍ବଲପୁରରେ ଗତ ମଙ୍ଗଳବାର ପ୍ରାୟ ରାତି ୨ରୁ ୩ଟା ମଧ୍ୟରେ ଟାଉନ୍ ଥାନା ଅନ୍ତର୍ଗତ ଫିସରିବନ୍ଧ ନିକଟରେ ଜଣେ ବୟସ୍କ ବ୍ୟକ୍ତିଙ୍କୁ ଲୁଟ୍ ଉଦ୍ୟମରେ ହତ୍ୟା କରାଯାଇଛି। ମୃତକ ଜଣଙ୍କ କ୍ଷେତରାଜପୁର ଅଞ୍ଚଳର ଗୋପାଳ ବଂଶଲ ବୋଲି ଜଣାପଡ଼ିଛି। ଏହି ଘଟଣାର ସୁରାକ୍ ପାଇବା ପରେ ପୋଲିସ ତୁରନ୍ତ ଛାନଭିନ୍ କରି ଦୁଇଜଣ ସନ୍ଦିଗ୍ଧଙ୍କୁ ଧରି ଥାନାକୁ ନେଇ ଜୋରଦାର ଜେରା କରୁଛି। ତେବେ ପୋଲିସର ପ୍ରାଥମିକ ପଚରା ଉଚରାରେ ସେମାନେ ଲୁଟ୍ ଉଦ୍ୟମରେ ବଳ ପ୍ରୟୋଗ କରି ମାଡ ମାରିଥିବା ଓ ଶେଷରେ ଉଭୟେ ଏକ ବଡ ପଥରରେ ଗୋପାଳଙ୍କ ମୁଣ୍ଡକୁ ଶକ୍ତ ମାଡ଼ ମାରି ନିସ୍ତେଜ କରିଥିବା ସ୍ୱୀକାର କରିଥିଲେ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ଏହି ଖବର ପ୍ରେରଣ ସୁଦ୍ଧା ମୃତକଙ୍କ ପରିବାର ପକ୍ଷରୁ ଥାନାରେ କୌଣସି ଲିଖିତ ଏତଲା ଦିଆଯାଇନଥିବା ଜଣାପଡ଼ିଛି। ଏହି ହତ୍ୟାକାଣ୍ଡ ଘଟଣାରେ ଧରା ପଡ଼ିଥିବା ଦୁଇଜଣଙ୍କ ବିରୋଧରେ ପୂର୍ବରୁ ଅନ୍ୟ କୌଣସି ଥାନାରେ କିଛି ମାମଲା ରହିଛି କି ନାହିଁ ସେନେଇ ପୋଲିସ ତଦନ୍ତକୁ ଜୋରଦାର କରିଛି। ଏତେବଡ଼ ଘଟଣା ଘଟିବାର ସ୍ୱଳ୍ପ ସମୟ ମଧ୍ୟରେ ଅଭିଯୁକ୍ତମାନଙ୍କୁ ଧରି ପାରିଥିବାରୁ ପୋଲିସର ତତ୍ପରତାକୁ ସାଧାରଣରେ ବେଶ୍ ଉଚ୍ଚ ପ୍ରଶଂସା କରାଯାଇଛି। ତେବେ ବିଳମ୍ବିତ ରାତି ସମୟରେ ଜଣେ ବ୍ୟକ୍ତିଙ୍କ ଏଭଳି ଜୀବନ ଚାଲିଯିବା ଘଟଣା ସହରର ଆଇନଶୃଙ୍ଖଳା ଓ ନାଗରିକଙ୍କ ସୁରକ୍ଷା ନେଇ ପ୍ରଶ୍ନ ଉଠାଇଛି।